# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଜୁନ୍ ୧୧ /୨୦୧୯ (୧୬ ପୃଷ୍ଠା) Rayagada, Tuesday, June 11 / 2019 ★

୯ମ ଭାଗ ୧୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-





**ଫିଲ୍ମ ଫ୍ରାଇଡେକୁ ଅପେକ୍ଷା କରନ୍ତି କଳାକାର: ତମନ୍ନା** ୦୨

ଫିଲ୍ମ ଫ୍ରାଇଡେ କଳାକାରଙ୍କ ଭାଗ୍ୟ ନିର୍ଦ୍ଧାରଣ କରେ। ଏହି ଦିନକୁ ଅଭିନେତା ଅଭିନେତ୍ରୀ ଅପେକ୍ଷା କରିଥାଆନ୍ତି ବୋଲି ତମନ୍ନା ଭାଟିଆ ପ୍ରକାଶ କରିଛନ୍ତି।

୧୫ **ହାମିଲଟନଙ୍କୁ ଟାଇଟଲ**

ମର୍ସିଡିଜ୍‌ର ଲୁଇସ୍ ହାମିଲଟନ କାନାଡିଆନ୍ ଫର୍ମୁଲା ୱାନ୍ ମୋଟର ରେସ୍ ଗ୍ରାଁ ପ୍ରି ଟାଇଟଲ ଜିତିଛନ୍ତି।




# ଯୁବରାଜଙ୍କ ସନ୍ନ୍ୟାସ

ମୁମ୍ବାଇ, ୧୦।୬(ପି.ଟି.)

ସୀମିତ ଓଭର କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ଫିନିଶର ଯୁବରାଜ ସିଂ ସୋମବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥିସହ ଆଇପିଏଲ୍‌ରେ ମଧ୍ୟ ଆଉ ଖେଳିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଆଇସିସି ସୀକୃତିପ୍ରାପ୍ତ ବିଦେଶୀ ଟି୨୦ ଲିଗ୍‌ରେ ଖେଳିବାକୁ ଅନୁମତି ପ୍ରଦାନ କରିବାକୁ ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଅନୁରୋଧ କରିଛନ୍ତି। ସ୍ଥାନୀୟ ଏକ ଷ୍ଟାର୍ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ୩୭ ବର୍ଷୀୟ ଯୁବରାଜ ନିଜ ଅବସର ସମ୍ପର୍କରେ ସୂଚନା ଦେଇଥିଲେ। ଶେଷଥର ପାଇଁ ୨୦୧୭ରେ ଭାରତ ପକ୍ଷରୁ ଏକ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଖେଳିଥିଲେ। ୧୭ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ଯୁବରାଜ ୨ଥର ବିଶ୍ୱକପ୍ ଜିତିବାର ସ୍ୱାଦ ଚାଖିପାରିଥିଲେ। ୨୦୦୭ ଆଇସିସି ଟି୨୦ ବିଶ୍ୱକପ୍‌ର ଉଦ୍‌ଘାଟନୀ ସଂସ୍କରଣ ଓ ୨୦୧୧ ଆଇସିସି ଦିନିକିଆ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ଚମତ୍କାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ୨୦୧୧ ବିଶ୍ୱକପ୍‌ରେ ସେ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିପାରିଥିଲେ। ଏହାପରେ ମାରାତ୍ମକ କର୍କଟ ରୋଗରେ ପୀଡିତ ହୋଇଥିଲେ। ସେଥିରୁ ସେ ଭଲ ହେବା ପରେ ୨୦୧୨ରେ କ୍ରିକେଟ ପଡ଼ିଆକୁ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ଯୁବରାଜ ନିଜ ପୂର୍ବ ଲୟ ଆଉ ଫେରିପାରି ନ ଥିଲେ। ଦଳରେ ନିୟମିତ ସଦସ୍ୟ ହେବା ପାଇଁ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। କ୍ୟାରିୟରରେ ଯୁବରାଜ ୪୦ ଟେଷ୍ଟ, ୩୦୪ ଦିନିକିଆ ଓ ୫୮ଟି ଟି୨୦ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ସେ ଏକଦିବସୀୟ କ୍ରିକେଟରେ ୧୪ଟି ଶତକ ଓ ୫୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। କ୍ରିକେଟର ଲମ୍ବା ଫର୍ମାଟରେ ସେ ମାତ୍ର ୧୯୦୦ ରନ କରିଥିବାବେଳେ ଦିନିକିଆରେ ୮୭୦୧ ରନ କରିଛନ୍ତି।



## କଠୁଆ ନାବାଳିକା ଗଣବଳାତ୍କାର ଓ ହତ୍ୟା ମାମଲା

# ୩ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ନୂଆଦିଲ୍ଲୀ, ୧୦।୬

ଜମ୍ମୁ-କଶ୍ମୀରର ବହୁଚର୍ଚ୍ଚିତ କଠୁଆ ନାବାଳିକା ଗଣବଳାତ୍କାର ଓ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ପଠାନକୋଟ ଜିଲା ଓ ସେସନ୍ ଜଜ୍ ତେଜ୍‌ୱିନ୍ଦର ସିଂ ଏହି ମାମଲାର ୭ ଅଭିଯୁକ୍ତଙ୍କ ମଧ୍ୟରୁ ୬ଜଣଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ଜଣଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି। ବଳାତ୍କାର ଓ ହତ୍ୟା ଅଭିଯୋଗରେ ଅଦାଲତ ୩ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବାବେଳେ ପ୍ରମାଣ ନଷ୍ଟ ଅଭିଯୋଗରେ ଅନ୍ୟ ୩ଜଣଙ୍କୁ ୫ବର୍ଷ ଲେଖାଏ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ଆଜୀବନ ଜେଲ୍ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତଙ୍କୁ ଅତିରିକ୍ତ ୧ଲକ୍ଷ ଟଙ୍କା ଲେଖାଏ ଓ ୫ବର୍ଷ ଜେଲ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତଙ୍କୁ ୨୫ହଜାର ଟଙ୍କା ଲେଖାଏ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଆଜୀବନ କାରାଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ମନ୍ଦିର ପୂଜକ ସଞ୍ଜି ରାମ, ସ୍ୱତନ୍ତ୍ର ପୋଲିସ ଅଧିକାରୀ ଦୀପକ ଖଜୁରିଆ ଓ ପର୍‌ଭେଶ କୁମାର। ଆର୍‌ପିସି(ରଣବୀର ପେନାଲ କୋଡ୍)ର ଦଫା ୩୦୨ (ହତ୍ୟା), ୩୭୬ଡି (ଗଣବଳାତ୍କାର) ଓ ୧୨୦ବି (ଅପରାଧିକ ଷଡ଼ଯନ୍ତ୍ର) ଅନୁଯାୟୀ ଏମାନଙ୍କୁ ଦୋଷୀସାବ୍ୟସ୍ତ କରାଯାଇଛି। ଅଭିଯୁକ୍ତ ଏସ୍‌ଆଇ ଆନନ୍ଦ ଦତ୍ତ, ହେଡ୍ କନଷ୍ଟେବଲ ତିଲକରାଜ୍ ଓ ସ୍ୱତନ୍ତ୍ର ପୋଲିସ ଅଫିସର ସୁରେନ୍ଦ୍ର ବର୍ମା ପ୍ରତ୍ୟେକଙ୍କୁ ୫ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ମିଳିଛି। ଏମାନଙ୍କୁ ଆର୍‌ପିସିର ଧାରା ୨୦୧(ପ୍ରମାଣ ନଷ୍ଟକରିବା) ଆଧାରରେ ଦୋଷୀସାବ୍ୟସ୍ତ କରାଯାଇଛି। ସପ୍ତମ ଅଭିଯୁକ୍ତ ବିଶାଲ୍ ଜନ୍‌ଗୋତ୍ରଙ୍କୁ ଅଦାଲତ ଦୋଷମୁକ୍ତ କରିଛନ୍ତି। ଏହି ରାୟକୁ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଓ ମେହବୁବା ମୁଫ୍‌ତି ସ୍ୱାଗତ କରିଛନ୍ତି।

ପ୍ରକାଶଥାଉ କି, ୨୦୧୮ ଜାନୁୟାରୀ ୧୦ ତାରିଖରେ କଠୁଆ ଜିଲାସ୍ଥିତ ଏକ ଗ୍ରାମ ମନ୍ଦିରରେ ଜଣେ ମୁସଲିମ ଆଦିବାସୀ ନାବାଳିକାଙ୍କୁ ଅପହରଣ କରାଯାଇ ରଖାଯିବା ସହ ଗଣବଳାତ୍କାର ପରେ ନିର୍ମମଭାବେ ହତ୍ୟା କରାଯାଇଥିଲା। ଜମ୍ମୁ-କଶ୍ମୀର ପୋଲିସର ରିପୋର୍ଟକୁ ନେଇ ସେତେବେଳେ ବିକ୍ଷୋଭ ଓ ରାଜନୈତିକ ଉଷ୍ମତା ପରିଲକ୍ଷିତ ହୋଇଥିଲା। ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ମାମଲା ପଠାନକୋଟକୁ ସ୍ଥାନାନ୍ତର କରାଯାଇଥିଲା। ୨୦୧୮ ମେ' ୩୧ରୁ ପଠାନକୋଟ ଜିଲା ସେସନ୍ସ କୋର୍ଟରେ ମାମଲାର ଦୈନନ୍ଦିନ ଶୁଣାଣି ଆରମ୍ଭ କରାଯାଇଥିଲା। ମାମଲାରେ ୭ ଅଭିଯୁକ୍ତ ସମ୍ପୃକ୍ତ ଥିବା ଦର୍ଶାଯାଇଥିଲା। ୨୦୧୮ ଜୁଲାଇରେ ଅଭିଯୁକ୍ତଙ୍କୁ କଠୁଆ ଜେଲରୁ ଗୁର୍‌ଦାସପୁର୍ ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୩ତାରିଖରେ ମାମଲାର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରହିଥିଲା। ମାମଲାରେ ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ଓ ୧୩୪ ଜଣ ସାକ୍ଷୀଙ୍କୁ ଜେରା ପରେ ରାୟ ପ୍ରଦାନ କରାଯାଇଛି।

ରାୟ ପ୍ରକାଶ ପାଇବା ପରେ ଏହା ବିରୋଧରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଅପିଲ୍ କରାଯିବ ବୋଲି ଅଭିଯୁକ୍ତଙ୍କ ପକ୍ଷରୁ ଲଢୁଥିବା ଓକିଲ ଏସ୍.କେ. ସନି ପ୍ରକାଶ କରିଛନ୍ତି। ପୋଲିସ ଚାର୍ଜଶିଟ୍‌କୁ ଆଧାରକରି ଅଭିଯୋଗମାନ ଅଣାଯାଇଛି। ଚାର୍ଜଶିଟରେ ୮ବର୍ଷର ନାବାଳିକାଙ୍କୁ ଅପହରଣ କରାଯାଇ ବେହୋସ୍ କରାଯିବା ପରେ ଏକାଧିକ ଥର ବିଭିନ୍ନ ଲୋକଙ୍କ ଦ୍ୱାରା ଗଣବଳାତ୍କାର କରାଯାଇଥିବା ଦର୍ଶାଯାଇଛି। ଏପରିକି ବଳାତ୍କାର ଲାଗି ନାବାଳିକାଙ୍କୁ ବନ୍ଦୀକରି ରଖାଯାଇଥିଲା ଓ ବଳାତ୍କାର ପୂର୍ବରୁ ମାଡ଼ ମରାଯାଇ ବେହୋସ୍ କରାଯାଇଥିଲା ବୋଲି ଚାର୍ଜଶିଟରେ ଦର୍ଶାଯାଇଥିଲା। ଘଟଣାର କୌଣସି ପ୍ରତ୍ୟକ୍ଷଦର୍ଶୀ ନାହାନ୍ତି। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ଅଦାଲତ ଏହି ରାୟ ଶୁଣାଇଛନ୍ତି ବୋଲି ସନି ପ୍ରକାଶ କରିଛନ୍ତି।



ଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ।

- ଅନ୍ୟ ୩ଜଣଙ୍କୁ ୫ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ
- ପ୍ରମାଣ ଅଭାବରୁ ଜଣେ ନିର୍ଦ୍ଦୋଷରେ ଖଲାସ
- ଦେଢ଼ବର୍ଷ ପରେ ଆସିଲା ରାୟ
- ରାୟ ବିରୋଧରେ ହାଇକୋର୍ଟ ଯିବେ ଅଭିଯୁକ୍ତ

## ରାଶନ କାର୍ଡରେ ମିଳିବ ମାଣ୍ଡିଆ

## ରଥଯାତ୍ରା ସିଧା ପ୍ରସାରଣ ବିବାଦ ହାଇକୋର୍ଟରେ ମାମଲା




........ ୩ ........


# ୨୮ରେ ରାଜ୍ୟ ବଜେଟ

**ଜୁନ୍ ୨୫ରୁ ବିଧାନସଭା**

ଭୁବନେଶ୍ୱର, ୧୦।୬(ବ୍ୟୁରୋ)

- ଦୁଇଟି ପର୍ଯ୍ୟାୟରେ ଅଗଷ୍ଟ ୮ ଯାଏ ଚାଲିବ
- ଜୁଲାଇ ୩ରୁ ୧୧ ଯାଏ ବନ୍ଦ ରହିବ ଅଧିବେଶନ
- ଜୁଲାଇ ୩୧ରେ ବ୍ୟୟମଞ୍ଜୁରୀ ବିଲ୍ ଅନୁମୋଦନ ହେବ
- ଆସିପାରେ ଓଡ଼ିଶା ମ୍ୟୁନିସିପାଲ ଆଇନ ସଂଶୋଧନ ବିଲ୍



ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତା ୨୫ ତାରିଖରୁ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଜୁନ୍ ୨୫ରୁ ଆରମ୍ଭ ହୋଇ ଜୁଲାଇ ୨ ଯାଏ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଜୁଲାଇ ୧୨ରୁ ଅଗଷ୍ଟ ୮ ଯାଏ ଚାଲିବ। ଏ ନେଇ ସୋମବାର ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଅଧିବେଶନର ପ୍ରଥମ ଦିବସରେ ରାଜ୍ୟପାଳ ଗଣେଶୀ ଲାଲ ଅଭିଭାଷଣ ଦେବେ। ଜୁନ୍ ୨୬ ତାରିଖରେ ଉପବାଚସ୍ପତି ନିର୍ବାଚନ ପାଇଁ ଘୋଷଣା କରାଯିବ। ୨୭ରେ ଉପବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ୨୮ ତାରିଖରେ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ ହେବ। ଜୁଲାଇ ପହିଲାରୁ ବଜେଟ ଆଲୋଚନା ହେବ। ଜୁଲାଇ ୩ରୁ ୧୧ ଯାଏ ଅଧିବେଶନ ବନ୍ଦ ରହିବ। ଜୁଲାଇ ୧୨ରେ ବିଧାନସଭା ଷ୍ଟାଣ୍ଡିଂ କମିଟି ଗୃହରେ ରିପୋର୍ଟ ଉପସ୍ଥାପନ କରିବେ। ୧୩ ଓ ୧୪ ମାସର ଦ୍ୱିତୀୟ ଶନିବାର ଓ ରବିବାର ଲାଗି ଦୁଇଦିନ ଛୁଟି ରହିବ। ଜୁଲାଇ ୧୫ରୁ ୩୦ ଯାଏ ଖର୍ଚ୍ଚ ଦାବି ଆଲୋଚନା ହେବ। ଜୁଲାଇ ୩୧ରେ ବ୍ୟୟମଞ୍ଜୁରୀ ବିଲ୍ ବିଧାନସଭାରେ ଅନୁମୋଦନ ହେବ। ଏହି ସମୟରେ ଓଡ଼ିଶା ମ୍ୟୁନିସିପାଲ ଆକ୍ଟ-୧୯୯୦ର ସଂଶୋଧନ ପାଇଁ ବିଧାନସଭାରେ ବିଲ୍ ଆଗତ କରାଯାଇପାରେ। ସ୍ଥାନ ସଂରକ୍ଷଣ ବିବାଦ ଯୋଗୁ କାର୍ଯ୍ୟକାଳ ଶେଷ ହୋଇଥିବା ମହାନଗର ନିଗମ ଓ ପୌରସଂସ୍ଥାଗୁଡିକରେ ନିର୍ବାଚନ ହୋଇପାରୁନାହିଁ। ଆସନ୍ତା ବିଧାନସଭା ଅଧିବେଶନରେ ଆଇନକୁ ସଂଶୋଧନ କରିବାକୁ ରାଜ୍ୟ ସରକାର ପ୍ରସ୍ତାବ ଆଣିବେ। ଏଥିସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ମଧ୍ୟ ବିଧାନସଭାରେ ଆଗତ ହେବା କାର୍ଯ୍ୟକ୍ରମ ରହିଛି।

## ଭାରତ ସେମିଫାଇନାଲରେ

ଭୁବନେଶ୍ୱର, ୧୦।୬(କ୍ରୀଡ଼ା ପ୍ରତିନିଧି)


କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟ ସୋମବାର ଶେଷ ହୋଇଛି। ଆୟୋଜକ ଭାରତ ପ୍ରତିଯୋଗିତାରେ ଦମ୍‌ଦାର ପ୍ରଦର୍ଶନ କରି ହ୍ୟାଟ୍ରିକ ବିଜୟ ସହ ପୁଲ୍ 'ଏ'ରୁ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ୩ ମ୍ୟାଚରେ ଅପରାଜେୟ ରହିଛି। ପ୍ରଥମ ମ୍ୟାଚରେ ରୁଷିଆକୁ ୧୦-୦ରେ ହରାଇଥିବା ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ଦ୍ୱିତୀୟ ମ୍ୟାଚରେ ପୋଲାଣ୍ଡକୁ ୩-୧ରେ ଏବଂ ଶେଷ ଲିଗ୍‌ରେ ଉଜ୍‌ବେକିସ୍ତାନକୁ ୧୦-୦ ଗୋଲରେ ପରାସ୍ତ କରିଛି। ଅର୍ଥାତ୍ ଦଳ ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ୩ଟି ମ୍ୟାଚରେ ୨୩ଟି ଗୋଲ ଦେଇଥିବାବେଳେ ମାତ୍ର ଗୋଟିଏ ଗୋଲ ବରଣ କରିଛି। ପୁଲ୍ 'ବି'ରୁ ଆମେରିକା ସେମିଫାଇନାଲରେ ପ୍ରବେଶ କରିଛି। ୧୪ ତାରିଖରେ ଭାରତ ସେମିଫାଇନାଲ ଖେଳିବ।


(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)


# ପ୍ରଖ୍ୟାତ ନାଟ୍ୟକାର ଗିରୀଶ କର୍ନଡଙ୍କ ପରଲୋକ

ବେଙ୍ଗାଲୁରୁ, ୧୦।୬ (ଆଇଏଏନ୍ଏସ୍)

- ୩ ଦିନ ରାଷ୍ଟ୍ରୀୟ ଶୋକ ଘୋଷଣା
- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶୋକ



ଜ୍ଞାନପୀଠ ବିଜେତା ପ୍ରଖ୍ୟାତ ନାଟ୍ୟକାର, ଅଭିନେତା, ନିର୍ଦ୍ଦେଶକ ତଥା ବହୁ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିଥିବା ଗିରୀଶ କର୍ନଡଙ୍କର ସୋମବାର ପରଲୋକ ହୋଇଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ବେଙ୍ଗାଲୁରୁର ଲାଭେଲ ରୋଡ ବାସଭବନରେ ସକାଳ ୮ଟା ୩୦ରେ ପରଲୋକ ହୋଇଥିବା କର୍ନାଟକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେ ତାଙ୍କ ପୁଅ ଲେଖକ ତଥା ସାମ୍ବାଦିକ ରଘୁଙ୍କ ସହ ରହୁଥିଲେ। କର୍ନଡଙ୍କ ପରଲୋକରେ ରାଜ୍ୟ ସରକାର ସୋମବାରକୁ ଛୁଟି ଘୋଷଣା କରିବା ସହ ୧୨ ତାରିଖ ପର୍ଯ୍ୟନ୍ତ ୩ ଦିନ ଶୋକଦିବସ ଘୋଷଣା କରିଛନ୍ତି। ଏହାବ୍ୟତୀତ ବୁଧବାର ହେବାକୁ ଥିବା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ସ୍ଥଗିତ ରଖାଯାଇଛି। ହିନ୍ଦୁ ରୀତିନୀତି ଅନୁଯାୟୀ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ କର୍ନଡଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ।

କର୍ନଡଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ସୁପ୍ରିମୋ ଏଚ୍.ଡି. ଦେବେଗୌଡା, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ସଦସ୍ୟମାନଙ୍କୁ ସମବେଦନା ଜଣାଇଛନ୍ତି। ସବୁ ମାଧ୍ୟମରେ ତାଙ୍କର ଅଭିନୟ ପାରଦର୍ଶିତା ଲାଗି କର୍ନଡ ସ୍ମରଣୀୟ ହୋଇରହିବେ। ତାଙ୍କର କୃତି ଆଗାମୀ ଦିନରେ ମଧ୍ୟ ଲୋକପ୍ରିୟତା ବଜାୟ ରଖିବ। ତାଙ୍କ ପରଲୋକରେ ମର୍ମାହତ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିବା ସହ ତାଙ୍କ ଆତ୍ମାର ଶାନ୍ତି କାମନା କରିଛନ୍ତି। ☞ ପୃଷ୍ଠା-୪

## ଆଜିର ସମ୍ପାଦକୀୟ

**କଠୁଆ: ଦଣ୍ଡ ନୁହେଁ, କ୍ଷମା**

## ଆଜିର ମନ୍ତବ୍ୟ

"କେନ୍ଦ୍ର ସରକାର ଓ ଭାଜପା କର୍ମୀମାନେ ପଶ୍ଚିମବଙ୍ଗରେ ହିଂସାକୁ ଉସ୍କାଉଛନ୍ତି।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## କିଛି ତଥ୍ୟ

ଦେଶର ମ୍ୟୁଚୁଆଲ ଫଣ୍ଡ ଶିଳ୍ପରେ ପରିଚାଳନାଗତ ସମ୍ପତ୍ତି(ଏୟୁଏମ୍) ମେ ମାସରେ ୨୫.୪୩ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ଏହା ଏପ୍ରିଲରେ ୨୫.୨୭ ଲକ୍ଷ କୋଟି ଟଙ୍କା ରହିଥିଲା।

-ଆସୋସିଏଶନ ଅଫ୍ ମ୍ୟୁଚୁଆଲ ଫଣ୍ଡସ ଅଫ୍ ଇଣ୍ଡିଆ


NATIONAL EGG CO-ORDINATION COMMITTEE 10.06.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 117 | 180 | 190 |
| CTC | 117 | 180 | 190 |
| DKL | 114 | 176 | 186 |
| BDK | 114 | 176 | 186 |
| BLS | 114 | 176 | 186 |
| ANG | 114 | 176 | 186 |

*Conditions Apply

Eggs Retail Price- 40/-Dozen

Issued in the Interest of Consumers


# ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ ପ୍ରେମିକ

ସେମିଳିଗୁଡା/କୋରାପୁଟ, ୧୦।୬(ସ୍ୱ.ପ୍ର)

- ଏକତରଫା ପ୍ରେମର କରୁଣ ପରିଣତି
- ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀଙ୍କ ମୃତ୍ୟୁ

ପ୍ରେମ ନିବେଦନ କରି ବିଫଳ ହେବାରୁ ଛାତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଲେ ପ୍ରେମିକ । ଅର୍ଦ୍ଧଦଗ୍ଧ ଅବସ୍ଥାରେ ପୋଲିସ ଉଦ୍ଧାର କରି ବଞ୍ଚାଇବାକୁ ଚେଷ୍ଟା କଲା । ହେଲେ ଛାତ୍ରୀ ଜଣଙ୍କର ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ଏକତରଫା ପ୍ରେମର କରୁଣ ପରିଣିତି ଏଠାରେ ଦେଖିବାକୁ ମିଳିଛି । ଘଟଣାଟି ଘଟିଛି କୋରାପୁଟ ଜିଲା ସେମିଳିଗୁଡ଼ାରେ ।

ସେମିଳିଗୁଡାସ୍ଥିତ ଗାନ୍ଧୀ ନଗରର ସୀମାଞ୍ଚଳ ସାହୁଙ୍କ ଘରେ ☞ ପୃଷ୍ଠା-୪

# ବ୍ରଜପାତ ନେଲା ୩ ଜୀବନ

ଝରିଗାଁ/ଧୋଡ୍ରା/ଡାବୁଗାଁ, ୧୦।୬(ସ୍ୱ.ପ୍ର/ଡି.ଏନ.ଏ.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ସୋମବାର ଅପରାହ୍ଣରେ ବ୍ରଜପାତରେ ୩ ଜଣଙ୍କ ଜୀବନ ଯାଇଛି। ମୃତକମାନେ ହେଲେ ମରଣ ବଣିକ(୫୦), ଲଛନା ଗୌଡ (୪୦), ମାଧବ ପନକା (୪୭)। କାଳବୈଶାଖୀ ପ୍ରଭାବରେ ଝରିଗାଁରେ ବ୍ରଜପାତ ସହ ବର୍ଷା ଓ ପବନ ହୋଇଥିଲା। ଏହି ସମୟରେ କାନାକୋଟ ପଞ୍ଚାୟତ ପୁର୍ଲା ଗ୍ରାମର ମରଣ ବଣିକ ଗାଁ ନିକଟରେ ଥିବା ନିଜ କାଜୁ ବଗିଚାକୁ ଯାଇଥିଲେ। ବର୍ଷା ଓ ବ୍ରଜପାତ ହେବାରୁ ସେଠାରେ ଥିବା ଅସ୍ଥାୟୀ କୁଡିଆରେ ସେ ଆଶ୍ରୟ ନେଇଥିଲେ। ବ୍ରଜପାତରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ରତାଖଣ୍ଡିଗୁଡା ପଞ୍ଚାୟତର ପର୍ସଲା ଗ୍ରାମର ମହିଳା ଏବଂ ପୁରୁଷ ଛୋଟାଗୁଡା ଡିଏନ୍‌କେ ଗ୍ରାମକୁ କୁଲିକାମ କରିବାକୁ ଯାଇଥିଲେ। ସେଠାରୁ ଫେରୁଥିବା ସମୟରେ ଛୋଟାଗୁଡା-ପର୍ସଲା ମୁଖ୍ୟ ରାସ୍ତାରେ ବ୍ରଜପାତରେ ସିତିଆ ଗୌଡଙ୍କ ସ୍ତ୍ରୀ ଲଛନାଙ୍କ ମୃତ୍ୟୁ ହୋଇଥିଲା। ଏଥିସହ ମାନସିଂ ଗୌଡ, ଡୁମର ଗୌଡ, ମୁଲେ ଭତ୍ରା ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ମୁଲେଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ବକଡାବେଡା ପଞ୍ଚାୟତ ତୁରିଞ୍ଜି ଗ୍ରାମର ମାଧବ ଗାଁ ପାଖ ପଡିଆରେ ଗାଈ ଚରାଉଥିଲେ। ହଠାତ୍ ବର୍ଷା ପବନ ହେବାରୁ ସେ ଗୋଟିଏ ଗଛ ତଳେ ଆଶ୍ରୟ ନେଇଥିଲେ। ବ୍ରଜପାତରେ ସେଠାରେ ମାଧବଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଝରିଗାଁ ବ୍ଲକର ପୁର୍ଲା, ପର୍ସଲା ଏବଂ ତୁରୁଞ୍ଜି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ବଣ୍ଡାଘାଟିରେ ଓଲଟିଲା କମାଣ୍ଡର: ୨ ମୃତ, ୪ ଗୁରୁତର

ମାଲକାନଗିରି/ଖଇରପୁଟ ୧୦।୬ (ସ୍ୱ.ପ୍ର./ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବଣ୍ଡାଘାଟିରେ ଏକ କମାଣ୍ଡର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ନନ୍ଦ ଧାଙ୍ଗଡା ମାଝି(୧୪) ଓ ଜଗନ୍ନାଥ ଭୂମିଆ(୪୦)। ଖବରରୁ ଜଣାପଡିଛି ସୋମବାର ଅପରାହ୍ଣ ୫ଟାରେ ଏକ କମାଣ୍ଡର ଖଇରପୁଟରୁ ଯାତ୍ରୀଙ୍କୁ ନେଇ ବଣ୍ଡାଘାଟିର ମୁଦୁଲିପଡା ଅଭିମୁଖେ ଯାଉଥିଲା। ମାଙ୍କଡ଼ଖୋଲା ନିକଟରେ ଘାଟି ଚଢୁଥିବା ସମୟରେ ହଠାତ କମାଣ୍ଡରଟି ବ୍ରେକଫେଲ ହୋଇ ଯାଇଥିଲା। ଫଳରେ କମାଣ୍ଡରଟି ଭାରସାମ୍ୟ ହରାଇ ଘାଟି ତଳକୁ ଓଲଟି ପଡିଥିଲା। ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକ ପହଞ୍ଚି ଗୁରୁତର ଯାତ୍ରୀଙ୍କୁ ଉଦ୍ଧାର କରି ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ଆଉ ଜଣକୁ ମୃତ ଘୋଷଣା କରିଥିଲେ। ଗୁରୁତର ଯାତ୍ରୀ ବଳଭଦ୍ର ଖିଲ, ପଦମା ଖିଲ ଓ ମଙ୍ଗୁ ମାଝିଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ମୁଦୁଲିପଡା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


OFFICE OF THE PRINCIPAL KHALLIKOTE AUTONOMOUS COLLEGE, BERHAMPUR

(The lead college of Khallikote Cluster University, Berhampur)

**(B.ED ADMISSION - 2019-20)**

Online applications are invited for admission into 2 year B.Ed (Arts), B.Ed (Physical Science) and B.Ed (Biological Science) course for the academic session 2019-21. For details visit our college website www.khallikotecollege.ac.in. The last date of online application is 25.06.2019 and submission of hard copy along with required documents is 28.06.2019.

Sd./- Principal

Khallikote Autonomous College, Berhampur



" ଦେଶର ବିଭିନ୍ନ ସ୍ଥାନରେ ଘୃଣିତ ଅପରାଧମାନ ଘଟୁଛି । ଏହାକୁ ଧର୍ମ ସହ ଯୋଡ଼ା ନ ଯାଉ। ସମ୍ପ୍ରଦାୟ ନିର୍ବିଶେଷରେ ଦୋଷୀ ଦଣ୍ଡିତ ହେବା ଉଚିତ ।
- ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍ଆଇଏମ୍ ଅଧକ୍ଷ



## ସଂକ୍ଷେପରେ

### ରାହୁଲଙ୍କୁ ଭେଟିଲେ ସିଦ୍ଧୁ



**ଚଣ୍ଡିଗଡ,୧୦।୬(ପି.ଟି.)**-କଂଗ୍ରେସ ନେତା ନଭଜ୍ୟୋତ ସିଂ ସିଦ୍ଧୁ ସୋମବାର ନୂଆଦିଲ୍ଲୀରେ ଦଳ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟି ରାଜ୍ୟର ରାଜନୈତିକ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ସିଦ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ କାଢ଼ିନେଇଥିଲେ। ରାହୁଲଙ୍କ ସହ ସାକ୍ଷାତ ସମୟର ଫଟୋ ମଧ ସିଦ୍ଧୁ ଟ୍ୱିଟରରେ ପୋଷ୍ଟ କରିଛନ୍ତି। ସେଥିରେ ରାହୁଲଙ୍କ ସମେତ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଥିବା ଦେଖାଯାଇଛି। ଗତ ଲୋକ ସଭା ନିର୍ବାଚନରେ ସହରାଞ୍ଚଳରୁ କଂଗ୍ରେସକୁ କମ୍ ଭୋଟ ମିଳିବା ପାଇଁ ସିଦ୍ଧୁଙ୍କୁ ଦାୟୀ କରାଯାଇଥିଲା। ରାଜ୍ୟ କ୍ୟାବିନେଟ ବୈଠକରେ ଯୋଗ ନ ଦେବାରୁ ତାଙ୍କଠାରୁ ମୁଖ୍ୟମନ୍ତ୍ରୀ ସହରାଞ୍ଚଳ ବିକାଶ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ କାଢ଼ିନେଇ ତାଙ୍କୁ ଶକ୍ତି ବିଭାଗ ଦାୟିତ୍ୱ ଦେଇଥିଲେ। ଏଥିସହିତ ତାଙ୍କୁ ୮ଟି ଗୁରୁତ୍ୱପୂର୍ଣ୍ଣ କମିଟିରୁ ମଧ ବାଦ୍ ଦିଆଯାଇଥିଲା।

### କୁମାରସ୍ୱାମୀଙ୍କ ଉପରେ ଭିଡିଓ ପୋଷ୍ଟିଂ କରି ୨ ଗିରଫ

**ବେଙ୍ଗାଲୁରୁ,୧୦।୬**-କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏବଂ ତାଙ୍କ ପୁଅ ନିଖିଲ୍‌ଙ୍କୁ ଗାଳି ଦିଆଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଛାଡ଼ିବା ଅଭିଯୋଗରେ ବେଙ୍ଗାଲୁରୁ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ସିଦ୍ଧରାଜୁ ଏକ ପେଟ୍ରୋଲ ପମ୍ପରେ କାମ କରୁଥିବାବେଳେ ଚାମା ଗୋଡ଼୍ରୁ ଜଣେ ଟ୍ୟାକ୍ସି ଡ୍ରାଇଭର। ଭିଡିଓରେ ସେମାନେ କୁମାରସ୍ୱାମୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଅସଭ୍ୟ ଭାଷାରେ ଗାଳି ଦେଉଥିବା ଦେଖାଯାଇଛି। ଜେଡିଏସ୍‌ର ସୋସିଆଲ ମିଡିଆ ସେଲ୍ ପକ୍ଷରୁ ଏତଲା ଦିଆଯିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯିବା ପରେ ୧୫ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଦିଲ୍ଲୀରେ ସର୍ବକାଳୀନ ରେକର୍ଡ ତାପମାତ୍ରା ୪୮ ଡିଗ୍ରୀ

**ନୂଆଦିଲ୍ଲୀ,୧୦।୬(ପି.ଟି.)**-ସୋମବାର ଦିଲ୍ଲୀ ତାପମାତ୍ରା ସର୍ବୋଚ୍ଚ ସ୍ତର ୪୮ ଡିଗ୍ରୀ ସେଲସିୟସ୍‌କୁ ଛୁଇଁଛି। ତେବେ ରାଜଧାନୀ ଇତିହାସରେ ଏହା ରେକର୍ଡ କରିଥିବା ଜାଣିବାକୁ ମିଳିଛି। ରାଜସ୍ଥାନ ଓ ପାକିସ୍ତାନ ପଟୁ ପ୍ରବାହିତ ଗରମ ପବନ ଦିଲ୍ଲୀର ତାପମାତ୍ରା ବୃଦ୍ଧିରେ ସହାୟକ ହୋଇଛି। ୨୦୧୪ ଜୁନ ୯ରେ ଦିଲ୍ଲୀର ସର୍ବାଧିକ ତାପମାତ୍ରା ୪୭.୮ ଡିଗ୍ରୀ ସେଲସିୟସ୍ ଥିବାବେଳେ ସୋମବାର ତାପମାତ୍ରା ତାହାକୁ ଅତିକ୍ରମ କରିଯାଇଛି। ଭାରତୀୟ ପାଣିପାଗ ବିଭାଗର ପାଲାମ ପର୍ଯ୍ୟବେକ୍ଷଣାଗାର ରେକର୍ଡ ଅନୁଯାୟୀ, ସୋମବାର ଦିଲ୍ଲୀରେ ସର୍ବୋଚ୍ଚ ପାରଦ ୪୮ଡିଗ୍ରୀ ସେଲ୍‌ସିୟସ୍‌କୁ ସ୍ପର୍ଶ କରିଛି। ତଦନୁଯାୟୀ, ଦିଲ୍ଲୀ ଇତିହାସରେ ସୋମବାର ହେଉଛି ସବୁଠୁ ଉତ୍ତପ୍ତ ଦିନ। ବେସରକାରୀ ପାଣିପାଗ ବିଭାଗ ସ୍କାଏମେଟ୍ ସୂଚନା ଅନୁଯାୟୀ, ଦୁଇ ସପ୍ତାହ ହେଲା ବର୍ଷା ନ ହେବା ଏବଂ ପଶ୍ଚିମ ଦିଗରୁ ପ୍ରବାହିତ ଶୁଷ୍କ ବାୟୁ ପ୍ରବାହ ଦିଲ୍ଲୀର ତାପମାତ୍ରା ବୃଦ୍ଧିରେ ସହାୟକ ହୋଇଛି। ସୋମବାର ଦେଶର ପଶ୍ଚିମ, କେନ୍ଦ୍ରୀୟ ଓ ଉତ୍ତର ଭାଗରେ ତାପମାତ୍ରା ବୃଦ୍ଧି ପାଇବାରୁ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ଉତ୍କଟ ହୋଇଛି।

# ପଶ୍ଚିମବଙ୍ଗରେ ଭାଜପା ପାଳିଲା କଳା ଦିବସ

**କୋଲକାତା,୧୦।୬**

ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା ପରିସ୍ଥିତି ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିବା ଓ କର୍ମୀଙ୍କୁ ହତ୍ୟା କରାଯିବା ପ୍ରତିବାଦରେ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ସୋମବାର କଳା ଦିବସ ପାଳନ କରାଯାଇଛି। ଏଥିସହ ଉତ୍ତର ୨୪ ପ୍ରଗଣା ଜିଲାର ବସିର୍‌ହାଟ ସବ୍‌ଡିଭିଜନ ଭାଜପା ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ବସିର୍‌ହାଟରେ ଭାଜପା କର୍ମୀମାନେ ଗାଡ଼ିମଟର ସହ ଅଟକାଇବା ସହ ରେଲରୋକୋ କରିବାରୁ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଦୁଇ ଘଣ୍ଟାକାଳ ରେଳ ଚଳାଚଳ ବନ୍ଦ ରହିଥିଲା। ପୋଲିସ ଓ ରେଲୱେ ଅଧିକାରୀଙ୍କ ହସ୍ତକ୍ଷେପ ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ନେଉଳି, କନ୍‌ମାରୀ ପ୍ରଭୃତି ସ୍ଥାନରେ ଭାଜପା କର୍ମୀମାନେ ରାସ୍ତା ଅବରୋଧ କରିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ବସିର୍‌ହାଟରେ ଅଧିକାଂଶ ଦୋକାନବଜାର ବନ୍ଦ ରହିଥିଲା। କଳା ଦିବସ ପାଳନକୁ ସମର୍ଥନ କରି ଭାଜପା



ପଶ୍ଚିମବଙ୍ଗର ହାୱ୍ରାଠାରେ ଭାଜପା କର୍ମୀମାନେ ମମତାଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

### ବସିର୍‌ହାଟରେ ୧୨ ଘଣ୍ଟିଆ ବନ୍ଦ

ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ ରାଲି କରାଯାଇଥିଲା। ଭାଜପା କର୍ମୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦଳୀୟ କର୍ମୀମାନେ ଦାବି କରିଛନ୍ତି। ପ୍ରକାଶଥାଉ କି, ରାଜନୈତିକ ଆକ୍ରୋଶରୁ ଭାଜପାର ୫ କର୍ମୀଙ୍କୁ ହତ୍ୟା କରାଯାଇଛି।

ଟିଏମ୍‌ସି-ଭାଜପା କର୍ମୀଙ୍କ ମଧ୍ୟରେ ଶନିବାର ବସିର୍‌ହାଟରେ ସଂଘର୍ଷ ହେବାପରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ପଶ୍ଚିମବଙ୍ଗ ସରକାରଙ୍କୁ ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା ଲାଗି ପରାମର୍ଶ ଦିଆଯାଇଥିଲା। ଏହାପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା କହିଥିଲେ। ସୋମବାର ଭାଜପାର ରାଜ୍ୟବ୍ୟାପୀ କଳା ଦିବସ ପାଳନ ଓ ବସିର୍‌ହାଟରେ ୧୨ ଘଣ୍ଟିଆ ବନ୍ଦକୁ ଆଖିଆଗରେ ରଖି ରାଜ୍ୟରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

### ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟପାଳ

**ନୂଆଦିଲ୍ଲୀ,୧୦।୬**

ପଶ୍ଚିମବଙ୍ଗ ରାଜ୍ୟପାଳ କେଶରୀ ନାଥ ତ୍ରିପାଠୀ ସୋମବାର ଦିଲ୍ଲୀରେ ପହଞ୍ଚି ରାଜ୍ୟର ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟି ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ତାଙ୍କର ୩୫ ମିନିଟ୍ କାଳ ଆଲୋଚନା ହୋଇଥିଲା। ରାଜ୍ୟର ସାମ୍ପ୍ରତିକ ସ୍ଥିତି ଓ ରାଜନୈତିକ ହିଂସା ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ। ଏହାପୂର୍ବରୁ ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟି ପଶ୍ଚିମବଙ୍ଗ



ସ୍ଥିତି ଓ ହିଂସାକାଣ୍ଡ ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟରେ ଭାଜପା ଓ ଟିଏମ୍‌ସି ମଧ୍ୟରେ ଲାଗି ରହିଥିବା ହିଂସାକାଣ୍ଡ ଓ ପୋଲିସର କାର୍ଯ୍ୟକଳାପକୁ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ରାଜ୍ୟପାଳ ସେମାନଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ନିର୍ବାଚନ ପରେ ରାଜ୍ୟରେ ଭାଜପା-ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ହିଂସାକାଣ୍ଡରେ ଲୋକଙ୍କ ଜୀବନହାନି ଘଟିବାକୁ ନେଇ କେନ୍ଦ୍ର ସରକାର ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟପାଳଙ୍କ ସହ ଏନେଇ ଆଲୋଚନା କରାଯାଇଥିବାବେଳେ ଭାଜପା ପକ୍ଷରୁ ରାଜ୍ୟରେ କଳା ଦିବସ ପାଳନ କରାଯାଇଛି।

# ହିଂସା ଲାଗି ଭାଜପାକୁ ଦୋଷଦେଲେ ମମତା

**କୋଲକାତା,୧୦।୬**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟରେ ହିଂସାକାଣ୍ଡ ଲାଗି ଭାଜପାକୁ ଦୋଷ ଦେଇଛନ୍ତି। କେନ୍ଦ୍ର ଓ ଭାଜପା କର୍ମୀମାନେ ମୁଖ୍ୟତଃ ଏଥିଲାଗି ଦାୟୀ। ରାଜ୍ୟ ସରକାରଙ୍କୁ ଗାଦିଚ୍ୟୁତ କରିବା ଲାଗି ଭାଜପା ଷଡ଼ଯନ୍ତ୍ର କରୁଛି। ବିଭିନ୍ନ ସୋସିଆଲ ନେଟ୍‌ୱର୍କ ୱେବ୍‌ସାଇଟ୍ ଜରିଆରେ ଭାଜପା ମିଛ କଥା ଛାପି କୋଟିକୋଟି ଟଙ୍କା ଖର୍ଚ୍ଚକରିବା ସହ ପଶ୍ଚିମବଙ୍ଗରେ ହିଂସା ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ଦଙ୍ଗା ହେଲେ ରାଜ୍ୟ ସହ କେନ୍ଦ୍ର ସରକାର



ମଧ ସମାନଭାବେ ଦାୟୀ ରହିବେ ବୋଲି ମମତା ସଚିବାଳୟଠାରେ ଖବରଦାତାଙ୍କୁ କହିଛନ୍ତି। ସେମାନେ ମୋ କଣ୍ଠରୋଧ କରିବାକୁ ଚାହୁଁଛନ୍ତି। ହେଲେ କେବେହେଲେ ଗେମ୍‌ପ୍ଲାନ୍‌ରେ ସେମାନେ ସଫଳ ହେବେ ନାହିଁ ବୋଲି ମମତା ପ୍ରକାଶ କରିଛନ୍ତି। କେନ୍ଦ୍ରରୁ ଦିଆଯାଇଥିବା ନିର୍ଦ୍ଦେଶାବଳୀକୁ ନେଇ ସେ କହିଛନ୍ତି ଯେ, ରାଜ୍ୟ ମୁଖ୍ୟ ଶାସନ ସଚିବ ମଳୟ କୁମାର ଦେ ଏନେଇ ମନ୍ତବ୍ୟ ଦେଇସାରିଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ହିଂସାକାଣ୍ଡ ମାମଲା ସାମ୍ନାକୁ ଆସିଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ଚିଠିରେ ଦର୍ଶାଯାଇଛି।

# ଦୁର୍ନୀତି ମାମଲାରେ ଜର୍ଦ୍ଦାରୀ ଗିରଫ

**ଇସ୍‌ଲାମାବାଦ,୧୦।୬**



ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ତଥା ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ସହ-ଅଧକ୍ଷ ଅସିଫ ଅଲି ଜର୍ଦ୍ଦାରୀଙ୍କୁ ଜାଲ୍ ବ୍ୟାଙ୍କ ଆକାଉଣ୍ଟ ଦୁର୍ନୀତି ମାମଲାରେ ଗିରଫ କରାଯାଇଛି। ଜାମିନ ମିଆଦ ବଢ଼ାଇବା ଲାଗି ଇସ୍‌ଲାମାବାଦ ହାଇକୋର୍ଟରେ ସେ କରିଥିବା ଆବେଦନ ଖାରଜ ହୋଇଯିବା ପରେ ଜାତୀୟ ଉତ୍ତରଦାୟିତ୍ୱ ବ୍ୟୁରୋ (ଏନ୍ଏବି)ର ଏକ ଟିମ୍ ଜର୍ଦ୍ଦାରୀଙ୍କୁ ସୋମବାର ଗିରଫ କରିଛି। ହାଇକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଜର୍ଦ୍ଦାରୀଙ୍କ ଲିଗାଲ ଟିମ୍ ସୁପ୍ରିମକୋର୍ଟରେ ଆବେଦନ କରିବ ବୋଲି କହିଛି। ଜାଲ୍ ବ୍ୟାଙ୍କ ଆକାଉଣ୍ଟ ଦୁର୍ନୀତି ମାମଲାରେ ଜର୍ଦ୍ଦାରୀଙ୍କ ଭଉଣୀ ଫାର୍‌ୟାଲ ତାଲପୁର ଓ ତାଙ୍କର ଅନ୍ୟ କେତେଜଣ ଘନିଷ୍ଠ ସହଯୋଗୀ ସମ୍ପୃକ୍ତ ଅଛନ୍ତି। ୨୦୧୫ରେ ସଂଘୀୟ ତଦନ୍ତକାରୀ ସଂସ୍ଥା (ଏଫ୍ଆଇଏ) ତଦନ୍ତରୁ ଏହି ଦୁର୍ନୀତି ପଦାକୁ ଆସିଥିଲା। ଦୁର୍ନୀତିପୂର୍ଣ୍ଣ ଉପାୟରେ ଅର୍ଜିତ ସମ୍ପତ୍ତିକୁ ଦେଶ ବାହାରକୁ ପଠାଇବା ପାଇଁ ଏହି ଜାଲ୍ ବ୍ୟାଙ୍କ ଆକାଉଣ୍ଟକୁ ବ୍ୟବହାର କରାଯାଉଥିଲା ବୋଲି ଏଫ୍ଆଇଏ କହିଛି। ତେବେ ଏହା ପଛରେ କୌଣସି ପ୍ରମାଣ ନାହିଁ, ଏହା ରାଜନୈତିକ ଅଭିସନ୍ଧିମୂଳକ ବୋଲି ପିପିପି ପକ୍ଷରୁ କୁହାଯାଇଛି। ବିଭିନ୍ନ ଅପରାଧ ମାମଲାରେ ଜର୍ଦ୍ଦାରୀ ୧୧ ବର୍ଷ ଜେଲ୍‌ରେ କଟାଇଛନ୍ତି। ତେବେ ସେ କୌଣସି ମାମଲାରେ ଦୋଷୀସାବ୍ୟସ୍ତ ହୋଇନାହାନ୍ତି।

# ତାମିଲ ହାସ୍ୟାଭିନେତା କ୍ରେଜି ମୋହନଙ୍କ ଦେହାନ୍ତ

**ଚେନ୍ନାଇ,୧୦।୬(ଆଇଏଏନ୍ଏସ୍)**



ଜଣାଶୁଣା ତାମିଲ ଲେଖକ, ଅଭିନେତା ତଥା ହାସ୍ୟାଭିନେତା ଭାବେ ଖ୍ୟାତି ଅର୍ଜନ କରିଥିବା କ୍ରେଜି ମୋହନଙ୍କର ସୋମବାର ହୃଦ୍‌ଘାତରେ ଦେହାନ୍ତ ହୋଇଛି। ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କ ଅପରାହ୍ନରେ ସ୍ଥାନୀୟ କାବେରୀ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଅପରାହ୍ନ ୨ଟାରେ ତାଙ୍କର ପରଲୋକ ହୋଇଥିବା ପରିବାର ସୂତ୍ରରୁ ଜଣାପଡ଼ିଛି।

୧୯୫୨ରେ ଜନ୍ମିତ ମୋହନ ରଙ୍ଗାଚାରୀ ମେକାନିକାଲ ଇଞ୍ଜିନିୟରିଂ ପଢୁଥିବାବେଳେ ଆନ୍ତଃକଲେଜ ନାଟକ ପ୍ରତିଯୋଗିତା ପାଇଁ 'ଗ୍ରେଟ ବ୍ୟାଙ୍କ ରବେରୀ' ନାମରେ କାହାଣୀ ଲେଖିଥିଲେ। ୧୯୬୭ରେ ତାଙ୍କର 'କ୍ରେଜି ଥିଭ୍ସ ଇନ୍ ପାଲାଭାକ୍କମ' ନାଟକ ଲୋକପ୍ରିୟତା ହାସଲ କରିଥିଲା। ଏହାପରେ ତାଙ୍କ ନାଁ ସହ କ୍ରେଜି ଯୋଡିହୋଇଯାଇଥିଲା। ୩୦ରୁ ଉର୍ଦ୍ଧ୍ୱ ନାଟକ ଲେଖିଥିବା କ୍ରେଜି ମୋହନ ୧୯୮୩ରେ ଚଳଚ୍ଚିତ୍ର ଜଗତରେ ଜଣେ କାହାଣୀ ଲେଖକ ଭାବେ ପ୍ରବେଶ କରିଥିଲେ। ଏହା ପରେ ଚଳଚ୍ଚିତ୍ରରେ ସେ ଅଭିନୟ କରିଥିଲେ। ଜଣେ ହାସ୍ୟାଭିନେତା ଭାବେ କ୍ରେଜିଙ୍କ ଲୋକପ୍ରିୟତା ବେଶ୍ ବଢ଼ିଯାଇଥିଲା। ତାମିଲନାଡୁ ସରକାର ତାଙ୍କୁ କାଲାଇମାମାନି ପୁରସ୍କାରରେ ସମ୍ମାନିତ କରିଥିଲେ।

# ସଡ଼କ ଦୁର୍ଘଟଣାରେ ୧୧ ମୃତ



**ହଜାରିବାଗ,୧୦।୬(ପି.ଟି.)**

ଝାଡ଼ଖଣ୍ଡର ହଜାରିବାଗଠାରେ ସୋମବାର ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୩ ମହିଳାଙ୍କ ସମେତ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ଅନ୍ୟ ୨୨ ଜଣ ଆହତ ହୋଇଛନ୍ତି। ଜାତୀୟ ରାଜପଥ-୨ରେ ଛିଡାହୋଇଥିବା ଲୁହା ରଡ ବୋଝେଇ ଟ୍ରେଲରକୁ ପାଟନା ଅଭିମୁଖେ ଯାଉଥିବା ବସ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଚୌପାରନ ହସ୍ପିଟାଲରେ ଅନ୍ୟ ୩ ଜଣ ପ୍ରାଣ ହରାଇଛନ୍ତି। ଆହତ ୨୨ ଜଣଙ୍କୁ ହଜାରିବାଗ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ୩ ଜଣଙ୍କୁ ରାଞ୍ଚିସ୍ଥିତ ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସେସ୍‌କୁ ପଠାଯାଇଛି। ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ୍ ମୃତକମାନଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ବିମାନ ଚଳାଚଳ ଦୁର୍ନୀତି ପ୍ରଫୁଲ୍ଲ ପଟେଲଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୧୦।୬(ପି.ଟି.)**

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ବହୁକୋଟି ଟଙ୍କା ଦୁର୍ନୀତି ମାମଲାରେ ମନି ଲଣ୍ଡରିଂର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ରେ ପୂର୍ବତନ ମନ୍ତ୍ରୀ ତଥା ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ ସୋମବାର ହାଜର ହୋଇଛନ୍ତି। ମନି ଲଣ୍ଡରିଂ ଅଭିଯୋଗରେ ଇଡି ତାଙ୍କୁ ଜେରା କରିଛି। ଉପା ସରକାରରେ ପଟେଲ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଥିବାବେଳେ ଅନ୍ତର୍ଜାତୀୟ ଏୟାରଲାଇନ୍ସଗୁଡିକୁ ଲାଭଦାୟକ ରୁଟ୍ ପ୍ରଦାନ କରାଯିବାରୁ ଏୟାର ଇଣ୍ଡିଆ କ୍ଷତିଗ୍ରସ୍ତ ହୋଇଥିଲା। କିଛିଦିନ ପୂର୍ବରୁ ଲବିଷ୍ଟ ଦୀପକ ତଲୱାରଙ୍କୁ ଏହି ମାମଲାରେ ଇଡି ଗିରଫ କରିଥିଲା। ତଲୱାରଙ୍କ ବୟାନ ଉପରେ ଇଡି ପଟେଲଙ୍କୁ ଜେରା କରିଥିବା ଜଣାପଡ଼ିଛି। ତଲୱାର ପଟେଲଙ୍କ ସହ ନିୟମିତ ସମ୍ପର୍କରେ ଥିବା ଜେରା ବେଳେ କହିଥିଲା। ପୂର୍ବରୁ ବିମାନ ଚଳାଚଳ ମନ୍ତ୍ରଣାଳୟର କେତେକ ଅଧିକାରୀଙ୍କୁ ଜେରା କରାଯାଇଥିଲା।



**ଲକ୍ଷ୍ନୌ:** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରକୋପରୁ ରକ୍ଷା ପାଇବା ପାଇଁ ଦୁଇଟି ହରିଣ ହ୍ୟୁମ୍ ପାଇପ୍‌ରେ ଆଶ୍ରୟ ନେଇଛନ୍ତି।

# ଗଣବଳାତ୍କାର ମାମଲାରେ ୧୧ ଜଣଙ୍କୁ ଆଜୀବନ ଜେଲ

**ଦୁମ୍‌କା,୧୦।୬(ପି.ଟି.)**


ଝାଡ଼ଖଣ୍ଡର ଦୁମ୍‌କା ଜିଲାରେ ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର ମାମଲାରେ ସୋମବାର ସ୍ଥାନୀୟ ଅଦାଲତ ୧୧ ଜଣଙ୍କୁ ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜିଲା ତଥା ସେସନ୍ସ ଜଜ୍ ପଓ୍ୱନ କୁମାର ୭ ତାରିଖରେ ସେମାନଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଅପରାଧୀମାନଙ୍କ ଉପରେ ମୋଟ ୨.୯୭ ଲକ୍ଷ ଟଙ୍କାର ଜରିମାନା ଧାର୍ଯ୍ୟ କରାଯାଇଥିବା ସରକାରୀ ଓକିଲ ସୁରେନ୍ଦ୍ର ପ୍ରସାଦ ସିହ୍ନା କହିଛନ୍ତି। ମୁଫସିଲ ଥାନାରେ ଦାଏର ଏତଲା ଅନୁଯାୟୀ ପୀଡିତା ଆଦିବାସୀ ଯୁବତୀ ଜଣକ ଜଣେ ଅଣଆଦିବାସୀ ଯୁବକଙ୍କ ସହ ସମ୍ପର୍କ ରଖିଥିବାରୁ ଦଣ୍ଡ ସ୍ୱରୂପ ଅପରାଧୀମାନେ ତାଙ୍କୁ ଟଙ୍କା ଓ ମୋବାଇଲ ଫୋନ୍ ମାଗିଥିଲେ। ସେ ନ ଦେବାରୁ ସମସ୍ତେ ମିଶି ତାଙ୍କୁ ଗଣବଳାତ୍କାର କରିଥିଲେ। ୨୦୧୭ ସେପ୍ଟେମ୍ବର ୬ରେ ଦିଘି ଗ୍ରାମ ନିକଟରେ ଏହି ଘଟଣା ଘଟିଥିଲା।

## ଇତିହାସର ଆଇନାରେ

### ଜୁନ୍ ୧୧ର ପ୍ରମୁଖ ଘଟଣା

୨୦୦୪ ଜୁନ୍ ୧୧ରେ କାସିନି-ହ୍ୟୁଜେନ୍ସ ଉପଗ୍ରହ ଶନିର ଚନ୍ଦ୍ର ଫୋଏବେ ନିକଟବର୍ତ୍ତୀ ହୋଇ ଅଗ୍ରସର ହୋଇଥିଲା। ଶନି ହେଉଛି ସୂର୍ଯ୍ୟଙ୍କଠାରୁ ଦୂରତା କ୍ରମରେ ଷଷ୍ଠ ଏବଂ ସୌରମଣ୍ଡଳର ଦ୍ୱିତୀୟ ସର୍ବବୃହତ୍ ଗ୍ରହ। ଜୁପିଟର ପ୍ରଥମ। ଏହି ଗ୍ରହ ଗ୍ୟାସ୍‌ରେ ପରିପୂର୍ଣ୍ଣ। ଏହାର ହାରାହାରି ବ୍ୟାସାର୍ଦ୍ଧ ହେଉଛି ପୃଥିବୀ ବ୍ୟାସାର୍ଦ୍ଧର ୯ଗୁଣ। ରୋମାନ୍‌ର କୃଷିର ଦେବତାଙ୍କ ନାମାନୁସାରେ ଶନିର ନାମକରଣ ହୋଇଛି।

୨୦୧୨ ଜୁନ ୧୧ରେ ଆଫଗାନିସ୍ତାନରେ ଲଗାତର ୨ଟି ଭୂମିକମ୍ପ ଯୋଗୁ ୮୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଆଫଗାନିସ୍ତାନର ଉତ୍ତର ଭାଗରେ ଭୂମିକମ୍ପ ଯୋଗୁ ବିସ୍ତୃତ ଅଞ୍ଚଳରେ ମାଟି ଅତଡା ଧସିଥିଲା। ଏଥିଯୋଗୁ ସାଇ ହାଜରା ସହର ପୋତିହୋଇ ପଡିବାରୁ ଏଠାରେ ୭୧ ଲୋକଙ୍କ ମୃତ୍ୟୁ ଘଟିଥିଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୧ | ୨୬.୮ |
| ଚାନ୍ଦବାଲି | ୩୮.୨ | ୨୯.୪ |
| କଟକ | ୩୭.୪ | ୨୭.୦ |
| ପାରାଦ୍ୱୀପ | ୩୩.୩ | ୨୯.୩ |
| ଭୁବନେଶ୍ୱର | ୩୭.୮ | ୨୮.୧ |
| ଗୋପାଳପୁର | ୩୩.୦ | ୨୮.୩ |
| ପୁରୀ | ୩୩.୩ | ୨୭.୮ |
| ଅନୁଗୋଳ | ୪୧.୧ | ୨୫.୦ |
| ବାରିପଦା | ୩୮.୬ | ୨୮.୪ |
| ଝାରସୁଗୁଡ଼ା | ୪୩.୨ | ୨୯.୪ |
| କେନ୍ଦୁଝର | ୩୮.୪ | ୨୫.୨ |
| ସମ୍ବଲପୁର | ୪୪.୬ | ୨୯.୫ |
| ସୁନ୍ଦରଗଡ଼ | ୪୦.୦ | ୨୨.୦ |
| ହୀରାକୁଦ | ୪୪.୮ | ୨୮.୯ |
| ତାଳଚେର | ୪୦.୫ | ୨୫.୬ |
| ଭବାନୀପାଟଣା | ୪୦.୨ | ୨୯.୫ |
| ବଲାଙ୍ଗୀର | ୪୨.୫ | ୨୮.୫ |
| କୋରାପୁଟ | ୩୪.୬ | ୨୩.୦ |
| ଫୁଲବାଣୀ | ୪୦.୪ | --- |
| ଟିଟିଲାଗଡ଼ | ୪୩.୬ | --- |
| ମାଲକାନଗିରି | ୩୭.୮ | ୨୩.୮ |
| ସୋନପୁର | ୪୧.୮ | ୨୮.୦ |
| ଦାରିଙ୍ଗିବାଡ଼ି | ୩୩.୫ | ୨୪.୦ |

ଡିଗ୍ରୀ ସେଲ୍‌ସିୟସ୍

# କଳାକାରଙ୍କ ଭାଗ୍ୟ ବଦଳାଏ ଫିଲ୍ମ ଫ୍ରାଇଡେ




**ମୁମ୍ବାଇ:** କଳାକାରଙ୍କ ଭାଗ୍ୟ ଶୁକ୍ରବାର ବଦଳିଯାଏ ବୋଲି ଅଭିନେତ୍ରୀ ତମନ୍ନା ଭାଟିଆ ପ୍ରକାଶ କରିଛନ୍ତି। ପ୍ରତି ସପ୍ତାହର ଶୁକ୍ରବାର ନୂଆ ଫିଲ୍ମ ରିଲିଜ ହେଉଥିବାରୁ କଳାକାରମାନେ ସେଇ ଆକାଂକ୍ଷିତ ଦିବସକୁ ଚାହିଁ ରହିଥାଆନ୍ତି। ଫିଲ୍ମ ରିଲିଜ ହେଲେ ଅଭିନେତା ଅଭିନେତ୍ରୀଙ୍କର ଖୁସି କହିଲେ ନ ସରେ। କାରଣ ଏହିଦିନ ହିଁ ଜଣେ ନୂଆ କଳାକାରଙ୍କ ଭାଗ୍ୟ ନିର୍ଦ୍ଧାରିତ ହୁଏ ଏବଂ ସବୁକିଛି ବଦଳିଯାଏ ବୋଲି ତମନ୍ନା କହିଛନ୍ତି। ୧୫ବର୍ଷ ବୟସରୁ ସିନେମାରେ ଡେବ୍ୟୁ କରି ତମନ୍ନା ଦକ୍ଷିଣ ଭାରତୀୟ ସିନେମାରେ ଜଣେ ଷ୍ଟାର ବନିଯାଇଥିଲେ। ମୁମ୍ବାଇରେ ଜନ୍ମ ହୋଇଥିବା ଓ ବଢ଼ିଥିବା ଏହି ଅଭିନେତ୍ରୀ ୨୦୦୫ରେ ତେଲୁଗୁ ଫିଲ୍ମ 'ଶ୍ରୀ'ରେ ପ୍ରଥମେ ଅଭିନୟ କରିଥିଲେ। ଏହାପରେ ତାମିଲ ଫିଲ୍ମ 'କେଡି'ରେ ସୁଯୋଗ ପାଇଥିଲେ। ଦୁଇବର୍ଷ ପରେ 'ହାପି ଡେଜ୍' ଏବଂ 'କାଲୁରି'ରେ ଅଭିନୟ କରି ଜଣେ ସଫଳ କଳାକାରର ପରିଚୟ ଦେଇଥିଲେ। ସ୍ୱଳ୍ପ ବୟସରୁ ସେ ତାମିଲ ଓ ତେଲୁଗୁ ଶିକ୍ଷା ଆରମ୍ଭ କରିଥିଲେ।

ହିଟ୍ ଫିଲ୍ମ 'ଆୟନ', 'ପାଇୟା', 'ସିରୁଥାଇ', '୧୦୦% ଲଭ୍' ଏବଂ ବ୍ଲକବଷ୍ଟର 'ବାହୁବଳୀ'ରେ ତମନ୍ନାଙ୍କ ଅଭିନୟ ଦର୍ଶକଙ୍କ ମନ ଜିଣିପାରିଛି। ସେ 'ହିମ୍ମତୱାଲା', 'ଏଣ୍ଟରଟେନମେଣ୍ଟ' ଏବଂ 'ହମଶକଲ୍' ଭଳି ଫିଲ୍ମରେ ଅଭିନୟ କରି ନିଜ କଳାତ୍ମକ ପ୍ରତିଭା ପ୍ରଦର୍ଶନ କରିପାରିଛନ୍ତି। ଏହି ୩ଟି ଫିଲ୍ମ ବକ୍ସ ଅଫିସରେ ମଧ ହିଟ୍ ହୋଇଛି।




## ସଂକ୍ଷେପରେ

### ରାଷ୍ଟ୍ରପତିଙ୍କୁ ଭେଟିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୦।୬(ବ୍ୟୁରୋ):** କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ରାଷ୍ଟ୍ରପତି ଭବନ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଧର୍ମେନ୍ଦ୍ରଙ୍କ ସହ କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଫଗନ ସିଂହ କୁଲସ୍ତେଙ୍କ ମଧ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କୋବିନ୍ଦ ପୁନର୍ବାର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବାରୁ ଧର୍ମେନ୍ଦ୍ରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

### ଆଜି ଆସୁଛନ୍ତି ବିଶ୍ୱବ୍ୟାଙ୍କ ଟିମ୍

**ଭୁବନେଶ୍ୱର,୧୦।୬(ବ୍ୟୁରୋ):** ରାଜ୍ୟରେ ଚାଲିଥିବା ବିଭିନ୍ନ ପ୍ରକଳ୍ପକୁ ଅନୁଧ୍ୟାନ କରିବାକୁ ବିଶ୍ୱ ବ୍ୟାଙ୍କର ଏକ ପ୍ରତିନିଧି ଦଳ ମଙ୍ଗଳବାର ୪ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି। ଏହି ପ୍ରତିନିଧି ଦଳ ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ଏହି ଟିମ୍ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହ ଆଲୋଚନା କରିବା ପରେ ପ୍ରତିନିଧି ଦଳ ଗଞ୍ଜାମ ଜିଲା ଗସ୍ତ କରିବେ। ଗଞ୍ଜାମର ବିଭିନ୍ନ ପୌରାଞ୍ଚଳ ଗସ୍ତ କରିବା ସହ ଭିତ୍ତିଭୂମି ଓ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ତଦାରଖ କରିବେ। ଏହା ପରେ ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ ଖୋର୍ଦ୍ଧା ଜିଲାର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବେ। ଗସ୍ତ ଶେଷରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ଟିମ୍ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

### ଗଠନ ହେଲା ୩ ନୂଆ ଆର୍‌ଆଇ ସର୍କଲ

**ଭୁବନେଶ୍ୱର,୧୦।୬(ବ୍ୟୁରୋ):** ରାଜ୍ୟ ସରକାର ସୋମବାର ଆଉ ୩ଟି ନୂତନ ଆରଆଇ ସର୍କଲ ଗଠନକ କରିବାକୁ ଘୋଷଣା କରିଛନ୍ତି। ସେହି ନୂତନ ସର୍କଲଗୁଡ଼ିକ ହେଲା ବରଗଡ ଜିଲାର ତଲପାଲି, ଗୁଣ୍ଡେରପାଲି ଏବଂ ଡାଙ୍ଗବାହାଲ। ନୂତନ ଆରଆଇ ସର୍କଲ ନିଜ ଅଞ୍ଚଳର ହେଡକ୍ୱାର୍ଟର ଅଧୀନରେ ରହିବ। ଏହାଛଡା ବରଗଡ ଜିଲାର ଗାଇସଲେଟ ଆରଆଇ ସର୍କଲକୁ ହେଡକ୍ୱାର୍ଟର ଭାବେ ଘୋଷଣା କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର ପାଇଁ ଘୋଷଣା କରିଥିବା ସ୍ୱତନ୍ତ୍ର ପ୍ୟାକେଜର ଏହା ଏକ ଅଂଶ ବିଶେଷ । ବରଗଡ ଜିଲାରେ ଆରଆଇ ସର୍କଲଗୁଡିକର ପୁନର୍ଗଠନ କରିବା ନେଇ ପୂର୍ବରୁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଗତ ସାଧାରଣ ନିର୍ବାଚନରେ ବିଜେପୁର ବିଧାନସଭା ଆସନରୁ ଲଢିଥିଲେ।

# ରାଶନ କାର୍ଡରେ ମିଳିବ ମାଣ୍ଡିଆ

**ଭୁବନେଶ୍ୱର,୧୦।୬(ବ୍ୟୁରୋ)**

ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନାରେ ଏଣିକି ରାଶନ କାର୍ଡଧାରୀଙ୍କୁ ମାଣ୍ଡିଆ ଯୋଗାଇ ଦେବେ। ପ୍ରତି କାର୍ଡ ପିଛା ୧ ଟଙ୍କାରେ ୧ କିଲୋ ମାଣ୍ଡିଆ ଯୋଗାଇ ଦିଆଯିବ। ଆସନ୍ତା ଜୁଲାଇରୁ ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନୂଆପଡ଼ା ଓ ରାୟଗଡ଼ା ଆଦି ୭ ଜିଲାରେ ପରୀକ୍ଷାମୂଳକ ଭାବେ ରାଶନ କାର୍ଡରେ ମାଣ୍ଡିଆ ବଣ୍ଟନ କରାଯିବ। ମାଲକାନଗିରି ଜିଲାର ହିତାଧିକାରୀଙ୍କୁ କାର୍ଡ ପିଛା ୨ କିଲୋ ମାଣ୍ଡିଆ ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୭ ହଜାର ୫୦୦ କୁଇଣ୍ଟାଲ ମାଣ୍ଡିଆ ଯୋଗାଇ ଦିଆଯିବ। ସଚିବାଳୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ମିଲେଟ ମିଶନ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମାଣ୍ଡିଆ ଖାଦ୍ୟକୁ ପ୍ରୋତ୍ସାହନ ଦେବାକୁ ଏଭଳି ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ଆଗୁଆ ପଦକ୍ଷେପ ନେବାକୁ ମିଲେଟ ମିଶନ, ଟ୍ରାଇବାଲ ଡେଭେଲପମେଣ୍ଟ କୋଅପରେଟିଭ କର୍ପୋରେଶନ(ଟିଡିସିସି)ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।



ମିଲେଟ୍ ମିଶନ ବୈଠକରେ ଉପସ୍ଥିତ ଅଧିକାରୀମାନେ।

- ଜୁଲାଇରୁ ୭ ଜିଲାରେ ଲାଗୁ ହେବ
- ୧ ଟଙ୍କାରେ ୧ କିଲୋ
- ଚାଷୀଙ୍କୁ ପ୍ରୋତ୍ସାହନ, ସରକାର କିଣିବେ ୧ ଲକ୍ଷ କୁଇଣ୍ଟାଲ ମାଣ୍ଡିଆ

ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରରେ ମାଣ୍ଡିଆ ମିଳୁଥିବା ନେଇ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ହୋଇଛି। ଚାହିଦାକୁ ଦେଖି ଅଧିକରୁ ଅଧିକ ମାଣ୍ଡିଆ ଯୋଗାଇଦେବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୌରଭ ଗର୍ଗ ମାଣ୍ଡିଆ କିଣା ଓ ଏହାର ବଣ୍ଟନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ।

ଆସନ୍ତା ଖରିଫ ଋତୁରେ ଚାଷୀମାନଙ୍କଠାରୁ ମାଣ୍ଡିଆ କୁଇଣ୍ଟାଲ ପିଛା ୨୮୯୭ ଟଙ୍କାର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ଦେଇ ୧ ଲକ୍ଷ କୁଇଣ୍ଟାଲ କ୍ରୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ଚାଷୀମାନେ ମାଣ୍ଡିଆ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ ନାହିଁ। ସେମାନଙ୍କୁ ଉତ୍ପାଦିତ ମୂଲ୍ୟ ମିଳିପାରିବ। ୨୦୧୮ ଖରିଫ ଋତୁରେ ୨୪,୪୯୯ ମାଣ୍ଡିଆ ଚାଷୀ ସେମାନଙ୍କର ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୬୬୨୨ ଚାଷୀ ସେମାନଙ୍କର ବଳକା ମାଣ୍ଡିଆକୁ ଟିଡିସିସିକୁ ବିକ୍ରି କରିଥିଲେ। ଟିଡିସିସି ୮ ଜିଲାରୁ ୬୮ ସମବାୟ ସମିତି ଜରିଆରେ ୧୭ ହଜାର ୯୮୬ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରିଥିଲା। ବୈଠକରେ କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳ, ଉନ୍ନୟନ କମିଶନର ଅସିତ୍ କୁମାର ତ୍ରିପାଠୀ, ସମବାୟ ସଚିବ କ୍ରିଷନ କୁମାର, ମିଲେଟ ମିଶନ, ଟିଡିସିସି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# ଆଜି ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୦।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନୂଆଦିଲ୍ଲୀ ଗସ୍ତ କରିଛନ୍ତି। ମଙ୍ଗଳବାର ନବୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଭେଟଘାଟ ଉପରେ ସମସ୍ତଙ୍କ ନଜର ରହିଛି। ଉଭୟଙ୍କ ମଧ୍ୟରେ କେଉଁ ବିଷୟରେ ମୁଖ୍ୟତଃ ଆଲୋଚନା ହେବ ତାକୁ ନେଇ ରାଜନୈତିକ ମହଲରେ ବିଶେଷ ଚର୍ଚ୍ଚା ଲାଗିରହିଛି। ବାତ୍ୟା ଫନୀରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲା ବିଶେଷ ପ୍ରଭାବିତ ହୋଇଥିବାରୁ ସେଥିପାଇଁ ଅତିରିକ୍ତ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ଦାବି ରଖିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ଏହାସହ ଉଭୟଙ୍କ ମଧ୍ୟରେ କିଛି ରାଜନୈତିକ ନିଷ୍ପତ୍ତି ନିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟପଟେ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାରଙ୍କ କେତୋଟି ଯୋଜନାକୁ ରାଜ୍ୟ ସରକାର ଲାଗୁ କରୁ ନ ଥିଲେ। ମାତ୍ର ପୁଣିଥରେ ରାଜ୍ୟରେ ବିଜେଡି ଶାସନ କ୍ଷମତାକୁ ଫେରିବାପରେ ବିଜେଡି ଏବେ ନିଜର ପୂର୍ବ ଆଭିମୁଖ୍ୟର ସାମାନ୍ୟ ପରିବର୍ତ୍ତନ କରିଥିବା ଦେଖିବାକୁ ମିଳିଛି। ବିଗତ ଦିନରେ ଆୟୁଷ୍ମାନ ଯୋଜନାକୁ ରାଜ୍ୟରେ ଲାଗୁ କରାଇ ନ ଦେବାକୁ ବାରମ୍ବାର କହି ଆସୁଥିବା ରାଜ୍ୟ ସରକାର ଏବେ ଏ ଦିଗରେ କିନ୍ତୁ ମତ ବଦଳାଇଛନ୍ତି। ସେହିପରି ପିଏମ୍ କିଷାନ ଯୋଜନା ମଧ ରାଜ୍ୟ ସରକାର ଓଡ଼ିଶାରେ ଆଗକୁ ଲାଗୁ କରିପାରନ୍ତି ତା'ର ଏକ ସମ୍ଭାବନା ସୃଷ୍ଟି ହୋଇଛି। ଏହି ଦୁଇ ଯୋଜନା ସମ୍ପର୍କରେ ମଧ ପ୍ରଧାନମନ୍ତ୍ରୀଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି। ଅନ୍ୟପଟେ ଆସନ୍ତା ୧୫ରେ ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

- ରଥଯାତ୍ରା ସିଧା ପ୍ରସାରଣ ପାଇଁ ନିଲାମ

# ଭାଗନେଇଛନ୍ତି ୭ ଟିଭି ଚ୍ୟାନେଲ, ଆଜି ନିଷ୍ପତ୍ତି

**ପୁରୀ ଅଫିସ,୧୦।୬**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସିଧା ପ୍ରସାରଣ ଅଧିକାର ପାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଥର ନିଲାମ ଡକାଯାଇଥିଲା। ନିଲାମ ଜରିଆରେ ଗୋଟିଏ ଟିଭି ଚ୍ୟାନେଲକୁ ହିଁ ସିଧା ପ୍ରସାରଣ ଅଧିକାର ଦିଆଯିବ ବୋଲି ମନ୍ଦିର ପ୍ରଶାସନ ସ୍ଥିର କରିଛି। ୧୦ତାରିଖ ସୁଦ୍ଧା ଏହି ନିଲାମ ପ୍ରକ୍ରିୟାରେ ଭାଗନେବାକୁ ଟିଭି ଚ୍ୟାନେଲଗୁଡ଼ିକୁ ଆହ୍ୱାନ କରାଯାଇଥିଲା। ସେହି ଅନୁଯାୟୀ ଏଥିରେ ୭ଟି ଚ୍ୟାନେଲ ଭାଗନେଇଥିଲେ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ସୋମବାର ଅପରାହ୍ଣ ସାଢେ ୪ଟାରେ ନିଲାମରେ ଭାଗନେଇଥିବା ଚ୍ୟାନେଲ ଅଧିକାରୀମାନେ ପହଞ୍ଚିଥିଲେ। ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ଉନ୍ନୟନ ପ୍ରଶାସକ ବିଶ୍ୱନାଥ ସାହୁ, ସୁରକ୍ଷା ପ୍ରଶାସକ ପ୍ରଶାନ୍ତ କୁମାର ମହାପାତ୍ର ଏବଂ ଭାଗନେଇଥିବା ଟିଭି ଚ୍ୟାନେଲ ଅଧିକାରୀମାନଙ୍କ ଉପସ୍ଥିତିରେ ଟେଣ୍ଡର ପେପର ଖୋଲାଯାଇଥିଲା। ଏଥିରେ ଓଟିଭି ସର୍ବାଧିକ ୫୪ଲକ୍ଷ ଟଙ୍କାର ଟେଣ୍ଡର ପେପର ପକାଇଥିବାବେଳେ ଏମ୍‌ବିସି ୩୬ଲକ୍ଷ, ନ୍ୟୁଜ୍୧୮ ୧୫ଲକ୍ଷ, କଳିଙ୍ଗ ଟିଭି ୧୦ଲକ୍ଷ, ପ୍ରାର୍ଥନା ଚ୍ୟାନେଲ ୧୦ଲକ୍ଷ, ସାଧନା ଚ୍ୟାନେଲ ୪ଲକ୍ଷ ୪୪ହଜାର ୪୪୪ ଟଙ୍କା ୪୪ ପଇସା ଏବଂ କନକ ଟିଭି ୧ଲକ୍ଷ ୨୫ହଜାର ଟଙ୍କାର ଟେଣ୍ଡର ପେପର ପକାଇଛନ୍ତି। ତେବେ କିଏ ସିଧା ପ୍ରସାରଣ ଅଧିକାର ପାଇବ ସେନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ମଙ୍ଗଳବାର ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ କହିଛନ୍ତି।

## ରଥଯାତ୍ରା ସିଧା ପ୍ରସାରଣ ବିବାଦ

# ହାଇକୋର୍ଟରେ ମାମଲା

**କଟକ ଅଫିସ, ୧୦।୬**

ରଥଯାତ୍ରା ସିଧା ପ୍ରସାରଣକୁ ନେଇ ଉପୁଜିଥିବା ବିବାଦ ହାଇକୋର୍ଟରେ ପହଞ୍ଚିଛି। ପୁରୀ ତିଆଡ଼ିସାହିର ପ୍ରସନ୍ନ କୁମାର ଦାସଙ୍କ ପକ୍ଷରୁ ସୋମବାର ଏ ନେଇ ହାଇକୋର୍ଟରେ ମାମଲା ରୁଜୁ କରାଯାଇଛି। ଆବେଦନକାରୀ ଦାସ ପିଟିଶନରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ପୁରୀ ଜିଲାପାଳଙ୍କୁ ପକ୍ଷଭୁକ୍ତ କରିଛନ୍ତି। ସରକାର ସିଧା ପ୍ରସାରଣକୁ ନେଇ ପ୍ରକାଶ କରିଥିବା ବିଜ୍ଞପ୍ତିକୁ ରଦ୍ଦ କରିବା ପାଇଁ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଛନ୍ତି। ସୂଚନାଥାଉ କି, ଚଳିତବର୍ଷ ପୁରୀ ରଥଯାତ୍ରାର ସିଧା ପ୍ରସାରଣ ସମସ୍ତ ବୈଦ୍ୟୁତିକ ଗଣମାଧ୍ୟମରେ ହୋଇପାରିବ ନାହିଁ ବୋଲି ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏଥିନିମନ୍ତେ ଯେଉଁମାନେ ଟେଣ୍ଡର ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ହେବେ, ସେମାନଙ୍କୁ ଏହି ପ୍ରସାରଣ ଅଧିକାର ଦିଆଯିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ସରକାରଙ୍କ ଏଭଳି ନିଷ୍ପତ୍ତି ଶ୍ରୀମନ୍ଦିର ଆଇନର ପରିପନ୍ଥୀ ବୋଲି ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି। ପୁରୀ ରଥଯାତ୍ରା ବିଶ୍ୱପ୍ରସିଦ୍ଧ। ବିଶ୍ୱର କୋଣଅନୁକୋଣର ଲୋକେ ଏହାକୁ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ଦେଖିବାର ସୁଯୋଗ ପାଇଥାନ୍ତି। ଏପରି କି ୱେବ୍ ପୋର୍ଟାଲ ମାଧ୍ୟମରେ ମଧ ରଥଯାତ୍ରାକୁ ଲୋକେ ଅତି ସହଜରେ ଦେଖିପାରିଥାନ୍ତି। ମାତ୍ର ସରକାର ମନମୁଖି ଭାବେ ଏଭଳି ନିଷ୍ପତ୍ତି ନେଇଛନ୍ତି, ଯାହା କେବଳ ଶ୍ରୀମନ୍ଦିର ଆଇନ ନୁହେଁ ବରଂ ସମ୍ବିଧାନର ଧାରା ୨୫କୁ ବିରୋଧ କରୁଛି। ତେଣୁ ସରକାରଙ୍କ ଏଭଳି ବିଜ୍ଞପ୍ତିକୁ ରଦ୍ଦ କରାଯିବା ସହିତ ପୂର୍ବଭଳି ସମସ୍ତ ବୈଦ୍ୟୁତିକ ଗଣମାଧ୍ୟମକୁ ଏହାର ପ୍ରସାରଣ ପାଇଁ ସୁଯୋଗ ଦେବାକୁ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଦିଲୀପ କୁମାର ମହାପାତ୍ର, ଅରୁଣ କୁମାର ସାହୁ ଓ ଶିବ ନାରାୟଣ ପଣ୍ଡା ମାମଲା ରୁଜୁ କରିଛନ୍ତି।

# ଦାଦନ ଶ୍ରମିକ ଉଦ୍ଧାର

- ୫ ପରିବାର ସମେତ ୬ ଯୁବତୀ ଦାଦନ ଖଟିବାକୁ ଯାଉଥିଲେ

**ନବରଙ୍ଗପୁର,୧୦।୬(ବି.ପ୍ର)**

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଲାଣ୍ଡୁଗୁଡା ଗ୍ରାମର ୫ ପରିବାର ଓ ପାପଡାହାଣ୍ଡି ମୋହଲି ଗାଁର ୬ ଜଣ ଯୁବତୀ ଦାଦନ ଖଟିବାକୁ ଯାଉଥିବା ବେଳେ ନବରଙ୍ଗପୁର ବସଷ୍ଟାଣ୍ଡରୁ ପୋଲିସ ଉଦ୍ଧାର କରି ସେମାନଙ୍କୁ ପଚରାଉଚରା କରୁଛି। ଉମରକୋଟ ବିଶାଖାପାଟଣା ସରକାରୀ ବସରେ କୋଷାଗୁମୁଡା ବ୍ଲକର ଲାଣ୍ଡୁଗୁଡା ଗାଁର ଡମ୍ବରୁ ବିଦ୍ଧାଣୀ, ଭାଗିରଥୀ ବିଦ୍ଧାଣୀ, ଗିରିଧର ବିଦ୍ଧାଣୀ, ପର୍ଶୁରାମ ବିଦ୍ଧାଣୀ, ତୁଳସୀରାମ ବିଦ୍ଧାଣୀ ସେମାନଙ୍କ ପରିବାର ସହ ଦାଦନ ଖଟିବାକୁ ଯାଉଥିଲେ। ପୋଲିସ ଖବର ପାଇ ବସଷ୍ଟାଣ୍ଡରୁ ସେମାନଙ୍କୁ ଉଦ୍ଧାର କରିଥିଲା। ସେହିପରି ପାପଡାହାଣ୍ଡି ବ୍ଲକ ମୋହିଲି ଗାଁର ୬ ଜଣ ଯୁବତୀ ଏକ ଅଟୋରେ (ନଂ. ଓଡି୨୪-୪୧୪୯)ରେ ନବରଙ୍ଗପୁରରୁ ଜୟପୁର ଯାଉଥିଲେ। ସେମାନେ ସେଠାରୁ ତାମିଲନାଡୁ ଯାଇଥାନ୍ତେ। ସାଥୀରେ ଜଣେ ଯୁବତୀଙ୍କ ବାପା ଛାଡିବାକୁ ଯାଇଥିଲେ। ନବରଙ୍ଗପୁର ପୋଲିସ ଖବର ପାଇ ସେମାନଙ୍କୁ ବସଷ୍ଟାଣ୍ଡରୁ ଉଦ୍ଧାର କରିଥିଲା। ଅଟୋ ଡ୍ରାଇଭର ଶଙ୍କର ହରିଜନ, ଅଟୋରେ ବସିଥିବା ଅନ୍ୟ ଜଣେ ଯୁବକ, ଯୁବତୀଙ୍କ ବାପାଙ୍କୁ ପୋଲିସ ପଚରାଉଚରା କରୁଛି। ଏହି ଯୁବତୀମାନଙ୍କ ମଧ୍ୟରୁ ୨ ଜଣ ତାମିଲନାଡୁରେ ସିଲେଇ ତାଲିମ କେନ୍ଦ୍ରରେ କାମ କରୁଥିଲେ। ଅନ୍ୟ ଯୁବତୀମାନେ ସେମାନଙ୍କ ସହ ସେଠାରେ କାମ କରିବାକୁ ଯାଉଥିଲେ ବୋଲି ଜଣାପଡିଛି । ଏସଆଇ ନୀଳିମା ପାଣିଗ୍ରାହୀ, ଏଏସଆଇ ଅଶୋକ କୁମାର ଦେଓ, କନଷ୍ଟେବଳ ଅନୀଳ ପୃଷ୍ଟି ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଲେବର ଇନ୍ସପେକ୍ଟର ବୁଲୁ ଶ୍ରୀହରିଆ ଥାନାରେ ପହଞ୍ଚିଥିଲେ।

- ଏସ୍‌ଟିଏର ରଥଯାତ୍ରା ବୈଠକ

# ପୁରୀକୁ ଗଡ଼ିବ ୨୦୦ ସ୍ୱତନ୍ତ୍ର ବସ୍

**କଟକ ଅଫିସ, ୧୦।୬**

ରଥଯାତ୍ରା ପାଇଁ ପୁରୀକୁ ଅଧିକ ସ୍ୱତନ୍ତ୍ର ୨୦୦ ବସ୍ ଚାଲିବ। ୪ ଦିନ ଏହି ବସ୍ ଚାଲିବ। ଜୁଲାଇ ୪ ତାରିଖରେ ରଥଯାତ୍ରା। ରଥଯାତ୍ରା ଦିନ ଓ ତା'ପରଦିନ ଏହି ସ୍ୱତନ୍ତ୍ର ବସ୍ ପୁରୀକୁ ଗଡ଼ିବ। ସେହିପରି ଜୁଲାଇ ୧୩ ତାରିଖରେ ବାହୁଡ଼ା ପଡୁଥିବାରୁ ବାହୁଡ଼ା ଦିନ ଓ ପରଦିନ ଏହି ସ୍ୱତନ୍ତ୍ର ବସ୍ ପୁରୀକୁ ଚଳାଚଳ କରିବ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ)ଙ୍କ ପକ୍ଷରୁ ସୋମବାର କେନ୍ଦ୍ରାଞ୍ଚଳ ଆରଡିସିଙ୍କ ସମ୍ମିଳନୀ କକ୍ଷରେ ରଥଯାତ୍ରା ପାଇଁ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଦୈନନ୍ଦିନ ପୁରୀକୁ କଟକ ଓ ଭୁବନେଶ୍ୱରରୁ ପାଖାପାଖି ୨୩୦ ବସ୍ ଚାଲୁଥିବା ବେଳେ ରାତିରେ ୩୦ଟି ନାଇଟ୍‌କୋଚ୍ ବସ୍ ଚାଲୁଛି। ମାତ୍ର ରଥଯାତ୍ରା ପାଇଁ ଏହି ବସ୍ ଯଥେଷ୍ଟ ନୁହେଁ। ତେଣୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅଧିକ ୨୦୦ ସ୍ୱତନ୍ତ୍ର ବସ୍ ଚଳାଚଳ କରିବାକୁ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ଏହି ସ୍ୱତନ୍ତ୍ର ବସ୍‌ଗୁଡ଼ିକୁ ପରିବହନ ବିଭାଗ ପକ୍ଷରୁ ଅସ୍ଥାୟୀ ପର୍‌ମିଟ୍ ପ୍ରଦାନ କରାଯିବ। ବସ୍‌ରେ ଯାତ୍ରୀ ଭଡ଼ା ଉଲ୍ଲେଖ ରହିବ। ବରମୁଣ୍ଡା, ବାଦାମବାଡ଼ି, ପୁରୀ, ପିପିଲି, କୋଣାର୍କ ଆଦି ଅଞ୍ଚଳରେ ଚଳାଚଳ କରୁଥିବା ବସ୍ ଓ ଅଟୋଗୁଡ଼ିକରେ ମଧ ଯାତ୍ରୀଭଡ଼ା ଉଲ୍ଲେଖ ରହିବ ବୋଲି ନିଷ୍ପତ୍ତି ହୋଇଛି। ପ୍ରତିବର୍ଷ ଘରୋଇ ବସ୍‌ଗୁଡ଼ିକ ରଥଯାତ୍ରା ସମୟରେ ଅଧିକ ଭଡ଼ା ଦାବି କରୁଥିବା ଓ ବସ୍ ଛାତ ଉପରେ ଯାତ୍ରୀ ପରିବହନ କରୁଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଭଳି ଘଟଣା ନଜରକୁ ଆସିଲେ କଡ଼ା ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରାଞ୍ଚଳ ଆର୍‌ଡିସି ତଥା ପରିବହନ କମିଶନର ଅନିଲ କୁମାର ସାମଲ ଚେତାବନୀ ଦେଇଛନ୍ତି। କୋଣାର୍କ, ସତ୍ୟବାଦୀ, ବ୍ରହ୍ମଗିରି ଓ ପିପିଲି ଥାନାରେ ୪ ଜଣ ମୋଟର ଯାନ ନିରୀକ୍ଷକ (ଏମ୍‌ଭିଆଇ) ରଥଯାତ୍ରା ସମୟରେ ମୁତୟନ ରହିବେ। ସେହିପରି ୩ ଜଣ ଟ୍ରାଫିକ ଇନ୍ସପେକ୍ଟର ପୁରୀ ତାଳବଣିଆ ଅସ୍ଥାୟୀ ବସ୍ ଟର୍ମିନାଲରେ ମୁତୟନ ରହିବେ। ଜାତୀୟ ରାଜପଥ ଉପରେ ଯାନଗୁଡ଼ିକ ନିରୀକ୍ଷଣ ନିମନ୍ତେ ୪ ଜଣ ଟ୍ରାଫିକ ଇନ୍ସପେକ୍ଟର ମହଜୁଦ ରହିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ପୁରୀ ଆର୍‌ଟିଓଙ୍କ ପକ୍ଷରୁ ଜୁଲାଇ ୩ରୁ ୧୩ ତାରିଖ ପର୍ଯ୍ୟନ୍ତ ଗୋଟିଏ ସୂଚନା କେନ୍ଦ୍ର ଖୋଲାଯିବ। ଏହି କେନ୍ଦ୍ରର ନମ୍ବର ୦୬୭୫୨-୨୨୩୪୬୮ ରଖାଯାଇଛି। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ସ୍ୱତନ୍ତ୍ର ବସଗୁଡ଼ିକ ନିମନ୍ତେ ପୁରୀର ତାଳବଣିଆଠାରେ ଅସ୍ଥାୟୀ ବସ୍ ଟର୍ମିନାଲ କରାଯିବ। ତାଳବଣିଆଠାରେ ମଧ ଯାତ୍ରୀମାନଙ୍କ ପାଇଁ ଗୋଟିଏ ଅସ୍ଥାୟୀ ରେଷ୍ଟ ସେଡ୍ ଖୋଲାଯିବ। ସେଠାରେ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ସୁଲଭ ମୂଲ୍ୟ ଅର୍ଥାତ୍ ୨୦ ଟଙ୍କାରେ ଖାଦ୍ୟ ଯୋଗାଇଦେବାକୁ ବ୍ୟବସ୍ଥା ହୋଇଛି। ସେହିପରି ତାଳବଣିଆରୁ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ୫ଟି ବ୍ୟାଟେରିଚାଳିତ ଗାଡି ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ପୁରୀ ରାସ୍ତାରେ କ୍ରେନ୍, ଆମ୍ବୁଲାନ୍ସ ଆଦି ମହଜୁଦ ରହିବ। ଦୁର୍ଘଟଣାଜନିତ ପରିସ୍ଥିତି ଉପୁଜିଲେ ଯାତ୍ରୀମାନଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲକୁ ପଠାଯିବା ସହିତ ରାସ୍ତା ସଫା ପାଇଁ କ୍ରେନକୁ ବ୍ୟବହାର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ପୁରୀ ଏସ୍‌ପି ଉମାଶଙ୍କର ଦାସଙ୍କ ସମେତ ପରିବହନ ବିଭାଗର ଅଧିକାରୀ ଓ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

UTKAL UNIVERSITY
CENTRE FOR IT EDUCATION
P.G. DEPARTMENT OF STATISTICS
VANI VIHAR, BHUBANESWAR-751004, ODISHA, INDIA
UTKAL UNIVERSITY
NAAC-A+ Accreditation
: 0674 - 2567711 / 2567275 / 9438014469. Website : www.citeutkal.com
e-mail : admission@citeutkal.com, centreforiteducation@gmail.com

ADMISSION NOTICE 2019-20 FOR M. TECH. (IT)

Applications are invited for admission for the 2 Year Full time Program on M. Tech in Information Technology in the department for the academic session 2019-20 under PPP mode.

SELECTION PROCEDURE

Selection of candidates for admission shall be made on the basis of Entrance Test to be conducted by the **Centre for IT Education, P.G. Department of Statistics, Utkal University on 20.07.2019 at 01:00 P.M-02:30 P.M.**

ELIGIBILITY FOR ADMISSION

(i) Master's degree in Computer Science/Information Technology/Computer Applications/Statistics/Mathematics/Physics/Electronic Sciences or any other qualification considered equivalent.
(ii) Bachelor's degree in Engineering/Technology or any other qualification considered equivalent (such as AMIEE or DOEACC 'B' Level).
Candidates waiting for final result may provisionally be admitted into M. Tech. (IT) course, provided that such candidates shall submit their pass result/CLC before filling up forms for the 1st semester examination.

HOW TO APPLY

Eligible candidates are required to apply to the Course Head/Director, Centre for IT Education, P.G. Department of Statistics, Utkal University in the prescribed application form downloadable from the **Website-http://www.utkaluniversity.ac.in, http://www.citeutkal.com** from 15.04.2019 along with Two Bank Drafts i.e., (i) **Rs. 150/-** in favour of "**Comptroller of Finance, Utkal University**" towards Application Form fees, and (ii) **Rs. 350/-** in favour of "**Centre for IT Education, Utkal University**" towards the Entrance Test fees drawn on any nationalized bank payable at Bhubaneswar, at the time of submission of the application form. **The downloaded application forms are also available in the department.**

**For details about Course Fee & Structure, visit the website-www.citeutkal.com**

**Last date of issue and submission of the application form is 16.07.2019 (5:00 P.M)**

**Course Director, M. Tech.(IT)**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ପ୍ରିୟଙ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଣ୍ଡିଆ ଚାଉଳକୁ**
**କିଆପତ୍ର ଜାଳ,**
**ଅକାଳେ ଆସିଲ ସମ୍ବନ୍ଧୀ**
**ଛାଇ ମୋ ଦିନକ ତଳ ।**

କୁଣ୍ଡା ଲଗା ଚାଉଳକୁ ପାଛୁଡ଼ାପାଛୁଡ଼ି କରି ରାନ୍ଧିବା ସମୟସାପେକ୍ଷ। କିଆପତ୍ର ହୁତୁହୁତୁ ହୋଇ ଜଳିଯାଏ, ସେଥିରେ ଭାତ ଭଲରେ ରାନ୍ଧିହୋଇ ପାରି ନ ଥାଏ। ଏପରିସ୍ଥଳେ ଘରକୁ କେହି ଅତିଥି ଆସିଲେ ତାଙ୍କ ପାଇଁ ଭୋଜନ ପ୍ରସ୍ତୁତି କରିବାରେ ନାନା ସମସ୍ୟା ଉପୁଜିଥାଏ। ଫଳସ୍ୱରୂପ ମନର ବ୍ୟସ୍ତତା ବଢ଼ିଯାଇଥାଏ। ଅସମୟରେ କୁଣିଆଁ ଘରକୁ ଆସିଲେ ତାଙ୍କ ଚର୍ଚ୍ଚା କରିବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅରଜି ଛଞ୍ଚି କୃପଣ ମରେ,**
**ଗୁଡ଼ ମାଠିଆ ମାଲୁଆ ମାରେ ।**

କୃପଣ ବ୍ୟକ୍ତି ଜୀବଦ୍ଦଶାରେ ଭଲ ନ ଖାଇ ନ ପିନ୍ଧି କେବଳ ଧନ ସଞ୍ଚି ଚାଲିଥାନ୍ତି। ଆବଶ୍ୟକ ମନେ ହେଉଥିଲେ ମଧ୍ୟ ଖର୍ଚ୍ଚ ହୋଇଯିବ ଭାବି ଯାଇତାଇ କରି ଦିନ ବିତାଇ ଦେଇଥାନ୍ତି। କାଳକ୍ରମେ ତାଙ୍କ ସଞ୍ଚିତ ଧନ ସମ୍ପତ୍ତି ବଳୁଆ ଲୋକ ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶିମିଳିପାଳରୁ ୩ ଶିକାରୀ ଗିରଫ

**ଉଦଳା,୧୦ା୬(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ଶିମିଳିପାଳ କୋର ଏରିଆରେ ରବିବାର ବିଳମ୍ବିତ ରାତିରେ ବନବିଭାଗ ଏବଂ ଏସଟିଆର ଟିମ୍ ମିଳିତ ଚଢାଉ କରି ୩ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୩ଟି ଦେଶୀ ବନ୍ଧୁକ ଜବତ ହୋଇଛି। ଗିରଫ ଶିକାରୀମାନେ ହେଲେ ଫୁଲବାଡିଆ ଓ ଗୁଡିଆଦର ଗ୍ରାମର ଚାରୁଚନ୍ଦ୍ର ସିଂ, ନବ କଟୁଆଳ ଏବଂ ସୁଦାମ ସିଂ । ଗିରଫ ଅଭିଯୁକ୍ତଙ୍କୁ ଉଦଳା ଏସଡିଜେଏମ୍ କୋର୍ଟ ଚାଲାଣ କରାଯାଇଛି।

ବନବିଭାଗ ଏବଂ ଏସଟିଆର ଟିମ ମିଳିତ ଭାବେ ରବିବାର ବିଳମ୍ବିତ ରାତିରେ ଶିମିଳିପାଳ କୋର ଏରିଆ ଜେନାବିଲ୍ ହାତୀଶୋଳ ବିଟ୍ ଚାରିଛକ ଜଙ୍ଗଲ ନିକଟରେ ଚଢାଉ କରିଥିଲେ। ଏହି ସମୟରେ ଶିକାର ନିମନ୍ତେ ଜଙ୍ଗଲ ଭିତରକୁ ଯାଉଥିବା ୩ ଶିକାରୀ ବନ ବିଭାଗ କର୍ମଚାରୀଙ୍କ ହାବୁଡରେ ପଡିଥିଲେ। ବନବିଭାଗ କର୍ମଚାରୀମାନେ ସେମାନଙ୍କୁ କାବୁ କରିବା ସହ ୩ ଟି ଦେଶୀ ବନ୍ଧୁକ ଜବତ କରିଥିଲେ। ଗତ ମଇ ୧୮ ତାରିଖରେ ଶିମିଳିପାଳ କୋର


ଗିରଫ ହୋଇଥିବା ଶିକାରୀ।

### ଦେଶୀ ବନ୍ଧୁକ ଜବତ

ଏରିଆ ଉପର ବାରହାକାମୁଡା ଅଞ୍ଚଳରୁ ୨ ଶିକାରୀଙ୍କୁ ବନ୍ଧୁକ ସହିତ ଏସଟିଆର ଟିମ୍ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ବନ୍ୟଜନ୍ତୁ ମାଂସ ମଧ୍ୟ ଜବତ ହୋଇଥିଲା । ଶିମିଳିପାଳରେ ଶିକାରୀ ସକ୍ରିୟ ରହିଥିବା ବେଳେ ଜଙ୍ଗଲ ମଧ୍ୟରେ କାଠ ଏବଂ ବନ୍ୟଜନ୍ତୁ ଶିକାର ଚାଲିଥିବା ଓ ବନବିଭାଗ ଠିକ୍ ଭାବରେ ପାଟ୍ରୋଲିଂ କରୁ ନ ଥିବା ଅଭିଯୋଗ ହୋଇଛି । ଏଥିନେଇ ପରିବେଶବିତଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏ ସମ୍ପର୍କରେ ପରିବେଶବିତ୍ ପଦ୍ମ ଦାସଙ୍କୁ ପଚାରିବାରୁ ଘର ଢିଙ୍କି କୁମ୍ଭୀର ସାଜିଲା ପରି ବନବିଭାଗ ଜାଣତରେ ଶିମିଳିପାଳରେ ଶିକାର ଚାଲିଛି। ତେଣୁ ଏହା ଉପରେ ରୋକ ଲଗାଇବ କିଏ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି।

## ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଯୁବକ ମୃତ

**ବରଗଡ଼ ଅଫିସ,୧୦ା୬**

ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଜମୁର୍ଡ଼ା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଗୁଳିକାଣ୍ଡ ଘଟିଛି । ଗୁଳିମାଡ଼ରେ ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ବରଗାଁର ବସନ୍ତ ପ୍ରଧାନ (୫୦)ଙ୍କ ମୃତ୍ୟୁ ଘଟିଛି । ସେ ଜମୁର୍ଡ଼ା ଗ୍ରାମର ନିଜ ଭଉଣୀ ଘରେ ଗତ ପ୍ରାୟ ଅଢ଼େଇ ବର୍ଷ ହେବ ରହି ଆସୁଥିଲେ । ସେ ଛାତ ଉପରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ । ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ, ଡିଏସ୍‌ପି ନଗେନ୍ଦ୍ର ପ୍ରସାଦ ନାୟକ, ଏସ୍‌ଡ଼ିପିଓ କ୍ଷୀରସାଗର ନାଏକ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି । ସେହିପରି ସମ୍ବଲପୁରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଗୁଳିକାଣ୍ଡର କାରଣ ସ୍ପଷ୍ଟ ହୋଇପାରିନାହିଁ । ଘଟଣାର ତଦନ୍ତ ତଥା ଅଭିଯୁକ୍ତଙ୍କୁ ଧରିବା ପାଇଁ ଡିଏସପି ନାୟକ, ଏସଡ଼ିପିଓ ନାଏକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଅଭିଯୁକ୍ତଙ୍କୁ ଅତିଶୀଘ୍ର ଧରିବା ପାଇଁ ଉଦ୍ୟମ ଚାଲିଥିବା ଏସପି ଭାମୁ କହିଛନ୍ତି ।

### ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗ
## ୧୨ ବରିଷ୍ଠ ଆୟକର ଅଧିକାରୀ ବିଦା

**ନୂଆଦିଲ୍ଲୀ,୧୦ା୬:** ନିର୍ମଳା ସୀତାରାମନ୍ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆରମ୍ଭ କରିଦେଇଛନ୍ତି। ଅର୍ଥ ମନ୍ତ୍ରଣାଳୟ ଦୁର୍ନୀତି, ଯୌନ ନିର୍ଯାତନା ଅଭିଯୋଗରେ ୧୨ ବରିଷ୍ଠ ଆୟକର ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଅର୍ଥାତ୍ ସେମାନଙ୍କୁ ଚାକିରିରୁ ଜବରଦସ୍ତ ବିଦା କରି ଦିଆଯାଇଛି। ଏମାନଙ୍କ ମଧ୍ୟରେ ଚିଫ୍ କମିଶନର, ପ୍ରିନ୍ସିପାଲ କମିଶନର ଏବଂ କମିଶନର ର୍ୟାଙ୍କର ଅଧିକାରୀ ରହିଛନ୍ତି। ସେମାନଙ୍କୁ ଡିପାର୍ଟମେଣ୍ଟ ଅଫ୍ ପର୍ସନାଲ ଆଣ୍ଡ ଆଡମିନିଷ୍ଟ୍ରେଶନ ରିଫର୍ମ୍ସର ଧାରା ୫୬ ଅଧୀନରେ ସମୟ ପୂର୍ବରୁ ଅବସର ନେବାକୁ ବାଧ୍ୟ କରାଯାଇଛି। ସୂଚନାଥାଉ କି, ୫୦ରୁ ୫୫ ବର୍ଷ ବୟସ ହୋଇଥିବା ଏବଂ ୩୦ ବର୍ଷର କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିସାରିଥିବା ଏଭଳି ଅଧିକାରୀଙ୍କ ବିରୋଧରେ ଧାରା ୫୬ ବ୍ୟବହାର କରାଯାଇଥାଏ। କାମରେ ଅବହେଳା କରୁଥିବା ଅଥବା ଆଶାନୁରୂପ ପ୍ରଦର୍ଶନ କରୁ ନ ଥିବା ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥାଏ।

# ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ସରିଲା କାର୍ଯ୍ୟକାଳ

**ବ୍ରହ୍ମପୁର ଅଫିସ,୧୦ା୬**

ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷ ପଦରୁ ବ୍ରହ୍ମପୁରର ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ୩ ବର୍ଷିଆ କାର୍ଯ୍ୟକାଳ ମେ ୨୩ତାରିଖରେ ଶେଷ ହୋଇଥିବା ସରକାର ତାଙ୍କୁ ଜଣାଇ ଦେଇଛନ୍ତି । ଚ୍ୟାଉ ପଟ୍ଟନାୟକ ଧରିତ୍ରୀକୁ ସୋମବାର ଏହି ସୂଚନା ଦେଇଛନ୍ତି । ପରବର୍ତ୍ତୀ ଅଧ୍ୟକ୍ଷ କିଏ ହେବେ ସେନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି । ଚ୍ୟାଉ ପଟ୍ଟନାୟକ ୧୯୯୫ ରୁ ୨୦୧୪ ପର୍ଯ୍ୟନ୍ତ ହୋଇଥିବା ୫ ବିଧାନସଭା ନିର୍ବାଚନରେ ବ୍ରହ୍ମପୁର ଆସନରୁ ଲଗାତର ୫ ଥର ବିଧାୟକ ହୋଇଥିଲେ। ଏହି ଜିଲାରୁ ୨ ରୁ ୩ ଥର ବିଜେଡିରୁ ଜିତିଥିବା ବିଧାୟକ ମନ୍ତ୍ରୀ ହୋଇଛନ୍ତି । କିନ୍ତୁ ୫ ଥର ବିଧାୟକ ହୋଇଥିବା ଚ୍ୟାଉ ପଟ୍ଟନାୟକଙ୍କୁ ସେହି ସୁଯୋଗ ମିଳି ନ ଥିଲା ।

୨୦୧୪ ନିର୍ବାଚନର ଦୁଇବର୍ଷ ପରେ ରାଜନୈତିକ ଥଇଥାନରେ ଚ୍ୟାଉ ପଟ୍ଟନାୟକଙ୍କୁ ଗଞ୍ଜାମ ଜିଲା ଯୋଜନା କମିଟି ଅଧ୍ୟକ୍ଷ କରାଯିବା ସହ ତାଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ଦିଆଯାଇଥିଲା । ୨୦୧୯ ନିର୍ବାଚନ ପୁଣି ଲଢ଼ିବାକୁ ସେ ପ୍ରସ୍ତୁତ ହୋଇଥିବା ବେଳେ ତାଙ୍କୁ ଟିକେଟରୁ ବଞ୍ଚିତ କରାଗଲା। ନିର୍ବାଚନର ବର୍ଷକ ପୂର୍ବରୁ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିବା ବିକ୍ରମ ପଣ୍ଡାଙ୍କୁ ପ୍ରାର୍ଥୀ କରାଗଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶ୍ୱାସନା ଅନୁସାରେ ତାଙ୍କୁ ରାଜ୍ୟସଭାକୁ ଯିବାର ସୁଯୋଗ ମିଳିବ ବୋଲି ଚ୍ୟାଉ ପଟ୍ଟନାୟକ ଆଶାବାଦୀ ଅଛନ୍ତି ।

ପ୍ରଥମ ପୃଷ୍ଠାରୁ...

### ପ୍ରଖ୍ୟାତ...

୧୯୯୮ରେ ଜ୍ଞାନପୀଠ ପୁରସ୍କାର ପାଇଥିବା କର୍ନାଡ଼ ୪ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ପାଇଥିଲେ। ଏହାବ୍ୟତୀତ ତାଙ୍କୁ ପଦ୍ମଶ୍ରୀ ଏବଂ ପଦ୍ମଭୂଷଣ ଉପାଧିରେ ସମ୍ମାନିତ କରାଯାଇଥିଲା। ଏହି ଖ୍ୟାତନାମା ବିଦ୍ୱାନ ସାମାଜିକ-ରାଜନୈତିକ ପ୍ରସଙ୍ଗ ଉପରେ ସ୍ୱର ଉତ୍ତୋଳନ କରିଥିଲେ। ଦୀର୍ଘ ୬ ଦଶନ୍ଧି ଧରି ସେ କନ୍ନଡ, ହିନ୍ଦୀ ଓ ମରାଠୀ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଏଥିସହିତ ଆର.କେ. ନାରାୟଣଙ୍କ ଲିଖିତ 'ମାଲଗୁଡି ଡେଜ୍' ସମେତ ବିଭିନ୍ନ ଟେଲିଭିଜନ ସିରିଏଲ୍‌ରେ ମଧ୍ୟ କର୍ନାଡ କାର୍ଯ୍ୟ କରିଛନ୍ତି। ବିଭିନ୍ନ ଭାଷାର ନାଟ୍ୟ ଓ ସିନେମା ଜଗତ ସହ ନିଜକୁ ବାନ୍ଧି ରଖିଥିବା କର୍ନାଡ଼ଙ୍କର ଜନ୍ମ ୧୯୩୮ ମେ ୧୯ରେ ମାଥେରାନଠାରେ ହୋଇଥିଲା। କର୍ନାଟକ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ ପରେ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ରୋଡେସ୍ ଛାତ୍ରବୃତ୍ତି ପାଇ ଦର୍ଶନ, ଅର୍ଥନୀତି ଓ ରାଜନୀତିରେ ଶିକ୍ଷାଲାଭ କରିଥିଲେ। ସେଠାରେ ପଢୁଥିବାବେଳେ ତାଙ୍କ ପ୍ରଥମ ନାଟକ 'ୟାୟାତି' ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇଥିଲା। ତାଙ୍କ ଲିଖିତ ନାଟକଗୁଡିକ ଇଂଲିଶ୍ ସମେତ ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦ ହୋଇଛି। ବିଶିଷ୍ଟ କନ୍ନଡ ଲେଖକ ୟୁ.ଆର୍. ଅନନ୍ତମୂର୍ତ୍ତିଙ୍କ ଉପନ୍ୟାସ ଉପରେ କର୍ନାଡ ଲେଖିଥିବା କନ୍ନଡ ସିନେମାକୁ ୧୯୭୦ରେ ପ୍ରଥମ ରାଷ୍ଟ୍ରପତି ସ୍ୱର୍ଣ୍ଣ କମଳ ପୁରସ୍କାର ମିଳିଥିଲା। ଏଥିରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ସେ କନ୍ନଡ ଏବଂ ହିନ୍ଦୀ ଚଳଚ୍ଚିତ୍ର ପାଇଁ କାହାଣୀ ଏବଂ ସଂଳାପ ଲେଖିବା ସହ ନିର୍ଦ୍ଦେଶନା ଦେଇଛନ୍ତି।

### ପେଟ୍ରୋଲ ଢାଳି ନିଆଁ...

୫ ଜଣ ଛାତ୍ରୀ ଭଡ଼ା ନେଇ ରହୁଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀ ସେମିଳିଗୁଡ଼ାର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଥିଲେ । ତାଙ୍କର ଜଣେ ସହପାଠୀ ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲେ । ତାଙ୍କୁ ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହୋଇଥିଲେ । ଏଥିରେ ରାଗିଯାଇ ଗତ ୧ ତାରିଖରେ ପ୍ରେମିକ ଜଣକ ଛାତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ସେ ଚିତ୍କାର କରିବାରୁ ତାଙ୍କର ଜଣେ ସାଙ୍ଗ ଓ ସାହି ପଡିଶା ଦୌଡି ଆସି ତାଙ୍କୁ ଉଦ୍ଧାର କରିଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉକ୍ତ ଯୁବକ ଓ ଅନ୍ୟମାନେ ପ୍ରଥମେ ସହରରେ ଥିବା ଏକ ଘରୋଇ ନର୍ସିଂ ହୋମକୁ ନେଇଥିଲେ । ଛାତ୍ରୀଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ଉକ୍ତ ଯୁବକ ସେଠାରୁ ଫେରାର ହୋଇଯାଇଥିଲେ । ଏହା ପରେ ଛାତ୍ରୀଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ପୁଣି ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ନିଆଯାଇଥିଲା। ପରେ ଭୁବନେଶ୍ୱରସ୍ଥିତ ବିବେକାନନ୍ଦ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୫ ତାରିଖରେ ଛାତ୍ର ଜଣକ ବାଧ୍ୟ ହୋଇ ଏସଡିଜିଏମ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଅନ୍ୟ ପକ୍ଷରେ ମେଡିକାଲରେ ଜୀବନ ସହିତ ସଂଗ୍ରାମ କରୁଥିବା ଛାତ୍ରୀଙ୍କର ରବିବାର ରାତିରେ ମୃତ୍ୟୁ ହୋଇଛି। ଏ ନେଇ ସେମିଳିଗୁଡା ଆଇଆଇସି ସମ୍ମିତ ବେହେରାଙ୍କୁ ପଚାରିବାରୁ , ବର୍ତ୍ତମାନ ଅଭିଯୁକ୍ତଙ୍କ ନାମରେ ହତ୍ୟା ଦଫା ଲାଗିବ ବୋଲି କହିଛନ୍ତି । ସୋମବାର ଦିନ ଭୁବନେଶ୍ୱର ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ସୋମବାର ମୃତ୍ୟୁ ବରଣ କରଥିଲେ। ଏ ନେଇ ନୟାପଲ୍ଲୀ ଥାନା ପୋଲିସ ୭୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଷଷ୍ଠସ୍ଥ ଚନ୍ଦ୍ର ଆପଣଙ୍କ ଯାତ୍ରା, ନୂତନ କର୍ମାରମ୍ଭ ପାଇଁ ପ୍ରୀତିପ୍ରଦ ରହିବ। ଶୁକ୍ରଙ୍କ ସୁପ୍ରଭାବରେ ଆବଶ୍ୟକତା ପୂରଣ ହେବା ସହ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ନିଜ ନିଜର ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**ବୃଷ** ଧନସ୍ଥାନରେ ପାପଗ୍ରହ ଆପଣଙ୍କୁ ଅନୁଚିତ ବେହିସାବୀ ଖର୍ଚ୍ଚାନ୍ତ କରାଇ ପରିଜନଙ୍କ ଦ୍ୱାରା ଭର୍ତ୍ସିତ କରାଇପାରନ୍ତି। କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ। ଯାନବାହନ, ବସ୍ତ୍ର, ଅଳଙ୍କାର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅତୀତ ଘଟଣାର ଆଲୋଚନା ଅସନ୍ତୋଷଜନକ ହେତୁ ଦୁଶ୍ଚିନ୍ତା ଆସିପାରେ।

**ମିଥୁନ** ତୃତୀୟାଧିପ କେନ୍ଦ୍ରସ୍ଥ ବନ୍ଧୁ, ଆତ୍ମୀୟସ୍ୱଜନଙ୍କ ମାଧ୍ୟମରେ ଅଟକି ରହିଥିବା କାମକୁ ପୂର୍ଣ୍ଣାଙ୍ଗ କରିବାରେ ସହାୟକ ହେବେ। ରାହୁ ସଂସ୍ପର୍ଶରେ ମଙ୍ଗଳଙ୍କ ପ୍ରଭାବ ଦ୍ୱାରା ଧୈର୍ଯ୍ୟର ସହ ସମସ୍ୟାଗୁଡ଼ିକର ମୁକାବିଲା କରି ଆଶ୍ୱସ୍ତି ଲାଭ କରିପାରନ୍ତି। ବୃତ୍ତିଗତ ଧନ୍ଦା, ହୋଟେଲ, ରେସ୍ତୋରାଁ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** ଚତୁର୍ଥାଧିପ ଏକାଦଶରେ ଧନାଧିପ ସଂଯୋଗରୁ ନୂତନ ଗୃହ, ଯାନବାହନ କ୍ରୟ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକ କେହି ଜଣେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ନୂତନ କମ୍ପାନୀରେ ମୋଟା ଦରମାର ଚାକିରି ଅଫର କିମ୍ବା ପଦୋନ୍ନତି ଘଟିବାର ସମ୍ଭାବନା ରହିଛି। ଜମିଜମା, କଳକାରଖାନା, ପ୍ଲଟିଂ ବ୍ୟବସାୟରୁ ସୁଫଳ ପାଇବେ।

**ସିଂହ** କୋଣାଧିପ କେନ୍ଦ୍ରସ୍ଥ ଯୋଗୁ ଅଭିଳଷିତ ଜିନିଷ ହାସଲ କରାଇବାରେ ପଦସ୍ଥ ବ୍ୟକ୍ତିଙ୍କ ସହାୟତା ପ୍ରାପ୍ତ ହେବେ। ନିଜ ଫାଇଦା ହାସଲ ପାଇଁ ନିକଟ ସମ୍ପର୍କୀୟ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ଗବେଷଣା, ଅନୁସନ୍ଧାନ, ଅଧ୍ୟୟନ, ଅଧ୍ୟାପନା ଓ କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଉନ୍ନତି କରିବେ।

**କନ୍ୟା** ରୋଗାଧିପ କେତୁଙ୍କ ସହ ପରିବାରରେ ରୋଗପୀଡ଼ା କିମ୍ବା ଅଶାନ୍ତ ପରିସ୍ଥିତି ସୃଷ୍ଟି କରାଇପାରନ୍ତି। ଆଜି ଘର କାମ ସାଙ୍ଗକୁ ଅଫିସ କାମର ଜଞ୍ଜାଳ ବଳିଯିବ, ଫଳରେ ମାନସିକ ବ୍ୟସ୍ତତା ବୃଦ୍ଧି ପାଇବ। ପାରିବାରିକ ସ୍ତରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିପାରେ। ଅବଶ୍ୟ ବନ୍ଧୁଙ୍କ ସହାୟତାରେ ଈପ୍ସିତ ଅର୍ଥ ପାଇବେ।

**ତୁଳା** ସପ୍ତମାଧିପତି ଭାଗ୍ୟସ୍ଥାନରେ ମିତ୍ରମାନଙ୍କ ସହାୟତା ଲାଭକରି ବାଣିଜ୍ୟ, ବ୍ୟବସାୟ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପ୍ରଦାନ କରିପାରନ୍ତି। ଗ୍ରହମାନଙ୍କ ସୁପ୍ରଭାବରେ ଯେକୌଣସି ପ୍ରତିରୋଧକୁ ଏଡ଼େଇ ଯାଇ କାମ ହାସଲରେ ସମର୍ଥ ହେବେ। କିନ୍ତୁ ଶନିଙ୍କ ତୃତୀୟଭାବ ସ୍ଥିତି କାରଣରୁ ପାରିବାରିକ ସ୍ଥିତି ଭଲ ରହି ନ ପାରେ।

**ବିଛା** ଅଷ୍ଟମାଧିପ ରାଶ୍ୟାଧିପ ସହ ସ୍ୱାସ୍ଥ୍ୟହାନି କିମ୍ବା ସମସ୍ୟା ସୃଷ୍ଟି କରିପାରନ୍ତି। କୌଣସି କାମରେ ମନର ସ୍ଥିରତା ନ ରହିବା ହେତୁ କାମଗୁଡିକ ଅସମ୍ପୂର୍ଣ୍ଣ ରହିଯିବ। କେତେକ କାମକୁ ଅବହେଳା କରି ସମାଲୋଚିତ ହେବାକୁ ପଡ଼ିବ। ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ, କିନ୍ତୁ କିଛି ଲୋଭନୀୟ ପ୍ରତିଶ୍ରୁତି ପାଇ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ଧନୁ** ନବମାଧିପତି ରବି ଷଷ୍ଠଭାବରେ ଥିବା ଯୋଗୁ ସବୁ ଦିଗରୁ ସମର୍ଥନ ଥାଇ ମଧ୍ୟ ନିରାଶ ହେବାକୁ ପଡ଼ିବ। ତଥାପି ବୃହସ୍ପତି ପ୍ରଭାବରୁ ପାରିବାରିକ କ୍ଷେତ୍ରରେ ଉନ୍ନତ ମାନର ବୁଝାମଣା ହେତୁ ପ୍ରତ୍ୟେକ କାର୍ଯ୍ୟ ଶୃଙ୍ଖଳିତ ରହିବ। କୌଣସି ପ୍ରକାରର ଅଭାବ ନ ଥିଲେ ମଧ୍ୟ ଆଜି ବନ୍ଧୁଙ୍କ ସଦ୍ଭାବ କିମ୍ବା ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ।

**ମକର** ଦଶମାଧିପ ଶୁକ୍ର କୋଣ ଭାବରେ ବିଳାସବ୍ୟସନ ଦିଗକୁ ଟାଣି ନେଇପାରନ୍ତି। କିନ୍ତୁ କର୍ମଭାବରୁ ଅଷ୍ଟମସ୍ଥ ଓ ରବି ସଙ୍ଗତ୍ୱ କାରଣରୁ କର୍ମହାନି ଓ ସମସ୍ୟା ବିଜଡ଼ିତ ରହିବେ। ଆଜିର ପ୍ରତ୍ୟୁଷ ଯାତ୍ରା ଆନନ୍ଦଦାୟକ ରହିବ ଓ ନୂତନ ମିତ୍ରତା ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ କୌଶଳପୂର୍ଣ୍ଣ କଥା କହି ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**କୁମ୍ଭ** ଲାଭାଧିପ ମଙ୍ଗଳ ବଳହୀନ ହେଲେ ମଧ୍ୟ ରାହୁଙ୍କ ସଙ୍ଗରେ ଲକ୍ଷ୍ମୀଯୋଗ ସୃଷ୍ଟିକରି ବିଭିନ୍ନ ସୂତ୍ରରୁ ଅର୍ଥଲାଭ କରାଇବେ। ଜମିଜମା, ନୂତନ ଗୃହ, କଚେରି ମାମଲା ପ୍ରଭୃତିରେ ଆଶାନୁରୂପ ସଫଳତା ପ୍ରଦାନ କରିବେ। ନିଜର ଦୂରଦୃଷ୍ଟି ଓ କୌଶଳପୂର୍ଣ୍ଣ କାର୍ଯ୍ୟଶୈଳୀ ହେତୁ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**ମୀନ** ବ୍ୟୟାଧିପ ଶନି କର୍ମସ୍ଥାନରେ ସ୍ୱଗୃହାଭିମୁଖୀ ହୋଇ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିବାରେ ସହାୟକ ହେବେ। ଅବଶ୍ୟ ବୁଧ ପ୍ରଭାବରେ ବନ୍ଧୁଙ୍କ ପ୍ରରୋଚନାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହେବାରେ ବିଳମ୍ବ ଘଟିବ। ଆନୁଷ୍ଠାନିକ କାମରେ ସଫଳତା ପାଇପାରନ୍ତି।

ଆଜି ଜ୍ୟେଷ୍ଠ ଶୁକ୍ଳ ନବମୀ ମଙ୍ଗଳବାର, ଜୁନ୍ ୧୧ ତାରିଖ, ରାଶି ନକ୍ଷତ୍ର- ଉତ୍ତରା ଫାଲ୍‌ଗୁନୀ/କନ୍ୟା, ଦିବା ଘ୧।୪୦ମି. ପରେ ହସ୍ତା ନକ୍ଷତ୍ର ହେବ। ଅଦ୍ୟ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୮।୨୯ମି. ଗତେ ଘ୧୦।୦୮ମି. ମଧ୍ୟେ, ଘ୧୧।୪୭ମି. ଗତେ ଘ୧।୨୫ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୪୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୩।୦୪ମି. ଗତେ ଘ୪।୪୪ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

automobile

**SALE**

Vehicle for sale as is where is basis. AL ECOMET 1212 - OD02AJ7101 Indusind Bank Ltd. Contact: 9078080556. D-12917

**Innova, Bolero-SLX , Bolero Plus, Swift Dzire, Swift, WagonR, Scorpio, Elantra, Verna, Alto, Ritz, i10, i20, Nano and many more cars for sale, purchase, refinance with easy Bank finance. D.K. Motors, 640, Saheed Nagar. 9937515151, 8895299999.** D-65653

real estate

**SALE**

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 9348817649, 8144706560. D-66702

CV Raman college ପାଖରେ yellowzone plot 1500 sqft. ବିକ୍ରି ହେବ। Contact: 9937910363. D-65650

Gita College ପାଖରୁ 4km. ଭିତରେ ଘରବାଡି plot 4800 sqft. ବିକ୍ରିହେବ। Contact: 9778928492. D-65651

**PURCHASE**

ବାରିପଦା ସହରର ଯେକୌଣସି ୱାର୍ଡ଼ରେ ରହିବା ପାଇଁ ଘର କିମ୍ବା ୫ ଡିସିମିଲରୁ ୮ ଡିସିମିଲ ଜମି (ଘରଡିହ) ଆବଶ୍ୟକ। ବିକ୍ରି କରିବାକୁ ଚାହୁଁଥିବା ଇଚ୍ଛୁକ ଜମି ମାଲିକ ବା ଘର ମାଲିକ ଯୋଗାଯୋଗ କରନ୍ତୁ। Contact: 7537846977. D-12911

to-let

**750 sqft. commercial shop @ 640, Saheed Nagar, Bhubaneswar for any purpose. 9439198640, 7377237874.** D-65652

healthcare

Monalisa club full body massage with hiprofile smart lady air-condition rooms available hurry up ! 9708545108. D-12867

education

Medical registration- BAMS, BHMS, BUMS, BDS, D.Pharma, ANM, GNM (ଘରେରହି Course କରିପାରିବେ). Call: 9893869473. D-66564

business

Get electronics & grocery product of 40% discount. Call: 07478268108. D-12792

**AFFIDAVIT**

By virtue of an affidavit before Notary Public, Cuttack, states that I Rupali Yagnyaseeny D/o Sarat Chandra Nayak, at 4th lane Amalapada, Angul have changed my name to Anyatama Nayak. Rupali Yagnyaseeny and Anyatama Nayak is one and same person. Henceforth I shall be known as Anyatama Nayak for all purposes. D-12919

By virtue of an affidavit before Notary Public, Cuttack, states that I Dipali Yasosvyny D/o Sarat Chandra Nayak, 4th lane Amalapada, Angul have changed my name to Namoona Nayak, Dipali Yasosvyny and Namoona Nayak is one and same person. Henceforth I shall be known as Namoona Nayak for all purposes. D-12918

**9th Marriage Anniversary**


ପୁଷ୍ପାଞ୍ଜଳୀ (ମାମି)
ଇଂ. ଶିବପ୍ରସାଦ (ଟୁଟୁ)

ତୁମ ୯ମ ବାର୍ଷିକ ବିବାହ ଉପଲକ୍ଷେ ଈଶ୍ୱର ଆଶିଦିଅନ୍ତୁ ଅସରନ୍ତି ସୁଖ, ଶାନ୍ତି ଓ ପ୍ରଗତି, ତୁମେ ଦୀର୍ଘାୟୁ ଏବଂ ନୀରୋଗ ରୁହ। ତୁମ ବୈବାହିକ ଜୀବନ ଅନ୍ୟମାନଙ୍କ ପାଇଁ ଉଦାହରଣର ପ୍ରେରଣା ହେଉ। ଏତିକି ପ୍ରଭୁ ଜଗତନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୁଭେଚ୍ଛା ସହ: ବାପା, ବୋଉ, ଭାଇ, ଭାଉଜ, ବାବୁ, କାବୁ, ଚନ୍ଦୁ, ବର୍ଷି, ଶିଖା, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୯୧୬

**୫ମ ଜନ୍ମଦିନ ଶୁଭେଚ୍ଛା**



ପ୍ରିୟଙ୍କା ବେହେରା
ପୁରୀ
ତୋର ପଞ୍ଚମ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ।
ଶୁଭେଚ୍ଛା ସହ
ବନ୍ଧୁ ଓ ପରିବାରବର୍ଗ
ଧ-୧୨୯୧୪

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ପୂର୍ବତନ କାଉନସିଲରଙ୍କ ସ୍ୱାମୀଙ୍କୁ ଗୁଳିମାଡ଼

ବ୍ୟବସାୟିକ ଶତ୍ରୁତା ଥିବା ସନ୍ଦେହ

**ବ୍ରଜରାଜନଗର,୧୦।୬ (ଡି.ଏନ.ଏ.):** ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ଅନ୍ତର୍ଗତ କାଳୀନଗର କଲୋନୀର କ୍ୟୁ-୩ରେ ରହୁଥିବା ପୂର୍ବତନ କାଉନସିଲର ନିତୁ ଗୁପ୍ତାଙ୍କ ସ୍ୱାମୀ ସଞ୍ଜୟ ଗୁପ୍ତା (ଗୁଡ୍ଡୁ)ଙ୍କୁ ସୋମବାର ସକାଳ ୮ଟାରେ ତାଙ୍କ ଘର ସମ୍ମୁଖରେ ଗୁଳିମାଡ ହୋଇଛି। ଗୋଟିଏ ଗୁଳି ତାଙ୍କ ପେଟ ଭିତରେ ରହିଯାଇଥିବା ବେଳେ ଅନ୍ୟଟି ବାମ ପଟ ଅଣ୍ଟା ପାଖ ଦେଇ ବାହାରି ଯାଇଛି। ଆହତ ଗୁଡୁଙ୍କୁ ପ୍ରଥମେ ମଣ୍ଡଳିଆ ଏବଂ ପରେ ବୁର୍ଲା ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗଜନକ ହେବାରୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଏହାର ତଦନ୍ତ କରୁଛି। ତେବେ ଏହି ଘଟଣା ପଛରେ ବ୍ୟବସାୟିକ ଶତ୍ରୁତା ଥିବା ସନ୍ଦେହ କରାଯାଉଛି । ଗୁଡୁ ଦୀର୍ଘଦିନ ହେବ ସୁନ୍ଦରଗଡ଼ ଜିଲାର ଦର୍ଲିପାଲିରେ ଠିକା କାମ କରୁଥିଲେ । ପୂର୍ବରୁ ମଧ ସେ ବହୁ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ପୋଲିସ କହିଛି । ସୋମବାର ସକାଳୁ ପାଖ କ୍ୱାର୍ଟର୍ସରେ ରହୁଥିବା ବଡ ଭଉଣୀଙ୍କ ସହିତ ଗୁଡୁ କଥା ହେଉଥିଲେ । ବଡ ଭଉଣୀ ଘର ଭିତରକୁ ଚାଲିଯିବା ପରେ ହଠାତ୍ ଜଣେ ବ୍ୟକ୍ତି ଚାଲି ଚାଲି ସେଠାରେ ପହଞ୍ଚ ଦୁଇ ରାଉଣ୍ଡ ଗୁଳି ମାରି ଗଳି ରାସ୍ତା ଦେଇ ଦୌଡି ପଳାଇଥିଲେ। ଭଉଣୀ ଘରୁ ବାହାରି ଦେଖିଲା ବେଳକୁ ଗୁଡୁ ପେଟକୁ ଚାପିଧରି ଛିଡା ହୋଇଥିଲେ। ଏହାପରେ ତୁରନ୍ତ ତାଙ୍କୁ ମେଡିକାଲ ନିଆଯାଇଥିଲା। ଖୁବ ଶୀଘ୍ର ଉକ୍ତ ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ଆଇଆଇସି ସାରଙ୍ଗ ପାଣିଗ୍ରାହୀ କହିଛନ୍ତି ।

### ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

**ବାଲିଆପାଳ, ୧୦।୬(ସ୍ୱ.ପ୍ର.):** ବାଲିଆପାଳ ଥାନା ଅନ୍ତର୍ଗତ ହାସିନପୁର ଗ୍ରାମର ପ୍ରଦୀପ କରଙ୍କ ଦେଢବର୍ଷର କନ୍ୟା ସୁମନ ସୋମବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ସକାଳ ସମୟରେ ଘର ଅଗଣାରେ ଖେଳୁଥିଲେ। ମାତ୍ର ଘର ଲୋକଙ୍କ ଅଗୋଚରରେ ସୁମନ ଖେଳୁଖେଳୁ ନିକଟସ୍ଥ ପୋଖରୀକୁ ଚାଲିଯାଇଥିଲେ ଓ ପାଣିରେ ବୁଡ଼ିଯାଇଥିଲେ। ପରିବାର ଲେକେ ଖୋଜାଖୋଜି କରିବା ପରେ ଝିଅଟି ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ତାକୁ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ସିମୁଳିଆ,୧୦।୬(ଡି.ଏନ.ଏ.):** ସିମୁଳିଆ ଥାନାଠାରୁ ୨କି.ମି. ଦୂର ଜାତୀୟ ରାଜପଥର କୁପୁରାବଜାର ନିକଟରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ଏହି ବଜାର ନିକଟରେ ଅଟକି ରହିଥିବା ଏକ ଟ୍ରକ(ଓଡି ୦୪ ଏଚ ୬୩୪)ର ପଛପଟୁ ଭଦ୍ରକ ଅଭିମୁଖେ ଯାଉଥିବା ପିକଅପ ଭ୍ୟାନ ଧକ୍କା ଦେଇଥିଲା। ଭ୍ୟାନ ଚାଳକ ସେକ ଅନୱାର(୩୫) ଙ୍କର ମୃତ୍ୟୁ ଘଟିଛି । ତାଙ୍କ ଘର ଭଦ୍ରକ ଜିଲାର ହଳଦୀଡିହ ଅଞ୍ଚଳରେ ବୋଲି ସୂଚନା ମିଳିଛି।

---

■ ଓଡ଼ିଶାରେ ଉନ୍ନତ ସେବା ଯୋଗାଉଛି ଡାକ ବିଭାଗ

# ୩୦ ବର୍ଷ ପରେ ୨ ନୂଆ ଡାକ ମଣ୍ଡଳ

■ ରାଉରକେଲା ଡାକମଣ୍ଡଳରେ ଆଜିଠୁ ମିଳିବ ସେବା
■ ଦକ୍ଷିଣ, ପଶ୍ଚିମ ଓଡ଼ିଶା ଉପରେ ଫୋକସ୍
■ ଖୋଲିବ ଆଉ ୪ ନୂଆ ଡ଼ାକଘର
■ ଆଇପିପିବି ଆକାଉଣ୍ଟ ଖୋଲିବାରେ ଭୁବନେଶ୍ୱର ଡିଭିଜନର ରେକର୍ଡ

**ଭୁବନେଶ୍ୱର, ୧୦।୬(ବ୍ୟୁରୋ)**

ଓଡ଼ିଶାରେ ଉନ୍ନତ ଡାକ ସେବା ପ୍ରତି ଲୋକଙ୍କ ଭରସା ଓ ବିଶ୍ୱାସ ବଢ଼ିବାରେ ଲାଗିଛି। ବୈଷୟିକ ଜ୍ଞାନକୌଶଳ ସହ ଓଡ଼ିଶା ଡାକ ପରିମଣ୍ଡଳ ତା'ର ପରିସରକୁ ପରିବ୍ୟାପ୍ତ କରିବାରେ ଲାଗିଛି। ଦୀର୍ଘ ୩୦ ବର୍ଷ ପରେ ରାଜ୍ୟରେ ଦୁଇଟି ନୂଆ ଡାକ ମଣ୍ଡଳ ଖୋଲିଛି। ବିଶେଷକରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶା ଉପରେ ଫୋକସ୍ ରହିଛି। ଗତ ଏପ୍ରିଲ ୧ରୁ ରାୟଗଡ଼ା ଡାକମଣ୍ଡଳ ସେବା ଯୋଗାଉଥିବାବେଳେ ମଙ୍ଗଳବାର ୧୧ ତାରିଖରୁ ରାଉରକେଲା ଡାକମଣ୍ଡଳ କାର୍ଯ୍ୟାରମ୍ଭ କରିବାକୁ ଯାଉଛି। ଚଳିତ ବର୍ଷ ଆଉ ୪ଟି ନୂଆ ଡାକଘର ଖୋଲିବାକୁ ଯାଉଛି। ସେହିଭଳି ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ (ଆଇପିପିବି), ଦର୍ପଣ ପ୍ରକଳ୍ପ, ପିଏନ୍‌ଓପି, ଇ-କମର୍ସ ପୋର୍ଟାଲ, ଓଡ଼ିଶା ସହ ଜଡିତ ପୋଷ୍ଟାଲ ଷ୍ଟାମ୍ପ୍ ପ୍ରଚଳନ ଆଦି ରାଜ୍ୟରେ ଡାକ ସେବା କ୍ଷେତ୍ରରେ ବଡ଼ ପଦକ୍ଷେପ। ଅନ୍ୟପକ୍ଷରେ ପାସ୍‌ପୋର୍ଟ, ଆଧାର, ରିଟେଲ, ରେଲ୍‌ୱେ ଟିକେଟ ଓ ବିଲ୍ ପେମେଣ୍ଟ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହ ସ୍ପିଡ୍ ପୋଷ୍ଟ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଓ ବ୍ୟାପକ ନିଯୁକ୍ତି ସୃଷ୍ଟି କରିବାରେ ମଧ ସକ୍ଷମ ହୋଇପାରିଛି। ଫଳରେ ୨୦୧୮-୧୯ ଆର୍ଥିକ ବର୍ଷରେ ରାଜସ୍ୱ ୫.୮୧ ପ୍ରତିଶତ ଓ ସ୍ପିଡ୍‌ପୋଷ୍ଟ କାରବାରରେ ୧୦ ପ୍ରତିଶତ ବୃଦ୍ଧି ହୋଇଥିବା ଓଡ଼ିଶା ଡାକ ପରିମଣ୍ଡଳର ମୁଖ୍ୟ ଡାକପାଳ ସନ୍ତୋଷ କାମିଲା କହିଛନ୍ତି।

ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇ କାମିଲା କହିଛନ୍ତି, ଭାରତୀୟ ଡାକ ବିଭାଗ ଓଡ଼ିଶାରେ ତା'ର ସେବାକୁ ଆହୁରି ବ୍ୟାପକ କରାଯିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟରେ ଗତବର୍ଷ ସେପ୍ଟେମ୍ବରରୁ ଆରମ୍ଭ ହୋଇଥିବା ଆଇପିପିବିର ଇତିମଧ୍ୟରେ ୩୩ଟି ଶାଖା କାର୍ଯ୍ୟ କରୁଥିବାବେଳେ ୬୮୫୯ଟି ଡାକଘରେ ଏହି ସେବା ଉପଲବ୍ଧ ହେଉଛି। ଏବେସୁଦ୍ଧା ୨ଲକ୍ଷ ୯ହଜାର ୪୯୮ଟି ଆଇପିପିବି ଆକାଉଣ୍ଟ ଖୋଲାଯାଇଥିବାବେଳେ ଏକ୍ଷେତ୍ରରେ ଭୁବନେଶ୍ୱର ଡାକମଣ୍ଡଳ ରେକର୍ଡ କରିଛି। ୬୯୯୭ଟି ଡାକଘରେ ଦର୍ପଣ ପ୍ରକଳ୍ପ ମାଧ୍ୟମରେ କମ୍ପ୍ୟୁଟର ଦ୍ୱାରା ସେବା ପ୍ରଦାନ କରାଯାଉଛି। ୧୨୦୭ ଡାକଘର ମଧ୍ୟରୁ ୧୦୨୩ଟିରେ କୋର୍ ବ୍ୟାଙ୍କିଙ୍ଗ୍ ସେବା ମିଳୁଥିବାବେଳେ ୭୦୦୭ ଶାଖା ଡାକଘର ମଧ୍ୟରୁ ୫୧୭୧ଟିକୁ କୋର୍ ସିଷ୍ଟମ ଇଣ୍ଟିଗ୍ରେଶନ (ସିଏସ୍‌ଆଇ) ଯୋଡ଼ାଯାଇଛି। ଦ୍ରୁତ ପାର୍ସଲ ସେବା ପ୍ରଦାନ ପାଇଁ ଭୁବନେଶ୍ୱରରେ ଗୋଟିଏ ଜାତୀୟ ପାର୍ସଲ ହବ୍ (ଏନ୍‌ପିଏଚ୍), ୭ଟି ସ୍ଥାନରେ ଷ୍ଟେଟ୍ ପାର୍ସଲ ହବ୍ (ଏସ୍‌ପିଏଚ୍) ରହିଥିବାବେଳେ ୩ ସ୍ଥାନରେ ନୋଡାଲ ଡେଲିଭରି ସେଣ୍ଟର ସ୍ଥାପନ କରାଯାଉଛି। ଚଳିତବର୍ଷ ଲୋକେ ୨୫ ଲକ୍ଷ ୨୬ହଜାର ୬୦୪ଟି ନୂଆ ଆକାଉଣ୍ଟ ଖୋଲିଥିବାରୁ ମୁଖ୍ୟ ଡ଼ାକପାଳ କାମିଲା ଧନ୍ୟବାଦ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ମୁଖ୍ୟ ଡାକପାଳ କଲୋନେଲ ଜଲେଶ୍ୱର କଅଁର, ଡ଼ାକପାଳ ଜି. ଗୁରୁନାଥନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




ଭୁବନେଶ୍ୱର ଶହୀଦନଗରଠାରେ ବ୍ୟୁଟି ସାଲୁନ 'ଏନ୍‌ରିଚ୍'ର ଉଦ୍‌ଘାଟନ ଅବସରରେ ଉପସ୍ଥିତ ସାମାଜିକ କର୍ମୀ ନମ୍ରତା ଚଢ଼ା (ଉପର-ବାମରୁ ପ୍ରଥମ), ବିଏଲସି-୧୨ର ଅଧକ୍ଷା ନାନ୍‌ସି ଖିମ୍‌ଜୀ (ଉପର-ବାମରୁ ଚତୁର୍ଥ) ଓ ଅନ୍ୟମାନେ।

# ବ୍ୟୁଟି ସାଲୁନ 'ଏନ୍‌ରିଚ୍' ଉଦ୍‌ଘାଟିତ

**ଅସହାୟ ମହିଳାଙ୍କୁ ମିଳିଲା ତାଲିମ, କର୍ମନିଯୁକ୍ତି**

**ଭୁବନେଶ୍ୱର, ୧୦।୬(ବ୍ୟୁରୋ)**

ସମାଜରେ ବହୁ ଅସହାୟ ଓ ସୁବିଧାରୁ ବଞ୍ଚିତ ମହିଳା ରହିଛନ୍ତି, ଯେଉଁମାନଙ୍କୁ ରୋଜଗାର କରିବାକୁ ସୁଯୋଗ ତ ଛାଡ଼ ଖାଦ୍ୟ ବି ମିଳେନା। ଫଳରେ ସେମାନଙ୍କ ପାଇଁ ଜୀବନଧାରଣ କରିବା କଷ୍ଟସାଧ ହୋଇଯାଏ। ଏପରି ସ୍ଥିତିକୁ ଭୁବନେଶ୍ୱର ଲେଡିଜ୍ ସର୍କଲ-୧୨(ବିଏଲସି-୧୨) ପକ୍ଷରୁ ହୃଦୟଙ୍ଗମ କରାଯାଇ ଏକ ଅଭିନବ ପ୍ରୟାସ ସ୍ୱରୂପ ଶହୀଦନଗରଠାରେ ବ୍ୟୁଟି ସାଲୁନ 'ଏନ୍‌ରିଚ୍' ଖୋଲାଯାଇଛି। ଏଠାରେ ଅସହାୟ ମହିଳାମାନଙ୍କୁ ତାଲିମ ଦିଆଯିବା ପରେ କାର୍ଯ୍ୟରେ ନିୟୋଜିତ କରାଯାଇଛି। ସେମାନେ କାହା ଉପରେ ନିର୍ଭର ନ କରି ଯେପରି ନିଜେ କାମ କରି ପେଟ ପୋଷିପାରିବେ ସେଥିପାଇଁ ବିଏଲସି-୧୨ ଦ୍ୱାରା ଏହି ବ୍ୟବସ୍ଥା କରାଯାଇଛି। ସାମାଜିକ କର୍ମୀ ତଥା ଆଇନଜୀବୀ ନମ୍ରତା ଚଢ଼ାଙ୍କ ଦ୍ୱାରା ରବିବାର ଉଦ୍‌ଘାଟିତ ହୋଇଥିବା ଏହି ସାଲୁନର ପରିଚାଳନା ଭାର ସାମାଜିକ ଅନୁଷ୍ଠାନ 'ଗ୍ରାମ ଉତ୍‌ଥାନ'କୁ ହସ୍ତାନ୍ତର କରାଯାଇଛି। ଏନେଇ ବିଏଲସି-୧୨ର ଅଧକ୍ଷା ନାନ୍‌ସି ଖିମ୍‌ଜୀ କହିଛନ୍ତି, ଏହା ବିଏଲସିର ଏକ ଅଭିନବ ଉଦ୍ୟମ। ଓଡ଼ିଶାରେ ଏଭଳି କାର୍ଯ୍ୟ ପ୍ରଥମ ଥର ଲାଗି ହୋଇଥିବା ସେ କହିଛନ୍ତି।

ଉଲ୍ଲେଖଥାଉକି, ମହିଳାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲାଗି ସେମାନଙ୍କୁ ତାଲିମ୍ ଦିଆଯାଉଛି, ହେଲେ ଚାକିରି ମିଳିପାରୁନାହିଁ। ଚାକିରି ପାଇବା ଲାଗି ସେମାନଙ୍କୁ ବହୁ ସଂଘର୍ଷ କରିବାକୁ ପଡୁଛି। କିନ୍ତୁ ବିଏଲସି-୧୨ର ଏହି ଅଭିନବ ପ୍ରୟାସ ଦ୍ୱାରା ସେମାନଙ୍କୁ ତାଲିମ୍ ସହ ଚାକିରି ମଧ ଦିଆଯାଉଛି। ଭବିଷ୍ୟତରେ ସେମାନେ ନିଜେ ରୋଜଗାର କରିବା ସହିତ ନିଜ ସ୍ୱାଧୀନତା ଅନୁସାରେ କାର୍ଯ୍ୟ କରିପାରିବେ ଓ ନିଜ ନିଜ କ୍ଷେତ୍ରରେ ଅଧିକରୁ ଅଧିକ ଉନ୍ନତି କରିପାରିବେ ବୋଲି ବିଏଲସି-୧୨ ପକ୍ଷରୁ ପ୍ରକାଶ କରାଯାଇଛି।

---

■ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ

### ପାଇଖାନାରୁ ମିଳିଲା ନବଜାତ ଶିଶୁପୁତ୍ରର ମୃତଦେହ

**ଜଗତ୍‌ସିଂହପୁର ଅଫିସ,୧୦।୬**

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ବିଭାଗ ନିକଟ ମହିଳା ପାଇଖାନାରୁ ସୋମବାର ଏକ ନବଜାତ ଶିଶୁପୁତ୍ରର ମୃତଦେହ ମିଳିଛି। ଶିଶୁଟିର କିପରି ମୃତ୍ୟୁ ହୋଇଛି ଓ କିଏ ଏହି ସ୍ଥାନରେ ଫିଙ୍ଗି ଚାଲିଯାଇଛି ତାହା ଜଣାପଡିନାହିଁ। ଚିକିତ୍ସାଳୟ ପକ୍ଷରୁ ଅଭିଯୋଗ ହେବା ପରେ ଜଗତ୍‌ସିଂହପୁର ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୨୮/୧୯ ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ପ୍ରସୂତି ୱାର୍ଡ ନିକଟ ବାରଣ୍ଡାର ଏକ ପାର୍ଶ୍ୱରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ୨ଟି ପାଇଖାନା ଅଛି। ସେଥିମଧ୍ୟରୁ ଗୋଟିଏ ପାଇଖାନାରେ ନବଜାତ ଶିଶୁପୁତ୍ର ମୃତଦେହ ପଡିଥିବା ସକାଳେ ଦେଖିବାକୁ ମିଳିଥିଲା। ଶିଶୁ ଶରୀରର ପାଖାପାଖି ୮୦ ଭାଗ ପାଇଖାନା ପ୍ୟାନ୍ ଭିତରକୁ ଚାଲିଯାଇଥିଲା। ପାଦ ଓ ଗୋଡ଼ର କିଛି ଅଂଶ ଦେଖାଯାଉଥିଲା। କେହି ମୃତ ଶିଶୁଟିକୁ ପାଇଖାନା ଟାଙ୍କିକୁ ଛାଡ଼ିଦେବାକୁ ଜୋର ଜବରଦସ୍ତ ପ୍ୟାନରେ ଭର୍ତ୍ତି କରିଥିବା କୁହାଯାଉଛି। କିନ୍ତୁ ପ୍ୟାନ ଭିତର ବଙ୍କା ଥିବାରୁ ଶିଶୁର ଶରୀର ସମ୍ପୂର୍ଣ୍ଣ ଯାଇପାରି ନ ଥିଲା। ତେଣୁ ଅଧାରେ ଛାଡ଼ି ପଳାଇଥିବା ଜଣାପଡୁଛି। ଏ ସମ୍ପର୍କରେ ସିଡିଏମ୍‌ଓ ଅଜୟ କୁମାର ବୈଠାରୁ କହିଛନ୍ତି ଯେ, ମୃତଦେହ ମିଳିବାର ୧ରୁ ୨ ଘଣ୍ଟା ପୂର୍ବରୁ ଶିଶୁଟି ଜନ୍ମ ହୋଇଥିବା ଜଣାପଡୁଛି। ଶିଶୁଟିର ଶରୀରରେ ଲାଳ ଲାଗିଥିଲା। ଅର୍ଥାତ୍ ତାକୁ ଭଲ ଭାବରେ ପୋଛାଯାଇ ନ ଥିଲା। ପୋଲିସକୁ ରିପୋର୍ଟ ଦିଆଯିବା ପରେ ତଦନ୍ତ ଆରମ୍ଭ ହୋଇଛି।

---



## ଜିଲା ଚିଠି
## ସୁନ୍ଦରଗଡ଼

### ବିସ୍ଥାପିତଙ୍କ ଦୁଃଖ

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ରହିଛି ଏସିଆର ସର୍ବବୃହତ୍ କୋଇଲାଖଣି। ଭାରତ ସରକାରଙ୍କ ପକ୍ଷରୁ ସର୍ଭେ ପରେ ହେମଗିର ବ୍ଲକର ମାଟି ତଳେ କୋଇଲା (କଳାହୀରା) ଗଚ୍ଛିତ ଥିବା ଜଣାପଡିଥିଲା। ପରେ ୧୯୮୭ରେ କୋଲବିୟରିଂ ଆକ୍ଟ ଅନୁଯାୟୀ ସେହି ଅଞ୍ଚଳର ୧୪ଖଣ୍ଡ ଗ୍ରାମରେ ଥିବା ଜମି କିଣାବିକା ଉପରେ ସରକାରଙ୍କ ପକ୍ଷରୁ ରହିତାଦେଶ ଜାରି କରାଗଲା। ଫଳରେ ଜମି ଅଧିଗ୍ରହଣ ନ ହେବା ପର୍ଯ୍ୟନ୍ତ ସ୍ଥାନୀୟ ଲୋକମାନେ ଜମି କିଣାବିକା କିମ୍ବା ଅନ୍ୟ କୌଣସି ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଲେ। ମହାନଦୀ କୋଇଲାଖଣି ଲିମିଟେଡ୍ ପକ୍ଷରୁ ୧୯୯୬ଠାରୁ ପ୍ରଥମେ ଗର୍ଜନବାହାଲ -ବସୁନ୍ଧରା କୋଇଲା ଖଣିରୁ କୋଇଲା ଉତ୍ତୋଳନ ଆରମ୍ଭ ହେଲା। ପରେ ପର୍ଯ୍ୟାୟକ୍ରମେ କୁଲଡା ଓ ଅନ୍ୟାନ୍ୟ କୋଇଲା ଖଣିରୁ କୋଇଲା ଉତ୍ତୋଳନ କାର୍ଯ୍ୟ ଆରମ୍ଭ ହୋଇଛି। କୋଇଲାଖଣି ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀଙ୍କୁ ବିସ୍ଥାପିତ କରି କ୍ଷତିପୂରଣ ଓ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ଗୋପାଳପୁର କାଲୋପଡାର ମାଥିୟାସ ଓରାମଙ୍କ ଜମି ଅଧିଗ୍ରହଣ ସମ୍ପର୍କିତ ଏକ ମାମଲା ସୁପ୍ରିମକୋର୍ଟରେ ବିଚାର ଚାଲିଥିବାବେଳେ ଦୀର୍ଘବର୍ଷ ଧରି ଜମି ଅଧିଗ୍ରହଣ ପ୍ରକ୍ରିୟା ସ୍ଥଗିତ ରହିଥିଲା। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପରେ ସମ୍ପୃକ୍ତ ଅଞ୍ଚଳରେ ଜମି ଅଧିଗ୍ରହଣ ସକାଶେ ୨୦୧୦ମସିହାରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ଏକ ସ୍ୱତନ୍ତ୍ର କ୍ଲେମସ୍ କମିଶନ ଗଠିତ ହେଲା। ଏହି କମିଶନ ୬ମାସ ମଧ୍ୟରେ ବିସ୍ଥାପିତଙ୍କ ସମସ୍ୟାର ସମାଧାନ କରି ଜମି ଅଧିଗ୍ରହଣ କରିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଦୀର୍ଘ ୯ବର୍ଷ ପରେ ମଧ୍ୟ ବିସ୍ଥାପିତ ହେବାକୁ ଥିବା ୧୪ଖଣ୍ଡ ଗ୍ରାମ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ତୁମୁଲିଆ, ରତନସରା, କିରପସିରା, ଝୁପୁରୁଙ୍ଗା ଆଦି ଗ୍ରାମର ବିସ୍ଥାପିତଙ୍କ ଜମି ଅଧିଗ୍ରହଣ ବିଳମ୍ବ ହେଉଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଅଝିଅଙ୍କ ଉଚ୍ଚଶିକ୍ଷା, ବିବାହ କିମ୍ବା ଅନ୍ୟାନ୍ୟ କୌଣସି ଦୁରାରୋଗ୍ୟ ବ୍ୟାଧିର ଚିକିତ୍ସା ପାଇଁ ଅର୍ଥ ଅଭାବରୁ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମି କିଣାବିକା ଉପରେ ରହିତାଦେଶ ଯୋଗୁ କୌଣସି ବ୍ୟାଙ୍କରୁ ଋଣ କିମ୍ବା ଜମି ବିକ୍ରି କରିପାରୁ ନାହାନ୍ତି। ଏପଟେ ଅଧିଗ୍ରହଣ ହେବାକୁ ଥିବା ଜମିର କ୍ଷତିପୂରଣ ଓ ନିଯୁକ୍ତି ପାଇବା ପାଇଁ ଆଶାବାନ୍ଧି ବିସ୍ଥାପିତଙ୍କ ଦିନ ସରିଯାଉଛି। ପରିବାରରେ ଥିବା ଶିକ୍ଷିତ ବେକାର ପୁଅ ଝିଅଙ୍କ ନିଯୁକ୍ତି ପାଇଁ ମଧ୍ୟ ବୟସ ଅତିକ୍ରାନ୍ତ ହେବାରେ ଲାଗିଛି। ଏଭଳି ସ୍ଥିତିରେ ନିଜର ପରିବାରର ଜରୁରୀ ଆବଶ୍ୟକତା ପାଇଁ କ୍ଷତିପୂରଣ ପାଇବା ଆଶାରେ ବିସ୍ଥାପିତ ଲୋକେ ୨ଗୁଣା ଚଢା ସୁଧରେ ନିଜ ଜମିକୁ ସାହୁକାର ହାତରେ ବନ୍ଧା ଦେଇ ଟଙ୍କା ଋଣ ଆଣୁଛନ୍ତି। ବିସ୍ଥାପିତଙ୍କ ଏଭଳି ପରିସ୍ଥିତିର ସୁଯୋଗ ଅଞ୍ଚଳର ସାହୁକାର ଓ ଜମି ମାଫିଆମାନେ ହାତଛଡା କରିବାକୁ ପଛାଉନାହାନ୍ତି। ଜଣେ ବିସ୍ଥାପିତ ପରିବାରଙ୍କଠାରୁ ସାହୁକାର ଓ ଜମି ମାଫିଆମାନେ ରାଜିନାମା ଜରିଆରେ ଏକର ପ୍ରତି ୫ଲକ୍ଷ ଟଙ୍କା ଲେଖାଏଁ ଋଣ ଦେଉଛନ୍ତି। ରାଜିନାମା ମୁତାବକ ପରବର୍ତ୍ତୀ ସମୟରେ ବିସ୍ଥାପିତ ପରିବାର ଏକବର୍ଷ ମଧ୍ୟରେ ଋଣ ଟଙ୍କା ପରିଶୋଧ କରି ନ ପାରିଲେ ବନ୍ଧକ ଥିବା ଜମିର କ୍ଷତିପୂରଣ ବାବଦକୁ ଏକର ପ୍ରତି ୨୦ରୁ ୨୫ଲକ୍ଷ ଟଙ୍କା ସମ୍ପୃକ୍ତ ସାହୁକାର ଓ ଜମି ମାଫିଆମାନେ ନେବେ। ବିଭିନ୍ନ କାରଣରୁ ଏଭଳି ସ୍ଥିତିରେ ଜମି ଅଧିଗ୍ରହଣ ପାଇଁ ସର୍ଭେ କାର୍ଯ୍ୟ ଓ କ୍ଲେମସ କମିଶନଙ୍କ ଶୁଣାଣି ବିଳମ୍ବର ସୁଯୋଗ ନେଇ ସାହୁକାର ଓ ଜମି ମାଫିଆମାନେ ସକ୍ରିୟ ହୋଇ ବିସ୍ଥାପିତଙ୍କ ଜମି କ୍ଷତିପୂରଣ ଅର୍ଥ ହଡପ ପାଇଁ ବେଶ୍ ସକ୍ରିୟ ହୋଇଉଠିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ବିସ୍ଥାପିତଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ନିଯୁକ୍ତି ଦିଗରେ ପଦକ୍ଷେପ ନେବାର ଜରୁରୀ ଆବଶ୍ୟକତା ହୋଇପଡ଼ିଛି।

– ଜୟନାରାୟଣ ମେଣ୍ଡୁଲି

---

■ ହଳଦୀ ଗାଁରେ ବାଘ ପରେ ଭାଲୁ ଆତଙ୍କ

### ଆକ୍ରମଣରେ ଦମ୍ପତି ଗୁରୁତର

**ନୂଆପଡ଼ା ଅଫିସ,୧୦।୬:** ନୂଆପଡ଼ା ଜିଲା ସଦର ବ୍ଲକ ହଳଦୀ ଗାଁରେ ମା'କୋଳରୁ ଶିଶୁଙ୍କୁ ବାଘ ଟେକି ନେଇ ଖାଇଦେବା ଘଟଣା ମନରୁ ଲିଭି ନ ଥିବାବେଳେ ସେହି ଗାଁରେ ଏବେ ଭାଲୁ ଆତଙ୍କ ଖେଳାଇଛି । ସୋମବାର ପୂର୍ବାହ୍ନରେ ଏକ ଭାଲୁ ଘରବାଡିକୁ ଆସି ଦମ୍ପତିଙ୍କୁ ଆକ୍ରମଣ କରିବାରୁ ସେମାନେ ଗୁରୁତର ହୋଇଛନ୍ତି । ଆହତମାନେ ହେଲେ ଛବିଲାଲ ପାଣ୍ଡେ (୫୦) ଏବଂ ତାଙ୍କ ସ୍ତ୍ରୀ ଭାଗାବାଈ (୪୫)। ଉଭୟଙ୍କୁ ପ୍ରଥମେ ନୂଆପଡା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ହଳଦୀ ଗାଁର ନୁଆଁଡିହି ଉପରପଡାର ଛବିଲାଲ ସ୍ତ୍ରୀଙ୍କ ସହ ନିଜ ବାଡିରେ କାମ କରୁଥିଲେ। ଏହି ସମୟରେ ନିକଟସ୍ଥ ବୁଦା ଜଙ୍ଗଲରୁ ଏକ ଭାଲୁ ଆସି ଆକ୍ରମଣ କରିଥିଲା। ପ୍ରଥମେ ଭାଲୁଟି ସ୍ତ୍ରୀ ଭାଗାବାଈଙ୍କୁ ଆକ୍ରମଣ କରିଥିଲା। ଏହା ଦେଖି ଛବିଲାଲ ଛଡାଇବାକୁ ଉଦ୍ୟମ କରିବା ବେଳେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା।

---

# କଲବଲ କରୁଛି ଗରମ, ଗୁଳୁଗୁଳି

■ ୪୦ ଡିଗ୍ରୀ ଉପରେ ୧୧ ସହର
■ ହୀରାକୁଦରେ ସର୍ବାଧିକ ପାରଦ ୪୪.୮ ଡିଗ୍ରୀ
■ ୧୧ ଜିଲାରେ ଝଡ଼ବର୍ଷା ସମ୍ଭାବନା



**ଭୁବନେଶ୍ୱର,୧୦।୬(ବ୍ୟୁରୋ)**

ମୌସୁମୀ କେରଳ ଛୁଇଁ ସାରିଛି। ଓଡ଼ିଶାକୁ କେବେ ସୁଦ୍ଧା ମୌସୁମୀ ଆସିବ ସେ ନେଇ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ରାଜ୍ୟରେ ଲେଉଟିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପରିବେଶକୁ ଉତ୍ତପ୍ତ କରିଦେଇଛି। ସାରା ରାଜ୍ୟ ଗରମ ଓ ଗୁଳୁଗୁଳିରେ କଲବଲ ହେଉଛି । ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମଣିଷଠାରୁ ଆରମ୍ଭକରି ପଶୁପକ୍ଷୀ ପ୍ରବଳ ଗ୍ରୀଷ୍ମରେ ଆଉଟପାଉଟ ହେଉଛନ୍ତି। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ଭୟଙ୍କର ଗ୍ରୀଷ୍ମ ଲହରି ଜାରି ରହିଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ଗୁଳୁଗୁଳିରେ ଅଣନିଃଶ୍ୱାସୀ ହେଲାଣି। ଆକାଶ ମେଘ ବାଦଲରେ ଘୋଡ଼ାଇ ରହୁଥିଲେ ମଧ ଗରମରୁ ମୁକ୍ତି ମିଳୁନାହିଁ । ଉପକୂଳବର୍ତ୍ତୀ ସହରଗୁଡ଼ିକରେ ତାପମାତ୍ରା ୪୦ ଡିଗ୍ରୀ ତଳେ ରହୁଥିଲେ ମଧ ବାୟୁମଣ୍ଡଳର ଆର୍ଦ୍ରତା ୮୦ରୁ ୯୦ ପ୍ରତିଶତ ରହୁଛି। ଆକାଶ ମେଘୁଆ ରହୁଥିବାରୁ ଭୂପୃଷ୍ଠରୁ ବିକିରଣ ହେଉଥିବା ତତଲା ବାୟୁ ବାଦଲକୁ ଭେଦକରି ଯାଇପାରୁ ନାହିଁ। ଫଳରେ ପରିବେଶ ଉତ୍ତପ୍ତ ସାଙ୍ଗକୁ ଗୁଳୁଗୁଳି ଅସହ୍ୟ ହେଉଛି। ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ୪୪ ଡିଗ୍ରୀ ସେଲସିୟସ ଉପରକୁ ଉଠିଯାଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ରାଜ୍ୟର ୧୧ଟି ସହରରେ ତାତି ୪୦ ଡିଗ୍ରୀ ସେଲସିୟସ ଉପରକୁ ଉଠିଯାଇଛି। ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୪୪.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୩.୨, ଅନୁଗୋଳ ୪୧.୧, ସୁନ୍ଦରଗଡ଼ ୪୦, ହୀରାକୁଦ ୪୪.୮, ତାଳଚେର ୪୦.୫, ଭବାନୀପାଟଣା ୪୦.୨, ବଲାଙ୍ଗୀର ୪୨.୫, ଫୁଲବାଣୀ ୪୦.୪, ଟିଟିଲାଗଡ଼ ୪୩.୬ ଏବଂ ସୋନପୁରର ସର୍ବୋଚ୍ଚ ତାପମାତ୍ରା ୧୧.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏଭଳି ପାଗ ଆସନ୍ତା ୧୫ ତାରିଖ ଯାଏ ଜାରି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳବର୍ତ୍ତୀ ଜିଲା ସମେତ ମାଲକାନଗିରି, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ପୁରୀ, ସୁନ୍ଦରଗଡ଼, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। କୋରାପୁଟ, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ସୁନ୍ଦରଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି।


# CLASSIFIED DISPLAY

**ADMISSION OPEN**
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
Estd.2000
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ

ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାମୀ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି ?
9810599425 9971793786

**ଛାତ୍ର ଛାତ୍ରୀ ଆବଶ୍ୟକ**
(ସରକାର ସ୍ୱୀକୃତୀପ୍ରାପ୍ତ)
କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ବହୁ ସଂଖ୍ୟକ ଆର୍.ଆଇ, ଅମିନ, ଡ୍ରାଫ୍ଟମ୍ୟାନ, ଟ୍ରେସର୍ ଏବଂ ଚେନମ୍ୟାନ୍ ଆବଶ୍ୟକ ହେଉଥିବାରୁ ୧୦ମରୁ ଉର୍ଦ୍ଧ ପ୍ରାର୍ଥୀଙ୍କୁ ୪୫ ଦିନ ମଧ୍ୟରେ ପ୍ରାକ୍ଟିକାଲ୍ ଟ୍ରେନିଂ ଦିଆଯିବ । ଟ୍ରେନିଂ ପରେ ଯୋଗ୍ୟତା ଅନୁଯାୟୀ ଚାକିରୀ କରିପାରିବେ । ଇଚ୍ଛୁକ ପ୍ରାର୍ଥୀମାନେ ନିଜର ଫୋନ୍ ନଂ, ଠିକଣା, ଫଟୋ ଓ ସାର୍ଟିଫିକେଟ୍‌ର ଜେରକ୍ସ କପି ସହିତ ୧୦ ଟଙ୍କାର ଡାକ ଟିକେଟ୍ ଖାମ ଭିତରେ ରଖି ୧୫ ଦିନ ମଧ୍ୟରେ ଡାକ ଦ୍ୱାରା ଆବେଦନ କରନ୍ତୁ ।
Email : indaianlearningedu@gmail.com
ଅଟୋକାର୍ଡ ଟ୍ରେନିଂ ଦିଆଯାଏ
Contact.: 7504641993, 6371011167, 0674-2721969
Secretary I.T.I, Chandralok Market, S.C. R/A
Niladri Vihar, Bhubaneswar - 751021

**MORE SPACE • SAME PRICE**
CLASSIFIED DISPLAY
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ । କାରଣ, ଭଗବାନ ଆମକୁ ସବଳ ବାହୁଯୁଗଳ ଦେଇଛନ୍ତି । ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ– ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା । –ଶ୍ରୀମା

# କଠୁଆ: ଦଣ୍ଡ ନୁହେଁ, କ୍ଷମା

ବହୁଚର୍ଚ୍ଚିତ କଠୁଆ ବଳାତ୍କାର ଓ ହତ୍ୟା ମାମଲାର ରାୟ ୧୦ ଜୁନ୍ ୨୦୧୯ରେ ପ୍ରକାଶ ପାଇଛି । ୭ ଅଭିଯୁକ୍ତଙ୍କ ମଧ୍ୟରୁ ୬ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ସେଥିମଧ୍ୟରୁ ୩ ଜଣଙ୍କୁ ଆଜୀବନ ଜେଲଦଣ୍ଡ ଦିଆଯାଇଥିବା ବେଳେ ଅନ୍ୟ ୩ ଜଣଙ୍କୁ ୫ ବର୍ଷ କାରାଦଣ୍ଡ ଦିଆଯାଇଛି । ସଂଖ୍ୟାଲଘୁ ବର୍ଗର ଯାଯାବର ଗୋଷ୍ଠୀର ୮ ବର୍ଷୀୟା ନାବାଳିକାଙ୍କୁ ଜମ୍ମୁ ଓ କଶ୍ମୀରର କାଠୁଆଠାରେ ୨୦୧୮ ଜାନୁୟାରୀରେ ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା । ସମ୍ବେଦନଶୀଳ ବିଷୟ ହେଉଛି ଯେ, ଏକ ମନ୍ଦିର ପରିସରରେ ହୋଇଥିବା ବଳାତ୍କାର ଘଟଣାରେ ପୂଜକ ସମ୍ପୃକ୍ତ ଥିଲେ । ସେତେବେଳେ ଏହାକୁ ନେଇ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ତଦନ୍ତ ପ୍ରକ୍ରିୟାରେ ତ୍ରୁଟି ଥିବା ବିଷୟ ଆଡ୍‌ଭୋକେଟ ମୋନିକା ଆରୋରା ଇଙ୍ଗିତ କରିଥିଲେ । ତେବେ ଫାଷ୍ଟ ଟ୍ରାକ୍ କୋର୍ଟରେ ବିଚାର ଲାଗି ମାମଲାକୁ ସୁପ୍ରିମକୋର୍ଟ ଜମ୍ମୁ ଓ କଶ୍ମୀରରୁ ପଞ୍ଜାବର ପଠାନ୍‌କୋର୍ଟକୁ ସ୍ଥାନାନ୍ତର କରିଥିଲେ ।

ଏଭଳି ବର୍ବର କାଣ୍ଡ ଘଟାଇଥିବା ଦୋଷୀଙ୍କୁ କେବଳ ଆଜୀବନ ଜେଲଦଣ୍ଡ ଯଥେଷ୍ଟ ନୁହେଁ ବୋଲି ଆମେ ଭାବୁଛୁ । ଜଘନ୍ୟ କାଣ୍ଡ ଘଟାଇଥିବା ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଭଳି କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ । ଏଠାରେ ଦୋଷୀର ବର୍ଗ କିମ୍ବା ଧର୍ମ ବିଚାରକୁ ଆସିବା ଅନୁଚିତ । ଆଠ ବର୍ଷର କୁନି ପିଲାକୁ ଗଣବଳାତ୍କାର ଓ ହତ୍ୟା କୌଣସି ଶିକ୍ଷିତ ସମାଜ ଦ୍ୱାରା କ୍ଷମା କରାଯାଇପାରିବ ବୋଲି ଚିନ୍ତା କରାଯିବା କଷ୍ଟକର । ଉଲ୍ଲେଖଯୋଗ୍ୟ ଯେ, କଠୁଆ ଘଟଣାରେ ମୁସଲମାନ ନାବାଳିକାଙ୍କୁ ହିନ୍ଦୁ ପୂଜକ ଓ ତାଙ୍କ ସହଯୋଗୀମାନେ ଗଣବଳାତ୍କାର କରିଥିବା ପ୍ରସଙ୍ଗକୁ ନେଇ ସେତେବେଳେ ଢେର ରାଜନୀତି ହୋଇଥିଲା । ଉକ୍ତ ଘଟଣାକୁ ମାମୁଲି ଆଖ୍ୟା ଦିଆଯିବା ସହ ଅଭିଯୁକ୍ତଙ୍କ ସପକ୍ଷରେ ଏକ ଶୋଭାଯାତ୍ରାରେ ଜମ୍ମୁ ଓ କଶ୍ମୀରର ତତ୍କାଳୀନ ସରକାରରେ ଥିବା ଦୁଇ ମନ୍ତ୍ରୀ ଯୋଗଦେବା ଘଟଣାକୁ ସବୁଆଡୁ ନିନ୍ଦା କରାଯାଇଥିଲା । ପରେ ମନ୍ତ୍ରୀ ଥିବା ଦୁଇ ଭାଜପା ନେତା ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ । ଧର୍ମକୁ ନେଇ ରାଜନୀତି ସର୍ବୋଚ୍ଚରେ ପହଞ୍ଚିଥିବା ବେଳେ ଶିଶୁମାନଙ୍କୁ ମଧ୍ୟ ବିଭାଗୀକରଣ କରାଯିବାକୁ ଅନେକେ ପଛାଉ ନାହାନ୍ତି । ଏହି ପରିପ୍ରେକ୍ଷୀରେ ଉତ୍ତରପ୍ରଦେଶର ଆଲିଗଡ଼ରେ ନିକଟରେ ଘଟିଥିବା ଘଟଣାକୁ ଦେଖିଲେ ମଣିଷ କେତେ ଅସୁର ପାଲଟିଯାଇପାରେ ତା'ର ନମୁନା ମିଳିଛି । ପିତା ଧାର କରି ଆଣିଥିବା ଅର୍ଥ ପଇଠ ନ କରିପାରିବାରୁ ଅଢ଼େଇ ବର୍ଷର ଝିଅକୁ ଯୌନ ନିର୍ଯାତନା ଦିଆଯିବା ପରେ ତଣ୍ଟିଚିପି ନିର୍ମମ ଭାବେ ହତ୍ୟା କରାଯାଇଛି । ଏହି କ୍ଷେତ୍ରରେ ପୀଡ଼ିତାଙ୍କ ପରିବାର ଓ ଅଭିଯୁକ୍ତ ଉଭୟେ ମୁସଲମାନ । ଏଥିରୁ ବୁଝିବାକୁ ହେବ ଯେ, ଅପରାଧୀ କୌଣସି ଧର୍ମରେ ସୀମିତ ନୁହେଁ । ଏହି ଘଟଣାକୁ ନେଇ ଜାତୀୟ ସ୍ତରରେ ବିକ୍ଷୋଭ କରାଯିବା ପରେ ମଧ୍ୟ ଉତ୍ତରପ୍ରଦେଶର ହମିରପୁର ଓ ମଧ୍ୟପ୍ରଦେଶର ଭୋପାଳରେ ଦୁଇ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି ।

ଏ ଦେଶରେ ପୋଲିସ ଓ ନ୍ୟାୟ ବ୍ୟବସ୍ଥା ମାମଲା ଗଡ଼େଇବାରେ ଅହେତୁକ ବିଳମ୍ବ କରୁଛନ୍ତି । ଶିଶୁ ଅପହରଣ ଓ ଯୌନ ପୀଡ଼ନ ଭଳି ସାଂଘାତିକ ଘଟଣାକୁ ଗୁରୁତ୍ୱର ସହ ବିଚାର କରାଯିବା ଦରକାର । ଏ ନେଇ ଅନେକ କଡ଼ା ଆଇନ ପ୍ରଣୟନ କରାଯାଉଥିଲେ ମଧ୍ୟ ସେଗୁଡ଼ିକୁ କେହି ଠିକ୍ ଭାବେ କାର୍ଯ୍ୟକାରୀ କରୁନାହାନ୍ତି । କାରଣ ଥାନା ସ୍ତରରେ ପୋଲିସ ଘଟଣାକୁ ଯେଭଳି ଗୁରୁତ୍ୱ ଦେବା କଥା ଦେଉ ନାହିଁ । ଯେଉଁ ଘଟଣାରୁ କଞ୍ଚା ଅର୍ଥ ମିଳିବ ବୋଲି ଅଧିକାଂଶ ପୋଲିସ ହୃଦ୍‌ବୋଧ କରୁଛନ୍ତି, ସେଭଳି ସ୍ଥଳେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଛି । ନ ହେଲେ କାର୍ଯ୍ୟ ମନ୍ଥର ଗତିରେ ଯିବା ସ୍ୱାଭାବିକ । ଅଧିକାଂଶ କ୍ଷେତ୍ରରେ ପୋଲିସ ଓ ନ୍ୟାୟ ବ୍ୟବସ୍ଥା ମଧ୍ୟରେ ସଲାସୁତରା ହେଉଛି । ଯେହେତୁ ମାମଲା ଦୀର୍ଘବର୍ଷ ଗଡ଼ି ଚାଲୁଛି, ଅପରାଧୀମାନେ ଗୋଟିଏ ପରେ ଗୋଟିଏ ଅପକର୍ମ କରିଚାଲୁଛନ୍ତି ।

ରାଜନୈତିକ ନେତୃତ୍ୱ ଓ ବିଭିନ୍ନ ସାମାଜିକ ସଙ୍ଗଠନ ସହଜରେ ବିପଦରେ ପଡ଼ିପାରୁଥିବା ଶିଶୁ ଓ ମହିଳାମାନଙ୍କ ସୁରକ୍ଷା ଦିଗରେ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ବଡ଼ ପାଟିରେ କହିଚାଲୁଛନ୍ତି । କୌଣସି ଅସ୍ୱାଭାବିକ ଘଟଣା ଘଟିଲେ ତାହାର ପ୍ରତିବାଦ ସ୍ୱରୂପ ବିକ୍ଷୋଭ ଓ ଶୋଭାଯାତ୍ରା ଆୟୋଜିତ ହେଉଛି । ବାସ୍ତବ ଦୃଷ୍ଟିରୁ ଦେଖିଲେ ଯେଉଁଠାରେ ମାମଲାକୁ ତ୍ୱରାନ୍ୱିତ କରାଯାଇ ଶୀଘ୍ର ଦଣ୍ଡ ଦେବାର ବ୍ୟବସ୍ଥା କରାଯାଇପାରନ୍ତା, ତାହା କେବେହେଲେ ତଦାରଖ କରାଯାଉନାହିଁ । ତେଣୁ ଆଜିର ଭାରତରେ ସବୁ କ୍ଷେତ୍ରରେ ଏକ ଦୃଢ଼ ଚାପ ଗୋଷ୍ଠୀର ଆବଶ୍ୟକତା ଜରୁରୀ ହୋଇପଡ଼ିଲାଣି । ଏହିଭଳି ଗୋଷ୍ଠୀ ଉପସ୍ଥିତ ଥିଲେ ନ୍ୟାୟ ମିଳିବାର ଆଶା ରଖାଯାଇପାରୁଛି । ନଚେତ୍ ସବୁ ମାମଲା ଏପାଖସେପାଖ ହୋଇ ଅଳିଆଗଦାରେ ପଡ଼ିରହୁଛି । ଏଠାରେ ଗଣମାଧ୍ୟମକୁ ପ୍ରଶଂସା କରାଯାଇପାରିବ ଯେ, ଏଭଳି ସମ୍ବେଦନଶୀଳ ଘଟଣାକୁ ଲୋକଲୋଚନକୁ ଅଣାଯାଉଛି । କିନ୍ତୁ ଗଣମାଧ୍ୟମ ଦ୍ୱାରା ଦଣ୍ଡ ଦିଆଯାଇପାରିବ ନାହିଁ । ସେଥିପାଇଁ ପୋଲିସ ଏବଂ ଅଦାଲତର କାର୍ଯ୍ୟଦକ୍ଷତା ଗୁରୁତ୍ୱ ରଖିଥାଏ । ସାଧାରଣରେ ତାହା ହେଉ ନ ଥିବା ପରିଲକ୍ଷିତ ହେଉଛି । କଠୁଆ ଭଳି ଉଦାହରଣ ଦେଖିଲେ ଦଣ୍ଡର ପରିମାଣ ଏକ ପ୍ରକାର କ୍ଷମା ଭଳି ପ୍ରତୀୟମାନ ହେଉଛି ।

## ଚିରନ୍ତନୀ

ସବୁଠାରୁ ବଡ଼ ସେହି ଲଢ଼େଇର ଡାକ
ରୁଷିଆ–ଭାରତ ବହୁଦେଶ ଘେରି ଉଠିଛି ଦୁନିଆଯାକ ?
ସାମ୍ରାଜ୍ୟବାଦ ଶିଖା
ସେ ଡାକେ ପଡିଛି ଫିକା ।

(ଅଗଣିତ ଆଗୁଆନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | | | | | | | 7 | 0 | | 2 | C | |
| | | 8 | A | 6 | | | 2 | | | | | | | 5 |
| A | | 6 | C | | | | 5 | | 3 | E | | | 7 | D |
| | | 0 | | | | | B | | | | | | 8 | E |
| | | | | 1 | | 7 | D | | 8 | | 4 | B | | |
| | | | 1 | | E | 8 | 6 | | | | | | | C |
| | 8 | | 3 | | | | | E | | | 6 | 1 | | |
| E | 6 | | | | C | A | | B | 0 | 4 | D | | 3 | |
| | | | | | 8 | D | | C | | | 7 | 0 | | A |
| 4 | | | | | | 3 | | 0 | | | | | | |
| | 9 | E | | 4 | | | | | | 5 | 0 | | | |
| 7 | B | | | 3 | 1 | | | | A | 2 | 9 | | 4 | |
| | | | | B | 7 | | | 6 | C | | 3 | | | |
| 0 | | | 9 | | | | | | | | | 5 | | 2 |
| 3 | 2 | | | | | | | | | | | | E | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 5 | 8 | 9 | 4 | 3 | 1 | 6 | 0 | 2 | C | A | 7 | B | D |
| 6 | 7 | 4 | C | 0 | D | A | 2 | 9 | 5 | B | 3 | 1 | 8 | E |
| 3 | 0 | 1 | 6 | 2 | B | E | 7 | D | 8 | 4 | 9 | A | C | 5 |
| C | A | B | 7 | 5 | 1 | 4 | 3 | 8 | E | D | 6 | 9 | 0 | 2 |
| 9 | 2 | D | 8 | A | E | 5 | C | B | 7 | 1 | 0 | 6 | 4 | 3 |
| 8 | C | 2 | 0 | 3 | 9 | B | A | 4 | 1 | E | D | 5 | 6 | 7 |
| A | 3 | 7 | 5 | 6 | C | D | E | 2 | 9 | 0 | 4 | 8 | 1 | B |
| 5 | 6 | 9 | E | D | 4 | 8 | 1 | 3 | A | 7 | B | C | 2 | 0 |
| 1 | B | E | A | 7 | 2 | 0 | 9 | C | 6 | 8 | 5 | 3 | D | 4 |
| 4 | D | 0 | 1 | B | 8 | 7 | 5 | 6 | 3 | 2 | C | E | A | 9 |
| 7 | 9 | 6 | D | C | A | 2 | 0 | E | 4 | 5 | 1 | B | 3 | 8 |
| D | E | A | B | 8 | 5 | 3 | 4 | 7 | C | 6 | 2 | 0 | 9 | 1 |
| 0 | 8 | 3 | 2 | 1 | 6 | C | D | 5 | B | 9 | E | 4 | 7 | A |
| B | 4 | C | 3 | E | 0 | 9 | 8 | 1 | D | A | 7 | 2 | 5 | 6 |
| 2 | 1 | 5 | 4 | 9 | 7 | 6 | B | A | 0 | 3 | 8 | D | E | C |

ଗତକାଲିର ଉତ୍ତର

# ମନ୍ତ୍ରୀ ନା ସଚିବ, କିଏ ଚଳାଉଛି ସରକାର



ସହଦେବ ସାହୁ

ପ୍ରତି ମାସ ୭ ତାରିଖରେ ମନ୍ତ୍ରୀମାନେ ସେମାନଙ୍କ କାର୍ଯ୍ୟ ସମ୍ପାଦନ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କୁ ଦେବେ ଶୁଣି ପାଠକମାନେ ଭାବୁଥିବେ ଆମ ମୁଖ୍ୟମନ୍ତ୍ରୀ କ'ଣ ମନ୍ତ୍ରୀମାନଙ୍କୁ ପାଠ ପଢେଇବେ ନା କ'ଣ ? ପାଠକମାନେ ବୋଧହୁଏ ଜାଣି ନ ଥିବେ ଯେ ପ୍ରତି ମାସ ପହିଲା ଓ ଷୋଳ ତାରିଖରେ ମୁଖ୍ୟ ଶାସନ ସଚିବ ସବୁ ସଚିବଙ୍କ ସହ ପନ୍ଦର ଦିନର ହିସାବ ନିଅନ୍ତି (ସେ ତାରିଖଟି ଛୁଟି ପଡିଗଲେ ପରଦିନ ଏ ମିଟିଂ ହୁଏ) । ଅନେକେ ବି କହିହୁଅନ୍ତି ମନ୍ତ୍ରୀମାନେ ସଚିବଙ୍କ କଥାରେ ଚାଲିଛନ୍ତି । ସେମାନେ ବୁଝନ୍ତି ନାହିଁ ପ୍ରତି କାମ ପଛରେ ନିୟମ ରହିଛି ଏବଂ ନିୟମ ଦେଖାଇବା କାମ ସଚିବମାନଙ୍କର । ସେମାନେ ଜାଣିବା କଥା ଯେ ବାବୁମାନଙ୍କ ପାଖରେ ନଥି ରହିଗଲେ ମନ୍ତ୍ରୀମାନେ ମଗାଇନେବେ, ମନ୍ତ୍ରୀଙ୍କ ପାଖରେ ନଥି ରହିଗଲେ ମୁଖ୍ୟମନ୍ତ୍ରୀ ମଗାଇନେବେ– ଏ ତ ଚିରାଚରିତ ପ୍ରଥା । କିନ୍ତୁ ନଥି ରହିଯାଇଛି ବୋଲି ଜାଣିବେ କିପରି ? କାର୍ଯ୍ୟ ସମ୍ପାଦନର ସମୀକ୍ଷାରୁ ଜାଣିହୁଏ– ତାହା ମାସିକ ହେଉ ବା ପାକ୍ଷିକ । କାହାରି ପାଖରେ ନଥି ପଡି ରହିବା, ନାଗରିକର ଅଭିଯୋଗ ଶୁଣିବାରେ ଡେରି ହେବା ବକେୟା କାମର ସମୀକ୍ଷାରୁ ଜାଣିହୁଏ । ମନ୍ତ୍ରୀମାନେ ସେମାନଙ୍କ କାମ ନ କରି ଅନ୍ୟଥିରେ ବେଶି ବ୍ୟସ୍ତ ରହନ୍ତି ବୋଲି ସମସ୍ତେ ଜାଣନ୍ତି । କେବଳ ପ୍ରଧାନମନ୍ତ୍ରୀ କେନ୍ଦ୍ରରେ ଓ ମୁଖ୍ୟମନ୍ତ୍ରୀ ଓଡିଶାରେ ମନ୍ତ୍ରୀମାନଙ୍କ କାମର ସମୀକ୍ଷା କରୁଛନ୍ତି । ଅନ୍ୟତ୍ର କେବଳ କ୍ୟାବିନେଟ ବୈଠକରେ କାଁ ଭାଁ ମନ୍ତ୍ରୀମାନଙ୍କ କାମର ସମୀକ୍ଷା ହୁଏ । ହେଲେ ମନ୍ତ୍ରୀମାନେ ଅଫିସରଙ୍କୁ ଦୋଷ ଦିଅନ୍ତି ଏବଂ ଲୋକେ ବି ଗ୍ରହଣ କରିନିଅନ୍ତି । କାରଣ ଅନେକେ ଜାଣନ୍ତି ନାହିଁ ଯେ ମନ୍ତ୍ରୀ ବି ଜଣେ ଏକ୍‌ଜିକ୍ୟୁଟିଭ୍ ।

ଆମ ସମ୍ବିଧାନରେ କେନ୍ଦ୍ରରେ ଯେପରି, ରାଜ୍ୟରେ ସେହିପରି ତ୍ରିସ୍ତରୀୟ ଢାଞ୍ଚାର ଗଣତନ୍ତ୍ର– ଲେଜିସ୍‌ଲେଚର୍, ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି (ବିଧାନ ପ୍ରଣୟନକାରୀ, ସରକାର ଚାଳନାକାରୀ ଓ ନ୍ୟାୟାଳୟ) । ସମ୍ବିଧାନର ଧାରା ୫୨ ଓ ୫୩ ଅନୁଯାୟୀ ଦେଶରେ ଜଣେ ରାଷ୍ଟ୍ରପତି ରହିବେ ଓ ତାଙ୍କଠାରେ ଦେଶର ଏକ୍‌ଜିକ୍ୟୁଟିଭ୍ ପାୱାର କେନ୍ଦ୍ରୀଭୂତ ହେବ ; କିନ୍ତୁ ସେ ୭୪ ଧାରା ଅନୁସାରେ ଏକଲା କାମ କରିପାରିବେ ନାହିଁ, ସବୁବେଳେ ଗୋଟିଏ ମନ୍ତ୍ରିପରିଷଦର ପରାମର୍ଶ ଓ ସାହାଯ୍ୟରେ କାମ କରିବେ । ତେଣୁ ଆମ ବ୍ୟବସ୍ଥାକୁ କ୍ୟାବିନେଟ୍ ବ୍ୟବସ୍ଥାର ଗଣତନ୍ତ୍ର କୁହାଯାଏ । ଧାରା ୧୬୩ ଅନୁସାରେ ପ୍ରତି ପ୍ରଦେଶରେ ରାଜ୍ୟପାଳ ଓ ମନ୍ତ୍ରିପରିଷଦ ତଦନୁରୂପ କାମ କରିବେ । କେନ୍ଦ୍ରରେ ୭୭ ଓ ୭୮ ଧାରା ଭଳି ରାଜ୍ୟରେ ୧୬୬ ଓ ୧୬୭ ଧାରା ହେଉଛି 'କଣ୍ଡକ୍ଟ ଅଫ୍ ଗଭର୍ନମେଣ୍ଟ ବିଜ୍‌ନେସ୍', ସରକାରୀ କାମ କିପରି ହେବ । ତେଣୁ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ମାସିକ ସମୀକ୍ଷା କରିବା ଏକ ପ୍ରଶାସନିକ ବା ଏକ୍‌ଜିକ୍ୟୁଟିଭ୍ କାମ ।

ଯେତେବେଳେ ପ୍ରଧାନମନ୍ତ୍ରୀଙ୍କ କଥାରେ ରାଷ୍ଟ୍ରପତି ବା ମୁଖ୍ୟମନ୍ତ୍ରୀଙ୍କ କଥାରେ ରାଜ୍ୟପାଳ ସରକାର ଭାଙ୍ଗନ୍ତି, ସେତେବେଳେ ପ୍ରଧାନମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ପ୍ରଶାସକ ହିସାବରେ ଗଣାଯାଆନ୍ତି । ପ୍ରଶାସନର ମୁଖ୍ୟ ହିସାବରେ ରାଷ୍ଟ୍ରପତି ମଧ୍ୟ ଲେଜିସ୍‌ଲେଚର୍‌ର ସଂଖ୍ୟାଗରିଷ୍ଠ ଦଳର ମୁଖ୍ୟଙ୍କୁ ତାଙ୍କର ସମୟ ପୂରିଗଲେ ବରଖାସ୍ତ କରିପାରନ୍ତି ; ସେ ପ୍ରକାରର ଏକ୍‌ଜିକ୍ୟୁଟିଭ୍ କାମରେ ସେ ଲୋକ ସଭାକୁ (ରାଜ୍ୟରେ ରାଜ୍ୟପାଳ ରାଜ୍ୟର ବିଧାନସଭାକୁ) ଭାଙ୍ଗି ଦେଇପାରନ୍ତି । ପ୍ରଶାସନର ମୁଖ୍ୟ ନିର୍ବାଚିତ ଲୋକପ୍ରତିନିଧିମାନଙ୍କ ସଭାକୁ ନିୟନ୍ତ୍ରଣ କରନ୍ତି । ସରକାର ବା ଏକ୍‌ଜିକ୍ୟୁଟିଭ୍ ହେଡ୍ ପଦ ଛାଡିଲେ ଲେଜିସ୍‌ଲେଚର୍ ଭାଙ୍ଗିଯାଏ, ଲୋକ ସଭା ପାଇଁ ନୂଆ ନିର୍ବାଚନ ହୁଏ । ଆମର ବିଲାତି ଢାଞ୍ଚାର ଗଣତନ୍ତ୍ରରେ ତିନୋଟି ଭିତରୁ ଦୁଇଟି ଶାଖା, ଲେଜିସଲେଚର ଓ ଏକ୍‌ଜିକ୍ୟୁଟିଭ୍ ମିଶିଯାଏ ମନ୍ତ୍ରିମଣ୍ଡଳରେ: ଏମ୍‌ଏଲ୍‌ଏ ହେଲେ ହିଁ ପ୍ରଶାସକ– ମନ୍ତ୍ରୀ । ସମ୍ବିଧାନର ଧାରା ୭୪ ଓ ୧୬୩ ଯଥାକ୍ରମେ କେନ୍ଦ୍ର ଓ ରାଜ୍ୟ ପାଇଁ ମନ୍ତ୍ରିମଣ୍ଡଳ ବାଧ୍ୟ କରିଛି, ସରକାର ବିନା ମନ୍ତ୍ରିମଣ୍ଡଳରେ ଚାଲିପାରିବ ନାହିଁ । ରାଜ୍ୟରେ ରାଜ୍ୟପାଳ ସରକାରର ମୁଖ୍ୟ ଭାବେ କାମ କରନ୍ତି ; ତାଙ୍କ ନାଁରେ ଶାସନ ଚାଲେ, ସେ ନିଜେ ଦସ୍ତଖତ ନ କଲେ ବି ତାଙ୍କ ନାଁରେ ଶାସନ ଚାଲିବ, ମନ୍ତ୍ରୀମାନଙ୍କ ନାଁରେ ଶାସନ ଚାଲେ ନାହିଁ, କିନ୍ତୁ ସମ୍ବିଧାନରେ ଅଛି ଯେ ମନ୍ତ୍ରୀମାନଙ୍କ ସାହାଯ୍ୟ ଓ ପରାମର୍ଶରେ ଗଭର୍ନର କାମ କରନ୍ତି । ସେହି କାରଣରୁ ମନ୍ତ୍ରୀମାନଙ୍କ ଦସ୍ତଖତ ନଥିରେ ନ ରହିଲେ 'ରାଜ୍ୟପାଳଙ୍କ ଆଦେଶ ଅନୁସାରେ' ଲେଖି ହେବ ନାହିଁ । ସରକାରୀ ନିୟମ – ରୁଲ୍ସ ଅଫ୍ ବିଜ୍‌ନେସ୍ ତିଆରି କରାଯାଏ ରାଜ୍ୟପାଳଙ୍କ ନାଁରେ । ମନ୍ତ୍ରୀଙ୍କ କ୍ଷମତା, ବିଭିନ୍ନ ସ୍ତରର ସଚିବଙ୍କ କ୍ଷମତା ରୁଲ୍ସ ଅଫ୍ ବିଜ୍‌ନେସ୍‌ରେ ଅଛି । ନ ଥିଲେ ନୂଆ କାରବାର ଆସିଲେ ନୂଆ ରକମର ରୁଲ୍ସ ଅଫ୍ ବିଜ୍‌ନେସ୍ ତିଆରି କରାଯାଏ । ସରକାର ଚଳାଇବା ପାଇଁ ଯେତେ ପ୍ରକାର ରୁଲ୍ସ ତିଆରି ହୋଇଛି, ସବୁ ଗଭର୍ନରଙ୍କ ଆଦେଶରେ ହୋଇଛି ଏବଂ ତାହା ସବୁ ମନ୍ତ୍ରିମଣ୍ଡଳର ସାହାଯ୍ୟ ଓ ପରାମର୍ଶକ୍ରମେ ହୋଇଛି ବୋଲି ଧରି ନିଆଯାଏ । ନିୟମ ଦେଖାଇବା କାମ ବିଭିନ୍ନ ସ୍ତରର ସଚିବଙ୍କର । ସେମାନେ ହିସାବ ରଖିବେ, ବିଧାନସଭାରେ ଉତ୍ତର ଦେବା ପାଇଁ କାଗଜପତ୍ର ଯୋଗାଇବେ, ମନ୍ତ୍ରୀମାନଙ୍କୁ ସାହାଯ୍ୟ କରିବେ । ଯଦି କିଛି ଅନୁପୂରକ ପ୍ରଶ୍ନ ଆସେ ତାହାର ଉତ୍ତର ତିଆରି କରି ମନ୍ତ୍ରୀଙ୍କୁ ଯୋଗାଇବେ । ଯଦି ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତରରେ ସଭ୍ୟମାନେ ସନ୍ତୁଷ୍ଟ ନ ହୁଅନ୍ତି ତେବେ ମୁଖ୍ୟମନ୍ତ୍ରୀଙ୍କୁ ଡକାଯାଇପାରେ । ବିଧାନସଭାକୁ ମୁଖ୍ୟମନ୍ତ୍ରୀଙ୍କୁ ଆସିବାକୁ ପଡେ । ତା' ଛଡା ମୁଖ୍ୟମନ୍ତ୍ରୀ ବି ଗୃହ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ଆଦିର ମନ୍ତ୍ରୀ । ତାଙ୍କର ଏ ସବୁ କାର୍ଯ୍ୟ ସୁଚାରୁରୂପେ ଚାଲିବା ପାଇଁ ଅମଲା ଓ ସଚିବ ଦରକାର । ତେଣୁ ଅମଲାତନ୍ତ୍ର ଏମ୍‌ଏଲ୍‌ଏଙ୍କ କଥାରେ ଚାଲେ ନାହିଁ, ମନ୍ତ୍ରୀ ହୋଇଥିବା ଏମ୍‌ଏଲ୍‌ଏଙ୍କୁ ତାଙ୍କ କାମରେ ସାହାଯ୍ୟ କରେ । ଯଦି ଜଣେ ଜୁନିୟର ଇଞ୍ଜିନିୟର ଖରାପ କାମ କଲା ବିଭାଗୀୟ ମନ୍ତ୍ରୀଙ୍କୁ ଦାୟୀ କରିବା କଥା, ଇଞ୍ଜିନିୟରଙ୍କୁ ଉଠ୍‌ବସ୍ କରିବା କଥା ନୁହେଁ ।

ମନ୍ତ୍ରୀ (ଏକ୍‌ଜିକ୍ୟୁଟିଭ୍) ବଡ ନା ଏମ୍‌ଏଲ୍‌ଏ (ଲେଜିସଲେଚର) ବଡ, ଏ ବିଷୟରେ ଜୁନ୍ ୪ରେ ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ଏକ ଅଗ୍ରଲେଖା 'ଯଦି କଂଗ୍ରେସ ଭାର ସମ୍ଭାଳିଥାନ୍ତା, ଟ୍ରମ୍ପ ନୁହେଁ' ପ୍ରଣିଧାନଯୋଗ୍ୟ । ଲେଖକ 'ଆମେରିକାନ୍ ଏଣ୍ଟରପ୍ରାଇଜ୍ ଇନ୍‌ଷ୍ଟିଚ୍ୟୁଟ୍'ରେ କାର୍ଯ୍ୟରତ ନିର୍ଦ୍ଦେଶକ ୟୁବଲ୍ ଲେଭିନ୍ । ତାଙ୍କ ଲେଖାରେ କଂଗ୍ରେସର ହାଉସ୍ (ଆମର ଲୋକ ସଭା ଭଳି)ର ବାଚସ୍ପତି ନାନ୍ସି ପେଲସୋଇଙ୍କୁ ପଚରାଯାଇଥିବା ଗୋଟିଏ ପ୍ରଶ୍ନ ଉଲ୍ଲେଖ କରିଛନ୍ତି– କଂଗ୍ରେସକୁ ଆପଣ ରାଷ୍ଟ୍ରପତିଙ୍କ ସହ ସମାନ ଭାବୁଛନ୍ତି କି ? ସେ କହିଛନ୍ତି 'ମୁଁ ଭାବୁଛି ଆମେ ଏକ ସୁପରିଅର୍ ବ୍ରାଞ୍ଚ' । ଏହାର ଅର୍ଥ ୨ୟ ଓ ୩ୟ ଶାଖା ୧ମ ଶାଖା ତିଆରି କରିଥିବା ଫ୍ରେମ୍‌ୱାର୍କ ବା ଛାଞ୍ଚ ଭିତରେ କାମ କରିବେ । ରାଷ୍ଟ୍ରପତିଙ୍କ ଭିଟୋ ଓ ସୁପ୍ରିମ୍‌କୋର୍ଟରେ ଜୁଡିସିଆଲ ରିଭ୍ୟୁ କଂଗ୍ରେସର ଏହି କ୍ଷମତା ପରିଧିରେ କିଛି କାଟ୍‌ଛାଣ୍ଟ କରିପାରେ ; କିନ୍ତୁ ସେ ଦୁଇଟି ଶାଖା ଅନ୍ୟ ଶାଖା ଲେଜିସ୍‌ଲେଚର୍ ସାଙ୍ଗରେ ସମାନ ହେବାକୁ ଇଚ୍ଛାପ୍ରକଟ କରିପାରିବେ ନାହିଁ । ଦଳଗତ ପକ୍ଷପାତିତା ଯୋଗୁ ହେଉ କିମ୍ବା ବିପରୀତ ଭାବେ ପ୍ରଚାର କରୁଥିବା ଗଣମାଧ୍ୟମ ଯୋଗୁ ହେଉ କିମ୍ବା ରାଜନୈତିକ ଇଚ୍ଛାର ଅଭାବ ଯୋଗୁ ହେଉ, ବିଧାନସଭା ଏବେ ଆଇନ ତିଆରି କରିବାକୁ ଚାହୁଁ ନାହିଁ, ଯଦି କେବେ ଯୋଜନା ହେଉଛି ତାହା ବଜେଟରେ ଚିକିନିଖି ବର୍ଣ୍ଣନା ହେଉନାହିଁ । ଯୋଜନା ଏତେ ବ୍ୟାପକ ଏବଂ ଏତେ ଅସ୍ପଷ୍ଟ ହେଉଛି ଯେ ଏକ୍‌ଜିକ୍ୟୁଟିଭ୍ ଶାଖା ନିଜେ ଇଚ୍ଛାନୁଯାୟୀ କରିନେଉଛି । ଯଥା ଆୟୁଷ୍ମାନ୍ କି ବିଜୁ ସ୍ୱାସ୍ଥ୍ୟ ଯୋଜନା, ଚାଷୀମାନଙ୍କୁ ସର୍ବନିମ୍ନ ସାହାଯ୍ୟ ବା ଦେଶର ଶିକ୍ଷା ନୀତି । ଏ ସବୁର କାରଣ ବଜେଟ ପ୍ରକ୍ରିୟାରେ ଏମ୍‌ଏଲ୍‌ଏମାନେ ମନ ଦେଉନାହାନ୍ତି । ବଜେଟ୍ ଏକ ଅର୍ଥସଂଗ୍ରହ ଓ ବ୍ୟୟର ଆଇନ– ଅଧିକାଂଶ ଲୋକପ୍ରତିନିଧି ବଜେଟକୁ ଚିକିନିଖି ଆଲୋଚନା କରିବାର ଶକ୍ତି ଦେଖାଉନାହାନ୍ତି । ଆମର ସାମ୍ବିଧାନିକ ବ୍ୟବସ୍ଥା ଏମିତି ଚାଲିବା ଉଚିତ ନୁହେଁ ; ଲେଜିସ୍‌ଲେଚର ନିଜର ଭୂମିକାକୁ ଫେରାଇ ଆଣୁ । ଏହାର ମାନେ ଏମ୍‌ଏଲ୍‌ଏମାନେ ବଜେଟକୁ ସୂକ୍ଷ୍ମ କରନ୍ତୁ, ବିଭାଗ ଅନୁଯାୟୀ ପ୍ରତି କାମର ସ୍ପେସିଫିକେଶନ୍ ତହିଁରେ ଲିଖିତ ରହୁ । ଲୋକେ ବି ବଜେଟ ପଢି ପ୍ରତି କାମର ତନଖି କରିପାରିବେ– ଏମ୍‌ଏଲ୍‌ଏ ଦେଖିଥିବା ତ୍ରୁଟିକୁ ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିପାରିବେ ଏବଂ ତ୍ରୁଟି କରିଥିବା କର୍ମଚାରୀକୁ ମନ୍ତ୍ରୀ ଦଣ୍ଡ ଦେଇପାରିବେ ।

ଇମେଲ୍: sahadevas@yahoo.com

# ଅନ୍ଧବିଶ୍ୱାସ ଓ ଚକରା ମଉସା



ସୁଧାକର ଦାସ

ଅନ୍ଧବିଶ୍ୱାସ କ'ଣ ଏକ ପ୍ରଥା ? ଏହା ସହିତ ଆମ ସାମାଜିକ ଓ ଅର୍ଥନୈତିକ ଜୀବନର କ'ଣ କିଛି ସମ୍ପର୍କ ନାହିଁ ? ହତାଶା ଓ ନୈରାଶ୍ୟ ଏହାର ଅନ୍ୟତମ କାରଣ ହୋଇପାରେ । ଛୋଟିଆ କଥାଟିଏ କହୁଛି– କିଛି ଦିନ ତଳେ ମୋ ପତ୍ନୀର ଡାହାଣ ହାତ ପାପୁଲିରେ ଅଚାନକ କିଛି ଛୋଟ ଛୋଟ ଫୋଟକା ବାହାରିଲା । ଆଙ୍ଗୁଠିର ଗଣ୍ଠିରୁ ଆରମ୍ଭକରି କାନ୍ଧ ପର୍ଯ୍ୟନ୍ତ ଭୀଷଣ ଯନ୍ତ୍ରଣା । ପ୍ରଥମେ ମୁଁ ଜଣେ ଚର୍ମରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କଲି । ପାଞ୍ଚ ଛ' ପ୍ରକାରର ରକ୍ତ ପରୀକ୍ଷା କରେଇ ମେଡିସିନ ଆଣିଲି । ମେଡିସିନ ଖାଇବା ଆଉ ମଲମ ଲଗେଇବାର ୧୦ ଦିନ ପର୍ଯ୍ୟନ୍ତ କିଛି ବି ସୁଫଳ ମିଳିଲାନି । ମୋ ବିବ୍ରତ ପତ୍ନୀକୁ ମୁଁ ଯେତେ ବୁଝେଇଲେ ବି ମୋର ସାନ୍ତ୍ୱନା ଯେ ମିଛ ଏକଥା ପ୍ରମାଣିତ କରୁଥିଲେ ଦିନକୁ ଦିନ ବାହାରୁଥିବା ନୂଆ ଫୋଟକାମାନେ । ତା'ପରେ ପତ୍ନୀକୁ ନେଇ ଦେଖେଇଲି ଜଣେ ଭେଷଜ ବିଶେଷଜ୍ଞଙ୍କୁ । ପ୍ରଥମେ ତ ଡାକ୍ତର ଆଶ୍ଚର୍ଯ୍ୟ ହେଇଗଲେ । ନିଜ ମୋବାଇଲରେ ମୋ ପତ୍ନୀଙ୍କ ହାତର ଦୁଇ ଚାରିଟା ଫଟୋ ବି ଉଠେଇନେଲେ । ପରାମର୍ଶ ଦେଲେ, ତିନି ଚାରିଟା ରକ୍ତ ପରୀକ୍ଷା କର । ଆଉ ଗୋଟିଏ ଫୋଟକାରୁ ଅଳ୍ପ ଟିକେ ମାଂସ କାଟି ନେଇ ବାୟୋପ୍ସି ପାଇଁ ପଠେଇଦିଅ । ମୁଁ ଡାକ୍ତରଙ୍କ ଚାମ୍ବର୍‌ରୁ ବାହାରିଲା ବେଳକୁ ମୋ ପତ୍ନୀ ଯାଇ ଠିଆ ହେଲାଣି ଗାଡି ପାଖରେ । ମୁଁ ପଚାରିବାରୁ ମୋତେ କହିଲା, ମୋର ଏସବୁ ଟେଷ୍ଟ କିଛି କରେଇବା ଦରକାର ନାହିଁ । ତମେ ଚାଲିଲ ଘରକୁ ଯିବା । ମୋ ମୁଣ୍ଡରେ କିଛି ପଶୁ ନ ଥିଲା । ମୁଁ ନିର୍ବାକ୍ ହୋଇ ଗାଡିରେ ବସିଲି । ପରଦିନ ଆମର ଜଣେ ଦୂର ସମ୍ପର୍କୀୟ, ଯିଏ ହସ୍ପିଟାଲରେ ଜଣେ ଫାର୍ମାସିଷ୍ଟ କାମ କରନ୍ତି, ତାଙ୍କୁ ପଚାରିଲି । ସେ ଆଉ ଜଣେ ପ୍ରସିଦ୍ଧ ଭେଷଜ ବିଶେଷଜ୍ଞଙ୍କ ନାଁ କହିଲେ । ପରଦିନ ପତ୍ନୀକୁ ନେଇ ତାଙ୍କ କ୍ଲିନିକ୍‌ରେ ପହଞ୍ଚିଲି । ଦେଖିଲି ସେ ପ୍ରସିଦ୍ଧ ଡାକ୍ତର ପ୍ରଥମରୁ କାହାକୁ ଦେଖନ୍ତି ନାହିଁ । ସାର୍‌ଙ୍କର ଜଣେ ସହଯୋଗୀ ଡାକ୍ତର ଅଛନ୍ତି । ପ୍ରଥମେ ସେ ଦେଖିବେ, ପରୀକ୍ଷାନିରୀକ୍ଷା କରେଇବେ । ତାଙ୍କ ମେଡିସିନରେ ଯଦି ନ କମିଲା ତେବେ ଯାଇ ବଡ ସାର୍ ଦେଖିବେ । ସାନ ସାର୍ ବି ପତ୍ନୀର ହାତକୁ ଦେଖି ଆହୁରି ୪/୫ ପ୍ରକାର ବ୍ଲଡ୍ ଟେଷ୍ଟ କରିବାକୁ କହିଲେ । ଦୁଇ ଦିନ ପରେ ରିପୋର୍ଟ ନେଇ ଦେଖେଇଲି । ସେ କହିଲେ, ସବୁକିଛି ତ ନର୍ମାଲ । ଆପଣ ଟିକେ କାଲି ଆସନ୍ତୁ ବଡ ସାର୍‌ଙ୍କୁ ଦେଖେଇବା । ପରଦିନ ସକାଳୁ ସ୍ୱାମୀସ୍ତ୍ରୀ ଦୁହେଁ ବଡ ସାର୍‌ଙ୍କ ପାଖରେ ପହଞ୍ଚିଲୁ । ସେ ସବୁ କାଗଜ ଗୋଟି ଗୋଟି କରି ଦେଖିଲେ । କହିଲେ ଆପଣ ଗୋଟିଏ କାମ କରନ୍ତୁ , ହେମାଟୋଲୋଜିରେ ଅମୁକ ଡାକ୍ତରଙ୍କୁ ଦେଖାନ୍ତୁ । ଏଇଟା ତାଙ୍କ ପାଠର କଥା, ମୋର ନୁହେଁ ।

ଯେତେ ଦିନ ଗଡୁଥାଏ, ଯେତେ ଡାକ୍ତରଙ୍କ ସଂଖ୍ୟା ବଢୁଥାଏ, ଯେତେ ହାତରେ ଥିବା କାଗଜପତ୍ରର ସଂଖ୍ୟା ବଢୁଥାଏ ସେତିକି ଆଶଙ୍କା ଓ ଉଦ୍‌ବିଗ୍ନତା ଆମ ସ୍ୱାମୀସ୍ତ୍ରୀଙ୍କ ଭିତରେ ବଢୁଥାଏ । କିନ୍ତୁ କିଛି ଉପାୟ ନ ଥାଏ । ଡାକ୍ତରଙ୍କ ବାରି ଅନୁସାରେ ଅପେକ୍ଷା କରି ଚାରି ଦିନ ପରେ ତାଙ୍କ ପାଖରେ ପହଞ୍ଚିଲି । ସବୁ କାଗଜପତ୍ର ଦେଖି ପରୀକ୍ଷା ନିରୀକ୍ଷା କରି ସେ ବି କହିଲେ ଆଉ ୨/୩ଟା ବ୍ଲଡ୍ ଟେଷ୍ଟ କରେଇ ୟା ପର ବାରିରେ ତାଙ୍କୁ ଦେଖେଇବା ପାଇଁ । ୟା' ଭିତରେ ରକ୍ତ ପରୀକ୍ଷାରେ ଢେର୍ ପଇସା ଖର୍ଚ୍ଚ ହେଇସାରିଥିଲା । ମୋର ଏବେ ପଇସା ଅପେକ୍ଷା ନଷ୍ଟ ହେଉଥିବା ସମୟ ଆଉ ଧରା ପଡୁ ନ ଥିବା ରୋଗକୁ ନେଇ ଆତଙ୍କ ଓ ନୈରାଶ୍ୟ ବଢୁଥିଲା । ଡାକ୍ତରଙ୍କ ଆଉଟଡୋର୍ ପାଳି ଦିନ ସେ କହିଥିବା ବ୍ଲଡ୍ ଟେଷ୍ଟ ରିପୋର୍ଟ ଆଉ ଅନ୍ୟାନ୍ୟ ରିପୋର୍ଟ ନେଇ ତାଙ୍କୁ ଦେଖେଇଲୁ । ସବୁ ରିପୋର୍ଟ ଦେଖିସାରିବା ପରେ, ମୋ ପତ୍ନୀଙ୍କ ଆଡକୁ ଚାହିଁ ଡାକ୍ତର ପଚାରିଲେ ଆଉ କିଛି ମେଡିସିନ ଖାଉଛ କି ଏବେ ? ମୋ ପତ୍ନୀ ଥାଇରଏଡ୍, ବିପି, ଯାହା ମେଡିସିନ ଖାଉଛି ସବୁ କହିଗଲା । ସବୁ ଶୁଣିସାରି ଡାକ୍ତର କହିଲେ ଅମୁକ ମେଡିସିନଟା ବନ୍ଦ କରିଦିଅ । ଏଇ ମେଡିସିନର ପାର୍ଶ୍ୱପ୍ରତିକ୍ରିୟାରୁ ଏମିତି ହେଉଛି । ଏଇ ଯୋଉଟା ମୁଁ ଲେଖୁଛି ସେଇଟା ମାସେ ଖାଇନବ, ସବୁ ଠିକ୍ ହେଇଯିବ, ଆସିବାକୁ ପଡିବନି ।

ସେ ୩୦ଟା ବଟିକାର ଦାମ୍ ଥିଲା ୪୨ ଟଙ୍କା । ଆଉ ସେ ଔଷଧ ଖାଇବାର ୪୨ ଘଣ୍ଟା ନ ପୂରୁଣୁ ମୋ ପତ୍ନୀର ଆସ୍ତେ ଆସ୍ତେ ପୀଡା ଲାଘବ ହେବାକୁ ଲାଗିଲା । ସପ୍ତାହେ ବେଳକୁ ପ୍ରାୟ ସବୁକିଛି ଠିକ୍‌ଠାକ୍ ।

ମୋ କଥା ଶୁଣି ହୋ ହୋ ହେଇ ହସି ଉଠିଲା ମୋ ବାଲ୍ୟବନ୍ଧୁ ଦୀପକ । ଆମେ ଦୁହେଁ ଆମ ଗାଁ ଘର ବାରଣ୍ଡାରେ ବସି ଭଲମନ୍ଦ ଜୀବନ ବିଷୟରେ କଥା ହେଉଥିଲୁ । କିନ୍ତୁ ଆମ ପଛପଟୁ ଆମ ଘରର ପୁରୁଣା ଚାକର ଚକରା ମଉସାର ପାଟି ଶୁଣି ମୁଁ ଚମକି ପଡିଲି । ଚକରା ମଉସା କହୁଥିଲା– ଏବେ ବୁଝିଲେ ତ ବାବୁ ପିଲାଛୁଆଙ୍କର ଭଲମନ୍ଦ ହେଲେ ଆମେ କାହିଁକି ପାଦୁକ, ବିଭୂତି ବୋଲିପକାଉ । କାହିଁକି ଗୋଦରାଗୋଡିଆ ସନା ବାଆଜି ପାଖକୁ ଯାଉ । କାହିଁକି ଆମ ପିଲା ମାଇପଙ୍କ ହାତରେ, ବେକରେ, ଅଣ୍ଟାରେ ମାଳ ମାଳ ତଉଁରିଆ ଝୁଲୁଥାଏ ! ସତରେ, କାହିଁକି କେଜାଣି ମୋତେ ଜୀବନରେ ପ୍ରଥମ ଥର ଅପାଠୁଆ ଚକରା ମଉସାର କଥା ଭିତ୍ତିହୀନ ମନେହେଲାନି । ଡାକ୍ତରୀ ବିଦ୍ୟା, ପରୀକ୍ଷା ନିରୀକ୍ଷା– ଏସବୁକୁ ନେଇ ମୋର ନା କିଛି ଅଭିଯୋଗ ଅଛି ନା ଅଛି ଆପତ୍ତି । ମୋର କ୍ଷୋଭ ଓ ଚିନ୍ତା ତ ସେଇମାନଙ୍କ ଭାଗ୍ୟକୁ ନେଇ ଯୋଉମାନଙ୍କ ଭାଗ୍ୟରେ ରୋଗ ଅଛି, ହେଲେ ନା ଅଛି ସମୟ ନା ଅଛି ପଇସା ।

ମୋ–୯୪୩୭୨୭୪୮୫୭

## ଏଇ ଭାରତରେ

ବର୍ଷା ପାଇଁ ବେଙ୍ଗ ବାହାଘର । କଥାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ । ବର୍ଷାର ଦେବତା ଇନ୍ଦ୍ରଙ୍କୁ ସନ୍ତୁଷ୍ଟ କରିବାକୁ କର୍ନାଟକର ଉଡୁପି ଜିଲାରେ ବେଙ୍ଗ ବାହାଘର କରାଯାଇଛି । ଶନିବାର ଉଡୁପି ନାଗରିକ ସମିତି ଏବଂ ପଞ୍ଚରତ୍ନ ସେବା ଟ୍ରଷ୍ଟ ଦ୍ୱାରା ଏପରି ଏକ ଅଣପାରମ୍ପରିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିବାହ ଆୟୋଜନ କରିଥିବା ଟ୍ରଷ୍ଟ ସମ୍ପାଦକ ନିତ୍ୟାନନ୍ଦ ଓଲାକାଡୁଙ୍କ କହିବାନୁଯାୟୀ, ଇନ୍ଦ୍ରଙ୍କୁ ସନ୍ତୁଷ୍ଟ କରିବା ପାଇଁ 'ମଣ୍ଡୁକ କଲ୍ୟାଣୋତ୍ସବ' ପାଳନ କରାଯାଏ । ଆୟୋଜକମାନେ ୪ଟି ବେଙ୍ଗ ଧରିଆଣି ମଣିପାଲସ୍ଥିତ ପ୍ରାଣୀ ବିଜ୍ଞାନ ବିଭାଗକୁ ଦେଇଥିଲେ । ପ୍ରାଣୀତତ୍ତ୍ୱବିତ୍‌ମାନେ ଅଣ୍ଡିରା ଓ ମାଇ ବେଙ୍ଗ ଦୁଇଟି ଚିହ୍ନଟ କରିବା ପରେ ସେ ଦୁଇଟିକୁ ଶୋଭାଯାତ୍ରା କରି ବାହାଘର ପାଇଁ ନିଆଯାଇଥିଲା । ଜଣେ ସ୍ୱେଚ୍ଛାସେବୀ ବେଙ୍ଗ ଦୁଇଟିକୁ ଆଳତି କରି ଆଣି ବାନ୍ଧିବା ସହିତ ମାଇ ବେଙ୍ଗ ଗୋଡରେ ମୁଦି ପିନ୍ଧାଇଥିଲେ । ବାହାଘର ନିମନ୍ତ୍ରଣପତ୍ର ମଧ୍ୟ ଛପାଯାଇଥିଲା । ଅତିଥିମାନଙ୍କୁ ନିମନ୍ତ୍ରଣ କରାଯାଇ ବର୍ଷା ଦେବତାଙ୍କୁ ପ୍ରାର୍ଥନା କରିବାକୁ କୁହାଯାଇଥିଲା । ବାହାଘର ପରେ ବେଙ୍ଗଦମ୍ପତିକୁ ମଣିପାଲସ୍ଥିତ ମନ୍ନପାଲ୍ଲରେ ଛାଡିଦିଆଯାଇଥିଲା । ବାହାଘର ପରେ ଆୟୋଜିତ ଭୋଜିରେ ଶହଶହ ଲୋକ ଯୋଗ ଦେଇଥିଲେ । ମୁଖ୍ୟ ଆୟୋଜକ ଓଲାକାଡୁଙ୍କ କହିବାନୁଯାୟୀ, ବେଙ୍ଗ ବାହାଘର ବିଧି ଦୀର୍ଘଦିନ ଧରି ପାଳନ କରାଯାଇ ଆସୁଛି । କର୍ନାଟକର ଉଡୁପି ଜିଲାରେ ବର୍ଷା ହେଉ ନ ଥିବାରୁ ଉତ୍କଟ ଜଳାଭାବ ଦେଖାଦେଇଛି । ବେଙ୍ଗ ବାହାଘର ହେଲେ ବର୍ଷା ହୋଇଥାଏ ବୋଲି ଅଞ୍ଚଳବାସୀଙ୍କ ଦୃଢ଼ ବିଶ୍ୱାସ ରହିଛି ।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଜୁନ୍ ୧୯୯୪

- ଉତ୍ତରକୋରିଆ ତା'ର ଆଣବିକ ପ୍ରତିଷ୍ଠାନ ତଦାରଖ କରିବାକୁ ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସିକୁ ଅନୁମତି ନ ଦେବାରୁ ଆଇଏଇଏ ପକ୍ଷରୁ ଉତ୍ତରକୋରିଆ ଉପରେ କଟକଣା ଲାଗୁ କରାଯାଇଛି ।
- ଆଙ୍ଗୋଲାର ଏକ ସରକାରୀ ଯୁଦ୍ଧ ବିମାନ ଭୁଲ୍‌ବଶତଃ ଏକ ସ୍କୁଲ ଉପରେ ବୋମାମାଡ କରିବା ଫଳରେ ୮୯ ଜଣ ଛାତ୍ରୀଛାତ୍ର ମୃତ୍ୟୁବରଣ କରିଛନ୍ତି ।
- ଓଡ଼ିଶା ସରକାର ଅନୁନ୍ନତ ଶ୍ରେଣୀର ଲୋକମାନଙ୍କ ପାଇଁ ସରକାରୀ ଚାକିରିରେ ନିଯୁକ୍ତି ନିମନ୍ତେ ବୟସସୀମା ୩ ବର୍ଷ କୋହଳ କଲେ ।

## ପାଠକ ଶ୍ରେଷ୍ଠ ବିଚାରକ

### ଜନ୍ମମୃତ୍ୟୁ ପଞ୍ଜୀକରଣରେ ଅବ୍ୟବସ୍ଥା

ମହାଶୟ,

ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଅଚଳାବସ୍ଥା ଲାଗିରହିଛି । ନିକଟରେ ବାତ୍ୟା ଫନୀ ପ୍ରଭାବରେ ଉକ୍ତ କାର୍ଯ୍ୟାଳୟବନ୍ଦ ଥିଲା । ବିଦ୍ୟୁତ୍ ସଂଯୋଗ ହେବା ପରେ ତା୧୩।୫।୨୦୧୯ରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ନଗର ସ୍ୱାସ୍ଥ୍ୟ ଅଧିକାରୀ ଯୋଗଦେଇ ନ ଥିବାରୁ ସ୍ଥାନୀୟ ହସ୍ପିଟାଲରେ ଅକାଳରେ ମୃତ୍ୟୁବରଣ କରିଥିବା ପରିବାରର ସଦସ୍ୟ କେତେ ଦିନ ଯାଏ ମୃତ୍ୟୁଜନିତ ସାର୍ଟିଫିକେଟ ପାଇପାରୁ ନ ଥିଲେ । ଯଦ୍ୱାରା ସେମାନେ ଦୁର୍ଦ୍ଦିନରେ ସ୍ୱାମୀ ଚାକିରି କରିଥିବା କାର୍ଯ୍ୟାଳୟରୁ କୌଣସି ଆର୍ଥିକ ସାହାଯ୍ୟ ନ ପାଇ ହନ୍ତସନ୍ତ ହେଲେ । ମୋ ସ୍ୱାମୀ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଚାକିରି କରୁଥିଲେ । ତାଙ୍କର ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ୨୭।୪।୨୦୧୯ରେ ମୃତ୍ୟୁ ଘଟିଲା । ଷ୍ଟିଲ ପ୍ଲାଣ୍ଟ ଅଫିସରୁ ଏହି ଦୁର୍ଦ୍ଦିନରେ ଆର୍ଥିକ ସାହାଯ୍ୟ ପାଇଁ ମୃତ୍ୟୁ ପଞ୍ଜୀକରଣ ସାର୍ଟିଫିକେଟ ଆବଶ୍ୟକ ପଡିବାରୁ, ମୁଁ ଫର୍ମ ଆଣି ଆବଶ୍ୟକ କାଗଜପତ୍ର ଦାଖଲ କରିଛି । ଏ ମଧ୍ୟରେ ରାଉରକେଲାରୁ ପଞ୍ଜୀକରଣ କାର୍ଯ୍ୟାଳୟକୁ ଆସି ବୁଝିବାକୁ ପାଇଲି ଯେ ନଗର ସ୍ୱାସ୍ଥ୍ୟ ଅଧିକାରୀ ଯୋଗ ନ ଦେବା ପର୍ଯ୍ୟନ୍ତ ମୃତ୍ୟୁ ସାର୍ଟିଫିକେଟ ମିଳିପାରିବ ନାହିଁ । ଏଭଳି ଅବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ ।

ନିର୍ମଳା ସାହୁ, ଏଚ୍–୧୮୮, ସେକ୍ଟର–୨, ରାଉରକେଲା, ସୁନ୍ଦରଗଡ଼

### ମୂଲ୍ୟବୃଦ୍ଧି ରୋକାଯାଉ

ନିର୍ବାଚନ ଓ ଫନୀ ବାତ୍ୟା ପରେ ପରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି ଘଟିଛି । ଚାଉଳ, ଡାଲି, ଚୁଡ଼ା, ତେଲ ଇତ୍ୟାଦି ସାମଗ୍ରୀର ମୂଲ୍ୟ ହୁ ହୁ ହୋଇ ବଢ଼ିଚାଲିଛି । କେନ୍ଦ୍ର ତଥା ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ଏହି ସମୟରେ ବରିଷ୍ଠ ପ୍ରଶାସନିକ ଯୋଗାଣ ଅଧିକାରୀ ଅସାଧୁ ବ୍ୟବସାୟୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ । ନିର୍ବାଚନ ପୂର୍ବରୁ ବ୍ୟବସାୟୀମାନେ ସମସ୍ତ ରାଜନୈତିକ ଦଳକୁ ଚାନ୍ଦା ଦେଇଥିବାରୁ କୌଣସି ଦଳ ମୂଲ୍ୟବୃଦ୍ଧି ପ୍ରତି ଉଦ୍‌ବେଗ ପ୍ରକାଶ କରୁନାହାନ୍ତି । ସରକାରୀ କଳ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି ।

ଦେବେନ୍ଦ୍ର କୁମାର ପରିଡ଼ା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୧୧ ଜୁନ୍, ୨୦୧୯



“ ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ସମ୍ଭାବ୍ୟ ବାତ୍ୟା ନେଇ ଜରୁରୀ ବୈଠକ



ଦଶମନ୍ତପୁର,୧୦।୬(ଡି.ଏନ୍.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ତହସିଲଦାରଙ୍କ କାର୍ଯ୍ୟାଳୟରେ ଆଗକୁ ହେବାକୁ ଥିବା ଝଡ଼, ବାତ୍ୟା ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତହସିଲଦାର ଅଜୟ ପ୍ରକାଶ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଲକ୍ଷ୍ମୀପୁର ବନ ବିଭାଗ ରେଞ୍ଜର କୁମାର ଖରା, ତହସିଲ ବିଭାଗର ସୁପରଭାଇଜର ପ୍ରତାପ କୁମାର ପଟ୍ଟନାୟକ, ସରପଞ୍ଚ ବଳରାମ ମୁଦୁଲି, ଜିଆର୍ଏସ୍ ଭୁବ ନାୟକ. ପିଇଓ ନରସିଂହ ପଟ୍ଟନାୟକ, ଅଗ୍ନିଶମ ବିଭାଗ ଅଧିକାରୀ ଆର୍.ଏସ୍. ନାୟକଙ୍କ ସମେତ ଅଞ୍ଚଳବାସୀ ଯୋଗ ଦେଇଥିଲେ। ହାଟପଦା ଏବଂ ଆଖପାଖ ଅଞ୍ଚଳରେ ବିପଦସଙ୍କୁଳ ଅବସ୍ଥାରେ ଥିବା ବୃକ୍ଷ ଓ ଶୁଖିଲା ବୃକ୍ଷଗୁଡିକୁ କିପରି ଭାବେ ନିରାପଦର ସହ କଟାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା । ବିପଦସଙ୍କୁଳ ବୃକ୍ଷ ତଳେ ଆଶ୍ରୟ ନେଉଥିବା ଲୋକଙ୍କୁ ସ୍ଥାନାନ୍ତର କରିବା ନେଇ ବିଭାଗୀୟ ଅଧିକାରୀଙ୍କୁ ତହସିଲଦାର ତିର୍କୀ କହିଥିଲେ । ଖୁବ୍‌ଶୀଘ୍ର ଜିଲା ବନ ବିଭାଗ ଅଧିକାରୀ, ରେଞ୍ଜର, ତହସିଲଦାର, ଅଗ୍ନିଶମ ବିଭାଗକୁ ଚିଠି ମାଧମରେ ଦୃଷ୍ଟିଗୋଚର କରିବା ନେଇ ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### ବଳାତ୍କାର ମାମଲାରେ ଅଭିଯୁକ୍ତ କୋର୍ଟ ଚାଲାଣ

ବୈପାରୀଗୁଡା,୧୦।୬ (ଡି.ଏନ୍.ଏ): ନାବାଳିକାଙ୍କୁ ବଳାତ୍କାର ମାମଲାରେ ବୈପାରୀଗୁଡା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ବୈପାରୀଗୁଡା ଥାନା ଅନ୍ତର୍ଗତ କଷିଗୁଡା ଗ୍ରାମର ରାମ ହରିଜନ(୨୧)। ଉକ୍ତ ନାବାଳିକାଙ୍କ ସହ ଅଭିଯୁକ୍ତଙ୍କ ପ୍ରେମ ସମ୍ପର୍କ ରହିଥିଲା । ୫ ମାସ ତଳେ ଅଭିଯୁକ୍ତ ନାବାଳିକାଙ୍କୁ ନିଜ ଘରେ ନେଇ ରଖିଥିଲେ। ସେଠାରେ ରାମ ତାଙ୍କୁ ବଳାତ୍କାର କରିବା ପରେ ଘରୁ ତଡି ଦେଇଥିଲେ । ଘଟଣା ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା ।

### କାଠ ସହ ଅଟୋ ଜବତ

କୁନ୍ଦୁରା, ୧୦।୬(ଡି.ଏନ.ଏ.)- କୋରାପୁଟ ଜିଲା କୁନ୍ଦୁରା ବନବିଭାଗ ଓ ପୋଲିସ ଚଢ଼ାଉ କରି ସୋମବାର ଭୋର ୪ଟାବେଳେ ଏକ କାଠ ବୋଝେଇ ଅଟୋକୁ ଜବତ କରିଛି। ଏଥିରେ ୩୦ ସାଇଜ, ୧୮ଟି ପଟା ଏବଂ ଗୋଟିଏ ଖଟ ଜବତ କରାଯାଇଛି। ଅଟୋଟି କୁନ୍ଦୁରାରୁ ଜୟପୁର ଆଡକୁ ଯିବା ସମୟରେ ଡଙ୍ଗରପାଉଁସୀ ଛକ ନିକଟରେ ଜବତ କରାଯାଇଛି । ଅଟୋ ଚାଳକ ଫେରାର ହୋଇଯାଇଛନ୍ତି । କୁନ୍ଦୁରା ବନ ବିଭାଗ ଏବଂ ପୋଲିସ ଦ୍ୱାରା ଚଢ଼ାଉ ସମୟରେ ୧ବର୍ଷରୁ ଉର୍ଦ୍ଧ୍ୱ ହେବ ଅବସର ନେଇଥିବା ଗାର୍ଡ ପୂର୍ଣ୍ଣଚନ୍ଦ୍ର ବରାଡ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା ।

■ ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା

# ଲୋକଙ୍କ ସେବା ମୋର ଲକ୍ଷ୍ୟ:ଏମ୍‌ପି

ଜୟପୁର,୧୦।୬ (ନି.ପ୍ର/ଡ଼ି.ଏନ୍.ଏ.)

କୋରାପୁଟ ଜିଲା କଂଗ୍ରେସ କମିଟି ତରଫରୁ ନବ ନିର୍ବାଚିତ ଏମ୍‌ପି ସପ୍ତଗିରି ଉଲ୍ଲାକା ଓ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ସେମାନେ ସ୍ଥାନୀୟ ଗାନ୍ଧୀଛକଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ବାହାରି ଏମଜି ରୋଡ, ମେନ ରୋଡ ଦେଇ କଂଗ୍ରେସ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲେ। ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସପ୍ତଗିରି ଉଲ୍ଲାକା ଯୋଗ ଦେଇ ଲୋକଙ୍କ ସେବା କରିବା ମୋର ମୂଳ ଲକ୍ଷ୍ୟ । ସ୍ଥାନୀୟ ଅଞ୍ଚଳ ସହ ରାଜ୍ୟର ଦାବିକୁ ଦିଲ୍ଲୀ ଦରବାରରେ କହିବି ବୋଲି କହିଥିଲେ । ସେହିପରି ଜୟପୁର ବିଧାୟକ ବାହିନୀପତି ଯୋଗ ଦେଇ ଗତ ଦିନରେ କେବିକେ ଯୋଜନା ପାଇଁ ଯେପରି କୋରାପୁଟ ଜିଲାରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା, ସେହିପରି ସ୍ଥାନୀୟ ଯୁବତୀଯୁବକଙ୍କ ନିଯୁକ୍ତି ନେଇ ଏଠାରୁ ହିଁ ଆନ୍ଦୋଳନ ଆରମ୍ଭ ହେବ । ଦୁର୍ନୀତି ହଟାଇବା ଓ ବିହାରି ଭାଟି ଉଚ୍ଛେଦ କରିବା ପାଇଁ ଲଢେଇର ଆବଶ୍ୟକତା ରହିଛି। ଏହି ଲଢେଇରେ ସମସ୍ତେ ସାମିଲ ହେବା ନେଇ ସେ ଆହ୍ୱାନ କରିଥିଲେ। ଜିଲାର ପ୍ରତ୍ୟେକ ପଞ୍ଚାୟତ ଓ ବ୍ଲକରେ କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରାଯିବ । ଅନ୍ୟପକ୍ଷରେ ଏମ୍‌ପି ଉଲ୍ଲାକା ବିଧାୟକ ବାହିନୀପତିଙ୍କୁ ମାମୁ ବୋଲି ସମ୍ବୋଧନ କରିଥିବାରୁ ମାମୁ ଭଣଜା ଏବେ କୋରାପୁଟ ଗଡକୁ ଜଗିବେ । ଆସନ୍ତା ନିର୍ବାଚନରେ ୧୪ ବିଧାୟକ ପ୍ରାର୍ଥୀ ଜିତିବେ ବୋଲି କହିବା ସହ ମାଇ ମଧ୍ୟସ୍ଥି ହେବେ ବୋଲି ସ୍ୱଷ୍ଟ କରିଥିଲେ । ବୈଠକରେ ପୂର୍ବତନ ବିଧାୟକ ରାମ କାଡାମ, କୈଳାସ କୁଲସିକା, ଚନ୍ଦ୍ରଶେଖର ମାଝି, କୃଷ୍ଣ କୁଲଦିପ, ଜିଲା ପ୍ରଭାରୀ ନକୁଳ ନାୟକ, ପିସିସି ସଭ୍ୟ ରାମ କାଡାମ, ଜିଲା ମହିଳା ସଭାପତି ନଳିନୀ ରଥ, ଦୁର୍ଗା ପ୍ରସାଦ ସାହୁ, ଯୁବ ସଭାପତି ସୁକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ଜିଲାର ୧୪ଟି ବ୍ଲକ ସଭାପତି, ନଗର ସଭାପତି, ବରିଷ୍ଠ ନେତାମାନେ ଯୋଗ ଦେଇ ନିଜ ନିଜର ମତବ୍ୟକ୍ତ କରିବା ସହ ପରାଜୟର ମାନସ ମନ୍ଥନ କରିଥିଲେ ।

**ମାମୁ, ଭଣଜା ଜଗିବେ କୋରାପୁଟ ଗଡ଼**



ଏମ୍‌ପି ଓ ବିଧାୟକ ଶୋଭାଯାତ୍ରାରେ ଯାଉଛନ୍ତି ।

## ବର୍ଜ୍ୟବସ୍ତୁ ପରିଚାଳନା ନେଇ କର୍ମଶାଳା

ଜୟପୁର,୧୦।୬ (ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ପୌରସଂସ୍ଥା ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଦୁଇ ଦିନିଆ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଏହି କର୍ମଶାଳାରେ ସହରର ଗୃହ, ହୋଟେଲ, ଦୋକାନ ଓ ବଜାରରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁକୁ କିଭଳି ଭାବେ ନଷ୍ଟ କରାଯିବ, ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁକୁ ଅଲଗା ଅଲଗା ଡଷ୍ଟବିନରେ ରଖିବା, ଓଦା ରହୁଥିବା ଅଳିଆ ଆବର୍ଜନାରୁ ଖତ ପ୍ରସ୍ତୁତ କରାଯାଇ ଚାଷ କାର୍ଯ୍ୟରେ ବ୍ୟବହୃତ କରିବା ନେଇ ପୌରସଂସ୍ଥା ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି କର୍ମଶାଳାରେ ତାଲିମ ପ୍ରଦାନ କରାଯାଇଥିଲା । ଉଦ୍‌ଘାଟନୀ ଦିବସରେ ଏସଏଚଜି ଗ୍ରୁପ୍‌ର ସଦସ୍ୟ, ବୁଲା ବିକାଳି, ଅଙ୍ଗନୱାଡି କର୍ମୀ ମୋଟ ୪୦୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏଥିରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଗୌରଚନ୍ଦ୍ର ପଟ୍ଟନାୟକ, ଦାୟିତ୍ୱର ରହିଥିବା କାର୍ଯ୍ୟନର୍ବାହୀ ଅଧିକାରୀ ଗୋପୀନାଥ ସାରକା ଉପସ୍ଥିତି ଥିଲେ। ଡୁଡୁରା କର୍ମଚାରୀ ସଞ୍ଜୀବ ସାହୁ ଓ ପୌରସଂସ୍ଥାର ମୁଖ୍ୟ କିରାଣି କୃଷ୍ଣଚନ୍ଦ୍ର ପାଳ ତାଲିମ ପ୍ରଦାନ କରିଥିଲେ । ଏହାକୁ ପୌରସଂସ୍ଥାର ଷ୍ଟେନୋ ଗୋପାଳ ଚନ୍ଦ୍ର ସାହୁ ଏବଂ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ପରିଚାଳନା କରିଥିଲେ । ୨ୟ ଦିବସରେ ୨୭୨ ଝାଡୁଦାର, ୨୮ ଜଣ ସୁପରଭାଇଜର, ୬ ପଲିଥିନ ଗୋଟାଳି ପ୍ରମୁଖଙ୍କୁ ତାଲିମ ପ୍ରଦାନ କରାଯିବ ।




କର୍ମଶାଳାରେ ଉପସ୍ଥିତ ଅତିଥି ।

■ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# ପୁଣି ୩୦ ଯାଏ କୋର୍ଟ ବର୍ଜନ



ବୈଠକରେ ଆଇନଜୀବୀମାନେ ଆଲୋଚନା କରୁଛନ୍ତି ।

ଜୟପୁର,୧୦।୬(ନି.ପ୍ର)

ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଜୟପୁର ଜିଲା ଓକିଲ ସଂଘ କାର୍ଯ୍ୟାଳୟରେ କ୍ରିୟାନୁଷ୍ଠାନ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଗତ ଡିସେମ୍ବର ୪ ତାରିଖରୁ ଆରମ୍ଭ ହୋଇଥିବା ଓକିଲଙ୍କ କୋର୍ଟ ବର୍ଜନ ଆନ୍ଦୋଳନ ବର୍ତ୍ତମାନ ୬ ମାସରେ ପହଞ୍ଚିଛି । ଏହି ଆନ୍ଦୋଳନକୁ ପୁଣି ଆସନ୍ତା ୩୦ ତାରିଖ ଯାଏଁ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ କୋରାପୁଟ ବାର, କୋଟପାଡ ବାର, ସେମିଳିଗୁଡା ବାର , ନବରଙ୍ଗପୁର ବାର, ଉମରକୋଟ ବାର ଓ ଜୟପୁର ବାରର ସଦସ୍ୟ ମାନେ ଉପସ୍ଥିତ ରହିଥିଲେ । ଜିଲା ସଭାପତି ତଥା କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ସରୋଜ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୪ଟି କାର୍ଯ୍ୟକ୍ରମ ଉପରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ୧୫ ତାରିଖରେ ନବ ନିର୍ବାଚିତ ବିଧାୟକ ଓ ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ । ଆସନ୍ତା ୧୯ ଓ ୨୦ ତାରିଖରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଓ ରାୟଗଡା ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବ। ମାର୍ଚ୍ଚ ୮ ତାରିଖରେ ରାଜ୍ୟ ସରକାର ଗଠନ କରିଥିବା କମିଶନ ନିକଟରେ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧି ଦଳ ୨୫ରୁ ୩୦ ତାରିଖ ଭିତରେ କମିଶନଙ୍କ ସହ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିବେ । ଆସନ୍ତା ଜୁନ ୩୦ ତାରିଖ ଯାଏ ଆଇନଜୀବୀମାନେ କୋର୍ଟ ବର୍ଜନ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଆସନ୍ତା ୩୦ ତାରିଖରେ ପୁଣି କ୍ରିୟାନୁଷ୍ଠାନ କମିଟିର ବୈଠକ ହେବା ପରେ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି କମିଟି ସୂଚନା ଦେଇଛି । ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁଁ ଜୟପୁରରେ ଥିବା ୨୧ରୁ ଅଧିକ କୋର୍ଟ ବନ୍ଦ ରହିଛି । ମାସର ଶେଷ ୨ ଦିନ କୋର୍ଟ ବର୍ଜନ କରି ଧରଣାରେ ବସୁଥିବା ବେଳେ ସରକାର ଦାବି ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଏପରି ପଦକ୍ଷେପ ନିଆଯାଇଛି । ଅବିଭକ୍ତ କୋରାପୁଟ ଜିଲାରେ ହାଇ କୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ଦୀର୍ଘ ୧୫ ବର୍ଷ ହେବ ଦାବି ହୋଇ ଆସୁଛି । ହାଇକୋର୍ଟ ବେଞ୍ଚ ପାଇଁ ଯାହା ଭିତ୍ତିଭୂମି ଦରକାର ତାହା ସବୁ ଏଠାରେ ରହିଛି । ତୁରନ୍ତ ରାଜ୍ୟ ସରକାର ଏଠାରେ ବେଞ୍ଚ କରିବା ପାଇଁ କେନ୍ଦ୍ରକୁ ସୁପାରିସ କରନ୍ତୁ ବୋଲି ସଂଘ ଦାବି କରିଛି । ବୈଠକରେ ରବୀନ୍ଦ୍ର କୁମାର ପାତ୍ର, ସୁଦର୍ଶନ ଗୌଡ, ସୁନିଲ କୁମାର ଜେନା, ରାମ ପ୍ରସାଦ ପାତ୍ର, ପ୍ରଶାନ୍ତ କୁମାର ସାହୁ, ମଣି ପ୍ରସାଦ ପଟ୍ଟନାୟକ, ଆର.ଏନ ପଣ୍ଡା, ଗିରି ଧର ଖରା, ଗରିଶ ଚନ୍ଦ୍ର ମୁଦୁଲି, ଦିବାକର ଗୌଡ, କେ ଦିବାକର ରାଓ, ଉମାକାନ୍ତ ସାହୁ, ବିଜିରାଓ ଜେନା ଦେଓ, ଆନନ୍ଦ ରଥ, ରାଜିଆ ବେଗମ, ନାନାଜି ଆଚାରି, ରାକେଶ କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

କୋରାପୁଟ,୧୦।୬(ସ୍ୱ.ପ୍ର)

କୋରାପୁଟ ବ୍ଲକ ପରିସରରେ ସୋମବାର ଅପରାହ୍ନରେ ବ୍ଲକର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ବିଧାୟକ ରଘୁରାମ ପୋଡାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରେନ୍ଦ୍ର ନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ଅଧିକାରୀ, ବ୍ଲକ ଅଧ୍ୟକ୍ଷା ନମିତା ମାଝି, କୋରାପୁଟ ଜିଲା ପରିଷଦ ସଦସ୍ୟ ପାର୍ବତୀ ମସ୍ତି, ବାବୁଲା ବେନିଆ , ଉତ୍କଳ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇ କୋରାପୁଟ ବ୍ଲକ ଅଧୀନରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତୀ ନେଇ ଆଲୋଚନା କରିଥିଲେ । ବ୍ଲକର ୧୪ ପଞ୍ଚାୟତରେ ଚାଲିଥିବା ଗ୍ରାମୀଣ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ଖାଉଟି ସାମଗ୍ରୀ ଠିକ ଭାବେ ପ୍ରଦାନ ହେଉଛି କି ନାହିଁ, ସ୍ୱଛ ଭାରତ ଯୋଜନା, ଏମଏନଆରଇଜିଏ, ବାର୍ଦ୍ଧକ୍ୟ, ବିଧବା ଭତ୍ତା ପ୍ରଦାନ, ବିଭିନ୍ନ ରାସ୍ତା ଓ ଗୃହ ନିର୍ମାଣର ଅଗ୍ରଗତି ନେଇ ବିଧାୟକ ସମୀକ୍ଷା କରିଥିଲେ । ଗ୍ରାମପଞ୍ଚାୟତଗୁଡିକର ନିଜସ୍ୱ ପାଣ୍ଠିକୁ ଅଯଥା ରାସ୍ତା ନିର୍ମାଣରେ ଖର୍ଚ୍ଚ ନ କରି ପଞ୍ଚାୟତ ଅଞ୍ଚଳରେ ଜରୁରୀ ସେବାରେ ଖର୍ଚ୍ଚ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ । ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭୀମୁଖି ଯୋଜନାର ସଠିକ ରୁପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ । କୋରାପୁଟ ବ୍ଲକ ପିଏ ସୁରେଶ ହୋତା ପରିଚାଳନା ସହାୟତା କରିଥିଲେ ।

## ଗ୍ରୀଷ୍ମକାଳୀନ କରାଟେ କର୍ମଶାଳା ଉଦ୍‌ଯାପିତ

ଜୟପୁର,୧୦।୬ (ଡି.ଏନ.ଏ)

କୋରାପୁଟ ଜିଲା ଜୟପୁରଠାରେ ଗତ ଏପ୍ରିଲ ୨୬ ତାରିଖରୁ ଜୁନ ୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ୪୫ ଦିନିଆ ଗ୍ରୀଷ୍ମକାଳୀନ କରାଟେ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଜୟପୁର କରାଟେ ସଂଘ ସମ୍ପାଦକ ମୁନା ସିଂ ଲାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାରେ ୩୫ ଜଣ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ସମ୍ମାନିତ ଅତିଥି ଏସଡିପିଓ ସାଗରିକା ନାଥ ଯୋଗ ଦେଇ କରାଟେ ଏକ ଆତ୍ମସୁରକ୍ଷା କଳା, ଏହାକୁ ସମସ୍ତ ଛାତ୍ରୀଛାତ୍ରଙ୍କ ଶିକ୍ଷା ନିତାନ୍ତ ଆବଶ୍ୟକ । ଏହାଦ୍ୱାରା ଶାରୀରିକ ଏବଂ ମାନସିକସ୍ତରରେ ଉନ୍ନତି ହୋଇପାରିବ ବୋଲି କହିଥିଲେ । ଶେଷରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଭାପତି କୃଷ୍ଣଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ଜିଲା କରାଟେ ସଂଘ ସମ୍ପାଦକ ଦୁର୍ଗା ପ୍ରସାଦ ରଥ, ଜୟପୁର ସଂଘ ଉପସଭାପତି ମୁରଲୀ ପଟ୍ଟନାୟକ, ମହମ୍ମଦ ସରିଫ ପ୍ରମୁଖ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ଶଙ୍କର ପ୍ରହରାଜ ପରିଚାଳନା କରିଥିଲେ ।



କର୍ମଶାଳାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

## ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବନି: ବିଧାୟକ

କୋରାପୁଟ,୧୦।୬(ସ୍ୱ.ପ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ । କୋରାପୁଟ ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ କୋରାପୁଟର ନବନିର୍ବାଚିତ ବିଧାୟକ ରଘୁରାମ ପୋଡାଲ ଜିଲାର ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି । ଯଦି ଦୁର୍ନୀତିରେ କୌଣସି ଅଧିକାରୀଙ୍କ ସମ୍ପୃକ୍ତି ନେଇ ସୂଚନା ମିଳେ, ତାହାହେଲେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ଚେତେଇ ଦେଇଛନ୍ତି। କୋରାପୁଟ ପ୍ରେସ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ନିର୍ବାଚନ ମଣ୍ଡଳୀର ସ୍ୱାସ୍ଥ୍ୟ,ଶିକ୍ଷା, ପାନୀୟ ଜଳ ସମସ୍ୟା ସମାଧାନ କରିବା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି କୋରାପୁଟସ୍ଥିତ ଶହୀଦ ମେଡିକାଲରେ ଥିବା ଡାଇଲେସିସ କେନ୍ଦ୍ରଟି ଡାକ୍ତର ଅଭାବରୁ ବନ୍ଦ ହେବାକୁ ଥିବା ଓ ମେଡିକାଲର ବିଭିନ୍ନ ସମସ୍ୟାର ସମାଧାନ, କୋରାପୁଟ ସହରର ଟ୍ରାଫିକ ବ୍ୟବସ୍ଥାକୁ ସୁଧାରିବା ପାଇଁ ବାଇପାସ ରାସ୍ତା ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ନେଇ ବିଧାୟକଙ୍କୁ ଜଣାଯାଇଥିଲା। ନିର୍ବାଚନମଣ୍ଡଳୀର ସମସ୍ତ ସମସ୍ୟାର ସମାଧାନ ପାଇଁ ସେ ଚେଷ୍ଟା କରିବେ ବୋଲି ବିଧାୟକ କହିଥିଲେ । ଏ ଦିଗରେ ସେ ଗଣମାଧ୍ୟମର ସହଯୋଗ କାମନା କରିଥିଲେ । ଶେଷରେ କ୍ଲବର ବରିଷ୍ଠ ସଦସ୍ୟ ଡି ଶଙ୍କର ରାଓ ଉତ୍ତରୀୟ ଦେଇ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ କ୍ଲବର ସମ୍ପାଦକ ଅମିତାଭ ବେହେରା, ଉପସଭାପତି ପ୍ରଶାନ୍ତ ସାମନ୍ତରାୟ, କୋଷାଧ୍ୟକ୍ଷ ଘନଶ୍ୟାମ ରଥ, ସଦସ୍ୟ ରଞ୍ଜନ କୁମାର ଦାସ, ଲକ୍ଷ୍ମୀ ପ୍ରସାଦରଥ, ବିଦ୍ୟାଧର ଚୌଧୁରୀ, ପରିକ୍ଷିତ ବିଶ୍ୱାଳ, ଅରୁଣ କୁମାର ଦାସ, କୀର୍ତ୍ତିଚନ୍ଦ୍ର ସାହୁ, ପତି ତପାବନ ସାହୁ ,କିଶୋର ଦାସ, ମନୋଜ ନାୟକ, ଜିତେନ୍ଦ୍ର ମିଶ୍ର, ସତ୍ୟଜିତ ମହାନ୍ତି, ଏସ. ଆଚାର୍ଯ୍ୟ, ପ୍ରମୋଦ ଖରା, ବି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ବିଧାୟକଙ୍କ ସହ ଖବରଦାତାମାନେ ।

# ବନ୍ଦ ହେବ ଡାଏଲିସିସ୍ କେନ୍ଦ୍ର

**କୋରାପୁଟ ମେଡିକାଲ**
- ଚିନ୍ତାରେ ରୋଗୀ,ସମ୍ପର୍କୀୟ
- ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

କୋରାପୁଟ,୧୦।୬(ସ୍ୱ.ପ୍ର)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ପିପିପି ମୋଡରେ ଚାଲିଥିବା ଡାଏଲିସିସ୍ କେନ୍ଦ୍ର ଏବେ ବନ୍ଦ ହେବା ସମ୍ଭାବନା ରହିଛି । ଏହି କେନ୍ଦ୍ରର ଡାକ୍ତର ମଧୁସୁଦନ ମହାପାତ୍ରଙ୍କ ଇସ୍ତଫା ପ୍ରଦାନ ପରେ ବିନା ଡାକ୍ତରରେ ଏହି କେନ୍ଦ୍ର ଚଳାଇବା କାଠିକର ପାଠ ହୋଇପଡ଼ିଛି । ତେଣୁ ଉକ୍ତ କେନ୍ଦ୍ରକୁ ବନ୍ଦ କରିବାକୁ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଦିନେଶ କୁମାର ସାହୁ ନିଷ୍ପତି ନେଇଛନ୍ତି । ଏହାକୁ ନେଇ ରୋଗୀ ଓ ସମ୍ପର୍କୀୟମାନେ ଚିନ୍ତାରେ ପଡ଼ିଛନ୍ତି । ଏହି କେନ୍ଦ୍ରରେ ୭ ଟି ବେଡ ରହିଛି । ଏଠାରେ ଅବିଭକ୍ତ କୋରାପୁଟ ଜିଲା ସମେତ ଜିଲା ବାହାରୁ ବହୁ କିଡନୀ ରୋଗୀ ଆସି ଡାଏଲିସିସ୍ କରିଥାନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପିପିପି ମୋଡରେ ଏହି କେନ୍ଦ୍ରକୁ ଚଳାଇବା ପାଇଁ ରାହି କେୟାର ନାମକ ଏକ ସଂସ୍ଥା ସହିତ ଏମଓୟୁ ହୋଇଛି । ଏହି କେନ୍ଦ୍ର ବନ୍ଦ ହେବା ନେଇ ଖବର ପାଇଁ କୋରାପୁଟର ସମସ୍ତ ଖବରଦାତା ଏକଜୁଟ ହୋଇ କୋରାପୁଟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହା କିପରି ଚାଲୁ ରହିବ ସେଥିନେଇ ତୁରନ୍ତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଉକ୍ତ ଖବର ଶୁଣି ବିଧାୟକ ରଘୁରାମ ପୋଡାଲ ରାହି କେୟାରଙ୍କ ଏମଡି ଏସ. ତୟାଲଙ୍କ ସହ ମୋବାଇଲରେ କଥାବାର୍ତ୍ତା କରି ତୁରନ୍ତ ଏହି କେନ୍ଦ୍ରରେ ଡାକ୍ତର ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଂସ୍ଥା ଏମଡି ଆସନ୍ତା ଦୁଇ ଦିନ ମଧ୍ୟରେ ଏଠାରେ ନୂତନ ଡାକ୍ତର ନିଯୁକ୍ତି ଦେବାକୁ ବିଧାୟକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ପରେ ବିଧାୟକ ଉକ୍ତ କେନ୍ଦ୍ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ । ଏଥିସହ କୋରାପୁଟ ମେଡିକାଲ କଲେଜ ଓ ହସପିଟାଲ ଭାରପ୍ରାପ୍ତ ଅଧୀକ୍ଷକ ତଥା ପ୍ରଫେସର ଡାକ୍ତର ମନୋଜ ଜେନା, ମେଡିକାଲ ମ୍ୟାନେଜର ଶୁଭେନ୍ଦୁ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ । ଉକ୍ତ ସଂସ୍ଥା ଓ କୋରାପୁଟ ସିଡିଏମଓଙ୍କ ସହ ଚୁକ୍ତି କରାଯାଇଥିବାରୁ କଲେଜ କର୍ତ୍ତୃପକ୍ଷ କିଛି କରିପାରିବେ ନାହିଁ । କେବଳ ଜଣେ ଡାକ୍ତର ତଦାରଖ ନିମନ୍ତେ ଦେଇଥିବା ମେଡିକାଲ କଲେଜ ଅଧୀକ୍ଷକ ଡାକ୍ତର ଜେନା ପ୍ରକାଶ କରିଛନ୍ତି । ଏହି କେନ୍ଦ୍ରକୁ ଡ଼ାକ୍ତର ନ ଆସିଲେ ଗୁରୁତର ରୋଗୀଙ୍କ ଡାଏଲିସିସ୍ କରିବା ସମ୍ଭବପର ନୁହେଁ ବୋଲି କେନ୍ଦ୍ରର ଅଧିକାରୀ ତଥା ମ୍ୟାନେଜର ଦିନେଶ ସାହୁ ପ୍ରକାଶ କରିଛନ୍ତି। ଏ ନେଇ ସେ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛୁ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷେ କିଛି ମାସ ହେଲାଣି ଏହି କେନ୍ଦ୍ରର କର୍ମଚାରୀମାନେ ବେତନ ପାଇ ନାହାନ୍ତି । ନିୟମିତ ରୋଗୀ ସେବା କରୁଛୁ ବୋଲି ଏହି କେନ୍ଦ୍ରର ମ୍ୟାନେଜର ସାହୁ ପ୍ରକାଶ କରିଛନ୍ତି । ଏଠାରେ ଡାଏଲିସିସ୍ କରୁଥିବା ୩୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ପ୍ରାଣହାନୀ ଘଟିବ ବୋଲି ସୁରେନ୍ଦ୍ର ପ୍ରଧାନ, ଅନିତା ଦଳେଇ ପ୍ରମୁଖ ରୋଗୀଙ୍କ ସମ୍ପର୍କୀୟ ମାନେ ପ୍ରକାଶ କରିଛନ୍ତି ।



ବିଧାୟକ ଡାଏଲିସିସ୍ କେନ୍ଦ୍ର ବୁଲି ଦେଖୁଛନ୍ତି ।

## ୧୫ଫୁଟ୍‌ର ଅହିରାଜ ଉଦ୍ଧାର



ରାୟଗଡା ଅଫିସ, ୧୦।୬-
ରାୟଗଡା ଜିଲା ଶେଷଖାଲ ଥାନା ପରିସରରୁ ଏକ ୧୫ଫୁଟ୍‌ର ଅହିରାଜ ସାପକୁ ଉଦ୍ଧାର କରାଯାଇଛି। ସାପଟିକୁ ଜଙ୍ଗଲ ଭିତରେ ଛଡାଯାଇଛି। ସାପଟି ଜଙ୍ଗଲରୁ ଆସି ଥାନା ପରିସରରେ ରହିଯାଇଥିଲା। ଥାନାରେ ମୁତୟନ ଥିବା ସିଆର୍‌ପିଏଫ ଯବାନମାନେ ସାପକୁ ଦେଖିଥିଲେ। ପରେ ରାୟଗଡାରୁ ଜଣେ ସାପ ଧରାଳିକୁ ଡକାଯାଇଥିଲା। ସାପ ଧରାଳି ପହଞ୍ଚି ଅତି ସତର୍କତାର ସହ ସାପଟିକୁ ଉଦ୍ଧାର କରିଥିଲେ। ପରେ ପୋଲିସ ଓ ବନ ବିଭାଗ ଉପସ୍ଥିତିରେ ନିକଟସ୍ଥ ଜଙ୍ଗଲରେ ସାପଟିକୁ ଛଡାଯାଇଥିଲା। ତେବେ ସାପକୁ ଦେଖିବା ପାଇଁ ନିକଟସ୍ଥ ପ୍ରାୟ ୪ଖଣ୍ଡ ଗାଁର ଲୋକଙ୍କ ଭିଡ ଜମିଥିଲା।

# ଟ୍ରକ୍ ମାଲିକଙ୍କ ଚାପରେ ମୁଣ୍ଡ ନୁଆଁଇଲା ପ୍ରଶାସନ

ରାୟଗଡ଼ା ଅଫିସ,୧୦।୬

ଟ୍ରକ୍ ମାଲିକଙ୍କ ଚାପରେ ମୁଣ୍ଡ ନୁଆଁଇଛି ଜିଲା ପ୍ରଶାସନ। ରାଜ୍ୟ ସଭା ସଦସ୍ୟ ତଥା ରାୟଗଡା ଟ୍ରକ୍ ମାଲିକ ସଂଘ ସଭାପତି ଏନ୍. ଭାସ୍କର ରାଓଙ୍କ ପକ୍ଷଭୁକ୍ତ କଥାଯୋଗୁ ଏଣିକି ରାୟଗଡା ସହର ଭିତରେ ଦିନରେ ପୁଣି ଭାରିଯାନ ଚଳାଚଳ କରିବ । ସୋମବାର ସ୍ଥାନୀୟ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଜିଲାପାଳ ପ୍ରମୋଦ କୁମାର ବେହେରା, ରାଜ୍ୟ ସଭା ସଦସ୍ୟ ରାଓ, ଏସ୍‌ପି ଶ୍ରବଣା ବିବେକ ଏମ୍ ଉପସ୍ଥିତ ଥିଲେ। ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟାରୁ ୧୨ଟା ଏବଂ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ସହର ଭିତରେ ଟ୍ରକ୍ ଚଳପ୍ରଚଳକୁ ଅନୁମତି ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ସହର ଭିତରେ ଟ୍ରକ୍ ଦୁର୍ଘଟଣା ଘଟୁଥିବାରୁ ୧ ମାସ ହେଲା ଦିନରେ ଟ୍ରକ୍‌ର ପ୍ରବେଶକୁ ବାରଣ କରାଯାଇଥିଲା। ଫଳରେ ସହର ଭିତରେ ଦିନରେ ଲୋକେ ବେଧଡକ ଚଳପ୍ରଚଳ କରିଆସୁଥିଲେ। ଏହାକୁ ସମସ୍ୟା ଦର୍ଶାଇ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳାଇ ଟ୍ରାଫିକ୍‌କୁ ନେଇ ରହିଥିବା ସମସ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଦୁର୍ଘଟଣାକୁ ଏଡାଇବା ପାଇଁ ସହରଠାରୁ ଦୂରରେ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଟ୍ରକ୍ ଗୁଡିକୁ ଅଟକାଇ ଦିଆଯାଉଛି। କିନ୍ତୁ ଟ୍ରକ୍ ମାଲିକମାନେ ମଧ ମୋଟା ଅଙ୍କର ଟିକସ ସରକାରଙ୍କୁ ପ୍ରଦାନ କରୁଛନ୍ତି। ତେଣୁ ଏହା ସମୀଚୀନ ନୁହେଁ ବୋଲି ରାଜ୍ୟ ସଭା ସଦସ୍ୟ ତଥା ଟ୍ରକ ମାଲିକ ସଂଘ ସଭାପତି ରାଓ କହିଥିଲେ। ତେଣୁ ଏଥିରେ ପରିବର୍ତ୍ତନ କରିବା ଜରୁରୀ ବୋଲି ସେ ମତ ଦେଇଥିଲେ। ଅପରପକ୍ଷେ ଦିନସାରା ଅଟକ ଥିବା ଟ୍ରକ୍ ରାତିରେ ଯା ଆସ କରିବା ଦ୍ୱାରା ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଏପରିକି ଆନ୍ଧ୍ର ସୀମାନ୍ତରୁ ରାୟଗଡା ଆସିବା କଷ୍ଟକର ହୋଇପଡୁଛି । ତେଣୁ ଏଥିରେ ପରିବର୍ତ୍ତନ ଦରକାର ବୋଲି ରାଓ ପ୍ରକାଶ କରିଥିଲେ। ଭାରିଯାନ ଟ୍ରକ୍‌କୁ ନେଇ ଏସ୍‌ପି ଗୁରୁତ୍ୱାରୋପ କରିଥିଲେ। ଟ୍ରକରେ ଯାଉଥିବା ସାମଗ୍ରୀ ଓଜନ କରିବାର କୌଣସି ଉପାୟ ନ ଥିବାରୁ ସମସ୍ୟା ଉପୁଜୁଥିବା ସେ କହିଥିଲେ । ତେବେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରି ଏହାର ସମାଧାନ କରିବାକୁ ସ୍ଥିର କରାଯାଇଥିଲା। ବାରମ୍ବାର ଦୁର୍ଘଟଣାକୁ ଏଡାଇବା ପାଇଁ ବିଭିନ୍ନ ମହଲରୁ ପ୍ରଶାସନ ଉପରେ ଚାପ ପଡ଼ିବା ପରେ ଦିନରେ ଭାରିଯାନ ଚଳପ୍ରଚଳକୁ ବାରଣ କରାଯାଇଥିଲା। ଏହାକୁ ଜିଲାବାସୀ ସ୍ୱାଗତ କରିଥିବାବେଳେ ଆଜିର ସଭାରେ ହୋଇଥିବା ନିଷ୍ପତ୍ତିକୁ ବିରୋଧ କରିବା ସହ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି । ଅପରପକ୍ଷରେ, ମଝିଘରିଆଣି ମନ୍ଦିର ନିକଟ ପୋଲ, ନାଇଡୁପେଟା ଏବଂ ଅମଳାଭଟା ନିକଟ ପୋଲକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏସବୁ ପୋଲର ନିର୍ମାଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ଅପରପକ୍ଷରେ ପ୍ରଶାସନର କଥାକୁ ଖାତିର ନ କରି ରାଜପଥ ବିଭାଗ କରିଥିବା ରାସ୍ତା ନିର୍ମାଣ ଏବେ ବିପଦକୁ ହାତଠାରି ଡାକୁଛି ବୋଲି ବୈଠକରେ ଆଲୋଚନା ହୋଇଛି। କପିଳାସ ଛକ ନିକଟରେ ଥିବା ବସ୍‌ଷ୍ଟପକୁ ହଟାଇ ଗଜପତି ଛକରେ ନିର୍ମାଣ କରିବାକୁ ସ୍ଥିର କରାଯାଇଛି। ସେହିଭଳି ବାଇପାସ୍ ରାସ୍ତା ନିର୍ମାଣ ନ ହେବା ପର୍ଯ୍ୟନ୍ତ ସହର ଭିତରେ ଟ୍ରାଫିକ୍ ସମସ୍ୟା ଲାଗି ରହିବ ବୋଲି ଜିଲାପାଳ କହିଥିଲେ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପୂର୍ତ୍ତ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନ ଥିଲେ। ବୈଠକରେ ଟ୍ରକ୍, ବସ୍ ମାଲିକ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଟ୍ରକ ଆସୋସିଏଶନ ପ୍ରତିନିଧିମାନେ।

### ଦିନରେ ଚାଲିବ ଭାରିଯାନ

■ରାଜ୍ୟ ବ୍ରାହ୍ମଣ ମହାସଂଘ କାର୍ଯ୍ୟକାରିଣୀ ବୈଠକ

## ସଙ୍ଗଠନକୁ ସୁଦୃଢ କରିବା ନେଇ ଆଲୋଚନା



ପତ୍ରିକା 'ବ୍ରହ୍ମ ସନ୍ଦେଶ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଜେକେପୁର, ୧୦।୬(ଡି.ଏନ୍.ଏ.)

ରାୟଗଡ଼ା ସହର ଅଶୋକ ହୋଟେଲ ସମ୍ମିଳନୀ କକ୍ଷରେ ଓଡିଶା ବ୍ରାହ୍ମଣ ମହାସଂଘର ୭ମ କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ବୈଠକରେ ଓଡିଶାର ସବୁ ଜିଲାର ବ୍ରାହ୍ମଣ ସଂଘ କର୍ମକର୍ତ୍ତାଙ୍କ ସମେତ ଜିଲାର ୧୧ଟି ବ୍ଲକର ବ୍ରାହ୍ମଣ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲା ବ୍ରାହ୍ମଣ ସଂଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ମଦନ ମୋହନ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଭାପତି ଇଂ ସୀମାଞ୍ଚଳ ମହାପାତ୍ର, ଉପସଭାପତି ଲକ୍ଷ୍ମୀନାରାୟଣ ଚୌଧୁରୀ, କୋଷାଧ୍ୟକ୍ଷ ରମେଶଚନ୍ଦ୍ର ମହାପାତ୍ର, ଆଞ୍ଚଳିକ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ରାଜ୍ୟ ଯୁଗ୍ମ ସମ୍ପାଦକ ରଞ୍ଜନ ରଥ, ରାଜ୍ୟ ଯୁବବାହିନୀ ସଭାପତି ବିଷ୍ଣୁ ପ୍ରସାଦ ମିଶ୍ର, ରାଜ୍ୟ ଶକ୍ତି ବାହିନୀ ସଭାପତି ଶ୍ରଦ୍ଧା ଷଡଙ୍ଗୀ ମଞ୍ଚାସୀନ ଥିଲେ। ପ୍ରଥମେ ଅତିଥିମାନଙ୍କୁ ଉପଢୌକନ ସହ ପୁଷ୍ପଗୁଚ୍ଛଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସଭାପତି ମଦନ ମୋହନ ପାଢୀ ସ୍ୱାଗତ ଭାଷଣ ଦେବା ସହ ଜିଲାର ସାଙ୍ଗଠନିକ ଓ ବ୍ରାହ୍ମଣ ସମାଜର ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ଜିଲାରୁ ଆସିଥିବା ପ୍ରତିନିଧିମାନେ ବ୍ରାହ୍ମଣ ସମାଜର ସଂଗଠନ, ଏକତା ଓ ଆର୍ଥିକ ସ୍ଥିତି ବିଷୟରେ ଆଲୋଚନା କରିଥିଲେ। ରାଜ୍ୟରେ ଗୋଟିଏ ସଂଘର ପରିକଳ୍ପନା ନେଇ ଥିବା ବିଭିନ୍ନ ଆପତ୍ତି ଓ ଅଭିଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାଛଡା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ବ୍ରାହ୍ମଣ କଲ୍ୟାଣ ନିଗମ ସହ ସାଂଗଠନିକ କଲ୍ୟାଣ ପାଣ୍ଠି, ସୁଦୃଢୀକରଣ, ଆଞ୍ଚଳିକ ସମସ୍ୟା ନିଜ ମଧ୍ୟରେ ଏକତା ସହ ସଙ୍ଗଠନର ଆର୍ଥିକ ଉନ୍ନତି ପାଇଁ ରାଜ୍ୟସ୍ତରୀୟ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟ ସଂଘର ତ୍ରୈମାସିକ ପତ୍ରିକା 'ବ୍ରହ୍ମ ସନ୍ଦେଶ' ଉନ୍ମୋଚନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ନିରଞ୍ଜନ ବକ୍ସିପାତ୍ର, ଡ. ଆନନ୍ଦ ପାଢୀ, ଏନ୍ଏନ୍ ପାଢୀ, ରାଜେଶ ପାଢୀ, ଜଗଦୀଶ ପଣ୍ଡା, ଅଶୋକ ସାହୁ, ସୁନିଲ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ମନ୍ଦିର ନୂତନ ପ୍ରକୋଷ୍ଠ ଉଦ୍‌ଘାଟିତ



ମନ୍ତ୍ରୀ ଜଗନ୍ନାଥ ସାରକା ସ୍କୁଲ ପ୍ରକୋଷ୍ଠ ଉଦ୍‌ଘାଟନ କରୁଛନ୍ତି।

ମୁନିଗୁଡ଼ା, ୧୦।୬(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ମୁନିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍କୁଲର ଏକ ବହୁମୁଖୀ ପ୍ରକୋଷ୍ଠ ସୋମବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଏହି ନୂତନ ପ୍ରକୋଷ୍ଠକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ସ୍ୱତନ୍ତ୍ର ଜନଜାତି ଉନ୍ନୟନ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସୁଧୀର ଦାସ, ମୁନିଗୁଡ଼ା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାମନ୍ଦିର ସଭାପତି ବି.ଉମାଶଙ୍କର ପାତ୍ର, ସମ୍ପାଦକ ପ୍ରଶାନ୍ତ ରତ୍ନାଲୁ ଛାତ୍ରୀଛାତ୍ରଙ୍କ ପାଇଁ ବିଜ୍ଞାନ ପରୀକ୍ଷଣ ସରଞ୍ଜାମ ସହ ଅନ୍ୟ ଆନୁସାଙ୍ଗିକ ସାମଗ୍ରୀ ପାଇଁ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ରତନ ଲାଲ ଜୈନ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଗିରିଜା ପ୍ରସାଦ ମିଶ୍ର, ସୁଜାତା ନାୟକ, କୁସୁମାଞ୍ଜଳି ରଥ, ସୁବ୍ରତ ପାତ୍ର, ଅନିରୁଦ୍ଧ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ଗୁରୁମା, ଗୁରୁଜୀ ଏଥିରେ ସହଯୋଗ କରିଥିଲେ।

■ଆଇଟିଡିଏର ପ୍ରକଳ୍ପସ୍ତରୀୟ ବୈଠକ

## ହଷ୍ଟେଲ ଉନ୍ନତୀକରଣ ଉପରେ ଗୁରୁତ୍ୱ

ରାୟଗଡ଼ା ଅଫିସ, ୧୦।୬

■ ରାୟଗଡ଼ାରେ ଚାଲିଥିବା ପ୍ରକଳ୍ପ ଶେଷ କରିବାକୁ ନିର୍ଦ୍ଦେଶ

■ ଗୁଣପୁର ୭ ବ୍ଲକରେ ୪୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହଷ୍ଟେଲ ମରାମତି

ରାୟଗଡ଼ା ଓ ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ପ୍ରକଳ୍ପସ୍ତରୀୟ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ରାୟଗଡ଼ା ଆଇଟିଡିଏ ଅଧୀନରେ ଥିବା ୪ଟି ବ୍ଲକର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ର ରହୁଥିବା ହଷ୍ଟେଲର ଉନ୍ନତୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜମିକୁ ଜଳ ଯୋଗାଣ ନିମନ୍ତେ ଚେକ୍‌ଡ୍ୟାମ ନିର୍ମାଣ, ଜମି ଉନ୍ନତୀକରଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଚାରା ରୋପଣ, ଦୁର୍ଗମ ଗାଁଗୁଡିକୁ ରାସ୍ତା ନିର୍ମାଣ ନେଇ ଆଲୋଚନା କରାଯାଇଥିଲା। ନିୟମଗିରି ପାହାଡ ପାଦଦେଶରେ ଥିବା ପରସାଲି ପଞ୍ଚାୟତ ମହକୁମାରୁ ଗୁମ୍ମା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୨କୋଟି ୯୫ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ୧କୋଟି ୪୧ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚପରେ ମାଓବାଦୀମାନେ କାମ ବନ୍ଦ କରି ଦେଇଛନ୍ତି। ଫଳରେ ୧କୋଟି ୫୩ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ନ ହୋଇ ପଡିରହିଛି ବୋଲି ଅଧିକାରୀମାନେ ସୂଚନା ଦେଇଥିଲେ। ୨୦୧୭-୧୮ ଆର୍ଥିକ ବର୍ଷରେ ୯୬ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ୧୫ଟି ପ୍ରକଳ୍ପ ହାତକୁ ନିଆଯାଇଛି। କିନ୍ତୁ ସେଗୁଡିକ ମଧ୍ୟରୁ ଗୋଟିଏ ବି ଅଦ୍ୟାବଧି ଶେଷ ହୋଇ ପାରିନାହିଁ। ୨୦୧୮-୧୯ ଆର୍ଥିକ ବର୍ଷରେ ୮କୋଟି ୨୬ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ୧୩୧ଟି ପ୍ରକଳ୍ପ ହାତକୁ ନିଆଯାଇଛି। ଏହାର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୁଣପୁର ଆଇଟିଡିଏ ପ୍ରକଳ୍ପ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏପ୍ରିଲ ସୁଦ୍ଧା ୩୨ କୋଟି ୮୭ ଲକ୍ଷ ୩୬ହଜାର ଟଙ୍କା ବିଭାଗ ନିକଟରେ ରହିଥିବାବେଳେ ମାର୍ଚ୍ଚ ୩୧ ସୁଦ୍ଧା ୨ କୋଟି ୫୨ ଲକ୍ଷ ୨୮ ହଜାର ଟଙ୍କା ହସ୍ତଗତ ହୋଇଥିଲା। ୨୦୧୮-୧୯ରେ ୧କୋଟି ୩୬ ଲକ୍ଷ ୩୫ ହଜାର ଟଙ୍କା ବ୍ୟୟରେ ୭୩ ଗୋଟି ଜଳ ଯୋଗାଣ ପ୍ରକଳ୍ପ, ୩୨ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟରେ ବିଦ୍ୟୁତୀକରଣ ଓ ୨ କୋଟି ଟଙ୍କା ବ୍ୟୟରେ ୩ଟି ସ୍ଥାନରେ ବିଦ୍ୟାଳୟଗୁଡିକର ଶ୍ରେଣୀଗୃହ ଓ କର୍ମଚାରୀ କ୍ୱାର୍ଟର ନିର୍ମାଣ କରାଯାଇଛି। ସେହିଭଳି ୪୬ଲକ୍ଷ ଟଙ୍କା ବ୍ୟୟରେ ୭ଟି ବ୍ଲକରେ ଥିବା ହଷ୍ଟେଲ ମରାମତି ପାଇଁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାୟଗଡ଼ା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ, ଗୁଣପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ, ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ପୂର୍ବତନ ସେନା ଅଧିକାରୀଙ୍କ ମୃତ୍ୟୁ

ବୈଶିଙ୍ଗା,୧୦।୬ :

ମୟୂରଭଞ୍ଜ ଜିଲା ବୈଶିଙ୍ଗା ନିକଟସ୍ଥ ମଞ୍ଜୁରୀ ଛକଠାରେ ଏକ ଦୁର୍ଘଟଣାରେ ଜଣେ ପୂର୍ବତନ ସେନା ଅଧିକାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୁଣିଆ ଗ୍ରାମର ବାଳକୃଷ୍ଣ ଦାସ(୫୫)। ରବିବାର ରାତି ୧୦ଟାରେ ଏକ ବାଇକରେ ପୂର୍ବତନ ସେନା ଅଧିକାରୀ ଜଣକ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍ (ନଂ. ଓଡି୦୧ଡି-୭୦୪୬) ପଛରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଟ୍ରକ୍‌ଟିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

DHARITRI Career appointment Every Wednesday and Saturday

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

BASUDHA FINANCE
BASUDHA FINANCE ଦ୍ୱରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815 7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

See Color Display Classified on every Tuesday & Friday

BUSINESS

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,000 + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ (ଇଣ୍ଟରନେଟ୍ ଫ୍ରି) + ହାଇସିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



" ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।
- ସନ୍ଥ ଏକନାଥ



## ସଂକ୍ଷେପରେ

### ହନୁମାନ ମନ୍ଦିର ପ୍ରତିଷ୍ଠା



ନବରଙ୍ଗପୁର,୧୦।୬(ବି.ପ୍ର.): ନବରଙ୍ଗପୁର ଜିଲା ସଦର ମହକୁମା ମୁଖ୍ୟ ରାସ୍ତା ତଥା ୨୬ ନମ୍ବର ଜାତୀୟ ରାଜପଥ କଡରେ କାଚ କାରୁକାର୍ଯ୍ୟରେ ନବ ନିର୍ମିତ ହନୁମାନ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଛି। ଏହାର ପରିସରରେ ରାମ ଓ ଗଣେଷ ମନ୍ଦିର ମଧ ପ୍ରତିଷ୍ଠା ହୋଇଛି। ନବରଙ୍ଗପୁର ଟ୍ରକ ଓ ବସ୍ ୟୁନିୟନ୍ ଏବଂ ନବରଙ୍ଗପୁର ଜନସାଧାରଣଙ୍କ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ ପୁରୋହିତ ନରସିଂହ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ମା' ଭଣ୍ଡାର ଘରଣୀ କର୍ମକାଣ୍ଡ ପ୍ରଶିକ୍ଷଣ କେନ୍ଦ୍ରର ଶିକ୍ଷାର୍ଥୀଙ୍କ ସହଯୋଗରେ ଏହି ପ୍ରତିଷ୍ଠା କାର୍ଯ୍ୟ ଚାଲୁ ରହିଛି। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ଷଡଙ୍ଗୀ ଓ ତାଙ୍କ ପତ୍ନୀ ମୀନାକ୍ଷୀ ଷଡଙ୍ଗୀ , ନରସିଂହ ତ୍ରିପାଠୀ ଓ ତାଙ୍କ ପତ୍ନୀ ରାଜମଣୀ ତ୍ରିପାଠୀ ଏବଂ ସମାଜସେବୀ ଜଗନ୍ନାଥ ମହାପାତ୍ର ଓ ତାଙ୍କ ସହଧର୍ମିଣୀ କୁମୁଦୁନୀ ମହାପାତ୍ର କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ବରିଷ୍ଠ ପୁରୋହୀତ ଗୁପ୍ତ ଷଡଙ୍ଗୀ, ବିଶମ୍ବର ମିଶ୍ର, ପ୍ରମୋଦ ତ୍ରିପାଠୀ, ଦେବୀ ନାୟକ, ଚିନୁ ଦାଶ ପ୍ରମୁଖ ସମ୍ପନ୍ନ କରିଥିଲେ। ବସ, ଟ୍ରକ ୟୁନିୟନ ମାଲିକ ସଂଘ ସଭାପତି ପ୍ରକାଶ ତ୍ରିପାଠୀ ଉପସ୍ଥିତ ଥିଲେ।

### ସହକାରୀ ଶିକ୍ଷୟିତ୍ରୀଙ୍କ ବିୟୋଗରେ ଶୋଭସଭା



ତେନ୍ତୁଲିଖୁଣ୍ଟି,୧୦।୬(ଡି.ଏନ.ଏ): ସହକାରୀ ଶିକ୍ଷୟିତ୍ରୀ ଅର୍ଚ୍ଚନା ରାଣୀ ନାୟକଙ୍କ ବିୟୋଗରେ ଏକ ଶୋକସଭା ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଶୋକସଭାରେ ଗୋଷ୍ଠୀ ଶିକ୍ଷାଅଧିକାରୀ ଟି.ମିନତୀ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦର୍ଶନ ନାୟକ, ଏନପିଏସ ସଂଘ ସଭାପତି ମାଳୀ ହରିଜନ, ଉପସଭାପତି ସଞ୍ଜୟ ସୁନା, ଉପଦେଷ୍ଟା ସର୍ବେଶ୍ୱର ପତି, ସମ୍ପାଦକ ନିର୍ମଳ ହିଆଲ, ଜିଲା କନିଷ୍ଠ ଶିକ୍ଷକ ସଂଘ ସଭାପତି ବ୍ରଜ ଶଗରିଆ, ଅଜୟ ହରିଜନ, ପୂର୍ଣ୍ଣଚନ୍ଦ୍ର ହରିଜନ, ଲକ୍ଷ୍ମଣ ହରିଜନ, ପ୍ରଣବ ସାହୁ, ଦିଲୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅର୍ଚ୍ଚନାରାଣୀ ଶିକ୍ଷା ସହାୟକ ଭାବେ ନିଜର ଚାକିରୀ ଜୀବନ ଆରମ୍ଭ କରିଥିଲେ।

■ ଗ୍ରାମଦେବୀଙ୍କ ଜମିକୁ ନେଇ ବିବାଦ

# ଗ୍ରାମବାସୀଙ୍କ ତହସିଲ ଘେରାଉ

କୋଡିଙ୍ଗା,୧୦।୬(ଡି.ଏନ.ଏ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ସାନଆମ୍ବଡା ଗ୍ରାମର ଗ୍ରାମଦେବୀ ମା' ଠାକୁରାଣୀଙ୍କ ଜମିକୁ ନେଇ ବିବାଦ ଦେଖା ଦେଇଛି। ସୋମବାର ଗ୍ରାମବାସୀ ତହସିଲ ଘେରାଉ କରିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ମା' ଠାକୁରାଣୀଙ୍କ ୧୨ ଏକର ୬୨ ସେଣ୍ଟ ଧାନ ଜମି ରହିଛି। ଏହି ଜମିକୁ ଗ୍ରାମବାସୀ ଚାଷ କରି ମନ୍ଦିର ପରିଚାଳନା କରି ଆସୁଛନ୍ତି। ପ୍ରାୟ ୨୦ ବର୍ଷ ହେବ ଗ୍ରାମବାସୀ ଏହି ଜମିକୁ ଚାଷ କରୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ପୂର୍ବରୁ ଏହି ଜମି ଗ୍ରାମ ଦେବୀଙ୍କ ନାମରେ ପଟ୍ଟା ଥିଲା। କିନ୍ତୁ ପ୍ରାୟ ଏକ ବର୍ଷ ହେବ ସେହି ଜମି ପୂର୍ବରୁ ମନ୍ଦିର ପୂଜାରୀ ଥିବା ମୁକୁନ୍ଦ ପୂଜାରୀ, ଖଗପତି ପୂଜାରୀ ପିତା ଲଛମୀ ପୂଜାରୀଙ୍କ ନାମରେ ପଟ୍ଟା ହୋଇଛି। ଫଳରେ ବର୍ତ୍ତମାନ ପଟ୍ଟାଦାର ଜମି ଦଖଲ କରିବା ପାଇଁ ଚେଷ୍ଟା କରୁଛନ୍ତି। ଗତ ବର୍ଷ ସେମାନେ କୋଡିଙ୍ଗା ତହସିଲଦାରଙ୍କୁ ଜଣାଇଥିଲେ କି ଏହି ପୂଜାରୀମାନେ ମନ୍ଦିର ସେବାରେ ୨୦ ବର୍ଷ ହେଲା ନାହାନ୍ତି। ତେଣୁ ତାଙ୍କ ନାମରେ ଗ୍ରାମଦେବୀ ଜମିକୁ ପଟ୍ଟା କରା ନ ଯାଉ। ତଥାପି ଜମି ତାଙ୍କ ନାମରେ ପଟ୍ଟା କରାଯାଇଛି। ଏ ସମ୍ପର୍କରେ ଅନେକ ଥର କୋଡିଙ୍ଗା ତହସିଲଦାରଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଗ୍ରାମର ପୁରୁଷ ଓ ମହିଳା ଆସି ତହସିଲ ଘେରାଉ କରିବାକୁ ବାଧ ହେଲୁ। ବର୍ତ୍ତମାନ ଦାୟିତ୍ୱରେ ଥିବା ଆଡିସନାଲ ତହସିଲଦାର ସବ୍ୟସାଚୀ ଜେନା ଏବଂ କୋଡିଙ୍ଗା ଥାନା ଅଧିକାରୀ ପୁଷ୍ପେନ୍ଦ୍ର କୁମାର ସାଗର ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଜିଲାପାଳଙ୍କୁ ଏଥିପାଇଁ ସାକ୍ଷାତ କରିବାକୁ କହିଥିଲେ। ଧମର ଦାସ ବିଷୋୟୀ, ଦଇତୁ ପୂଜାରୀ, ସୋଭାନ୍ଦ ସୌରା, ବୈଦନାଥ ସୌରା, ଅଲେଖ ମାଝି, ଖଗପତି ଦଣ୍ଡସେନା, ଖଗପତି ସୌରା,ଇଶ୍ୱର ପୂଜାରୀ, ଯୋଗୀରାମ ଭତରା, ପୂର୍ଣ୍ଣ ଗାଣ୍ଡା, ହୃଷିକେଶ ରନ୍ଧାରୀ, ପାକନ୍ଦୁ ରାଉତ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଆଡିସନାଲ ତହସିଲଦାରଙ୍କୁ ପଚାରିବାରୁ ସେ କହିଥିଲେ ଯେ ସରକାରଙ୍କ ନିୟମ ପ୍ରକାର ଏହି ଜମି ପଟ୍ଟା ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ କୌଣସି ଅଭିଯୋଗ ତହସିଲରେ ନାହିଁ। ପଟ୍ଟା ପରିବର୍ତ୍ତନ କରିବା ଆମର କାମ ନୁହେଁ।



ତହସିଲ ଆଗରେ ମହିଳାମାନେ ଧାରଣାରେ ବସିଛନ୍ତି।

■ଚାଷୀଙ୍କ ଅଜାଣତରେ କାଳିଆ ଟଙ୍କା ଗାଏବ ଘଟଣା

# ଥାନାରେ ଏତଲା ଦେଲେ ହିତାଧିକାରୀ

ନବରଙ୍ଗପୁର,୧୦।୬(ବି.ପ୍ର.)

ନିଜ ବ୍ୟାଙ୍କ ଖାତାରେ ଜମା ହୋଇଥିବା କାଳିଆ ଯୋଜନାର ୫ ହଜାର ଟଙ୍କା କେହି ଏଟିଏମ ବ୍ୟବହାର କରି ଉଠାଇ ନେଇ ଯାଇଥିବା ନେଇ ନବରଙ୍ଗପୁର ଥାନାରେ ଚାଷୀ ବୁଟି ହରିଜନ ସୋମବାର ଏତଲା ଦେଇଛନ୍ତି । ଏହି ଘଟଣାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ତାରିକ ଅହମ୍ମଦ କହିଛନ୍ତି।। ଏନେଇ ବରୋଦା ବ୍ୟାଙ୍କକୁ ଯାଇ ବୁଝିବା ପରେ ଜଣାପଡିଥିଲା ଯେ ବୁଟି କିଓସ୍କ ବ୍ୟାଙ୍କରେ ଧନଜନ ଯୋଜନା ମାଧମରେ ଏହି ଖାତା ଖୋଲିଛନ୍ତି। ସେହି ସମୟରେ କିଛି ଟଙ୍କା ଜମା କରିଥିଲେ । ଖାତା ଖୋଲିବା ମାତ୍ରେ ତୁରନ୍ତ ଏଟିଏମ ପ୍ରଦାନ କରାଯାଏ । ନଚେତ ବ୍ୟାଙ୍କ ପକ୍ଷରୁ ପୋଷ୍ଟାଲ ମାଧରେ ଏଟିଏମ ଆସିଥାଏ । ଏହା କିଏ ନେଇଛନ୍ତି ବୋଲି ପ୍ରଶ୍ନ କରିବାରୁ ତାହା ଦେଖିକି ଜଣାଇବୁ ବୋଲି ବ୍ୟାଙ୍କ କର୍ମଚାରୀ କହିଛନ୍ତି । ତେବେ ଖାତା ଖୋଲିବା ପରେ ବୁଟି କେବେ ବି ବ୍ୟାଙ୍କକୁ ଆସି ଟଙ୍କା ଉଠାଇ ନାହାନ୍ତି । ଏଟିଏମରୁ ଯାହା ଟଙ୍କା ଉଠିଛି ତାହା ପ୍ରଥମ ଟ୍ରାଜକସନ ବୋଲି କହିଥିଲେ । ଯାଞ୍ଚ ପରେ ଜଣାପଡିଥିଲା ଯେ, ୦୦୦୧୨୩୦୦୮ସିଏନଡି ଏଟିଏମ କାଉଣ୍ଟର ନମ୍ବରରୁ ଟଙ୍କା ଉଠିଛି। ତାହା କେଉଁ ଏଟିଏମ ତାହାର ଠିକଣା ମୁଖ୍ୟାଳୟକୁ ଜଣାଇବା ପରେ ଠିକ ତଥ୍ୟ ଜଣାପଡିବ ବୋଲି କହିଥିଲେ। ନବରଙ୍ଗପୁର ବ୍ଲକ ସାନ କୁମୁଲି ଗାଁର ବୁଟି ହରିଜନ । ନିଜର ବୋଲି କେହି ନାହାନ୍ତି ସ୍ୱାମୀ ସ୍ତ୍ରୀ ଦୁହେଁ ଘରେ ରହୁଛନ୍ତି। କାଳିଆ ଯୋଜନା ଟଙ୍କା ଖାତାରେ ଜମା ହେଉଥିବା ଗ୍ରାମବାସୀଙ୍କ ଠାରୁ ଜାଣିବାକୁ ପାଇଥିଲେ। ୫ ହଜାର ଟଙ୍କା ନବରଙ୍ଗପୁର ବରୋଦା ବ୍ୟାଙ୍କରେ ଥିବା ତାଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଥିଲା। ତେବେ ବ୍ୟାଙ୍କ ଖାତା ହଜିଯାଇଥିବାରୁ ଡୁପ୍ଲିକେଟ ଖାତା କରି ଅପ ଟୁ ଡେଟ କରିଥିଲେ। ଏଥିରୁ ଜାଣିବାକୁ ପାଇଥିଲେ ଯେ, ଜୁନ ୭ ତାରିଖ ସୁଦ୍ଧା ତାଙ୍କ ବ୍ୟାଙ୍କ ଖାତାରେ ମାତ୍ର ୧୪୩ ଟଙ୍କା ରହିଛି। ଏଟିଏମ ବ୍ୟବହାର କରି ୫୦୦୦ ଟଙ୍କା ଉଠାଣ ହୋଇଛି। ତେବେ ବୁଟି କେବେବି ଏଟିଏମ କାର୍ଡ ପାଇଁ ଆବେଦନ କରି ନ ଥିବାରୁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।



ଥାନା ଅଧିକାରୀ ତାରିକ ଅହମ୍ମଦଙ୍କ ନିକଟରେ ଚାଷୀ ବୁଟି ହରିଜନ।

# ବିଦ୍ୟୁତ୍ ଆଘାତରେ ଛାତ୍ରୀଙ୍କ ମୃତ୍ୟୁ

ନବରଙ୍ଗପୁର,୧୦।୬(ବି.ପ୍ର.)

**ଦୀନ୍‌ଦୟାଲ କନ୍ୟାଶ୍ରମ**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମାଝିଗୁଡା ଠାରେ ଥିବା ଦୀନଦୟାଲ କନ୍ୟାଶ୍ରମର ଷଷ୍ଠ ଶ୍ରେଣୀ ଛାତ୍ରୀ ସ୍ନେହା ଗରଡା(୧୧)ଙ୍କ ସୋମବାର ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି । ସ୍ନେହାଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ଜଣେ ଛାତ୍ରୀ ସୁପ୍ରିୟା ନାୟକ ଗୁରୁତର ହୋଇଛନ୍ତି। ଅନାଥ ଓ ଅସହାୟଙ୍କ ପାଠପଢା ପାଇଁ ଜିଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ମାଝିଗୁଡାଠାରେ ଦୀନଦୟାଲ କନ୍ୟାଶ୍ରମ କରାଯାଇଛି। ଉକ୍ତ କନ୍ୟାଶ୍ରମ ପାଚେରି କାନ୍ଥ ଉପରେ ତାର ବାଡ କରାଯାଇଛି। ସେହି ବାଡରେ ବିଦ୍ୟୁତ ସଂଯୋଗ ଥିବା ଏକ ତାର କୌଣସିମତେ ପଡି ଯାଇଥିଲା। ଆଶ୍ରମ କାନ୍ଥର ଅପର ପାର୍ଶ୍ୱରେ ଏକ ବିବାହ କାର୍ଯ୍ୟକ୍ରମ ପାଇଁ ବାଜା ବାଜୁଥିଲା। ପିଲାମାନେ ବାଜା ବାଜିବା ଦେଖି ନାଚିଥିଲେ। ସ୍ନେହା ପାଚେରି କାନ୍ଥରେ ଚଢି ବାଜା ବାଜିବା ଦେଖୁଥିଲେ। ଏହି ସମୟରେ ନିୟନ୍ତ୍ରଣ ହରାଇ ତାର ବାଡରେ ସ୍ନେହାଙ୍କ ହାତ ଲାଗିଯାଇଥିଲା। ତେବେ ସେଥିରେ ବିଦ୍ୟୁତ ସଂଯୋଗ ହୋଇଥିବା କାହାରିକୁ ଜଣାନଥିଲା । ସ୍ନେହା ବିଦ୍ୟୁତ ସଂସ୍ପର୍ଶରେ ଆସିଯିବାରୁ ଅନ୍ୟ ଜଣେ ଅନ୍ତେବାସୀ ଛାତ୍ରୀ ସୁପ୍ରିୟା ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ତାଙ୍କୁ ମଧ ବିଦ୍ୟୁତ ଆଘାତ ଲାଗିଥିଲା। ସେ ପାଟି କରି ସମସ୍ତଙ୍କୁ କହିଥିଲେ । ପରେ ବିଦ୍ୟୁତ କାଟ କରି ସ୍ନେହାଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତର ଅବସ୍ଥାରେ ସ୍ନେହାଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପାଇବା ପରେ ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି, ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ, ଏଏସଆଇ ଏ.କେ. ପାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ଶିଶୁ କଲ୍ୟାଣ କମିଟି ଅଧକ୍ଷ ବିଜୟ କୁମାର ଚୌଧୁରୀ, ସଭ୍ୟା ଜେମାମଣି ବିଷୋୟୀ, ପରିବିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ମାର୍ଥା ପ୍ରମୁଖ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ମହାପ୍ରୟାଣ ଗାଡିରେ ଉମରକୋଟ ବ୍ଲକ ସିଂଶାରୀରେ ଥିବା ତାଙ୍କ ଘରକୁ ପଠାଯାଇଥିଲା। ପ୍ରଶାସନ ପକ୍ଷରୁ ୫ ହଜାର ଟଙ୍କା ସହାୟତା ଓ ହରିଶ୍ଚନ୍ଦ୍ର ଯୋଜନାରୁ ବ୍ଲକ ପ୍ରଶାସନ ପକ୍ଷରୁ ୨ ହଜାର ଟଙ୍କା ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ନବରଙ୍ଗପୁର ପୋଲିସ ଘଟଣାର ତଦନ୍ତ କରିବା ସହ ଅପମୃତ୍ୟୁ ମାମଲା ୧୮/୧୯ ରୁଜୁ କରିଛି। ପ୍ରକାଶ ଯେ, ସ୍ନେହା ଓ ତାଙ୍କ ସାନ ଭଉଣୀ ପ୍ରିୟଙ୍କା ବାପା ମାଆ ଛେଉଣ୍ଡ ବୋଲି ସେହି ସମୟରେ ଜେଜେବାପା ଅନନ୍ତ ଗରଡା ଜିଲା ପ୍ରଶାସନଙ୍କୁ ଜଣାଇଥିଲେ। ଜିଲାପ୍ରଶାସନ ଓ ଜିଲା ଶିଶୁ କଲ୍ୟାଣ କମିଟିର ଅନୁମତି କ୍ରମେ ଦିନ ଦୟାଲ କନ୍ୟାଶ୍ରମରେ ସେମାନଙ୍କୁ ଥଇଥାନ କରାଯାଇ ପାଠ ପଢାର ବ୍ୟବସ୍ଥା କରାଯାଇଥିଲା । ତେବେ ସ୍ନେହାଙ୍କ ମୃତ୍ୟୁ ପରେ ନବୀନ ଗରଡା ପହଞ୍ଚି ସ୍ନେହା ଓ ପ୍ରିୟଙ୍କର ବାପା ବୋଲି ପରିଚୟ ଦେଇଥିଲେ। ତେବେ ପାଚେରି ବାଡ ତାରରେ କିପରି ବିଦ୍ୟୁତ ସଂଯୋଗ ହେଲା ପୋଲିସ ଏହାର ତଦନ୍ତ କରୁଛି।

### ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ନବରଙ୍ଗପୁର,୧୦।୬(ବି.ପ୍ର.): ଜଣେ ଅନୁସୂଚିତ ଜନଜାତି ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଶାରିରିକ ସମ୍ପର୍କ ରଖିବା ଘଟଣାରେ ଭବାନୀ ଶଙ୍କର ରାଉତ(୩୦)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଭବାନୀ ଗ୍ରାମ ରୋଜଗାର ସେବକ ଭାବେ କାର୍ଯ୍ୟ କରୁଛନ୍ତି । କୋଡିଙ୍ଗା ଥାନା ଅଧିନ ଫୁଲପଦର ଗାଁର ଭବାନୀ ଜଣେ ନାବାଳିକାଙ୍କୁ ଏକ ବର୍ଷ ତଳେ ବିବାହ ପ୍ରଲୋଭନ ଦେଖାଇ ବିଭିନ୍ନ ସ୍ଥାନ ବୁଲାଇ ଶାରୀରିକ ସମ୍ପର୍କ ରଖିଥିଲେ । ପରବର୍ତ୍ତି ସମୟରେ ବିବାହ କରିବାକୁ ରାଜି ହୋଇ ନ ଥିଲେ । ଭବାନୀ ଓ ନାବାଳିକା ଭିନ୍ନ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ଉଭୟଙ୍କ ବିବାହକୁସହମତିମିଳିନଥିଲା।ଅନ୍ୟପକ୍ଷେ ନାବାଳିକାଙ୍କ ବୟସ ୧୭ ବର୍ଷ ହୋଇଥିବା ବେଳେ ବିବାହ ବୟସ ମଧ ହୋଇ ନ ଥିଲା । ଏନେଇ ଥାନାରେ ଅଭିଯୋଗ ପରେ ପାପଡାହାଣ୍ଡି ତଥା ନବରଙ୍ଗପୁର ଏସଡିପିଓ ବିଜୟ କୁମାର ନାୟକ ଘଟଣାର ତଦନ୍ତ କରିଥିଲେ । ଥାନାରେ ନଂ ୧୩୦/୧୯ରେ ଏକ ମାମଲା ରୁଜୁ କରିବା ସହ ଭବାନୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି।

# ଜିଲା କନିଷ୍ଠ ଯନ୍ତ୍ରୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ଜିଲାପାଳଙ୍କୁ କନିଷ୍ଠ ଯନ୍ତ୍ରୀ ଦାବି ପତ୍ର ପ୍ରଦାନ କରୁଛନ୍ତି ।

ନବରଙ୍ଗପୁର/ପାପଡାହାଣ୍ଡି, ୧୦।୬(ଡି.ଏନ.ଏ.)

ପାଟଣାଗଡ଼ ଠାରେ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା କନିଷ୍ଠ ଯନ୍ତ୍ରୀଙ୍କୁ ଏକ ରାସ୍ତା କାମରେ ଉଠ ବସ ଘଟଣାକୁ ନବରଙ୍ଗପୁର ଜିଲା କନିଷ୍ଠ ଯନ୍ତ୍ରୀ ସଂଘ ପକ୍ଷରୁ ପ୍ରତିବାଦ କରାଯାଇଛି। ସଂଘ ତରଫରୁ ଏ ନେଇ ସୋମବାର ଏକ ଦାବିପତ୍ର ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଘଟଣାକୁ ନିନ୍ଦା କରାଯିବା ସହ ଯନ୍ତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ଗୋବିନ୍ଦ କଅର, ଉପ ସଭାପତି ତୋଫାନ ନାୟକ, ସମ୍ପାଦକ ଦୀପକ ଭତରା, ଆଡ଼ଭାଇଜର ଭଗବାନ ବେହେରା ସହ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ ।



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରି ଗ୍ରାମବାସୀ ଫେରୁଛନ୍ତି।

# ଗ୍ରାମ ସମସ୍ୟା ସମାଧାନ ନେଇ ବିଡିଓଙ୍କୁ ଦାବିପତ୍ର

ଡାବୁଗାଁ, ୧୦।୬ (ଡି.ଏନ.ଏ.)

ଡାବୁଗାଁ ବ୍ଲକ ଅଧୀନ ଡୁଙ୍ଗରିଗୁଡା ପଞ୍ଚାୟତ ଭରତଗୁଡା ଗ୍ରାମରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଗ୍ରାମବାସୀ ସୋମବାର ବିଡିଓ ରଞ୍ଜିତା ମେରୀ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମର ଅଧିକାଂଶ ପରିବାର କୁଲି କାମ କରି ପରିବାର ଚଳାଉଛନ୍ତି ।ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଗୃହ ଯୋଗାଇ ଦେବା, ପ୍ରତ୍ୟେକ ପରିବାରକୁ ପାଇଖାନା ଯୋଗାଣ,ଗ୍ରାମରେ ଆଉ ଏକ ନଳକୂପ ଖନନ, ପାଇପ ଯୋଗେ ପାନୀୟ ଜଳ ଯୋଗାଣ, ଯେଉଁ ନଳକୂପ ରହିଛି ତାର ଚାରିପଟେ ଚାନ୍ଦିନୀ ନିର୍ମାଣ, ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ନିର୍ମାଣ, ଗ୍ରାମରେ ଡ୍ରେନ ନିର୍ମାଣ ଭଳି ବିଭିନ୍ନ ସମସ୍ୟା ଗୁଡିକ ଦାବିପତ୍ରରେ ଉଲ୍ଲେଖ ରହିଛି । ଉକ୍ତ ଦାବିପତ୍ର ପ୍ରଦାନ ସମୟରେ ଗ୍ରାମବାସୀ ଧନୀ ବିଶୋଇ, ଜଗନ୍ନାଥ ଭତରା, ବିଜୟ ବିଶୋଇ, ଦେବ ବିଶୋଇ, ଗୋବିନ୍ଦ ନାୟକ, ବୈଦୁ ନାୟକ, ବଳି ବିଶୋଇ, ନରସିଂ ଗୌଡ, କମଳା କଲାର ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ।

# ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ଉଦ୍‌ଘାଟିତ

ପାପଡାହାଣ୍ଡି, ୧୦।୬(ଡି.ଏନ.ଏ,)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀଙ୍କ ଘଟ ଯାତ୍ରା ସୋମବାର ଉଦଘାଟିତ ହୋଇଛି । ଆସନ୍ତା ୯ ଦିନ ଧରି ମା' ଙ୍କ ତିନୋଟି ଘଟ ବିଭିନ୍ନ ଗ୍ରାମ ପରିକ୍ରମା କରିବ। ସୋମବାର ଅପରାହ୍ନରେ ବାଦ୍ୟ ନୃତ୍ୟର ତାଳେ ତାଳେ ମା'ଙ୍କ ଘଟ ବାହାରିଥିଲା । ମା'ଙ୍କ ଘଟକୁ ସମସ୍ତେ ପୂଜା ଅର୍ଚ୍ଚନା କରିଥିଲେ। ଲୋକଙ୍କ ବିଶ୍ୱାସ ମା' ଙ୍କ ଘଟ ବାହାରିବା ପରେ ଫସଲ ଅମଳ ଭଲ ହେବ । ସମସ୍ତେ ନୀରୋଗ ରହିବେ । ସାଧାରଣତଃ ପ୍ରତ୍ୟେକ ଗ୍ରାମରେ ଚୈତ୍ର ମାସରେ ଘଟ ଯାତ୍ରା ହେଉଥିବା ବେଳେ ପାପଡାହାଣ୍ଡିର ଘଟ ଯାତ୍ରା ଜ୍ୟେଷ୍ଠ ମାସରେ ହୋଇଥାଏ । ପ୍ରତ୍ୟେକ ଦିନ ଅପରାହ୍ନରେ ମା'ଙ୍କ ଘଟ ବାହାରି ସନ୍ଧ୍ୟାରେ ନିଜ ପୀଠକୁ ଫେରିବା ସମୟରେ ଆଦିବାସୀମାନେ ଢେମସା ନୃତ୍ୟ ଓ ବାଦ୍ୟ ବଜାଇ ପାଛୋଟି ଆଣିଥାନ୍ତି । ଶେଷ ଦିନରେ ମା'ଙ୍କ ଘଟ ମାଝୀଗୁଡା ପହଞ୍ଚିବା ପରେ ଘଟ ଅବତରଣ ହେବ । ମା'ଙ୍କ ଘଟ ଯାତ୍ରା ଲାଗି ପାପଡାହାଣ୍ଡି ବ୍ଲକ ଚଳ ଚଞ୍ଚଳ ହୋଇଉଠିଛି ।



ମା'ଙ୍କ ଘଟ ଗ୍ରାମ ପରିକ୍ରମା ପାଇଁ ବାହାରିଛି।

# ରାସ୍ତା କାମ ବେଳେ ୯ ଶିଶୁଶ୍ରମିକ ଉଦ୍ଧାର

**ଉଦ୍ଧାରଙ୍କ ମଧରେ ଅଛନ୍ତି ୮ ନାବାଳିକା, ଜଣେ ନାବାଳକ**

ନବରଙ୍ଗପୁର,୧୦।୬(ବି.ପ୍ର.)

ଡାବୁଗାଁରେ ଏକ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା କାମରେ ନିୟୋଜିତ ହୋଇଥିବା ୯ ଜଣ ଶିଶୁ ଶ୍ରମିକଙ୍କୁ ନବରଙ୍ଗପୁରର ଚାଇଲ୍ଡ ଲାଇନ ପକ୍ଷରୁ ଉଦ୍ଧାର କରାଯାଇଛି। ଉଦ୍ଧାରଙ୍କ ମଧରେ ଅଛନ୍ତି ୮ ଜଣ ନାବାଳିକା ଓ ଜଣେ ନାବାଳକ । ସେମାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।। ନବରଙ୍ଗପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ପକ୍ଷରୁ ଆରଡି ରାସ୍ତା ଠାରୁ ଜୟନ୍ତି ନଗର ପର୍ଯ୍ୟନ୍ତ ଏକ କିମି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟରେ ଶିଶୁ ଶ୍ରମିକ ମାନଙ୍କୁ ନିୟୋଜିତ କରାଯାଇଥିବା ନେଇ ଖବର ପାଇ ନବରଙ୍ଗପୁର ଚାଇଲ୍ଡଲାଇନର ଜିଲା ସଂଯୋଜକ ରବିନ୍ଦ୍ର ପ୍ରଧାନ ଓ ଟିମ ଲିଡର ଟଙ୍କ ଜାନୀ ସେଠାରେ ପହଞ୍ଚିଥିଲେ । ଏବେ ସ୍କୁଲ ଛୁଟି ଥିବାରୁ ୮ ଜଣ ଛାତ୍ରୀ ଓ ଜଣେ ଛାତ୍ର ରାସ୍ତା କାମରେ ମେଟାଲ ବିଛାଇବା କାର୍ଯ୍ୟରେ ନିୟୋଜିତ ଥିଲେ । ଏକ ମିଟର ମେଟାଲ ବିଛାଇବା ପାଇଁ ଠିକାଦାର ସେମମାନଙ୍କୁ ୬୦ ଟଙ୍କା ଦେବେ ବୋଲି କହିଥିଲେ । ତେବେ ଦିନ ୧୧ଟାରେ ଚାଇଲ୍ଡଲାଇନ ପହଞ୍ଚିବା ପରେ ଡାବୁଗାଁ ଥାନା ପୋଲିସ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ନାବାଳିକା ଓ ନାବଳକ ମାନେ ବିଭିନ୍ନ ସେବାଶ୍ରମରେ ପାଠ ପଢୁଛନ୍ତି । ବିଦ୍ୟାଳୟ ଛୁଟି ଥିବାରୁ ହାତଖର୍ଚ୍ଚ ପାଇଁ ମଜୁରି କରୁଥିବା କହିଥିଲେ । ତେବେ ୧୮ ବର୍ଷ ହୋଇନଥିବାରୁ ଶ୍ରମିକ ଭାବେ କାର୍ଯ୍ୟକରିବା ସରକାରୀ ନିୟମ ନଥିବା ଜଣାଇଥିଲେ । ଉର୍ତ୍ତିର୍ଣ୍ଣ ହୋଇଥିବା ଶ୍ରେଣୀରେ କିଭଳି ପାଠ ପଢିବେ ଓ ଜଣେ ଭଲ ମଣିଷ ହୋଇପାରିବେ ସେ ନେଇ ବୁଝାଇଥିଲେ । ପରେ ଶିଶୁ ଶ୍ରମିକଙ୍କ ମାଆ ଓ ବାପା ପରିଚୟ ପତ୍ର ଆଣିବା ପରେ ହସ୍ତାନ୍ତର କରାଯାଇଥିଲା ।



ନିର୍ମାଣ କରାଯାଉଥିବା ରାସ୍ତା।

ଧରିତ୍ରୀ
DHARITRI
ରାୟଗଡା, ମଙ୍ଗଳବାର, ୧୧ ଜୁନ୍, ୨୦୧୯



## ସଂକ୍ଷେପରେ

### ନବବଧୂ ଆତ୍ମହତ୍ୟା ଘଟଣା, ଶାଶୁ କୋର୍ଟଚାଲାଣ

ଗୋପାଳପୁର,୧୦ା୬:ନବବଧୂ ଆତ୍ମହତ୍ୟା ଘଟଣାରେ ଗୋଳନ୍ଥରା ଥାନା ପୋଲିସ ସୋମବାର ଶାଶୁଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ସିଏଚ୍ ଓରାଲୁ ରେଡ୍ଡୀ (୫୫)। ଅଭିଯୋଗ କ୍ରମେ ପୋଲିସ ନଂ. ୧୪୧/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପ୍ରକାଶ ଯେ, ଗୋଳନ୍ଥରା ଥାନା ଗୋବିନ୍ଦପୁର ଗ୍ରାମରେ ୩ ମାସ ତଳେ ସିଏଚ୍ ରାଜୁ ରେଡ୍ଡୀ ଉକ୍ତ ଗ୍ରାମର କେ. ସୁଶୀଳା ରେଡ୍ଡୀ (୨୩)ଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ସୁଶୀଳାଙ୍କୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଉଥିଲେ। ଏଥିପାଇଁ ସୁଶୀଳା ସବୁବେଳେ ମାନସିକ ଦୁଶ୍ଚିନ୍ତାରେ ରହୁଥିଲେ। ମେ ୨୦ ତାରିଖରେ ସେ ବାପା ଘରକୁ ଆସିଥିଲେ। ୨୩ ତାରିଖ ଭୋରରେ ଘରେ ସମସ୍ତେ ଶୋଇଥିବା ବେଳେ ସୁଶୀଳା ମାନସିକ ଭାରସାମ୍ୟ ହରାଇ ସୁପର ଭାସମଲ ପିଇ ଦେଇଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସୁଶୀଳାଙ୍କ ଭାଇ ରାଜ କିଶୋର ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ପୋଲିସ ପୂର୍ବରୁ ସ୍ୱାମୀ ରାଜୁଙ୍କୁ କୋର୍ଟଚାଲାଣ କରିଥିଲା। ଘଟଣା ପରଠାରୁ ଶାଶୁ ଫେରାର ଥିଲେ। ସୋମବାର ଗ୍ରାମରେ ଥିବା ଖବର ପାଇ ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ।

### ମଦ ବନ୍ଦ ପାଇଁ ମହିଳା ସଂଘର ମେଳି

ତୁମୁଡିବନ୍ଧ,୧୦ା୬(ଡି.ଏନ୍.ଏ.) ତୁମୁଡିବନ୍ଧ ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦ ଚୋରା କାରବାର ବୃଦ୍ଧି ପାଉଛି। ଝିରିପାଣି ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଏକାଠି ହୋଇ ପଞ୍ଚାୟତସ୍ତରୀୟ ମହିଳା ସଂଘ ଗଠନ କରି ମଦ ବିକ୍ରି ବନ୍ଦ ପାଇଁ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଝିରିପାଣି ପୁରୁଣା ସାହିଠାରେ ବୈଠକ କରିଥିଲେ। ସଭାନେତ୍ରୀ ଭାବେ ପୂର୍ଣ୍ଣିମୀ ପାତ୍ର ଓ ସମ୍ପାଦକ ଭାବେ ପଦ୍ମତୋଳା ପାତ୍ର ଉପସ୍ଥିତ ମହିଳାମାନଙ୍କୁ ଦେଶୀ ଓ ବିଦେଶୀ ମଦ ବନ୍ଦ କରିବା ନେଇ ଆଲୋଚନା କରିଥିଲେ। ଅନୁନ୍ନତ ଝିରିପାଣି ପଞ୍ଚାୟତରେ ବ୍ୟାପକ ମଦ କାରବାର ଯୋଗୁ ବହୁ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଆସନ୍ତା ମଙ୍ଗଳବାର ପଞ୍ଚାୟତର ସମସ୍ତ ଗ୍ରାମର ମହିଳାମାନେ ଏକାଠି ହୋଇ ମଦ ବନ୍ଦ ପାଇଁ ଝିରିପାଣିଠାରେ ଏକ ଶୋଭାଯାତ୍ରା କରାଯିବ ବୋଲି କହିଛନ୍ତି ସମ୍ପାଦିକା ପାତ୍ର। ଏ ନେଇ ସ୍ଥାନୀୟ ପୋଲିସ, ସରପଞ୍ଚ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପଜିଲାପାଳ ବାଲିଗୁଡା, ବିଧାୟକ ବାଲିଗୁଡା, ଏମ୍‌ପି କନ୍ଧମାଳଙ୍କୁ ମଧ ଅବଗତ କରାଯିବ ବୋଲି ସଭାନେତ୍ରୀ ପାତ୍ର କହିଛନ୍ତି।

### ୭ ଜୁଆଡ଼ିଙ୍କୁ କୋର୍ଟ ଚାଲାଣ

କବିସୂର୍ଯ୍ୟନଗର,୧୦ା୬-କବିସୂର୍ଯ୍ୟନଗର ଥାନା ବେଲପୁର ଗ୍ରାମ ଶିବ ମନ୍ଦିର ନିକଟରୁ ୭ ଜଣ ଜୁଆଡ଼ିଙ୍କୁ ସ୍ଥାନୀୟ ପୋଲିସ ସୋମବାର କୋର୍ଟଚାଲାଣ କରିଛି। ସେମାନେ କବିସୂର୍ଯ୍ୟନଗର, ସାନଚଢ଼ିଆ ଓ ବେଲପୁର ଅଞ୍ଚଳର ବୋଲି ପୋଲିସ କହିଛି। ଆଇଆଇସି ତପନ କୁମାର ପତିଙ୍କ ତତ୍ତ୍ୱାବଧାନରେ ରବିବାର ରାତିରେ ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

■ ପୂର୍ଣ୍ଣଚନ୍ଦ୍ର ହତ୍ୟାଘଟଣାର ପର୍ଦ୍ଦାଫାଶ

# ପୂର୍ବଶତ୍ରୁତାରୁ ଘଟିଥିଲା ହତ୍ୟାକାଣ୍ଡ

**ପାରଳାଖେମୁଣ୍ଡି, ୧୦ା୬ (ସ୍ୱ.ପ୍ର.)**

ଗଜପତି ଜିଲା ଆର୍. ଉଦୟଗିରି ଥାନା ଅନ୍ତର୍ଗତ ଉପର ତାବରଡା ଗ୍ରାମରେ ୩ ମାସତଳେ ଘଟିଥିବା ଏକ ହତ୍ୟାକାଣ୍ଡର ପୋଲିସ୍ ପର୍ଦ୍ଦାଫାଶ କରିଛି। ଏହି ମାମଲାରେ ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆର୍. ଉଦୟଗିରି ପୋଲିସ୍ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି । ମାର୍ଚ୍ଚ ୨୨ ତାରିଖରେ ତାବରଡା ଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂ (୬୫) ପୂର୍ବାହ୍ନରେ କୌଣସି କାର୍ଯ୍ୟରେ ଉପର ତାବରଡା ରାସ୍ତାଦେଇ ଆସୁଥିବାବେଳେ ସେହି ଗ୍ରାମର ଜେମ୍‌ସ ରଇତ(୪୮) ତାଙ୍କୁ ସାଇକେଲରେ ଧକ୍କା ଦେଇଥିଲେ । ଫଳରେ ପୂର୍ଣ୍ଣଚନ୍ଦ୍ର ତଳେ ପଡ଼ିଯାଇଥିଲେ । ଏହାପରେ ସେ ମୃତ୍ୟୁବରଣ କରିଥିବା ଜାଣିପାରି ନିକଟରେ ଥିବା ଏକ ପଥର

**୩ମାସ ପରେ ଅଭିଯୁକ୍ତ ଗିରଫ**



ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ଆର.ଉଦୟଗିରି ଏସଡିପିଓ ଅନିଲ ପ୍ରଧାନ ।

ଆଣି ତାଙ୍କ ମୁଣ୍ଡରେ ଛେଚି ଦେଇ ନିକଟସ୍ଥ ଜଙ୍ଗଲକୁ ନେଇ ଏକ ଗଛରେ ଝୁଲାଇଦେଇଥିଲେ । ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର ଲୋକେ ତାଙ୍କୁ ଖୋଜାଖୋଜି ପରେ ଶେଷରେ ଦୁଇଦିନ ପରେ ୨୪ ତାରିଖରେ ଝୁଲନ୍ତା ମୃତଦେହ ଉଦ୍ଧାର କରି ସତ୍କାର କରିଥିଲେ । ଘଟଣାର ୫ଦିନ ପରେ ପୂର୍ଣ୍ଣଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପୁଅ ହୃଦୟ ଚନ୍ଦ୍ର ସିଂ ସନ୍ଦେହ କରି ଆର୍. ଉଦୟଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ଆର୍. ଉଦୟଗିରି ଥାନା ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମୃତଦେହକୁ ଖୋଳି ବାହାରକରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ଖୋଳତାଡ ଆରମ୍ଭ କରିଥିଲେ। ତଦନ୍ତରୁ ଏହା ହତ୍ୟାକାଣ୍ଡ ଏବଂ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ପୂର୍ଣ୍ଣଚନ୍ଦ୍ରଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଫଳରେ ପୋଲିସ ଅଭିଯୁକ୍ତ ଜେମ୍‌ସ୍ ରଇତଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ପଥର ଜବତ କରିଥିଲେ । ହତ୍ୟା କରିଥିବା ନେଇ ଜେମ୍‌ସ୍ ସ୍ୱୀକାର କରିଥିବା ଆର୍. ଉଦୟଗିରି ଭାରପ୍ରାପ୍ତ ଏସ୍‌ଡିପିଓ ଅନୀଲ୍ ପ୍ରଧାନ, ଆର୍.ଉଦୟଗିରି ଥାନା ଅଧିକାରୀ କୁଳମଣୀ ସେଠୀ, ଏସ୍‌ଆଇ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ ।

# ୩ ମାସହେଲା ମିଳିନି ବିଦ୍ୟୁତ୍ ବିଲ୍

**ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ**

**ରାୟଗଡ଼(ଗଜପତି), ୧୦ା୬**

ଗଜପତି ଜିଲା ରାୟଗଡ଼ ବ୍ଲକ୍‌ରେ ଉପଭୋକ୍ତାମାନେ ୩ ମାସହେଲା ବିଦ୍ୟୁତ୍ ବିଲ୍ ପାଇ ନ ଥିବା ଅଭିଯୋଗ ହୋଇଛି। ଦୀର୍ଘଦିନ ଧରି ବିଲ୍ ଦିଆଯାଉନଥିବାରୁ ବକେୟା ବଢ଼ୁଛି। ତେଣୁ ଏକାଥରକେ ଏତେ ଟଙ୍କା କିଭଳି ପୈଠ କରିବେ ଉପଭୋକ୍ତା ଚିନ୍ତାରେ ପଡ଼ିଛନ୍ତି।

ପ୍ରକାଶଯେ, ରାୟଗଡ଼ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାରେ ଅଧିକାଂଶ ଦିନ ମଜୁରିଆ ଶ୍ରେଣୀର ଲୋକେ ବସବାସ କରୁଛନ୍ତି। ରାୟଗଡ଼ ସବ୍‌ଷ୍ଟେଶନ୍ ଅଧୀନରେ ବ୍ଲକ୍‌ର ୨୧ ଟି ପଞ୍ଚାୟତର ୨୭୦ ଗ୍ରାମର ୧୫ ହଜାର ବିଦ୍ୟୁତ୍ ଉପଭୋକ୍ତା ରହିଛନ୍ତି। ମାତ୍ର ଏଠାରେ ଦୀର୍ଘଦିନ ହେଲା ବିଲ୍ ମିଳିନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଗରିବ ଶ୍ରେଣୀର ଲୋକେ ଏକାଥରକେ ବହୁ ପରିମାଣର ଅର୍ଥ ଜମା କରିବା ସମ୍ଭବ ନୁହେଁ। ତେଣୁ ତୁରନ୍ତ ସମସ୍ୟାର ସମାଧାନ କରି ଶୀଘ୍ର ବିଲ୍ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଜୁନିୟର ମ୍ୟାନେଜର ଦେବବ୍ରତ ସାହୁଙ୍କ ସହ ଯୋଗାଯୋଗ କରିବାରେ ସେ କହିଛନ୍ତି ଯେ, ଯେଉଁମାନେ ବିଦ୍ୟୁତ୍ ବିଲ୍ ପ୍ରଦାନ କରୁଥିଲେ ସେମାନେ ବିଭିନ୍ନ ଦାବି ନେଇ କାର୍ଯ୍ୟ ବନ୍ଦ ରଖିଥିଲେ। ଏବେ ଦାବିଗୁଡ଼ିକ ପୂରଣ ହୋଇଥିବାବେଳେ ଏହି ମାସରୁ ବିଲ୍ ଦିଆଯିବ ବୋଲି କହିଛନ୍ତି।

# ମାନସିକ ରୋଗର ଚିକିତ୍ସା ପ୍ରଶିକ୍ଷଣ

**ପାରଳାଖେମୁଣ୍ଡି, ୧୦ା୬ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାସ୍ତରୀୟ ମାନସିକ ରୋଗୀ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ୩ଦିନ ଧରି ଅନୁଷ୍ଠିତ ହେବାକୁଥିବା କାର୍ଯ୍ୟକ୍ରମର ପ୍ରଥମ ଦିନରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଗୁନୁରାଣୀ ପଟ୍ଟନାୟକ ଯୋଗଦେଇ ମାନସିକ ରୋଗର ବିଭିନ୍ନ ଲକ୍ଷଣ ଏବଂ ଏହାର ଚିକିତ୍ସା ସମ୍ପର୍କରେ ବିସ୍ତୃତଭାବେ ବୁଝାଇଥିଲେ । ମାନସିକ ରୋଗର ଲକ୍ଷଣ ଦେଖିବା ପରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ତେବେ ମାନସିକ ରୋଗୀଙ୍କ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ କିପରି ବ୍ୟବସ୍ଥା ରହିଛି ସେ ବିଷୟରେ ମଧ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡା.ସରୋଜ ମିଶ୍ର, ଡା. ପି.କେ.ପାତ୍ର, ବ୍ରହ୍ମପୁର ଏମ୍.କେ.ସି.ଜି. ମେଡିକାଲ କଲେଜର ସହକାରୀ ପ୍ରଫେସର ବିଭୁକଲ୍ୟାଣ ସାହୁ ମଞ୍ଚାସୀନ ଥିଲେ। ପ୍ରାଣକୃଷ୍ଣ ନାୟକ, ସନ୍ତୋଷ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।




ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଅନ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନେ।

କମେଣ୍ଟମରାକୁ କେନ୍ଦ୍ରକରି ଯୁବକଙ୍କୁ ଅପହରଣ

# ପୋଲିସର ତଲାସି, ୨ ଅଟକ

**ବ୍ରହ୍ମପୁର ଅଫିସ,୧୦ା୬**

ବ୍ରହ୍ମପୁର ସହରରେ ଏବେ ଧୀରେ ଧୀରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଟାଟାବେଞ୍ଜ ଛକ ନିକଟରେ ଥିବା ଏକ ହୋଟେଲ ସମ୍ମୁଖରୁ ସୋମବାର ଅପରାହ୍ନ ପ୍ରାୟ ସାଢେ ୨ଟାରେ ଜଣେ ଯୁବକଙ୍କୁ ମାଡ ମାରି ଅପହରଣ କରାଯାଇଥିବା ପୋଲିସ ଖବର ପାଇଥିଲା । କମେଣ୍ଟମରାକୁ କେନ୍ଦ୍ରକରି ଅପହରଣ କରାଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ଥାନାଧିକାରୀ ସାରଦା ପ୍ରସାଦ ଦାସ ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚି ଅନୁସନ୍ଧାନ ଚଳାଇଛନ୍ତି ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି କହିଛନ୍ତି । ଦିନ ଦ୍ୱିପ୍ରହରରେ ଏଭଳି ଘଟଣା ଘଟିଥିବା ବେଳେ ପୋଲିସ ପାଇଁ ଏହା ଏକ ଚାଲେଞ୍ଜ ହୋଇପଡିଛି। ସ୍ଥାନୀୟ ଲୋକଙ୍କ ସମେତ ହୋଟେଲ କର୍ମଚାରୀଙ୍କୁ ପୋଲିସ ପଚରାଉଚୁରା ଚଳାଇଛି।

# ଦ୍ୱିତୀୟ ଶିଶୁ ମିତ୍ର ଥାନା ଉଦ୍‌ଘାଟିତ

**ଶିଶୁଙ୍କ ମନରୁ ପୋଲିସ ପ୍ରତି ଭୟ ଓ ମାନସିକ ଦୁଶ୍ଚିନ୍ତା ଦୂରକରିବା ଜରୁରୀ**



ଉଦ୍‌ଘାଟନ ପରେ ଏସପି ଏବଂ ଅନ୍ୟ ପୋଲସ ଅଧିକାରୀମାନେ ଥାନା ବୁଲି ଦେଖୁଛନ୍ତି।

**ପାରଳାଖେମୁଣ୍ଡି/ଗୋଷାଣୀ, ୧୦ା୬ (ସ୍ୱ.ପ୍ର.)**

ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଗାରାବନ୍ଧ ଥାନା ପରିସରରେ ଜିଲାର ଦ୍ୱିତୀୟ ଶିଶୁ ମିତ୍ର ଥାନା ଉଦ୍‌ଘାଟିତ ହୋଇଯାଇଛି । ବିଭିନ୍ନ ପରିସ୍ଥିତିରେ ପଡି ଅଥବା ଅଜ୍ଞାତରେ ଶିଶୁମାନେ ଅପରାଧ ଘଟାଇ କିମ୍ବା ଅପରାଧ ଦ୍ୱାରା ପୀଡ଼ିତ ହୋଇ ଥାନାକୁ ଆସିଥାନ୍ତି । ଏଭଳି ଶିଶୁ ନିଜକୁ ଦୋଷୀ ମନେକରିବା ସହ ଭୟଭୀତ ହୋଇପଡ଼ିଥାନ୍ତି। ଶିଶୁଙ୍କ ମନରେ ପୋଲିସ ପ୍ରତି ରହିଥିବା ଭୟ ଏବଂ ମାନସିକ ଦୁଶ୍ଚିନ୍ତାକୁ ଦୂର କରିବା ଜରୁରୀ ବୋଲି ସୋମବାର ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଗଜପତି ପୋଲିସର ମିଳିତ ସହଯୋଗରେ ଗାରବନ୍ଧ ଥାନା ପରିସରରେ ଶିଶୁ ମିତ୍ର ଥାନା ଉଦ୍‌ଘାଟନ ଅବସରରେ ଗଜପତି ଏସ୍‌ପି ସାରା ଶର୍ମା କହିଛନ୍ତି। ଏଭଳି ଶିଶୁମାନେ ଥାନାରେ ରହିବା ସମୟରେ ପରିବେଶକୁ ଶିଶୁ ଅନୁକୂଳ କରିବା ପାଇଁ ପୋଲିସ ବିଭାଗ ପକ୍ଷରୁ ଏହା ଏକ ଅଭିନବ ପ୍ରୟାସ। ଶିଶୁଙ୍କ ଚିତ୍ତବିନୋଦନ ପାଇଁ ବିଭିନ୍ନ ପ୍ରକାର ଖେଳନା, ଚିତ୍ର ଓ ଗଳ୍ପ ପୁସ୍ତକକୁ ନେଇ ଥାନାକୁ ଶିଶୁ ଉପଯୋଗୀ କରାଇବା ପାଇଁ ଶିଶୁ ମିତ୍ର ଥାନାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ ସମିତିର ସଭ୍ୟା ଅନୀତା ମିଶ୍ର, ଡିଏସ୍‌ପି ପ୍ରକାଶ ଜେନା, ପାରଳାଖେମୁଣ୍ଡି ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ଗାରବନ୍ଧ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ଗାରବନ୍ଧ ଥାନାର ସ୍ମୃତି ମଞ୍ଜରୀ ବଡଜେନା, ଗାରବନ୍ଧ ସରପଞ୍ଚ ବେଣୁ ଗୋପାଳ ରାଓ ପ୍ରମୁଖ ଯୋଗଦେଇଥିବାବେଳେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମସ୍ତ କର୍ମଚାରୀ ଏବଂ ଚାଇଲ୍ଡଲାଇନର ସଦସ୍ୟା ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଉତ୍କଳ ସମ୍ମିଳନୀ ବୈଠକ

**ପାରଳାଖେମୁଣ୍ଡି, ୧୦ା୬ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସ୍ଥିତ ଓଡିଆ ଭଣ୍ଡାରୀ ସାହି ସ୍ଥିତ ଉତ୍କଳ ହିତୈଷିଣୀ ସଭା ଗୃହରେ ଉତ୍କଳ ସମ୍ମିଳନୀର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଜପତି ଜିଲା ଉତ୍କଳ ସମ୍ମିଳନୀର ସଭାପତି ଗୌରଚନ୍ଦ୍ର ପଣ୍ଡା ଅଧକ୍ଷତା କରିଥିବାବେଳେ ରାଜ୍ୟ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । ଜିଲା ସମ୍ପାଦକ ବିନୋଦ ଚନ୍ଦ୍ର ଜେନା ଆଗାମୀ ୨୯ତାରିଖରେ ପାରଳାଖେମୁଣ୍ଡିରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ହରିମୋହନ ପଟ୍ଟନାୟକ, ତ୍ରିପତୀ ପ୍ରସାଦ ପଣ୍ଡା, ବିଚିତ୍ରାନନ୍ଦ ବେବର୍ତ୍ତା, ଜଗଦୀଶ ମହାପାତ୍ର, ଭାରତ ଭୂଷଣ ମହାନ୍ତି ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ସମ୍ମିଳନୀର ସଦସ୍ୟମାନେ।

■ ହତ୍ୟା, ଅନ୍ୟାୟ ବିରୋଧୀ ଜନଆନ୍ଦୋଳନ

# ରିତେଶ ହତ୍ୟାକାରୀଙ୍କୁ ଫାଶୀ ଦିଅ

**ଫୁଲବାଣୀ ଅଫିସ,୧୦ା୬**

ଦାରିଙ୍ଗବାଡିର ଶିଶୁ ରିତେଶ ପ୍ରଧାନଙ୍କୁ ମେ' ୫ରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହାର ସ୍ୱତନ୍ତ୍ର କୋର୍ଟ ଜରିଆରେ ତୁରନ୍ତ ବିଚାର କରି ଅଭିଯୁକ୍ତମାନଙ୍କୁ ଫାଶୀ ଦାବିରେ ଜିଲା ମୁଖ୍ୟାଳୟ ଫୁଲବାଣୀରେ ସୋମବାର ବିକ୍ଷୋଭ ଓ ଆନ୍ଦୋଳନ କରାଯାଇଛି। ଏହା ସହିତ ମୃତ ରିତେଶଙ୍କ ଆଖି ଓ କିଡ୍‌ନୀ ନ ଥିବାକୁ ଏହାର ସିବିଆଇ ତଦନ୍ତ ଦାବି କରାଯାଇଛି। ଅପରପକ୍ଷେ ତାଙ୍କ ବାପା ଦେବାନନ୍ଦ ଜଣେ ଦିନ ମଜୁରିଆ। ତାଙ୍କୁ ସରକାରୀ ନିୟମ ମୁତାବକ ସାହାଯ୍ୟ ପ୍ରଦାନ କରାଯିବାକୁ ସଂଘ ଦାବି କରିଛି। ଏହି ଆନ୍ଦୋଳନ ସମାଜସେବୀ ଓ ସଚେତନ ନାଗରିକ ମଞ୍ଚ, ନାରୀ ସୁରକ୍ଷା ମହିଳା ମହାସଂଘ, ନିଶା ଓ ଦୁର୍ନୀତିମୁକ୍ତ ଅଭିଯାନ ସମାଜ, କନ୍ଧମାଳ ବିକାଶ ସଂଗ୍ରାମ ସମିତି ଓ ଆଞ୍ଚଳିକ ହଳଦୀ ଚାଷୀ ମହାସଂଘ ଦାରଙ୍ଗିବାଡ଼ି ପକ୍ଷରୁ କରାଯାଇଛି। ସଂଘ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ମାଦିକୁନ୍ଦା ଛକରୁ ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ପୂର୍ବରୁ ଗତ ୬ ତାରିଖରେ ଦାରିଙ୍ଗିବାଡ଼ିର ପର୍ଡ଼ମାହା ଠାକୁରାଣୀ ପଡ଼ିଆଠାରେ ପର୍ଡ଼ମାହା, ଗ୍ରୀନବାଡ଼ି, ଶ୍ରୀନିକେତା, ଡିଲୋରି ଓ ସିମନବାଡ଼ି ଅଞ୍ଚଳର ବିଭିନ୍ନ ଗ୍ରାମର ଜନସାଧାରଣଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଆନ୍ଦୋଳନର ନେତୃତ୍ୱ ଯୁବ ସମାଜସେବୀ ବୁଲୁଡ଼ିଗାଲ ନେଇଥିବା ବେଳେ ସରଶିଳା ପ୍ରଧାନ, ରଜେଶ୍ୱର ପ୍ରଧାନ, ଅନିତା ପ୍ରଧାନ, ନିମନ୍ତି ପ୍ରଧାନ, ପୂର୍ବତନ ସରପଞ୍ଚ ଜହନ ପ୍ରଧାନ, ରମେଶ ପ୍ରଧାନ, କାମିନି ନାୟକ ପ୍ରମୁଖ ସାମିଲ ଥିଲେ।

# ବୁନ୍ଦାଏ ପାଣି ପାଇଁ ଡହଳବିକଳ ଗ୍ରାମବାସୀ

**ଗୁମ୍ମା, ୧୦ା୬**

ଗୁମ୍ମା ବ୍ଲକ ଅନ୍ତର୍ଗତ ତରଭା ପଞ୍ଚାୟତର ଆଶ୍ରୟଗଡ଼ ଗ୍ରାମରେ ପାନୀୟ ଜଳର ଅଭାବ ଏକ ବିରାଟ ସମସ୍ୟା ହୋଇଛି । ବୁନ୍ଦାଏ ପାଣି ପାଇଁ ହାହାକାର ହୋଇପଡୁଛନ୍ତି ସ୍ଥାନୀୟ ବାସିନ୍ଦା । କେବଳ ୨ଟି ନଳକୂପ ଗ୍ରାମର ଶତାଧିକ ଲୋକଙ୍କ ଜୀବନବିନ୍ଦୁ ସାଜିଛି। ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଟି ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳଯୋଗାଣର ବ୍ୟବସ୍ଥା ରହିଥିବା ବେଳେ ଏଥିରୁ ବାଦ ପଡିଛି ଆଶ୍ରୟଗଡ଼ ଗ୍ରାମ । ଅତ୍ୟଧିକ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଜଳ ସଙ୍କଟ ଗ୍ରାମବାସୀଙ୍କ ସମସ୍ୟାକୁ ବଢ଼ାଇଦେଇଛି। ଏଭଳି ସ୍ଥିତିରେ ନଳକୂପରୁ ହାଣ୍ଡିଏ ପାଣି ନେବା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିଥାନ୍ତି। ଜଳ ସଙ୍କଟ ଉତ୍କଟ ହୋଇଥିବାବେଳେ ଏହାକୁ ସୁଧାରିବା ପାଇଁ ଗ୍ରାମବାସୀ ଅନେକ ଥର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ଅଧିକାରୀଙ୍କ ଦେଖା ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।



ପାନୀୟ ଜଳ ପାଇଁ ନଳକୂପ ନିକଟରେ ଲମ୍ବାଧାଡ଼ି।

# ଦଳ ବଦଳାଇପାରନ୍ତି କେ. ସୁରିୟା ରାଓ

**ପାରଳାଖେମୁଣ୍ଡି, ୧୦ା୬ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ପରାଜିତ କଂଗ୍ରେସ ବିଧାୟକ ପ୍ରାର୍ଥୀ କେ. ସୁରିୟା ରାଓ ନିର୍ବାଚନମଣ୍ଡଳୀର ଛାମୁଆ କର୍ମକର୍ତ୍ତାଙ୍କୁ ନେଇ ସମୀକ୍ଷା କରିଛନ୍ତି । ବୈଠକରେ ମୁଖ୍ୟତଃ କଂଗ୍ରେସ୍‌ର ଗଡ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଦଳ ଚତୁର୍ଥ ସ୍ଥାନକୁ ଖସିଯାଇଥିବାବେଳେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା । ତେବେ ଏ ସମ୍ପର୍କରେ ବିଧାୟକ ପ୍ରାର୍ଥୀ ରାଓ କହିଥିଲେ ଯେ, ଗୁମ୍ମା ବ୍ଲକ କଂଗ୍ରେସ୍‌ର ଗଡ ରହିଥିବାବେଳେ ଏଠାରେ ଅନ୍ୟାନ୍ୟ ଦଳ ତଥା ସ୍ୱାଧୀନ ପ୍ରାର୍ଥୀମାନେ ଅର୍ଥ କାରବାର କରି ଭୋଟ ହାତେଇବାରେ ସଫଳ ହୋଇଥିବାବେଳେ କଂଗ୍ରେସ ଅର୍ଥ କାରବାର କରିବାରେ ଅସମର୍ଥ ହୋଇପଡ଼ିଥିଲା । ତେବେ ଆଗାମୀ ଦିନରେ ତୃଣମୂଳସ୍ତରରେ କାର୍ଯ୍ୟ କରିବୁ ଏବଂ ଦଳୀୟ କର୍ମୀଙ୍କୁ ପୁନର୍ବାର ଏକତ୍ରିତ କରି ପୌର ନିର୍ବାଚନ ଏବଂ ଅନ୍ୟ ନିର୍ବାଚନରେ ସଫଳ ହେବାପାଇଁ ଉଦ୍ୟମ କରିବୁ ବୋଲି ସେ କହିଥିଲେ । ତେବେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ତାଙ୍କୁ ବିଶେଷ କ୍ଷତି ପହଞ୍ଚାଇଥିବାବେଳେ ଏବଂ କଂଗ୍ରେସ ଭୋଟକୁ ବିଭାଜନ କରିଥିବା ସେ ଏଠାରେ ସ୍ୱୀକାର କରିଥିଲେ । ଖବରଦାତା ସମ୍ମିଳନୀରେ ଦଳ ଛାଡ଼ିବା ସଂପର୍କରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ରଖି ସେ କହିଥିଲେ ଯେ, ମୁଁ ଦଳ ପରିବର୍ତ୍ତନ କରିବି, କିନ୍ତୁ ଜନସାଧାରଣଙ୍କ ମତାମତ ନେବାପରେ କେଉଁ ଦଳକୁ ଯିବି ତାହା ସ୍ଥିର କରିବି। ତେବେ ସେ କୌଣସି ନିର୍ଦ୍ଦିଷ୍ଟ ଦଳ ସଂପର୍କରେ କହିନାହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ରାଓ, ପ୍ରେମିକା ମଣ୍ଡଳ, ବସନ୍ତ ପଣ୍ଡା, ଭୁବନୀ ନାୟକ, କୁନା ମାଝି, ରାମ ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ କେ.ସୁରିୟା ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଖବରଦାତା ସମ୍ମିଳନୀ**

# ଛାତରେ ଶୋଇଥିବା ଯୁବକଙ୍କ ତଣ୍ଟି କାଟିଲେ ଦୁର୍ବୃତ୍ତ

ବୀରମହାରାଜପୁର, ୧୦।୬(ଡି.ଏନ୍.ଏ.)

ଗରମ ଯୋଗୁ ଘର ଛାତ ଉପରେ ଶୋଇଥିବା ଜଣେ ବିବାହିତ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅଧୀନ କର୍ଣ୍ଣପାଲି ଗ୍ରାମରେ ରବିବାର ରାତିରେ ଏଭଳି ଘଟଣା ଘଟିଛି। ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରାଯାଇଛି। ଆହତ ଯୁବକ ହେଲେ ସେହି ଗ୍ରାମର ବସୁଦେବ ଖଣ୍ଡଗିରି (୩୨)। ତାଙ୍କୁ ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ଭିମସାର ସ୍ଥାନାନ୍ତର କରାଯାଇଛି। ବୀରମହାରାଜପୁର ପୋଲିସ ଏ ନେଇ ଏକ ମାମଲା (ନଂ.୧୧୨/୧୯) ରୁଜୁ କରି ତନାଘନା ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ବସୁଦେବ ଅତ୍ୟଧିକ ଗରମ ହେତୁ ସ୍ତ୍ରୀ ପ୍ରଭାତୀଙ୍କ ସହ ଘର ଛାତ ଉପରେ ଶୋଇଥିଲେ। ରାତି ପ୍ରାୟ ଦେଢଟାରୁ ୨ଟା ମଧ୍ୟରେ କେହି ଦୁର୍ବୃତ୍ତ ବାହାର ପଟରୁ ଶିଡି ଯୋଗେ ଛାତକୁ ଆସି କୌଣସି ଏକ ଧାରୁଆ ଅସ୍ତ୍ରରେ ବାସୁଦେବଙ୍କ ତଣ୍ଟି କାଟି ଦେଇଥିଲେ। ସ୍ୱାମୀଙ୍କ ଚିତ୍କାର ଶୁଣି ପ୍ରଭାତୀ ଉଠିପଡି ପାଟି କରିବାରୁ ଦୁର୍ବୃତ୍ତ ଜଣକ ଖସି ପଳାଇଥିଲେ।


## OFFICE OF THE EXECUTIVE ENGINEER, MAHANADI BARRAGE DIVISION

GANDARPUR, CUTTACK, Phone No. 0671 – 2440118
E-Mail Id.- eembarragedivnctc@gmail.com

No.55-A:- **NOTICE FOR CANCELLATION OF E-TENDER**

**Cancellation Notice of 'e'-Procurement Notice bearing Tender Call Notice No. IFB 01-MBD/2019-20 online**

Tender Ref. No.: MBD-01- 2019-20
Tender Title: Resstoration of Rope Drum Cover and Gear Box cover of Mahanadi and Birupa Barrage for the year 2019-20.
Tender ID : [2019_CELBB_54886_1]
Corrigendum Title: Cancellation of e-tender.
As directed one (01) no. of work for the above mentioned e-Procurement Notice is hereby cancelled due to some unavoidable circumstances.

Executive Engineer,
32165/11/0002/1920 Mahanadi Barrage Division,Cuttack-3

## Bhubaneswar Smart City Limited

Block-1, 5th Floor, BMC- Bhawani Mall,
Saheed Nagar, Bhubaneswar- 751007
E-mail Id: bbsr.bscl@gmail.com,
CIN: U74990OR2016PLC020016
Telephone-0674- 2548428 FAX: 0674-2540811

**NIT No. 1443/ BSCL/142/TECH/2016 Date. 07.06.2019**

No.22-C:- Sealed tenders are invited from authorized dealer/distributors/System Integrators to undertake the work for Supply, Installation & Warranty support of Desktop, Laptop and Computer Peripherals for Bhubaneswar Smart City Limited (BSCL), Bhubaneswar on or before **26th June 2019 till 05:00 P.M.** The bids will be opened as per the date and time mentioned under **"IMPORTANT DATES & INFORMATION"** in the tender document in presence of the bidder or their authorized representatives, as they desire. The tender document is available for download in our website https://www.smartcitybhubaneswar.gov.in/.

Sd./-
13070/11/0002/1920 General Manager (Technology)

## ଜିଲ୍ଲା କୃଷି ଅଧିକାରୀ, ଖୋର୍ଦ୍ଧା

### ବିହନ ବିଶୋଧନ ଅଭିଯାନ, ଖରିଫ-୨୦୧୯-୨୦

No.13-L:- ଏତଦ୍ୱାରା ରାଜ୍ୟ ଯୋଜନାରେ ଚଳିତ ଖରିଫ ଋତୁରେ ଖୋର୍ଦ୍ଧାଜିଲ୍ଲା ଅନ୍ତର୍ଗତ ତିନିଗୋଟି ବ୍ଲକ ଯଥା: ଖୋର୍ଦ୍ଧା, ବେଗୁନିଆ ଓ ବୋଲଗଡ଼ର ସ୍ଥିରୀକୃତ ଗ୍ରାମଗୁଡ଼ିକରେ ଜୁନ ତା.୦୭।୦୬।୨୦୧୯ରୁ ୧୫।୦୭।୨୦୧୯ରିଖ ମଧ୍ୟରେ ଖରିଫ ଧାନ ଫସଲ ନିମନ୍ତେ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏହି କାର୍ଯ୍ୟକ୍ରମରେ ଚାଷୀଭାଇ ଓ ଭଉଣୀମାନଙ୍କୁ ବିହନ ବିଶୋଧନ ସମ୍ପର୍କରେ ସଚେତନ କରାଯିବା ସହିତ ଏହାର କୌଶଳ ମଧ୍ୟ ପ୍ରଦର୍ଶନ କରାଯିବ।

ଏଣୁ, ନିର୍ଦ୍ଧାରିତ ତାରିଖରେ ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଗ୍ରାମର ଚାଷୀଭାଇ ଓ ଭଉଣୀମାନେ ଅଂଶଗ୍ରହଣକରି ନିଜ ନିଜର ସାଇତା ବିହନକୁ ବିଶୋଧନ କରିବା ପୂର୍ବକ ଫସଲକୁ ରୋଗ ଦାଉରୁ ସୁରକ୍ଷା ପ୍ରଦାନ କରିବାକୁ ବିଶେଷ ଅନୁରୋଧ।

ସ୍ୱା./-
ଶ୍ରୀଯୁକ୍ତ ନାରାୟଣ ସେଠୀ
01011/11/0001/1920 ଜିଲ୍ଲା କୃଷି ଅଧିକାରୀ, ଖୋର୍ଦ୍ଧା

## MAHILA VIKAS SAMABAYA NIGAM

(Govt. of Odisha Undertaking)
A-1 Block, Ground Floor, Toshali Bhawan,
Satya Nagar Bhubaneswar-751007,
Ph. No. 2573023, Tele Fax- 2573024
E-mail-mvsn_bbsr@yahoo.com

**Ref.1074 / MVSN** **Dt.07.06.19**

### Financial Bid Opening Notice

No.CAD-86:- In view of lifting of Model Code of Conduct for the General Elections-2019, the Financial Bid of the Chartered Accountant Firms participated in the tender for "Selection of Chartered Accountant for conducting Audit of Nutrition Operation Plan (NOP)" will be opened on dt.13.06.2019 at 11.00 A.M. This notice will be hoisted in the website of the Department of W&CD & MS, **www.wcdodisha.gov.in**

33003/11/0001/1920 *Sd./- Managing Director*

## GOVERNMENT POLYTECHNIC, DHENKANAL

Attention For Diploma Admission Candidates

No.14-KK:- Admission registration is open for 3rd(LE) & 1st sem for following Diploma Engineering courses 2019 through the Web based Common Application Form conducted by Govt. of Odisha in Website: samsodisha.gov.in and dtetodisha.gov.in

**Seats available in Govt. Polytechnic, Dhenkanal:**

| | Name of the Branch | Intake | Name of the Branch | Intake |
|---|---|---|---|---|
| • | Mechanical Engg | 60 | Computer Sc. & Engg | 40 |
| • | Electrical Engg | 60 | Electronics & Telecom. Engg | 20 |
| • | Civil Engg | 60 | | |

Interested candidates are hereby informed to register their name on-line. **Last date:** Lateral Entry for +2 Science & ITI passed candidates- 12.06.2019 **Last date:** Diploma 3 year for HSC passed candidates- 20.06.2019 The detail program and facilities can be viewed online in www.dtetodisha.gov.in www.samsodisha.gov.in and www.gpdhenkanal.org

Sd./- Principal
14024/11/0001/1920 GP Dhenkanal

## Office of the Executive Engineer U.K.Head Works Division

Kolabnagar(K). PIN.764011
e-mail id-eeukhwdiv2014@rediffmail.com

**QUOTATION CALL NOTICE NO. 02 /2019-20 DATED.01.06.2019**

**No.56-A:-** Quotation in sealed cover duly super scribed the quotation call notice no. on the body of the cover are invited by the undersigned from the intending persons having experience in management & running of the stall Inside the Picnic spot in the premises of Upper Kolab Dam site for a period of 02 years under the following terms & conditions.

| Sl. No. | Location of stall | No of stall | Annual lease amount |
|---|---|---|---|
| 01 | Inside the Picnic Spot | 01 No. | |

1. The rate quoted shall be for one year for the stall as mentioned above.
2. The lease will be renewed in every year.
3. The allottee will be held responsible for any unpleasant, theft, robbery, drinking wine in the stall, loss of the Govt. properties etc.
4. In case the allottee fails to run the stall or leave the stall before the period of contract he shall give one month notice prior to the date of leaving after making good of the properties in case any loss or damaged.
5. The initial period of two years may be extended for another one year if the performance of the bidder will be satisfactory.
6. The quotationer has to enclose the security money of Rs.10,000.00 ( Rupees Ten thousand ) Only in shape of STDR/TDR duly pledged in favour of the Executive Engineer, U.K.H.W.Division, Kolabnagar from any Nationalised bank with the quotation otherwise the quotation will be rejected.
7. The sealed quotations will be received up to 4.00 PM of date. 22.6.2019 & will be opened on the same day at 04.30 PM in the presence of quotationers or their authorized agents.
8. The minimum annual lease fee is fixed Rs. 17,600/- (Rupees Seventeen thousand six hundred ) only for the stall. The bidder can quote higher annual lease fee as their competitive bid. The eligible bidder quoting highest annual lease fees shall be considered for lease.
9. The successful bidder shall have to deposit full amount of the lease for one year at the time of lease. In subsequent year at the time of renewal of the lease, the bidder shall deposit the full amount for the year, with 10% of enhancement of rate.

**32015/11/0002/1920** **Sd./- Executive Engineer, U K H W Division**

See Career Appointment on every **Wednesday & Saturday**

## ROGI KALYAN SAMITI, KANDHAMAL

Office of the CDM & PHO-cum-Dist. Mission Director, Kandhamal, Odisha, 762001

**NO. 6754 / NHM / 19** **Dt. 07.06.19**

### Tender Call Notice

No.49-E:- Sealed tenders are invited from the interested eligible bidders for diet preparation and catering firm to prepare and distribute therapeutic and non-therapeutic diet in the District Head Quarter Hospital, Phulbani. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Kandhamal, DHH, Phulbani. Proposal(s) complete in all respect should reach the undersigned on or before 03.00 PM of 27.06.2019 through Regd Post/ Speed Post/ Courier and the same will be opened on dt. 28.06.2019 at 11.30 AM. The undersigned reserves the right to reject any or all tender(s) without assigning any reason thereof.

Sd./-
CDM & PHO cum District Mission Director
10015/11/0009/1920 NHM, Kandhamal

## ODISHA HYDRO POWER CORPORATION LTD.

OFFICE OF THE SENIOR GENERAL MANAGER (ELECTRICAL) UPPER KOLAB HYDRO ELETRIC PROJECT
AT/PO BARINIPUT,DIST. KORAPUT – 764006 , ODISHA
PHONE: - (06854)242001,FAX: - (06854)242038,e-mail: sgmel_ukhep@ohpcltd.com, CIN: U40101OR1995SGC003963

**TENDER CALL NOTICE NO UKHEP- 01/2019-20, DATED 03.06.2019**

No.CAD-79:- Sealed tenders in duplicate are invited from Registered agencies/ Contractors having valid Contract Labour License, Valid registration with EPF, ESI, PAN, GST Regn. No.for the work mentioned below by engaging Unskilled and Semiskilled workmen on job contract basis for a period of 01(One) calendar year.

| Sl No. | Description of work | Cost of tender paper in Rs | EMD |
|---|---|---|---|
| 1 | Operation & Maintenance of water supply System UKHEP, Bariniput by Unskilled and Semiskilled Workmen on Job contract basis for the year 2019-20. | 7080/- (Non refundable) (Rs.6000/ +18% GST) | Rs 13000/- |

The sale of Tender Paper will be from : 12.06.2019 to 13.00 Hrs of 26.06.2019. The last date & time of receipt of Tender : 16.00 Hrs of 26.06.2019. The date and time of opening of Tender : 16.30 Hrs of 26.06.2019. For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

C&P Head, Upper Kolab
04002/11/0003/1920 H.E.Project, Bariniput

## OFFICE OF THE MUNICIPAL COUNCIL PARALAKHEMUNDI, GAJAPATI

### 'e'- Procurement Notice

**Bid Identification No.02/PKDM - 2019-20**

**Letter No.1607** **Date: 10.06.2019**

| | | |
|---|---|---|
| (i) | Procurement Officer Publisher / Officer inviting the Tender / Bids (OIT) | Executive Officer Paralakhemundi Municipality |
| (ii) | No. of work | 1 (One) |
| (iii) | Period of completion | 180 days |
| (iv) | Period of Availability of the RFP in website for download | From 10.00hrs. OF Dt: 12.06.2019 to 17.00 hrs. of Dt: 02.07.2019 |
| (V) | Pre- bidding meeting | Dt: 17.06.2019, At- 11.00 A.M |
| | Reply to pre-bid queries | Dt: 28.06.2019 |
| (vi) | Last date & Time of Submission of Proposal (Hard Copies in Sealed Envelope through Regd. Post / Speed Post only) | Dt: 06.07.2019 (5.00 P.M) |
| (vii) | Date & Time of Opening of the Technical Proposal / Part-I of the RFP | Dt: 08.07.2019 (11.00 A.M) |
| (viii) | Date & Time of Opening of the Financial Proposal / Part-II of the RFP | To be intimated later after evaluation of the technical bids. |

Further details can be seen from the e-procurement portal "https://tendersorissa.gov.in"

Sd./- Executive Officer
Paralakhemundi Municipality

## ODISHA HYDRO POWER CORPORATION LTD.,

O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in
CAD-84

**No. HHEP/Tech/WK-131/Vol-I/ 4335** **Date :04.06.2019**

e-TENDER NOTICE NO. HHEP-24/2019

Unit Head, HHEP, Burla invites percentage rate e-tender in two parts from the eligible class of contractor, registered with the Govt. of Odisha and contractor of equivalent grade / class registered with Central Govt with relevant experience in water supply pipe line work to be received **online mode only** for the following work in the portal https://tendersodisha.gov.in. Only those bidders who successfully remit their cost of tender paper & EMD online would be able to eligible in the tender.

| Sl No. | Name of work | Approx. tender value of work (in Rs.) | Class of contractor | Cost of tender (Non-Refundable) | EMD in Rs. |
|---|---|---|---|---|---|
| 1 | Replacement of fire fighting pipelines of HHEP, Burla from Ashok Niwas water tank to SST bays & GT bays of Burla Power House | 1,00,61,236/- | B & A | Rs.11800/- (Rs.10000 /- + GST 18%) | 101000/- |

• Availability of bids online : 17.06.2019 (11.00AM) to 02.07.2019 (05.00 PM) • Last date and time of receipt of bid online : 02.07.2019 upto 05.00 PM • Date & time of opening of tender : 06.07.2019 at 11.30 AM • The bidders shall have to participate in online only in the portal https://tendersodisha.gov.in Further details can be seen from the e-procurement portal https://tendersodisha.gov.in / www.ohpcltd.com

04007/11/0002/1920 Sd./- Unit Head, HHEP, Burla

## Food Corporation of India, Regional Office, Bhubaneswar

Cont.15 (358)/2019/HKD/A. Katapali-Simdega Date: -10.06.2019

**INVITATION FOR E-TENDER**

On behalf of FCI, Odisha Region online tenders are invited from eligible tenderer for appointment of appointment of regular **(i) RTC from FSD, Hirakud/SWC, A. Katapali (Odisha) to SWC, Simdega/PEG, Simdega (Jharkhand) and (ii) H&TC at FSD, Ranital & RH, Bhadrak and vice-versa for a period of two years.** The tender documents containing detailed terms and conditions can be obtained from **https://eprocure.gov.in/eprocure/app** or FCI website **www.fci.gov.in.**

GENERAL MANAGER (ODISHA)

## OFFICE OF THE DIVISIONAL LABOUR COMMISSIONER : BALANGIR

No. 1599/ Dt. 01.06.2019

No. 02-K: It is for information of all concerned that Expression of Interest is hereby invited from the interested Registered Firms/ Wholesalers / Authorised Retailer / Authorised Agencies / Reputede Manufacturers (having valid GSTIN) of Balangir for supplying (1) Bi-cycles of ISO standards, (2) Working Tools and (3) Safety Equipments to the eligible and approved beneficiaries under the Odisha Building & Other Construction Workers' Welf are Board at Balangir. The following articles as per the specifications in the detailed guideline may be provided to the beneficiaries free on board at different camps organised locally in the district of Balangir. The detailed guidelines in the regard, proforma of the application, specification and standard of the products to be supplied as well as terms and conditions may be availed at the Official Website www.balangir.nic.in / Office Notice Boards. The applications complete in all respect alongwith relevant documentary proof must reach the Office of the undersigned by 4P.M. of Dt.__________

| Sl. No. | Name of the Article |
|---|---|
| 1 | Bi-cycle |
| 2 | Working Tools |
| 3 | Safety Equipments Kit |

The Expression of Interest submitted beyond the time limit and beneft of the manner prescribed shall be liable for rejection.

17013/11/0001/1920 **Sd./- District Labour Officer, Balangir**

## GOVERNMENT OF ODISHA OFFICE OF THE EXECUTIVE ENGINEER PUBLIC HEALTH DIVISION, KEONJHAR- 758001

**Ph No.06766-254096, e-Mail: eephkjr@gmail.com**

**NATIONAL COMPETITIVE BIDDING THROUGH e- Procurement**

No.21-C Invitation For Bids (IFB)
No.EEPHKJR-07/2019-20 dt.10.06.2019

| | | | |
|---|---|---|---|
| 1. | Name of the Work | : | 1 No. work. |
| 2. | Estimated Cost | : | Rs.36.69 Lakh |
| 3. | Period of completion | : | 4 months. |
| 4. | Date & Time of Availability of Bid Document in the Portal | : | 12 hours of dt.18.06.2019 to 17 hours of dt.28.06.2019. |
| 5. | Last date/time of receipt of bids in the portal | : | Dt.28.06.2019 at 17 hours |
| 6. | Date and time of opening of bids | : | Dt.29.06.2019 at 11.30 hours |
| 7. | Name and address of the Officer Inviting Bid | : | The Executive Engineer, P.H. Division, Keonjhar. 758001, Odisha. Ph.06766-254096 e-Mail:eephkjr@gmail.com |

Further details can be seen from the website www.tendersorissa.gov.in

Sd./- Executive Engineer
13054/11/0003/1920 Public Health division, Keonjhar.

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ. ODISHA POWER TRANSMISSION CORPORATION LIMITED

OPTCL Lifeline of Odisha
(A Government of Odisha Undertaking)
Regd.Office: Janpath, Bhubaneswar-751022, Telephone: (0674) 2540051 (EPABX), Website: www.optcl.co.in, CIN:U4102OR2004SGC007553

**NOTICE INVITING TENDER (NIT)**
**(DOMESTIC COMPETITIVE e-BIDDING)**

**e-TENDER NOTICE NO.:CPC-03/2019-20** **Date: 11.06.2019**

ODISHA POWER TRANSMISSION CORPORATION LTD. (OPTCL), Bhubaneswar invites bids (in e-tendering mode only) under single stage two-envelope system from reputed EPC/Turnkey Contractors for **Engineering, Supply, Erection and Commissioning of 1x125MVAR, 420KV Bus Reactor each at Meramundali, Mendhasal and New Duburi Sub-station and Extension of 400KV bays each at existing 400/220KV Grid substations at Meramundali, Mendhasal and New Duburi at an Estimated Cost of the Package for Rs. 31.94 Crore on "Turnkey CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt. **(11/06/2019)/ (11.00) AM** up to Dt. **(08/07/2019) (12:45) PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL** for further detail.

**Note:** Bidders are requested to regularly visit Official website of OPTCL/Tender Portal only for amendment/errata/corrigendum (if any) and any other information regarding these tenders, as the same shall be published only on the OPTCL website/Tender Portal.

**Chief General Manager (C.P.C.)**
CR-Advt.No.- 02/18-19 Email id: sgm.cpc@optcl.co.in

Please connect us: optcl.odisha optcl_odisha energyodisha

## GOVT. OF ODISHA OFFICE OF THE SUPERINTENDING ENGINEER NORTH EASTERN RURAL WORKS CIRCLE, KEONJHAR

**Tel. 06766-258301(O)**
**E-Mail: se_nerwkjr@rediffmail.com**

No.78-O

"e" Procurement Notice for PMGSY-II Batch-I

**Identification No. PMGSY Online NCB No. 267**

No.2019 / Date: 07.06.2019

1. Name of the Work :- Road Works under PMGSY-II Batch-I 2018-19 as per Annexure.
2. Total No. of Works :- 02 (Two) Nos.
3. Estimated Cost :- As per annexure in NIT.
4. Class of Contractor :- As per annexure in NIT.
5. Period of Completion :- As per annexure in NIT.
6. Other details :-

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking Tender Clarification | Date & Time of Opening of tender in O/O S.E., N.E.R.W. Circle, Keonjhar. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar. | PMGSY Online NCB No. 267 | Dt.12.06.19 at 11.00 A.M. | Dt.26.06.19 upto 5.00 P.M. | Dt.25.06.19 upto 5.00 P.M. | Dt.01.07.19 at 11.00 A.M. | Dt.05.07.19 at 11.00 A.M. |

• Further details can be seen from the website: www.pmgsytenders.gov.in

25048/11/0003/1920 Sd./- Superintending Engineer, N.E.R.W. Circle, Keonjhar

## GOVT. OF ODISHA OFFICE OF THE SUPERINTENDING ENGINEER RURAL WORKS CIRCLE, BARIPADA

**Tel No. 06792-261343(O)/261344(Fax)/E-Mail:- serwcbaripada@nic.in**

No.-77-O

**"e" PROCUREMENT NOTICE FOR PMGSY WORKS**

**Identification No.- Online Tender- PMGSY N.C.B. No. 160 for 2019-20.**

Letter No- 1533 / Date:_ 07.06.2019 //

| | | | |
|---|---|---|---|
| 1 | Name of the work | | Construction & Maintenance PMGSY-II road works of 2018-19 in the District of Mayurbhanj. |
| 2 | Total No. of works | | 03 Nos. (Three Nos.) |
| 3 | Estimated Cost | | From Rs.177.20 lakhs to Rs.483.81 lakhs (approximately). |
| 4 | Eligible Class of Contractor | | '02 Nos. of packages ' 'B' & 'A' Class, 01 No of packages 'A' & 'Special', P.W.D. or relevant Class of other licensing authorities. |
| 5 | Period of Completion | | 11 (Eleven) calendar months for works above Rs.3.00 Crore, 09 (Nine) Calendar months for works below Rs.3.00 Crores Up to Rs.1.00 Crore & 06 (Six) Calendar months for Works below Rs.1.00 Crore as specified in DTCN. |
| 6 | Other details | | |

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Baripada. | PMGSY Online N.C.B. No. 160 | Dt.18.06.2019 at 11.00 A.M. | Dt.02.07.2019 up to 5.00 P.M. | Dt. 01.07.2019 up to 1.00 P.M. | Dt. 03.07.2019 at 11.00 A.M. | Dt. 17.07.2019 at 11.00 A.M. |

•Further details can be seen from the website: www.pmgsytenders.gov.in
• Any Corrigendum / Addendum will be displayed in the above e_tender website only.

25130/11/0002/1920 **Superintending Engineer,R.W. Circle, Baripada.**

## GOVERNMENT OF ODISHA OFFICE OF THE EXECUTIVE ENGINEER KALAHANDI RWS&S DIVISION, BHAWANIPATNA

**e-mail: eerwsskld@nic.in, eerwsskld@gmail.com**
**Phone No.- 06670-230784**

**No.73-O**

INVITATION OF BID THROUGH e-TENDERING

Bid Identification No-01/EE/RWSS/2019-20/ Bpt, Dated: 07.06.2019

01. Name of the work :- As per ANNEXURE - A

| Procurement Officer | Bid Identification No. | Availability of tender online for bidding on office hour only. | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 01/EE/RWSS/2019-20 / Bpt Dated-07.06.2019 | 13.06.2019 | 03.07.2019 | 05.07.2019 at 11.30 AM. onwards |

Cost of tender paper & payment of EMD to be made online payment system. Further details can be seen from the e-procurement portal http://tenderodisha.gov.in.

25005/11/0001/1920 Sd./- Executive Engineer, Kalahandi RWS&S Division, Bhawanipatna

## FAKIR MOHAN UNIVERSITY

**VYASA VIHAR, BALASORE-756020, ODISHA, Phone: (06782) 275856, e-mail ID: dycoe_fmu@rediffmail.com**

**Notification No. Exam. / Ph. D. / Misc. (Advt.)/ 3208 / 2019/ FMU/ Dt. 10.06.2019**

**NOTIFICATION FOR Ph. D. PROGRAMME AND ENTRANCE TEST (FMU-RET)-2019**
**FAKIRMOHAN UNIVERSITY, VYASA VIHAR, BALASORE-756020**

Applications are invited from the intending candidates for Ph. D. Entrance Test (FMU RET)-2019 of Fakir Mohan University. For details of the subject availability, application procedure, eligibility and criteria of exemption etc., the applicants are advised to visit F.M. University website **www.fmuniversity.nic.in**.

| KEY DATES | |
|---|---|
| Submission of application forms along with supporting documents | 02.07.2019 |
| Date of issue of Admit card | 16.07.2019 |
| Date of FMU-RET Examination-2019 | 19.07.2019 |
| Provisionally shortlisted candidates for Viva-Voce | 30.07.2019 |
| Intimation of letter for Viva-Voce | 02.08.2019 |
| Publication of provisional results of FMU RET-2019 for admission into Ph.D. Course Work. | 13.08.2019 to 21.08.2019 |

**Sd./-**
**REGISTRAR**

## OFFICE OF THE COLLECTOR & DISTRICT MAGISTRATE, BALANGIR

**(SOCIAL WELFARE SECTION)**
**TENDER CALL NOTICE FOR ENGAGEMENT OF TRANSPORTING AGENT FOR THE YEAR 2019-20 UNDER SNP IN BALANGIR DISTRICT**

**No.941 / DSWO** **Dt. 07.06.2019**

1. Tender from intending Firms/ Transport Contractor(s) Agent(s) eligible as per the conditions specified in the Tender documents, for transportation of food stuff from FCI Godown to different Anganwadi Centre's for the year 2019-20.
2. Tender Papers required for the Tender can be obtained from the office of D.S.W.O., Balangir on payment of Rs.10000/- (non-refundable) in cash on any working day from the date of publication of this notice till **20.06.2019** during office hour or the documents can be down loaded from internet available in our website.
3. Tender documents shall be submitted by Speed post / Registered post / drop box in the DSWO, Balangir on or before 5 P.M of 21.06.2019.
4. Tender Papers must be accompanied with the money receipt and other relevant documents as mentioned in the form. Failure to comply the instruction specified there on or non-submission of any of the documents specified, the bid shall summarily be rejected.
5. Tender shall be opened on 22.06.2019 at 11 A.M in the office of Collector, Balangir and the bidders are at liberty to attend.
6. Undersigned reserves the right to award the tender and reject any or all the tender documents without assigning any reason thereof.
7. Details of this Tender is also available in the **Notice Board** of official website http://balangir.nic.in.

By Order of Collector, Balangir
Sd./- District Social Welfare Officer
Balangir

# ହାତରେ ମେହେନ୍ଦି ଲଗାଉଥିଲେ...




**ହାତରେ ମେହେନ୍ଦି ଲଗାଇବାକୁ ପ୍ରତ୍ୟେକ ଯୁବତୀ ଭଲ ପାଆନ୍ତି। କିନ୍ତୁ ସମସ୍ତଙ୍କ ହାତରେ ଏହାର ରଙ୍ଗ ଗାଢ଼ ଆସେ ନାହିଁ। ଏହାର ରଙ୍ଗ ଗାଢ଼ କରିବାକୁ ଚାହୁଁଥିଲେ ଜାଣନ୍ତୁ କିଛି ଟିପ୍ସ...**

- ମେହେନ୍ଦି ଲଗାଇବା ପୂର୍ବରୁ ହାତକୁ ଭଲଭାବେ ଧୋଇଦିଅନ୍ତୁ। ଏହାପରେ ଆଷ୍ଟ୍ରିଜେଣ୍ଟ୍ କିମ୍ବା ଟୋନର ଲଗାଇ ସଫାକରନ୍ତୁ।
- ବର୍ତ୍ତମାନ ହାତରେ ମେହେନ୍ଦି ତେଲ ଲଗାନ୍ତୁ।
- ମେହେନ୍ଦି ଲଗାଇବା ପରେ ଅତିକମ୍‌ରେ ଏହାକୁ ୪-୫ ଘଣ୍ଟା ହାତରେ ଶୁଖିବାକୁ ଦିଅନ୍ତୁ। ରାତିରେ ହିଁ ହାତରେ ମେହେନ୍ଦି ଲଗାନ୍ତୁ। ସକାଳେ ଉଠି ଦେଖିବେ ଭଲ ଭାବେ ଶୁଖି ଗାଢ଼ ରଙ୍ଗ ହୋଇଥିବ।
- ମେହେନ୍ଦି ଲଗାଇବାର କିଛି ସମୟ ପରେ ତାହା ଅଳ୍ପ ଶୁଖିଗଲେ ତା' ଉପରେ ଲେମ୍ବୁରସ ଏବଂ ଚିନିର ମିଶ୍ରଣକୁ ତୁଳା ସାହାଯ୍ୟରେ ଲଗାନ୍ତୁ। ମେହେନ୍ଦି ଛଡ଼ାଇବା ପର୍ଯ୍ୟନ୍ତ ମଝିରେ ମଝିରେ ଏହାର ମିଶ୍ରଣକୁ ଲଗାଇବାକୁ ଭୁଲନ୍ତୁ ନାହିଁ।
- ମେହେନ୍ଦି ସମ୍ପୂର୍ଣ୍ଣ ଶୁଖିଯିବା ପରେ ଏହାକୁ ହ୍ୟାଣ୍ଡୱାଶ କିମ୍ବା ସାବୁନରେ ଧୁଅନ୍ତୁ ନାହିଁ। ପାଣି ମଧ୍ୟ ବ୍ୟବହାର ନ କରି ଦୁଇ ହାତରେ ଧୀରେ ଧୀରେ ଘଷି ଛଡ଼ାଇବା ଭଲ।
- ବର୍ତ୍ତମାନ ଏକ ତାୱା ଗରମ କରି ସେଥିରେ ୫-୬ଟି ଲବଙ୍ଗ ରଖନ୍ତୁ। ସେଥିରୁ ନିର୍ଗତ ଧୂଆଁରେ ହାତ ଦେଖାନ୍ତୁ। ଏହା ମେହେନ୍ଦିର ରଙ୍ଗକୁ ଗାଢ଼ କରିବାରେ ବେଶ୍ ସହାୟକ ହୁଏ।
- ଏହାପରେ ହାତରେ ସୋରିଷ ତେଲ ଲଗାଇବାକୁ ଆଦୌ ଭୁଲନ୍ତୁନାହିଁ।



## କମ୍ ଖର୍ଚ୍ଚରେ

# ହୋମ୍ ଡେକୋରେଶନ





**ଘର ସଜାଇବାକୁ ତ ସମସ୍ତଙ୍କର ଇଚ୍ଛା। କିନ୍ତୁ ହୋମ୍ ଡେକୋରେସନ୍ ଜିନିଷର ଦାମ୍ ଦେଖି ବେଳେବେଳେ ମନ ଫିକା ପଡିଯାଏ। ତେବେ କମ୍ ସମୟ ଓ କମ୍ ଖର୍ଚ୍ଚରେ କିପରି ଘରକୁ ସୁନ୍ଦର ଭାବେ ସଜାଇପାରିବେ, ଜାଣନ୍ତୁ ସେ ସମ୍ପର୍କରେ କିଛି ଟିପ୍ସ...**

❖ଘରର ସୁନ୍ଦରତାକୁ ବଢ଼ାଇବାରେ ଫ୍ଲୋରିଂର ରହିଛି ଢେର୍ ଭୂମିକା। ତେଣୁ ଅଳ୍ପ ସମୟ ମଧ୍ୟରେ ଫ୍ଲୋରିଂର ରୂପରେଖ ବଦଳାଇବାକୁ ଚାହୁଁଥିଲେ, କଲରଫୁଲ୍ କାର୍ପେଟ୍ ଚୟନ କରନ୍ତୁ।

- ଘରର କାନ୍ଥକୁ ୱାଲ୍ ପେପର ସାହାଯ୍ୟରେ ହାଇଲାଇଟ୍ କରନ୍ତୁ। ଏହା କମ୍ ସମୟ ମଧ୍ୟରେ ଘରକୁ ନୂଆ ଲୁକ୍ ଦେବ।

❖ଘରେ ଲାଗିଥିବା ପୁରୁଣା ଟ୍ୟୁବ୍ ଲାଇଟ୍‌ଗୁଡିକୁ ବଦଳାଇ ତା' ସ୍ଥାନରେ ନୂଆ ଡେକୋରେଟିଭ୍ ଲାଇଟ୍ ଲଗାନ୍ତୁ।

❖କାଚପାତ୍ରରେ ପାଣି ଭର୍ତ୍ତିକରି ସେଥିରେ ଫ୍ଲୋଟିଂ କ୍ୟାଣ୍ଡେଲ୍ କିମ୍ବା ଫୁଲର ପାଖୁଡ଼ା ପକାଇ ସଜାନ୍ତୁ। ଏହା ଘର ଭିତରରେ ପ୍ରାକୃତିକ ବାତାବରଣ ସୃଷ୍ଟି କରିବାରେ ସାହାଯ୍ୟ କରିବ।

❖କାନ୍ଥରେ ଲାଗିଥିବା ପେଣ୍ଟିଂଗୁଡିକୁ ମଧ୍ୟ ନଜର ଦିଅନ୍ତୁ। ଯଦି ତାହା ପୁରୁଣା ଲାଗୁଥାଏ ତେବେ ତା' ସ୍ଥାନରେ ଏପରି ପେଣ୍ଟିଂ କିମ୍ବା ୱାଲ୍ ହ୍ୟାଙ୍ଗିଂ ଲଗାନ୍ତୁ, ଯାହାକି ଘରର ଆକର୍ଷଣ ବୃଦ୍ଧି କରିବ।

- ଯଦି ଘରେ ପୁରୁଣା ସାଜସଜ୍ଜା ସାମଗ୍ରୀ ଯଥା ଲ୍ୟାମ୍ପଶେଡ୍, ବକ୍ସ, ମୂର୍ତ୍ତି, ଫୁଲଦାନି ଆଦି ଅଛି ତେବେ ତାହାକୁ ଭଲଭାବେ ସଫା କରନ୍ତୁ। ସବୁକୁ ଗୋଟିଏ ସ୍ଥାନରେ ନ ରଖି ଭିନ୍ନ ଭିନ୍ନ ସ୍ଥାନରେ ରଖନ୍ତୁ।

❖ଆପଣ ଚାହିଁଲେ ଘର କୋଣରେ ଛୋଟ ଛୋଟ ପ୍ଲାଣ୍ଟ୍ ରଖି ତାହାକୁ କଲରଫୁଲ୍ ଲାଇଟ୍‌ରେ ସଜାଇପାରିବେ।

❖ଉଡେନ୍ ଫ୍ଲୋରିଂ ପରି ହାର୍ଡ ଫ୍ଲୋରିଂ ଆପଣାନ୍ତୁ। କାର୍ପେଟ୍ ଓ ଦରି ପରି ଏହାକୁ ବାରମ୍ବାର ବଦଳାଇବା କିମ୍ବା ସେତେ ଅଧିକ ଯତ୍ନ ନେବାକୁ ପଡ଼ି ନ ଥାଏ।

❖ଘର ସଜାଇବା ପାଇଁ କେବଳ ଯେ ଦାମୀ ଏବଂ ଭାରି ପରଦା ଲଗାଇବା ଆବଶ୍ୟକ ତାହା ନୁହେଁ, ଏହା ବଦଳରେ କମ୍ ଖର୍ଚ୍ଚରେ ଆପଣ ହାଲ୍‌କା ପରଦା ଲଗାନ୍ତୁ। କିନ୍ତୁ ପରଦା କିଣିବା ପୂର୍ବରୁ ଏହାର ପ୍ରିଣ୍ଟ ଓ ଘର କଲର ପ୍ରତି ଧ୍ୟାନ ରଖନ୍ତୁ।

❖ଘରକୁ କଲର କରିବାବେଳେ ଦୁଇ ତିନି ପ୍ରକାର ରଙ୍ଗ ଆପଣାନ୍ତୁ। ଏହାଦ୍ୱାରା ଛୋଟ ଘର ବଡ଼ ପରି ଦେଖାଯାଏ। ଏହା ଘରକୁ ଡିଜାଇନର ଲୁକ୍ ଦେଇଥାଏ।

❖କୌଣସି ଏକ ବଡ଼ ଫର୍ନିଚର ରଖିବା



ଦ୍ୱାରା ଘର ଭର୍ତ୍ତି ହେବାପରି ଲାଗେ। ତେଣୁ ଏହା ବଦଳରେ ଛୋଟ ଛୋଟ ଫର୍ଣ୍ଣିଚର ରଖନ୍ତୁ, ଯାହା କମ୍ ଦାମ୍ ସହ ଘରକୁ ସୁନ୍ଦର ଦେଖାଯିବ।

❖ବର୍ତ୍ତମାନ ବଜାରରେ ଯେଉଁଭଳି ଡେକୋରେଟିଭ୍ ଲାଇଟ୍ ମିଳୁଛି, ତାହାକୁ କିଣି ଅଧିକ ଖର୍ଚ୍ଚାନ୍ତ ହୁଅନ୍ତୁ ନାହିଁ। ବରଂ ଘରେ ପୂର୍ବରୁ ଯେଉଁ ଲାଇଟ୍ ଅଛି ତାହାକୁ କ୍ରିଏଟିଭ୍ ଭାବେ ଲଗାନ୍ତୁ। ଏହାଛଡ଼ା ପୁରୁଣା ଲ୍ୟାମ୍ପ ଥିଲେ ତାହାକୁ ସଜେଇ ନୂଆ ରୂପ ଦେଇପାରିବେ।

❖ଘରେ ଥିବା ଆଇନାଗୁଡିକୁ ଠିକ୍ ସ୍ଥାନରେ ଲଗାଇ ଜାଣିଲେ ସାଧାରଣ ଘର ବି ଡିଜାଇନିଂ ଲାଗିଥାଏ। ଏଥିପାଇଁ ଆପଣ ଚାହିଁଲେ ଆଇନାଗୁଡିକୁ ଫ୍ରେମିଂ କରି ବ୍ୟବହାର କରିପାରିବେ।

❖ଲିଭିଂ ରୁମ୍‌କୁ ମେଟାଲିକ୍ ଟଚ୍ ଦିଅନ୍ତୁ। ଘରର କାନ୍ଥ ପାଇଁ ଧଳା ଓ ମେଟାଲିକ୍ ସିଲ୍‌ଭର କମ୍ବିନେଶନ ବ୍ୟବହାର କରିପାରିବେ। ମେଟାଲିକ୍ ବେସ୍‌ଡ ଫର୍ନିଚର ମଧ୍ୟ ବ୍ୟବହାର କରିପାରିବେ।

### କ'ଣ କରନ୍ତି ଏମାନେ ...



**ଘ**ରକୁ ମୁଁ ସବୁବେଳେ ପରିଷ୍କାର ରଖିଥାଏ। କିନ୍ତୁ କୌଣସି ପର୍ବପର୍ବାଣି ଥିଲେ ଘରକୁ ନୂଆ ଲୁକ୍ ଦେଇଥାଏ। ଫର୍ନିଚରର ଅଦଳବଦଳ କରିଥାଏ। କମ୍ ଖର୍ଚ୍ଚରେ କିପରି ଘରକୁ ସଜାଇପାରିବି, ସେଥିପ୍ରତି ଗୁରୁତ୍ୱ ଦେଇଥାଏ। ଘରର ସମସ୍ତ ପୁରୁଣା ସାମଗ୍ରୀ ଫିଙ୍ଗି ନ ଦେଇ ସେଥିରୁ କିଛି ସାମଗ୍ରୀକୁ ନୂଆ ରୂପ ଦେଇ ବ୍ୟବହାର କରିଥାଏ।

– **ରୋଜାଲିନ୍ ମହାପାତ୍ର,** *ପାଟସୁନ୍ଦରପୁର, କଟକ*



**ଘ**ର ସଜାଇବା ମୋର ସଉକ। ମୁଁ ଯେତେବେଳେ ମାର୍କେଟ ଯାଏ ସେଠାରୁ କିଛି ନା କିଛି ଘରସଜା ଜିନିଷ କିଣିଥାଏ। ପେଣ୍ଟିଂ ଓ ୱାଲ୍ ହ୍ୟାଙ୍ଗିଙ୍ଗ୍ ମୋର ପସନ୍ଦ। କାର୍ପେଟକୁ ସବୁବେଳେ ପରିଷ୍କାର ରଖିଥାଏ। ମାର୍କେଟରୁ ସ୍କ୍ରିନ୍ ଆଦି କିଣିବାବେଳେ ଘର କାନ୍ଥର କଲର କମ୍ବିନେଶନ ହିସାବରେ କିଣିଥାଏ।

– **ପ୍ରଭାସିନୀ ମିଶ୍ର,** *ମାଛଗାଁ, ଜଗତ୍‌ସିଂହପୁର*









# ରଜରେ ଅତିଥି ଚର୍ଚ୍ଚା

**ରଜ ସମୟରେ ଘରକୁ ଅତିଥି ଆସିଥାନ୍ତି। ସେମାନଙ୍କୁ ଚର୍ଚ୍ଚା ଲାଗି ପ୍ରସ୍ତୁତି ସମ୍ପର୍କରେ ଜାଣନ୍ତୁ କେତୋଟି କଥା..**

- ଅତିଥି ଆସିବା ପୂର୍ବରୁ ଘରକୁ ସୁନ୍ଦର ଭାବେ ସଜାନ୍ତୁ। ଯେଉଁ ଜିନିଷ ଯେଉଁଠି ରହିବା ଉଚିତ ସେପରି ହିଁ ରଖନ୍ତୁ। ରୁମ୍ ଡେକୋରେଶନ୍‌ରେ ପରିବର୍ତ୍ତନ ଆଣନ୍ତୁ।
- ଘରର ଫ୍ଲୋର ଏବଂ ସମସ୍ତ ଫର୍ନିଚରକୁ ଭଲଭାବେ ପୋଛନ୍ତୁ।
- ଅତିଥି ଘରେ ପହଞ୍ଚିବାମାତ୍ରେ ତାଙ୍କୁ ସ୍ୱାଗତ କରି ପ୍ରଥମେ କୋଲ୍ଡ ଡ୍ରିଙ୍କ୍‌ସ, ଚା କିମ୍ବା କଫିରେ ଆପ୍ୟାୟିତ କରନ୍ତୁ।
- ଅତିଥିଙ୍କୁ ଏକୁଟିଆ ବସିବାକୁ ନ ଦେଇ ସେମାନଙ୍କ ସହ କଥାହୁଅନ୍ତୁ। ଯଦି ସେମାନଙ୍କୁ ଛାଡ଼ି କିଛି ସମୟ ପାଇଁ ରୋଷେଇ ଘର କିମ୍ବା ଅନ୍ୟ କାମ କରିବାକୁ ଯାଉଛନ୍ତି, ତେବେ ପରିବାରର ଆଲ୍‌ବମ୍ ଦେଖିବାକୁ ଦିଅନ୍ତୁ। ଏହାଦ୍ୱାରା ସେମାନଙ୍କ ଟାଇମ୍‌ପାସ୍ ହେବ।
- ଖାଦ୍ୟ ପରଷିବା ପୂର୍ବରୁ ଏହାକୁ ଭଲଭାବେ ସଜାଇ କରି ଦିଅନ୍ତୁ। ଏଭଳି ଅତିଥି ଚର୍ଚ୍ଚା କରନ୍ତୁ, ଯେପରି କି ସବୁଦିନ ପାଇଁ ଅତିଥି ଆପଣଙ୍କୁ ମନେରଖିବେ।
- ଆପଣଙ୍କଠାରୁ ଅତିଥି ବିଦାୟ ନେବାବେଳେ ତାଙ୍କୁ ଉପହାରସ୍ୱରୂପ କିଛି ଦିଅନ୍ତୁ। ଏହା ଆପଣଙ୍କ ସମ୍ପର୍କକୁ ଆହୁରି ନିବିଡ଼ କରିଥାଏ।



## ଖା|ଦ୍ୟ|ରୁ|ଚି

# ଆରିସା ପିଠା

**ଆବଶ୍ୟକ ସାମଗ୍ରୀ –** ଚାଉଳ ୧ କିଗ୍ରା, ଗୁଡ଼ ୭୫୦ ଗ୍ରାମ୍, ଘିଅ କିମ୍ବା ତେଲ ୧ ଲିଟର।

**ପ୍ରସ୍ତୁତି–** ଚାଉଳକୁ ୪ରୁ ୫ ଘଣ୍ଟା ବତୁରାନ୍ତୁ। ପରେ ଏହାକୁ ଭଲଭାବେ ଧୋଇ ଫ୍ୟାନ୍ ତଳେ ଶୁଖାନ୍ତୁ। ଚାଉଳରୁ ପାଣି ଶୁଖିଯିବା ପରେ ଏହାକୁ ଭଲଭାବେ ପେଷି ଗୁଣ୍ଡ କରିଦିଅନ୍ତୁ। ଏବେ ଗୁଡ଼କୁ ଏକ କଡ଼େଇରେ ଗରମ କରି ପାଗ ପ୍ରସ୍ତୁତ କରନ୍ତୁ। ଏଥିରେ ଚାଉଳ ଗୁଣ୍ଡ ମିଶାଇ ଗ୍ୟାସ୍ ଅଫ୍ କରି ଥଣ୍ଡାହେବାକୁ ଦିଅନ୍ତୁ। ଏହି ମିଶ୍ରଣକୁ ହାତରେ ଅଳ୍ପ ଘିଅ ଲଗାଇ ଭଲଭାବେ ଚକଟି ସଫ୍ଟ କରନ୍ତୁ। ଏଥିରେ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ। ଏକ କଦଳୀ ପତ୍ରରେ ଏହି ଗୁଳାକୁ ଚାପି ଛୋଟ ଛୋଟ ପିଠା ଆକାର ଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମ କରି ମଧ୍ୟମ ଆଞ୍ଚରେ ଏହାକୁ ଛାଣନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆରିସା ପିଠା। ଥଣ୍ଡା ହେବାପରେ ଏହାକୁ ଏକ ଜାର୍‌ରେ ମାସ ମାସ ଧରି ରଖିପାରିବେ।





**ଦୋଳି ଖେଳିବାକୁ ସମସ୍ତଙ୍କୁ ଭଲ ଲାଗେ। କେହି ନିଜ ଘରେ ଦୋଳି ଲଗାଉଥିବାବେଳେ ଆଉ କେହି ସ୍ଥାୟୀ ଦୋଳି ବ୍ୟବସ୍ଥା ଥିବା ପାର୍କ କିମ୍ବା ଅନ୍ୟ ସ୍ଥାନକୁ ଯାଇଥାନ୍ତି। ଯଦି ଆପଣ ନିଜର ସଉକ ଅବା ଘରର ସୌନ୍ଦର୍ଯ୍ୟ ପାଇଁ ଦୋଳି ଲଗାଉଛନ୍ତି ତେବେ ଜାଣନ୍ତୁ ସେ ନେଇ କିଛି ଟିପ୍ସ...**

# କେମିତି ବାନ୍ଧିବେ ଦୋଳି

■ବର୍ତ୍ତମାନ ଉଭୟ ଘର ଓ ଘର ବାହାରେ ଯଥା ବାଲ୍‌କୋନି କିମ୍ବା ଲନ୍‌ରେ ଲଗାଯାଉଥିବା ଦୋଳିର ଖୁବ୍ ଡିମାଣ୍ଡ ରହିଛି। ଘର ଭିତରେ ଲଗାଇବା ଲାଗି ଆପଣ ଟ୍ରାଡିଶନାଲ କାଠଦୋଳି ଆଣିପାରିବେ। ଆପଣ ଚାହିଁଲେ ବେତ କିମ୍ବା ଝୋଟ ଦୋଳି ବି ଲଗାଇପାରିବେ।

■ବାହାରେ ଡେକୋରେଟିଭ୍ ସିଲ୍‌ଭର ପ୍ଲେଟେଡ୍ ଆଇରନ ଦୋଳି ଲଗାଇପାରିବେ।

■ଘରର ଇଣ୍ଟେରିୟରକୁ ଦେଖି ଏମିତି ସ୍ଥାନରେ ଦୋଳି ଲଗାନ୍ତୁ, ଯେଉଁଠାରେ ଆପଣ କିଛି ସମୟ ବସି ରିଲାକ୍ସ ହୋଇପାରିବେ। ଏଥିପାଇଁ ବାଲ୍‌କୋନି ବେଶି ଭଲ।

■ଆଜିକାଲି ମାର୍କେଟରେ ବିଭିନ୍ନ ଆକର୍ଷଣୀୟ ଡିଜାଇନ୍‌ର ଦୋଳି ବିକ୍ରି ହେଉଛି। ଯାହାକି ମୁଖ୍ୟତଃ ୭ରୁ ୯ ଫୁଟ ଉଚ୍ଚତାବିଶିଷ୍ଟ ଛାତ ପାଇଁ ପ୍ରସ୍ତୁତ କରାଯାଉଛି। ଯଦି ଆପଣଙ୍କ ଛାତର ଉଚ୍ଚତା ଏହାଠାରୁ ଅଧିକ ତେବେ ସେହି ହିସାବରେ ଆପଣ ଏକ୍ସଟ୍ରା କଡ଼ି ଲଗାଇପାରିବେ।

■ବାହାରେ ଦୋଳି ଲଗାଇବା ପାଇଁ ବିଭିନ୍ନ ଡିଜାଇନର ଲୁହା ଷ୍ଟାଣ୍ଡ ମିଳୁଛି। ଆପଣଙ୍କ ବଜେଟ ଅନୁଯାୟୀ ଏହାକୁ କିଣି ଘରର ଲୁକ୍‌କୁ ଆହୁରି ଆକର୍ଷଣୀୟ କରିପାରିବେ।

■ଦୋଳି ଅଧିକ ଉଚ୍ଚା କିମ୍ବା ନୀଚା ନ କରି ତଳଠାରୁ ୩ରୁ ୪ ଫୁଟ ଉଚ୍ଚରେ ହିଁ ଲଗାନ୍ତୁ। ବସିବାକୁ ଆରାମ ଲାଗିବ।

■ଲନ୍‌ରେ କାଠ, ଝୋଟ, ବେତର ଦୋଳି ଲଗାନ୍ତୁ ନାହିଁ। କାରଣ ବର୍ଷା ସଂସ୍ପର୍ଶରେ ଆସି ଏହା ନଷ୍ଟ ହୋଇଯାଏ। ବରଂ ଲୁହା ଦୋଳି ଏଥିପାଇଁ ଭଲ। ମନେରଖନ୍ତୁ ଏହାକୁ ଲଗାଇବା ପୂର୍ବରୁ ଭଲଭାବେ ପେଣ୍ଟ କରନ୍ତୁ। ନଚେତ୍ ଏଥିରେ କଳଙ୍କି ଲାଗିବାର ଆଶଙ୍କା ରହିଛି।

## ସଂକ୍ଷେପରେ

### ହାଜର ହେଲେନି ଚନ୍ଦା କୋଚର



**ନୂଆଦିଲ୍ଲୀ,୧୦-୬:** ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚର ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସମ୍ମୁଖରେ ହାଜର ହୋଇନାହାନ୍ତି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଆସିନାହାନ୍ତି ବୋଲି ଇଡିର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଚଳିତ ସପ୍ତାହରେ ତାଙ୍କୁ ହାଜର ହେବା ଲାଗି ପୁନର୍ବାର କୁହାଯିବ ଏବଂ ସମନ ଜାରି କରାଯିବ ବୋଲି ସେ କହିଛନ୍ତି। ଭିଡିଓକନ ଗ୍ରୁପ୍‌କୁ ଋଣ ପ୍ରଦାନ ମାମଲାରେ କୋଚରଙ୍କ ବିରୋଧରେ ଇଡି ପକ୍ଷରୁ ଏକ ମନିଲଣ୍ଡରିଂ ମାମଲା ଦାଏର କରାଯାଇଛି। ଗତ ସପ୍ତାହରେ ମଧ ଚନ୍ଦା ସ୍ୱାସ୍ଥ୍ୟ ଖରାପ ଥିବା ଦର୍ଶାଇ ହାଜର ହେବା ଲାଗି ସମୟ ମାଗିଥିଲେ। ଆଇସିଆଇସିଆଇ ବ୍ୟାଙ୍କର ଆହୁରି କେତେଜଣ ଅଧିକାରୀଙ୍କୁ ଜେରା କରିବାକୁ ଇଡି ବିଚାର କରୁଛି ବୋଲି ଉକ୍ତ ଅଧିକାରୀ କହିଛନ୍ତି। ଏହାଛଡ଼ା କୋଚର ଦମ୍ପତିଙ୍କ ମୋଟ ସମ୍ପତ୍ତିର ପରିମାଣକୁ ଇଡି ଆକଳନ କରିବା ଆରମ୍ଭ କରିଛି। ଏହାକୁ ପିଏମ୍‌ଏଲ୍‌ଏ ଅଧୀନରେ ଅସ୍ଥାୟୀ ଭାବେ ଜବତ କରାଯାଇପାରେ।

### ଜେଟ୍ ଏୟାରୱେଜ୍ ବିରୋଧରେ ଏନ୍‌ସିଏଲ୍‌ଟିରେ ମାମଲା




**ମୁମ୍ବାଇ,୧୦-୬:** ଜେଟ୍ ଏୟାରୱେଜ୍‌ର ଦୁଇ ଅପରେଶନାଲ କ୍ରେଡିଟର୍ସ ବା ସପ୍ଲାୟର କମ୍ପାନୀ ବିରୋଧରେ ଦେବାଳିଆ ଅଦାଲତ ବା ଏନ୍‌ସିଏଲ୍‌ଟିରେ ମାମଲା ଦାଏର ହୋଇଛି। ଏହାକୁ ଅଦାଲତ ଗ୍ରହଣ କଲେ ଜେଟ୍‌କୁ ଋଣ ଦେଇଥିବା ବ୍ୟାଙ୍କଗୁଡ଼ିକ ସମାଧାନ ପ୍ରକ୍ରିୟାରେ ସାମିଲ ହେବାକୁ ବାଧ ହେବେ। ଶମନ ହ୍ୱିଲ୍ସ ଏବଂ ଗଗର ଏଣ୍ଟରପ୍ରାଇଜେସ୍ ପକ୍ଷରୁ ଆଇବିସି ଆଇନ ଅଧୀନରେ ମାମଲା ଦାଏର କରାଯାଇଛି। ଜଣେ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ, ମୁମ୍ବାଇସ୍ଥିତ ଏନ୍‌ସିଏଲ୍‌ଟିରେ ଏହି ମାମଲା ଗ୍ରହଣୀୟ ହେବା ନେଇ ନଜର ରଖାଯାଇଛି। ଏହା ଗ୍ରହଣ ହେଲେ ଜେଟ୍ ଏୟାରୱେଜର ପୁନରୁଦ୍ଧାର ବାଟ ବନ୍ଦ ହୋଇଯିବ। ଦେବାଳିଆ ପ୍ରକ୍ରିୟାରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଦିଆଯାଇଥିବା ଋଣ ଫେରସ୍ତ ହେବାର ସମ୍ଭାବନା କମ୍ ବୋଲି ସେ କହିଛନ୍ତି। କାରଣ ବ୍ୟାଙ୍କ ଋଣ ଅପେକ୍ଷା ଜେଟ୍ ଉପରେ ଅନ୍ୟ ବାହାର ଋଣ ଅଧିକ ରହିଛି। ତାଙ୍କ କହିବାନୁଯାୟୀ, ବ୍ୟାଙ୍କଗୁଡ଼ିକୁ ଅନ୍ୟ ଋଣପ୍ରଦାନକାରୀଙ୍କ ସହ ସମାନ ଭାବେ ତୁଳନା କରାଯିବା ନେଇ ସନ୍ଦେହ ରହିଛି।

### ଉତ୍ପାଦନ ୧୮% ହ୍ରାସ କଲା ମାରୁତି ସୁଜୁକି



**ନୂଆଦିଲ୍ଲୀ,୧୦-୬:** ଦେଶର ପ୍ରମୁଖ କାର୍ ନିର୍ମାତା ମାରୁତି ସୁଜୁକି ଇଣ୍ଡିଆ ଗତ ମାସରେ ଏହାର ଉତ୍ପାଦନକୁ ୧୮% କମାଇଛି। ଗତ ୪ ମାସ ଧରି କମ୍ପାନୀ ଏହାର ଉତ୍ପାଦନ ହ୍ରାସ କରିଥିବା ରେଗୋଲେଟୋରୀ ଫାଇଲିଂରୁ ଜଣାପଡିଛି। ମେ ମାସରେ କମ୍ପାନୀ ୧.୫୧ ଲକ୍ଷ ୟୁନିଟ ଯାନ ଉତ୍ପାଦନ କରିଛି। ଏଥିରେ ସୁପର କ୍ୟାରୀ ହାଲ୍‌କା ବାଣିଜ୍ୟିକ ଯାନ ସାମିଲ ରହିଛି। ଗତ ମାସ ମେ ମାସରେ କମ୍ପାନୀ ୧.୮୪ ଲକ୍ଷ ୟୁନିଟ୍ ଯାନ ଉତ୍ପାଦନ କରିଥିବାବେଳେ ଚଳିତବର୍ଷ ୧୮.୧% ଉତ୍ପାଦନ ହ୍ରାସ କରିଥିବା କହିଛି। ଚାହିଦା ପ୍ରଭାବିତ ହେବାରୁ କମ୍ପାନୀଗୁଡିକ ବିକ୍ରି କ୍ଷେତ୍ରରେ ବିଭିନ୍ନ ପ୍ରତିବନ୍ଧକ ସାମ୍ନା କରୁଛନ୍ତି। ଫଳରେ କମ୍ପାନୀଗୁଡିକ ବାଧ ହୋଇ ନିଜର ଉତ୍ପାଦନକୁ ହ୍ରାସ କରୁଥିବା ଶିଳ୍ପ ସୂତ୍ରରୁ ସୂଚନା ରହିଛି। ଚଳିତବର୍ଷ ଏପ୍ରିଲରେ ମୋଟ ପାସେଞ୍ଜର ଯାନ ବିକ୍ରିରେ ୧୭% ହ୍ରାସ ଘଟିଛି। ଏହା ଗତ ୮ ବର୍ଷର ସବୁଠାରୁ ସର୍ବନିମ୍ନ ସ୍ତର। ଚାହିଦା ହ୍ରାସ ଏବଂ ବଜାରରେ ନଗଦ ସଙ୍କଟ ଭଳି ଅନ୍ୟ କିଛି ସମସ୍ୟା ବିକ୍ରି ଉପରେ ପ୍ରଭାବ ପକାଉଥିବା ଜଣାପଡ଼ିଛି।

---

> ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଅଧିକ ଦୃଢ଼ୀଭୂତ କରିବା ଲାଗି ରାଜ୍ୟଗୁଡ଼ିକ ଦ୍ୱାରା ର୍‍ୟାଙ୍କିଙ୍ଗ ବ୍ୟବସ୍ଥା ଆପଣାଇବାର ସମୟସୀମାକୁ କେନ୍ଦ୍ର ସରକାର ସେପ୍ଟେମ୍ବର ୩୦ ଯାଏ ବୃଦ୍ଧି କରିଛନ୍ତି।
> **– ରମେଶ ଅଭିଷେକ୍, ଡିପିଆଇଆଇଟି ସଚିବ**



> ପ୍ରିମିୟମ ବ୍ରାଣ୍ଡର କ୍ଷୀର 'ପ୍ରାଇଡ ଅଫ୍ କାଉଜ'କୁ ସିଙ୍ଗାପୁରରେ ଲଞ୍ଚ କରାଯାଇଛି। ସେଠାରେ ତାଜା କ୍ଷୀର ବିକ୍ରି କରିବାରେ ଆମେ ପ୍ରଥମ ଭାରତୀୟ କମ୍ପାନୀ।
> **– ଦେବେନ୍ଦ୍ର ଶାହ, ଅଧ୍ୟକ୍ଷ, ପରାଗ ମିଲ୍କ ଫୁଡ୍ସ**



# ବାର୍ଷିକ ୧୦ ଲକ୍ଷ ନଗଦ ଉଠାଣରେ ଲାଗିପାରେ ଟିକସ

**ନୂଆଦିଲ୍ଲୀ,୧୦-୬**

### ବଜେଟରେ ଆସିପାରେ ପ୍ରସ୍ତାବ

- ଆଧାର ସତ୍ୟତା ଯାଞ୍ଚ ବ୍ୟବସ୍ଥା ଲାଗୁ ହୋଇପାରେ
- ଉପା ସରକାର ଏଭଳି ଏକ ପ୍ରସ୍ତାବ ଆଣିଥିଲେ




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଡିଜିଟାଲ ଟ୍ରାଞ୍ଜାକଶନକୁ ପ୍ରୋତ୍ସାହିତ କରିବା ଲାଗି ଏକାଧିକ ପଦକ୍ଷେପ ଉଠାଇଛନ୍ତି। ଏବେ ସରକାର ଆଉ ଏକ ପଦକ୍ଷେପ ନେବାକୁ ଯାଉଛନ୍ତି। କାଗଜ ମୁଦ୍ରାର ବ୍ୟବହାରକୁ କମ୍ କରିବା ଉଦ୍ଦେଶ୍ୟରେ ବାର୍ଷିକ ୧୦ ଲକ୍ଷ ଅଥବା ଏହାଠାରୁ ଅଧିକ ପରିମାଣର ନଗଦ ଉଠାଣ ଉପରେ ଟିକସ ଧାର୍ଯ୍ୟ କରିବାକୁ ଯାଉଛନ୍ତି। ଏନେଇ ବିଚାର ଆଲୋଚନା ଚାଲିଛି। କଳାଧନ ଉପରେ ଅଙ୍କୁଶ ଲଗାଇବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ଖୁବଶୀଘ୍ର ନିଆଯିବ। ଏ ସମ୍ପର୍କରେ ବଜେଟରେ ଘୋଷଣା କରାଯିବାର ସମ୍ଭାବନା ରହିଛି।

ମିଡିଆ ରିପୋର୍ଟ ଅନୁଯାୟୀ, ସରକାର କଳାଧନ ସୃଷ୍ଟିକୁ ରୋକିବା ଲାଗି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ବଡ଼ ଧରଣର ନଗଦ ଉଠାଣକୁ ନିରୁତ୍ସାହିତ କରିବା ଲାଗି ସରକାର ଆଧାର ସତ୍ୟତା ଯାଞ୍ଚକୁ ବାଧ୍ୟତାମୂଳକ କରିବା ନେଇ ଆଗତ ପ୍ରସ୍ତାବକୁ ବିଚାର କରୁଛନ୍ତି। ଏହାଦ୍ୱାରା ନଗଦ ନେଣଦେଣକୁ ଟ୍ୟାକ୍ସ ରିଟର୍ନ ସହ ସହଜରେ ମିଳାଯାଇପାରିବ। ବାସ୍ତବରେ ଆଧାର ସଂଖ୍ୟାର ଦୁରୁପଯୋଗକୁ ରୋକିବାରେ ୟୁଆଇଡି ପ୍ରମାଣୀକରଣ ଏବଂ ଓଟିପି ସହାୟତା କରିବ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏମ୍‌ଜିଏନ୍‌ଆରଜିଏ ଅଧୀନରେ ଆଧାର ସତ୍ୟତା ଯାଞ୍ଚ ବାଧ୍ୟତାମୂଳକ ହୋଇଥିବା ବେଳେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦ ଉଠାଣ ଲାଗି ଏହା ଆଜିଯାଏ ବାଧ୍ୟତାମୂଳକ କରାଯାଇ ନାହିଁ। ଅଧିକାଂଶ ବ୍ୟକ୍ତି ଏବଂ ବ୍ୟବସାୟିକ ସଂସ୍ଥାକୁ ବାର୍ଷିକ ୧୦ ଲକ୍ଷ ଟଙ୍କାରୁ ଅଧିକ ନଗଦ ଉଠାଣର ଆବଶ୍ୟକତା ହୁଏ ନାହିଁ ବୋଲି ସରକାର ମନେ କରୁଛନ୍ତି। ତେବେ ବଜେଟରେ ଏ ସମ୍ପର୍କରେ ଉଲ୍ଲେଖ କରାଯିବା ନେଇ ଅଦ୍ୟାବଧି ସ୍ଥିର ହୋଇନାହିଁ ବୋଲି ସେ କହିଛନ୍ତି। ତେବେ ଗରିବ ଏବଂ ମଧ୍ୟବିତ୍ତ ଶ୍ରେଣୀ ଉପରେ ଆଇନଗତ ବୋଝ ଲଦି ଦେବା ଲାଗି ସରକାର ଚାହୁଁନାହାନ୍ତି।

ସୂଚନାଥାଉ କି, ବ୍ୟାଙ୍କ ଜରିଆରେ ବଡ଼ ଧରଣର ଟଙ୍କା ନେଣଦେଣ ଲାଗି ମାଧ୍ୟମ ସାଜିଥିବା ଏନ୍‌ଇଏଫ୍‌ଟି ଏବଂ ଆର୍‌ଟିଜିଏସ୍ ଶୁଳ୍କକୁ ଆର୍‌ବିଆଇ ଛାଡ କରିଛି। ଏକ ଦଶନ୍ଧି ପୂର୍ବରୁ ଉପା ସରକାର ଏ ସଂକ୍ରାନ୍ତରେ ଟ୍ରାନ୍ସଫର ଟ୍ୟାକ୍ସ ଲାଗୁ କରିଥିଲେ। ତେବେ ବହୁ ହଙ୍ଗାମା ପରେ ଏହାକୁ ସରକାର ପ୍ରତ୍ୟାହାର କରିନେଇଥିଲେ। ୨୦୧୬ରେ ଆନ୍ଧ୍ରପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ମାନଙ୍କ ଏକ ଉଚ୍ଚସ୍ତରୀୟ କମିଟି ବା ଏସ୍‌ଆଇଟି ଗଠନ କରାଯାଇଥିଲା। ଏହି କମିଟି 'ନଗଦ ଉପଯୋଗ'କୁ କମାଇବା ଉଦ୍ଦେଶ୍ୟରେ କେତେକ ଉପାୟ ଧାର୍ଯ୍ୟ କରିଥିଲେ। ୫୦ ହଜାରରୁ ଅଧିକ ନଗଦ ଉଠାଣ ଉପରେ ପୁନର୍ବାର ଟିକସ ଆଦାୟ ଲାଗି ସୁପାରିସ କରାଯାଇଥିଲା। ଏଥିସହିତ ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହନ ଦେବା ଲାଗି କେତେକ ପ୍ରସ୍ତାବ ଦିଆଯାଇଥିଲା।

# ଅର୍ଥ ମନ୍ତ୍ରଣାଳୟ ସହ ବାହ୍ୟ ସମ୍ପର୍କ ଛିନ୍ନ

**ନୂଆଦିଲ୍ଲୀ,୧୦-୬**

ବଜେଟ ପ୍ରସ୍ତୁତି କ୍ରମରେ ସୋମବାରଠାରୁ ନର୍ଥ ବ୍ଲକ୍‌ରେ ଥିବା ଅର୍ଥ ମନ୍ତ୍ରଣାଳୟ ସହ ବାହାର ଦୁନିଆର ସମ୍ପର୍କ ଛିନ୍ନ ହୋଇଯାଇଛି। ଅର୍ଥାତ୍ ଆଜିଠାରୁ ନର୍ଥ ବ୍ଲକ୍‌ରେ କ୍ୱାରାଣ୍ଟାଇନ ଲାଗୁ ହୋଇଯାଇଛି। ଏହାର ଅର୍ଥ ନର୍ଥ ବ୍ଲକ୍ ଉପରେ କଡ଼ା ନଜର ରଖାଯାଉଛି। ବଜେଟ ପ୍ରସ୍ତୁତିକୁ ସମ୍ପୂର୍ଣ୍ଣ ଗୋପନୀୟ କରିବା ଲାଗି ଏହି ବ୍ୟବସ୍ଥା ଆପଣାଯାଉଛି। ଅର୍ଥ ମନ୍ତ୍ରଣାଳୟର ଇଣ୍ଟରନେଟ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କାଟି ଦିଆଯାଇଥିବା ବେଳେ ଏଥିସହ ଜଡ଼ିତ ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ନର୍ଥ ବ୍ଲକ୍‌ରେ ରହିବାକୁ ପଡ଼ିଥାଏ। ବଜେଟ ଉପସ୍ଥାପନ ଦିନ ଅର୍ଥାତ୍ ଜୁଲାଇ ୫ ତାରିଖ ଯାଏ ସେମାନେ ନର୍ଥ ବ୍ଲକ୍‌ରେ ଏକପ୍ରକାର ବନ୍ଦୀ ଜୀବନଯାପନ କରିବାକୁ ବାଧ ରହିବେ। ଏପରିକି ସେମାନଙ୍କର ପରିବାର ସହ ସମ୍ପର୍କ ଛିନ୍ନ କରିଦିଆଯାଏ। ବଜେଟ ପ୍ରସ୍ତୁତି ବେଳେ ଏକ ଗୋପନୀୟ କାଗଜରେ ପ୍ରମୁଖ ପରିସଂଖ୍ୟାନକୁ ଲେଖାଯାଇଥାଏ। ଏହି କାଗଜର ରଙ୍ଗ ନୀଳ ହୋଇଥିବାରୁ ଏହାକୁ ବ୍ଲୁ ସିଟ୍ କୁହାଯାଏ। ଏଥିରେ ଉଲ୍ଲିଖିତ ତଥ୍ୟ ଆଧାରରେ ବଜେଟ ଗଣନା କରାଯାଏ। ନୂଆ ତଥ୍ୟ ସାମ୍ନାକୁ ଆସିବା ମାତ୍ରେ ଏଥିରେ ସଂଶୋଧନ କରାଯାଇଥାଏ। ବଜେଟ ସହ ଜଡ଼ିତ ସର୍ବାଧିକ ଗୋପନୀୟ ସାମଗ୍ରୀ ଭିତରେ ଏହାକୁ ଗ୍ରହଣ କରାଯାଉଛି। ଏଣୁ ଏହାର ସୁରକ୍ଷା ପାଇଁ ଯତ୍ନ ନିଆଯାଏ। ଜଣେ ଯୁଗ୍ମ

### ବଜେଟ ପ୍ରସ୍ତୁତି

ସଚିବ(ବଜେଟ)ଙ୍କ ତତ୍ତ୍ୱାବଧାନରେ ଏହି ବ୍ଲୁ ସିଟ୍ ରହିଥାଏ। ସ୍ୱୟଂ ଅର୍ଥମନ୍ତ୍ରୀ ମଧ ଏହି ସିଟ୍‌କୁ ଅର୍ଥ ମନ୍ତ୍ରଣାଳୟ ପରିସର ବାହାରକୁ ନେଇପାରିବେ ନାହିଁ। ବଜେଟ ଇତିହାସରୁ ଏହା ଜଣାପଡେ ଯେ, ୧୯୫୦ରେ ବଜେଟର କିଛି ଅଂଶ ପଦାରେ ପ୍ରକାଶ ପାଇଥିଲା। ଏହି କାରଣରୁ ବଜେଟକୁ ଗୋପନୀୟ କରିବା ଅତ୍ୟନ୍ତ ଜରୁରୀ ହୋଇପଡିଛି। ସେତେବେଳେ ବଜେଟ ଛାପା କାର୍ଯ୍ୟ ରାଷ୍ଟ୍ରପତି ଭବନ ପରିସରରେ ଥିବା ଛାପାଖାନାରେ କରାଯାଇଥିଲା। ପରେ ସେହିବର୍ଷ ଏହାକୁ ମିଣ୍ଟୋ ରୋଡସ୍ଥିତ ସରକାରୀ ପ୍ରେସ୍‌ରେ କରାଗଲା। ୧୯୮୦ରୁ ନର୍ଥ ବ୍ଲକ୍‌ର ବେସ୍‌ମେଣ୍ଟସ୍ଥିତ ଛାପାଖାନାରେ ଆଜିଯାଏ ବଜେଟ ଛାପିବା କାର୍ଯ୍ୟ ହୋଇଆସୁଛି। ତେବେ କେତେଜଣ ବିଶେଷଜ୍ଞଙ୍କ ମତରେ ବଜେଟକୁ ଏତେ ଗୋପନୀୟ କରିବାର ଆବଶ୍ୟକତା ନାହିଁ। କାରଣ ଜିଏସ୍‌ଟି ଭଳି ଅପ୍ରତ୍ୟକ୍ଷ ଟିକସ ସମେତ ବହୁ ବଡ଼ ବଡ଼ ଘୋଷଣା ଏବେ ବଜେଟର ଅଂଶବିଶେଷ ହୋଇ ରହିନାହିଁ। କେତେକ ଦେଶରେ ଏବେ ବଜେଟ ଉପସ୍ଥାପନ କରାଯିବାର ତିନି ମାସ ପୂର୍ବରୁ ଲୋକଙ୍କ ଠାରୁ ମତାମତ ନିଆଯାଇଥାଏ। ବାସ୍ତବରେ ବଜେଟକୁ ଗୋପନୀୟ ରଖିବାର ପରମ୍ପରା ବ୍ରିଟିଶ ଶାସନରୁ ରହି ଆସିଛି। ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ କରିବା ଲାଗି ଏକ ବ୍ରିଫ୍‌କେଶ୍ ସଂସଦକୁ ନେଇଯାଇଥାନ୍ତି।

# ୯ ବଡ଼ ବ୍ୟାଙ୍କ ବିରୋଧରେ ମାମଲା ଦାଏର କରିବ ଆଇଏଲ୍‌ଆଣ୍ଡଏଫ୍‌ଏସ୍

**ନୂଆଦିଲ୍ଲୀ,୧୦-୬**




କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡଏଫ୍‌ଏସ୍)ର ନୂଆ ବୋର୍ଡ ଦେଶର ୯ ବଡ଼ ବ୍ୟାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଦାଏର କରିବାକୁ ଯାଉଛି। ସେମାନେ ବୋର୍ଡର ବିନାନୁମତିରେ କମ୍ପାନୀ ଆକାଉଣ୍ଟରୁ ପ୍ରାୟ ୮୦୦ କୋଟି ଟଙ୍କା ଉଠାଇ ନେଇଛନ୍ତି। କମ୍ପାନୀ ଉପରେ ଏବେ ୯୧ ହଜାର କୋଟି ଟଙ୍କାର ଋଣଭାର ରହିଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ), ବ୍ୟାଙ୍କ ଅଫ୍ ବରୋଦା, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ୟେସ୍ ବ୍ୟାଙ୍କ, ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଇଣ୍ଡିଆନ ବ୍ୟାଙ୍କ ଏବଂ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ବିରୋଧରେ ବୋର୍ଡ ଉକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛି। କମ୍ପାନୀ ସେମାନଙ୍କ ଠାରୁ ଉକ୍ତ ଅର୍ଥ ଫେରସ୍ତ ମାଗିପାରେ। ଆଇଏଲ୍‌ଆଣ୍ଡଏଫ୍‌ଏସ୍ ପକ୍ଷରୁ କୁହାଯାଇଛି ଯେ, ବ୍ୟାଙ୍କଗୁଡ଼ିକ ଏହାର ଏସ୍‌କ୍ରୋ ଆକାଉଣ୍ଟରୁ ଉକ୍ତ ଅର୍ଥ କାଢ଼ିଛନ୍ତି। ସୂଚନାଥାଉ କି, ବ୍ୟାଙ୍କଗୁଡ଼ିକ ଏବେ ଆଇଏଲ୍‌ଆଣ୍ଡଏଫ୍‌ଏସ୍‌ରୁ ପ୍ରାୟ ୫୧ ହଜାର କୋଟି ଟଙ୍କା ବକେୟା ଋଣ ବାବଦରେ ପାଇବେ। ବ୍ୟାଙ୍କଗୁଡ଼ିକ ଗତ ୬ ମାସ ମଧ୍ୟରେ ଏହି ଅର୍ଥ କାଢ଼ିଛନ୍ତି। ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି) ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକୁ ବ୍ୟାଙ୍କଗୁଡ଼ିକ ଅବମାନନା କରିଛନ୍ତି ବୋଲି ବୋର୍ଡ ପକ୍ଷରୁ ଅଭିଯୋଗ କରାଯାଇଛି। କୌଣସି ପ୍ରକାର ବକେୟା ଋଣ ଆଦାୟ ନ କରିବାକୁ ଏନ୍‌ସିଏଲ୍‌ଟି ନିର୍ଦ୍ଦେଶ ଦେଇଥିଲେ।

### ରାଷ୍ଟ୍ରାୟତ୍ତ ସମ୍ପତ୍ତି ବିକ୍ରି ଲାଗି କନସଲଟାଣ୍ଟ ନିଯୁକ୍ତ ହେବେ

**ନୂଆଦିଲ୍ଲୀ,୧୦-୬**

କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ସମ୍ପତ୍ତି (ଜମି ଓ କୋଠାବାଡ଼ି) ବିକ୍ରି କରିବା ଲାଗି କନସଲଟାଣ୍ଟ ନିଯୁକ୍ତ କରିବେ। ଏଥିପାଇଁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଖୋଜା ଆରମ୍ଭ ହୋଇଛି। ଚଳିତ ଆର୍ଥିକ ବର୍ଷ ୨୦୧୯-୨୦ରେ ସରକାର ରାଷ୍ଟ୍ରାୟତ୍ତ ସମ୍ପତ୍ତି ତଥା ବିନିବେଶରୁ ପ୍ରାୟ ୯୦ ହଜାର କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଡିପାର୍ଟମେଣ୍ଟ ଅଫ ଇନଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ (ଡିଆଇପିଏଏମ୍) ପକ୍ଷରୁ ସମ୍ପତ୍ତି ବିକ୍ରି କ୍ଷେତ୍ରରେ ଅଭିଜ୍ଞତା ଥିବା ଅନ୍ତର୍ଜାତୀୟ ସମ୍ପତ୍ତି କନସଲଟାନ୍ସି ଫାର୍ମଠାରୁ ରିକ୍ୱେଷ୍ଟ ଫର୍ ଏମ୍ପାନେଲମେଣ୍ଟ ଆହ୍ୱାନ କରାଯାଇଛି।

# ବେସିକ ଆକାଉଣ୍ଟଧାରୀଙ୍କୁ ମିଳିବ ଚେକ୍‌ବୁକ୍

**ନୂଆଦିଲ୍ଲୀ,୧୦-୬**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବେସିକ ଆକାଉଣ୍ଟଧାରୀଙ୍କ ଲାଗି ନିୟମ କୋହଳ କରିଛନ୍ତି। ଏଣିକି ସମ୍ପୃକ୍ତ ବ୍ୟାଙ୍କ ଏଭଳି ଆକାଉଣ୍ଟଧାରୀଙ୍କୁ ମାଗଣାରେ ଚେକ୍‌ବୁକ୍ ସହ ଅନ୍ୟାନ୍ୟ ସୁବିଧା ଯୋଗାଇବେ। ତେବେ ସମସ୍ତ ସୁବିଧା ଯୋଗାଣ ଆଳରେ ସେମାନଙ୍କୁ ସର୍ବନିମ୍ନ ଜମା ରାଶି ରଖିବାକୁ ବ୍ୟାଙ୍କ ବାଧ କରିପାରିବ ନାହିଁ। ସାଧାରଣତଃ ବେସିକ୍ ସେଭିଙ୍ଗ୍ସ ବ୍ୟାଙ୍କ ଡିପୋଜିଟ ଆକାଉଣ୍ଟକୁ 'ନୋ-ଫ୍ରିଲ୍ସ' ଆକାଉଣ୍ଟ କୁହାଯାଉଛି। ଏହି ଆକାଉଣ୍ଟରେ କେତେକ ସୁବିଧା ମାଗଣାରେ ଦିଆଯାଉଛି। ସେଗୁଡିକ ହେଲା ଗୋଟିଏ ମାସରେ ୪ଥର ଏଟିଏମ୍‌ରୁ ଉଠାଣ, ଯେକୌଣସି ବ୍ୟାଙ୍କ ଶାଖାରେ ଟଙ୍କା ଜମା କରିବାର ସୁବିଧା, ଏଟିଏମ୍ କାର୍ଡ ଏବଂ ଏଟିଏମ୍-ଡେବିଟ କାର୍ଡ ଆଦି। ସେହିପରି ଗୋଟିଏ ମାସ ମଧ୍ୟରେ ଟଙ୍କା ଜମି କରିବାର ପରିମାଣ ଓ ସଂଖ୍ୟା ଉପରେ ମଧ କୌଣସି କଟକଣା ରହିବ ନାହିଁ।

# ରେନୋ 'କ୍ୱିଡ'ର ୩ ଲକ୍ଷରୁ ଊର୍ଦ୍ଧ୍ୱ ୟୁନିଟ ବିକ୍ରି

**ଭୁବନେଶ୍ୱର,୧୦-୬**




ପ୍ରମୁଖ କମ୍ପାନୀ ରେନୋ ଏହାର ଅନ୍ୟତମ ଲୋକପ୍ରିୟ ମଡେଲ 'କ୍ୱିଡ'ର ୩ ଲକ୍ଷରୁ ଊର୍ଦ୍ଧ୍ୱ ୟୁନିଟ୍ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। ଘରୋଇ ବଜାରର କ୍ଷୁଦ୍ରକାର ସେଗ୍‌ମେଣ୍ଟରେ ରେନୋ କ୍ୱିଡର ଲୋକପ୍ରିୟତା ବଢିଥିବା କମ୍ପାନୀ କହିଛି। ଏହା ବ୍ରାଣ୍ଡ ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହେବା ସହ ମେକ୍ ଇନ୍ ଇଣ୍ଡିଆର ସଫଳତା ଧାରାକୁ ପ୍ରମାଣିତ କରିଛି। ଏହି ମଡେଲଟି ଅତ୍ୟନ୍ତ ଆକର୍ଷଣୀୟ ହୋଇଥିବା ବେଳେ ନୂତନତ୍ୱ ଏବଂ ସୁଲଭତା ଭଳି ବୈଶିଷ୍ଟ୍ୟ ସହ ଆସୁଛି। ଏହାର ପ୍ରମୁଖ ବୈଶିଷ୍ଟ୍ୟ ମଧ୍ୟରେ ୭ ଇଞ୍ଚ ଟଚ୍ ସ୍କ୍ରିନ ମିଡିଆ ଏନ୍‌ଏଭି ସିଷ୍ଟମ, ଡିଜିଟାଲ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ୱାନ ଟଚ୍ ଲେନ୍ ଚେଞ୍ଜ ଇଣ୍ଡିକେଟର, ସ୍ପିଡ ଡିପେନଡେଣ୍ଟ ଭଲ୍ୟୁମ କଣ୍ଟ୍ରୋଲ ସାମିଲ ରହିଛି। ଏହାର ଏକ୍ସଶୋ'ରୁମ ଦିଲ୍ଲୀ ମୂଲ୍ୟ ୨.୭୬ ଲକ୍ଷ ଟଙ୍କାରୁ ୪.୭୫ ଲକ୍ଷ ଟଙ୍କା ରହିଛି।

# ୟୁନିୟନ ବ୍ୟାଙ୍କର ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୦-୬**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ସ୍ଥାନୀୟ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କର ୭୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଯୋଗ ଦେଇଥିଲେ। ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ରୂପଲାଲ ମିନା, ଉପକ୍ଷେତ୍ରୀୟ ମୁଖ୍ୟ ପ୍ରକାଶ ପତି ଯୋଗଦେଇ ପରିବେଶ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ମଧ ଏଭଳି ବୃକ୍ଷରୋପଣ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

# ହୋଣ୍ଡାର ସଡକ ସୁରକ୍ଷା କ୍ୟାମ୍ପ




**ଭୁବନେଶ୍ୱର,୧୦-୬**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଲାଗି ସଡକ ସୁରକ୍ଷା ସଂକ୍ରାନ୍ତ ସମର କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କଟକର ସିଡିଏ ମଠସାହି ସ୍ଥିତ ଟ୍ରାଫିକ ଟ୍ରେନିଂ ପାର୍କରେ ଏହା ଆୟୋଜନ କରାଯାଇଥିଲା। ହୋଣ୍ଡାର ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ୩୫୦ ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ସଚେତନ କରାଯାଉଛି। କ୍ୟାମ୍ପରେ ଗୀତ, ନାଚ, ହସ୍ତଲିଖନ କଳା, ବ୍ୟକ୍ତିତ୍ୱ ବିକାଶ ଏବଂ ଆତ୍ମ କୌଶଳ ଭଳି ତାଲିମ ଦିଆଯାଉଛି। କମ୍ପାନୀର ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ ସୂଚନା ଦେଇଛନ୍ତି। ଗତ ପାଞ୍ଚବର୍ଷ ଧରି କମ୍ପାନୀ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ମୋଟ ୬୫,୫୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ତାଲିମ ପ୍ରଦାନ କରାଯାଇଥିବା ସେ ପ୍ରକାଶ କରିଛନ୍ତି।

# ନୂଆ ଟେକ୍ନୋଲୋଜି, ସଲ୍ୟୁଶନ ଉପରେ ଡାଇକିନର ଫୋକସ୍

**ଭୁବନେଶ୍ୱର,୧୦-୬(ବ୍ୟୁରୋ)**




- ରାଜ୍ୟରେ ସ୍ଥାପନ କରିବ ସେଣ୍ଟର ଅଫ୍ ଏକ୍ସିଲେନ୍ସ
- ୧୫% ଅଭିବୃଦ୍ଧି ଆଶା
- ନୂଆପଲ୍ଲୀରେ ଖୋଲିଲା ଶାଖା କାର୍ଯ୍ୟାଳୟ
- ଆଣିଛି ଅଲ୍‌ଟ୍ରା ଆଡଭାନ୍ସ ବୈଶିଷ୍ଟ୍ୟଯୁକ୍ତ ଏସି

କେବଳ ଭଲ ପ୍ରଡକ୍ଟ ଲୋକଙ୍କୁ ଯୋଗାଣ ଦିଗରେ କାର୍ଯ୍ୟ କରୁ ନାହୁଁ ଏହାବାଦ ନୂଆ ଟେକ୍ନୋଲୋଜି ସହ ସଲ୍ୟୁଶନକୁ ପ୍ରାଥମିକତା ଦେଉଛୁ। ସେହିଭଳି ପ୍ରଡକ୍ଟଗୁଡିକୁ ସୁଲଭ କରାଇବା ଲାଗି ଘରୋଇ ବଜାରରେ ମାନୁଫାକଚରିଂ ସମ୍ପ୍ରସାରଣକୁ ଗୁରୁତ୍ୱ ଦିଆଯାଇଛି। ଓଡିଶା ଏକ ଅଭିବୃଦ୍ଧିଶୀଳ ବଜାର ହୋଇଥିବାରୁ ଏଠାରେ ବ୍ୟବସାୟ ଧାରାରେ ବୃଦ୍ଧି ଆଶା ରହିଛି। ଏହାକୁ ଧ୍ୟାନରେ ରଖି ଓଡ଼ିଶା ବଜାର ଲାଗି ବିଭିନ୍ନ ଯୋଜନା ପ୍ରସ୍ତୁତ ହୋଇଛି ବୋଲି ପ୍ରମୁଖ ଏୟାର କଣ୍ଡିସନିଂ କମ୍ପାନୀ ଡାଇକିନ ଇଣ୍ଡିଆର ଅପରେସନ୍ସ ନିର୍ଦ୍ଦେଶକ କୁଲଦୀପକ ଭୀରମାନି ସୋମବାର ସୂଚନା ଦେଇଛନ୍ତି। ସ୍ଥାନୀୟ ନୂଆପଲୀଠାରେ କମ୍ପାନୀର ନୂଆ ଶାଖା କାର୍ଯ୍ୟାଳୟ ସେ ଉଦ୍‌ଘାଟନ କରିଛନ୍ତି। ଏଠାରେ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ, ଓଡିଶାରେ କମ୍ପାନୀ ବର୍ତ୍ତମାନ ବାର୍ଷିକ ୧.୨୫ ଲକ୍ଷ ୟୁନିଟ ଏୟାର କଣ୍ଡିସନର ବିକ୍ରି କରୁଛି। ଏହାକୁ ଆଗାମୀ ୫ ବର୍ଷରେ ଅଢେଇ ଲକ୍ଷ ୟୁନିଟକୁ ବଢାଯିବାକୁ ଲକ୍ଷ୍ୟ ରହିଛି। ଚଳିତ ଆର୍ଥିକ ବର୍ଷ ରାଜ୍ୟରେ କମ୍ପାନୀର ବିକ୍ରି ଅଭିବୃଦ୍ଧି ୧୫% ରହିବା ନେଇ ଭୀରମାନି ଆଶା ରଖିଛନ୍ତି।

ସେ କହିଛନ୍ତି ଯେ, ଓଡ଼ିଶାରେ କମ୍ପାନୀ ଏକ ସେଣ୍ଟର ଅଫ୍ ଏକ୍ସଲେନ୍ସ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ଏଠାରେ ଏୟାର କଣ୍ଡିସନିଙ୍ଗ ଟେକ୍ନୋଲୋଜି ଉପରେ ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯିବ। ଚଳିତ ବର୍ଷ ଶେଷ ସୁଦ୍ଧା ଏହା ଭୁବନେଶ୍ୱରରେ ସ୍ଥାପନ କରାଯିବ। ଏଥିଲାଗି ସ୍ଥାନ ଚୟନ ପ୍ରକ୍ରିୟା ଚୂଡାନ୍ତ ପର୍ଯ୍ୟାୟରେ ରହିଛି। କମ୍ପାନୀ କୋରାପୁଟ ଏବଂ ମାଲକାନଗିରି ବାଦ ରାଜ୍ୟର ଅନ୍ୟ ସବୁ ସ୍ଥାନରେ ପ୍ରଡକ୍ଟ ଏବଂ ସେବା ଯୋଗାଇ ଦେଉଛି। ରାଜ୍ୟରେ ବର୍ତ୍ତମାନ ୮୫ ଡିଲରଙ୍କ ସହ ମିଳିତ ହୋଇ ସେବା ପ୍ରଦାନ କରୁଛି। ଓଡ଼ିଶାରେ ୪୦-୪୫ କୋଟି ଟଙ୍କା ବ୍ୟବସାୟ ରହିଥିବା ସେ ପ୍ରକାଶ କରିଛନ୍ତି।

କମ୍ପାନୀର ନୂଆ ପ୍ରଡକ୍ଟ ତଥା ଟେକ୍ନୋଲୋଜି ସମ୍ପର୍କରେ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, କମ୍ପାନୀ ଅଲଟ୍ରା ଆଡଭାନ୍ସ ଫିଚରଯୁକ୍ତ ଶକ୍ତି ସଞ୍ଚୟକାରୀ ଏସି ବଜାରକୁ ଆଣିଛି। ଟେକ୍ନୋଲୋଜି ସହ ଗ୍ରାହକଙ୍କୁ ଗୁଣଯୁକ୍ତ ସେବା ଯୋଗାଣ ଦିଗରେ ଧ୍ୟାନ ରହିଛି। କମ୍ପାନୀର ନୂଆ ପ୍ରଡକ୍ଟଗୁଡିକ ମଧ୍ୟରେ ୱାଇଫାଇ ସୁବିଧା ଥିବା ଏସି, ଆଡଭାନ୍ସ ଆଣ୍ଟି କରୋଜନ ମଡେଲ ସାମିଲ ଅଛି। ସେହିଭଳି ଷ୍ଟ୍ରିମର ଡିସ୍‌ଚାର୍ଜ ଟେକ୍ନୋଲୋଜି, କ୍ୱିଟ ଆଣ୍ଡ ସ୍ୱିଫ୍ଟ ପରଫରମାନ୍ସ, କୋଆଣ୍ଡା ଏୟାରଫ୍ଲୋ ଟେକ୍ନୋଲୋଜି, ପାୱାରଚିଲ ଅପରେଶନ ମୋଡ ଏବଂ ଇଣ୍ଟେଲିଜେଣ୍ଟ ଆଇ ଭଳି ପ୍ରମୁଖ ଫିଚରଗୁଡିକୁ ପ୍ରଡକ୍ଟରେ ସାମିଲ କରିଥିବା ଭୀରମାନି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କମ୍ପାନୀର ଫାଇନାନ୍ସ ବିଭାଗ ବରିଷ୍ଠ ଉପସଭାପତି ଲିଙ୍ଗରାଜ ପଟ୍ଟନାୟକ, ଓଡ଼ିଶା ଶାଖା ମୁଖ୍ୟ ଅନିର୍ବାଣ ହାତି ଏବଂ ଆଞ୍ଚଳିକ ବାଣିଜ୍ୟ ମୁଖ୍ୟ କେ. ବାସୁ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଲଙ୍କା-ବାଂଲାଦେଶ ମୁକାବିଲା ଆଜି

**ବ୍ରିଷ୍ଟଲ,୧୦।୬ (ପି.ଟି.)**

ଚଳିତ ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ମଙ୍ଗଳବାର ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ। କ୍ରମାଗତ ପରାଜୟ ପରେ ଏହି ମ୍ୟାଚରେ ବିଜୟ ସହ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିଛି ବାଂଲାଦେଶ। ଟୁର୍ନାମେଣ୍ଟରେ ଦଳର ଆରମ୍ଭ ଉତ୍ସାହଜନକ ଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷ ଉଦ୍‌ଘାଟନୀ ମ୍ୟାଚରେ ଦଳ ଦିନିକିଆରେ ଏହାର ସର୍ବାଧିକ ସ୍କୋର ୩୩୦/୬ କର ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ମ୍ୟାଚରେ ୨୧ରନରେ ବିଜୟ ଲାଭ ମଧ୍ୟ କରିଥିଲା। କିନ୍ତୁ ବାଂଲାଦେଶ ଏହି ପ୍ରଦର୍ଶନ ବଜାୟ ରଖିପାରି ନ ଥିଲା। ଦଳ ପରେ ନ୍ୟୁଜିଲାଣ୍ଡଠାରୁ ୨ ଉଇକେଟରେ ଏବଂ ଆୟୋଜକ ଇଂଲଣ୍ଡଠାରୁ ୧୦୬ ରନରେ ପରାସ୍ତ ହୋଇଥିଲା। ଦଳର ବ୍ୟାଟିଂ ବିଭାଗରେ ଉଇକେଟକିପର ମୁସ୍‌ଫିକର ରହିମ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। କିନ୍ତୁ ଦୁଇ ଓପନର ସୌମ୍ୟ ସରକାର ଏବଂ ତାମିମ ଇକବାଲ ଏପର୍ଯ୍ୟନ୍ତ ଦଳକୁ ଭଲ ଆରମ୍ଭ ଦେଇ ପାରି ନାହାନ୍ତି। ଷ୍ଟାର ଅଲରାଉଣ୍ଡର ଶକିବ ଅଲ୍ ହସନ ବ୍ୟାଟିଂରେ ଚମତ୍କାର ଫର୍ମରେ ଅଛନ୍ତି। ଇତିମଧ୍ୟରେ ସେ ଦୁଇଟି ଅର୍ଦ୍ଧ ଶତକ ଏବଂ ଗୋଟିଏ ଶତକ ଲଗାଇ ସାରିଲେଣି। ଦଳ ପାଇଁ ସେ ପୁଣି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ଆଶା। ହେଲେ ନିଜର ବୋଲିଂକୁ ନେଇ ବାଂଲାଦେଶ ଚିନ୍ତିତ। ଦୁର୍ବଳ ବୋଲିଂ ଯୋଗୁ ଏହାର ପୂର୍ବ ମ୍ୟାଚରେ ଇଂଲଣ୍ଡ ୩୮୬ ବିଶାଳ ସ୍କୋର କରିମାରେ ସମର୍ଥ ହୋଇ ପାରିଥିଲା। ଅନ୍ୟପକ୍ଷରେ ଶ୍ରୀଲଙ୍କା ଏହାର ସମ୍ଭାବନା ନେଇ ଆଶାବାଦୀ ରହିଛି। ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ଏହାର ଓପନିଂ ମ୍ୟାଚ ୧୦ ଉଇକେଟରେ ପରାଜିତ ହୋଇଥିଲା। ହେଲେ ଦଳ ପରେ ବର୍ଷାରେ ବାଧାପ୍ରାପ୍ତ ଏକ ମ୍ୟାଚରେ ଆଫଗାନିସ୍ତାନକୁ ହରାଇ ଦେଇଥିଲା। ପ୍ରବଳ ବର୍ଷା ଯୋଗୁ ପାକିସ୍ତାନ ବିପକ୍ଷ ମ୍ୟାଚ୍ ସମ୍ଭବ ନ ହେବାରୁ ପଏଣ୍ଟ ବଣ୍ଟାଆରା କରିଛି। ଶ୍ରୀଲଙ୍କା ଉଭୟ ମ୍ୟାଚରେ ସମ୍ପୂର୍ଣ୍ଣ ୫୦ ଓଭର ବ୍ୟାଟିଂ କରିବାରେ ବିଫଳ ହୋଇଛି। ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ମାତ୍ର ୧୪ରେ ୫ଉଇକେଟ ଏବଂ ଆଫଗାନିସ୍ତାନ ବିପକ୍ଷରେ ୩୬ ରନରେ ୭ ଉଇକେଟ ହରାଇ ଥିଲା। ଦଳ ଏହାର ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ନେଇ ଚିନ୍ତିତ ଅଛି।


ଅଭ୍ୟାସ ସେସନ ଅବସରରେ ସାଥୀ ଖେଳାଳିଙ୍କ ସହ ବାଂଲାଦେଶ ଅଧିନାୟକ ମାଶ୍ରାଫି ମୋର୍ତ୍ତାଜା।

**ଆଜିର ମ୍ୟାଚ୍**
ଶ୍ରୀଲଙ୍କା
ବନାମ
ବାଂଲାଦେଶ
ସ୍ଥାନ: ବ୍ରିଷ୍ଟଲ
ସମୟ: ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ପୁଣି ଦେଖିବାକୁ ମିଳିଲା ବଳିଦାନ ଚିହ୍ନ

**ଲଣ୍ଡନ,୧୦।୬:** ଆଇସିସି ନିର୍ଦ୍ଦେଶକ୍ରମେ ଭେଟେରାନ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀ ତାଙ୍କ ଗ୍ଲୋଭ୍ସରୁ ବଳିଦାନ ଚିହ୍ନ ତଥା ଆର୍ମିର କୌଣସି ପ୍ରତୀକକୁ ହଟାଇ ଦେଇଛନ୍ତି। ହେଲେ ଭାରତୀୟ ପ୍ରଶଂସକମାନେ ଧୋନୀଙ୍କୁ ସମର୍ଥନ କରିବା ସହ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ କଡ଼ା ଜବାବ ଦେଇଛନ୍ତି। ଓଭାଲଠାରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ପ୍ରଶଂସକମାନେ ବଳିଦାନର ଚିହ୍ନ ଥିବା ବ୍ୟାନର ଦେଖାଇଥିଲେ। ଭାରତୀୟ ପତାକା ରଙ୍ଗର ଡ୍ରେସ ପିନ୍ଧିଥିବା ଜଣେ ପ୍ରଶଂସକ କଳା ରଙ୍ଗର ବ୍ୟାନର ଉପରେ ଧୂସର ରଙ୍ଗରେ ଉକ୍ତ ବଳିଦାନର ଚିହ୍ନ ଆଙ୍କିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଧୋନୀଙ୍କ ଗ୍ଲୋଭ୍ସରେ ଉକ୍ତ ଚିହ୍ନ ଦେଖାଯିବା ପରେ ବିବାଦ ସାମ୍ନାକୁ ଆସିଥିଲା।

## ଏଲ୍‌ଇଡି ବେଲ୍‌କୁ କୋହଲି, ଫିଞ୍ଚଙ୍କ ବିରୋଧ

**ଲଣ୍ଡନ,୧୦।୬(ପି.ଟି.)**

ଭାରତୀୟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ପ୍ରତିପକ୍ଷ ଅଧିନାୟକ ଆରୋନ ଫିଞ୍ଚ୍ ଏଲ୍‌ଇଡି ବେଲକୁ ନେଇ ଖୁସି ନୁହନ୍ତି। ଏଥିରେ ବଲ କିମ୍ବା କିଛି ବାଜିବା ପରେ ଆଲୋକିତ ହେଉଛି, ଯାହା ଟିଭି ଅମ୍ପାୟରଙ୍କ କାର୍ଯ୍ୟକୁ ସହଜ କରୁଛି। ହେଲେ ଅତ୍ୟଧିକ ଓଜନ ଯୋଗୁ ବହୁ ସମୟରେ ବଲ୍ ବାଜିଲା ପରେ ମଧ୍ୟ ଏହା ଷ୍ଟମ୍ପରୁ ଅଲଗା ହେଉନାହିଁ। ଚଳିତ ବିଶ୍ୱକପ୍‌ରେ ଏବେ ପର୍ଯ୍ୟନ୍ତ ପ୍ରାୟ ୧୦ ଥର ବଲ ଉଇକେଟରେ ବାଜିଛି ମାତ୍ର ବେଲ ତଳକୁ ଖସୁ ନ ଥିବା ଦେଖିବାକୁ ମିଳିଛି। ବେଲ ନ ଖସିବାର କାରଣ ଅତ୍ୟଧିକ ଓଜନ। ବେଲ ଆଲୋକିତ ହେବା ପାଇଁ ବହୁ ତାର ତା’ ଭିତରେ ରହିଛି। ଅଷ୍ଟ୍ରେଲିଆ ସହ ଭାରତ ବିପକ୍ଷ ମ୍ୟାଚ୍‌ରେ ୫ଥର ସମାନ ଘଟଣା ଘଟିଥିଲା। ଏଥିଲାଗି ଅଷ୍ଟ୍ରେଲିଆନ ଅଧିନାୟକ ନିରାଶ ହେବା ସହ ଏହା ଅନ୍ୟାୟ ବୋଲି କହିଛନ୍ତି। ଏ ସମ୍ପର୍କରେ କୋହଲି କହିଛନ୍ତି, ଅନ୍ତର୍ଜାତୀୟ ସ୍ତରରେ ଏଭଳି କିଛି ହେବ ବୋଲି ତୁମେ କେବେ ଚିନ୍ତା କରି ନ ଥାଅ। ବ୍ୟବହୃତ ଟେକ୍‌ନୋଲୋଜି ଯୋଗୁ ବେଲ ଆଲୋକିତ ହେଉଛି। କିନ୍ତୁ ଷ୍ଟମ୍ପରୁ ଅଲଗା କରିବା ପାଇଁ ତୁମକୁ ବଲରେ ଅଧିକ ବଳ ପ୍ରୟୋଗ କରିବାକୁ ପଡ଼ିବ। ଏପରି କି ପେସରମାନେ ମଧ୍ୟ ଷ୍ଟମ୍ପରୁ ବଲ ଅଲଗା କରିପାରୁନାହାନ୍ତି। ବଲ ଷ୍ଟମ୍ପରେ ବାଜୁଛି। ଆଲୋକିତ ମଧ୍ୟ ହେଉଛି। ହେଲେ ବେଲ ସ୍ଥାନ ବଜାୟ ରଖୁଛି। ଏଭଳି ଘଟଣା କୌଣସି ଦଳ ସହ ଘଟିବା ଉଚିତ ନୁହେଁ।

## ଟିମ୍ ଇଣ୍ଡିଆର ରେକର୍ଡ

**ଲଣ୍ଡନ,୧୦।୬:** ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚଳିତ ବିଶ୍ୱକପ୍‌ରେ ଏକ ରେକର୍ଡର ଅଧିକାରୀ ହୋଇଛି। ବିଶ୍ୱକପ୍ ଇତିହାସରେ ଟିମ୍ ଇଣ୍ଡିଆ ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ବିପକ୍ଷରେ ୩୫୦ ରନ୍‌ରୁ ଊର୍ଦ୍ଧ୍ୱ ସ୍କୋର କରିପାରିଛି। ଏଥିପୂର୍ବରୁ କୌଣସି ଦଳ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ୩୩୦ ରନ୍ ଡେଇଁପାରି ନ ଥିଲା। ଓପନର ଶିଖର ଧାୱନ(୧୧୭)ଙ୍କ ଶତକ ଓ ଅଧିନାୟକ ବିରାଟ କୋହଲି (୮୨) ଓ ରୋହିତ ଶର୍ମା (୫୭)ଙ୍କ ଅର୍ଦ୍ଧଶତକୀୟ ଇନିଂସ ଯୋଗୁ ଟିମ୍ ଇଣ୍ଡିଆ ୩୫୨ ରନ୍ କରି ସ୍ୱତନ୍ତ୍ର ବିଶ୍ୱକପ୍ ରକର୍ଡର ଅଧିକାରୀ ହୋଇପାରିଛି। ଉଲ୍ଲେଖଥାଉ କି, ବିଶ୍ୱକପ୍‌ରେ ସର୍ବାଧିକ ଦଳଗତ ସ୍କୋର କରିବାର ରେକର୍ଡ ଅଷ୍ଟ୍ରେଲିଆ ନାମରେ ରହିଛି। ୨୦୧୫ ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆ ୬ ଉଇକେଟ ହରାଇ ୪୧୭ ରନ୍ କରିଥିଲା। ପୂର୍ବରୁ ୨୦୦୭ ବିଶ୍ୱକପ୍‌ରେ ବରମୁଡା ବିପକ୍ଷରେ ଭାରତ ୫ ଉଇକେଟ ହରାଇ ୪୧୩ରନ୍‌କରିଥିଲା, ଯାହାକିବିଶ୍ୱକପ୍‌ରେ ଭାରତୀୟ ଦଳର ସର୍ବାଧିକ ସ୍କୋର।

## ମ୍ୟାଚ ବାତିଲ: ଦକ୍ଷିଣ ଆଫ୍ରିକାକୁ ପ୍ରଥମ ପଏଣ୍ଟ

**ସାଉଥାମ୍ପଟନ, ୧୦।୬ (ପି.ଟି.):** ସୋମବାର ଏଠାରେ ଦକ୍ଷିଣ ଆଫ୍ରିକା ବନାମ ୱେଷ୍ଟଇଣ୍ଡିଜ ବିଶ୍ୱକପ୍ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ଖେଳ ସ୍ଥଗିତ ରଖାଯିବା ବେଳକୁ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୮ ଓଭରରେ ୨ ଉଇକେଟ ବିନିମୟରେ ୨୯ ରନ କରିଥିଲା। ୱେଷ୍ଟଇଣ୍ଡିଜର ଶେଲ୍‌ଡନ କୋଟ୍ରେଲ ହାଶିମ୍ ଅମ୍‌ଲା ଏବଂ ଏଡେନ୍ ମାରକ୍ରାମ୍‌ଙ୍କୁ ଆଉଟ କରି ପ୍ୟାଭିଲିୟନପଠାଇ ଦେଇଥିଲେ। କ୍ୱିଣ୍ଟନ ଡି’ କକ୍ ୧୭ରନ ଏବଂ ଫାଫ୍ ଡୁପ୍ଲେସି ବିନା କୌଣସି ରନରେ ଅପରାଜିତ ରହିଥିଲେ। ଆଉ ଖେଳ ସମ୍ଭବ ନ ହେବାରୁ ଉଭୟ ଦଳ ପଏଣ୍ଟ ବଣ୍ଟାଆରା କରିଛନ୍ତି। ଇଂଲଣ୍ଡ, ବାଂଲାଦେଶ ଓ ଭାରତଠାରୁ ପଛକୁ ପଛ ପରାଜୟବରଣ ପରେ ଦକ୍ଷିଣ ଆଫ୍ରିକା ଟୁର୍ନାମେଣ୍ଟରେ ପ୍ରଥମ ପଏଣ୍ଟ ଅର୍ଜନ କରିଛି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜର ପଏଣ୍ଟ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଏହି ଦଳ ପାକିସ୍ତାନ ବିପକ୍ଷରେ ବିଜୟ ହାସଲ କରିଥିବାବେଳେ ଅଷ୍ଟ୍ରେଲିଆ ନିକଟରୁ ପରାସ୍ତ ହୋଇଛି।

## ବଲ ଟ୍ୟାମ୍ପରିଂ କରି ନାହାନ୍ତି ଜାମ୍ପା

**ଲଣ୍ଡନ,୧୦।୬:** ଭାରତ ବିପକ୍ଷ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କ କାର୍ଯ୍ୟ ଉପରେ ବହୁତ ପ୍ରଶ୍ନ ଉଠିଛି। ମ୍ୟାଚ୍ ବେଳେ ସେ ବୋଲିଂ କରିବା ପୂର୍ବରୁ ପକେଟରୁ କିଛି ବାହାର କରି ବଲ ଉପରେ ଘଷିଥିଲେ। ବାରମ୍ବାର ଏଭଳି କରିଥିଲେ। ତାଙ୍କ ହାତରେ ମଧ୍ୟ କିଛି ଥିବାର ଦେଖିବାକୁ ମିଳିଥିଲା। ଏଥିଯୋଗୁ ତାଙ୍କ ବିରୋଧରେ ବଲ ଟ୍ୟାମ୍ପରିଂ ଅଭିଯୋଗ ଆସିଛି। କିନ୍ତୁ ଏହାକୁ ଅଷ୍ଟ୍ରେଲିଆ ଦଳର ଅଧିନାୟକ ଆରୋନ ଫିଞ୍ଚ ଖଣ୍ଡନ କରିଛନ୍ତି। ବଲ ଟ୍ୟାମ୍ପରିଂ ଘଟଣାକୁ ଅଷ୍ଟ୍ରେଲିଆ ଖେଳାଳି ପୁନଃ ଦୋହରାଇ ନ ଥିବା ସେ କହିଛନ୍ତି। ଗତ ବର୍ଷ କେପ ଟାଉନ ଟେଷ୍ଟରେ ଷ୍ଟିଭ ସ୍ମିଥ ଓ ଡେଭିଡ ୱାର୍ନର ବଲ ଟ୍ୟାମ୍ପରିଂ ଘଟଣା ଯୋଗୁ ଏକ ବର୍ଷ ବାସନ୍ଦ ହୋଇଥିଲେ। ସେମାନେ ନିକଟରେ ବାସନ୍ଦାଦେଶରୁ ଫେରିଛନ୍ତି।

### ବିଶ୍ୱକପ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୦ | ୦ | ୬ | +୨.୧୬୩ |
| ଇଂଲଣ୍ଡ | ୩ | ୨ | ୧ | ୦ | ୦ | ୪ | +୧.୩୦୭ |
| ଭାରତ | ୨ | ୨ | ୦ | ୦ | ୦ | ୪ | +୦.୫୩୯ |
| ଅଷ୍ଟ୍ରେଲିଆ | ୩ | ୨ | ୧ | ୦ | ୦ | ୪ | +୦.୪୮୩ |
| ୱେଷ୍ଟଇଣ୍ଡିଜ୍ | ୩ | ୧ | ୧ | ୦ | ୧ | ୩ | +୨.୦୫୪ |
| ଶ୍ରୀଲଙ୍କା | ୩ | ୧ | ୧ | ୦ | ୧ | ୩ | -୧.୫୧୭ |
| ପାକିସ୍ତାନ | ୩ | ୧ | ୧ | ୦ | ୧ | ୩ | -୨.୪୧୨ |
| ବାଂଲାଦେଶ | ୩ | ୧ | ୨ | ୦ | ୦ | ୨ | -୦.୭୧୪ |
| ଦକ୍ଷିଣ ଆଫ୍ରିକା | ୪ | ୦ | ୩ | ୦ | ୧ | ୧ | -୦.୯୫୨ |
| ଆଫଗାନିସ୍ତାନ | ୩ | ୦ | ୩ | ୦ | ୦ | ୦ | -୧.୪୯୩ |

# ଅନ୍ତର୍ଜାତୀୟ କ୍ରିକେଟରୁ ଯୁବରାଜଙ୍କ ଅବସର

**ମୁମ୍ବାଇ, ୧୦।୬(ପି.ଟି.)**

ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ୨୦୧୧ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ନାୟକ ତଥା ଭେଟେରାନ ଅଲ୍‌ରାଉଣ୍ଡର ଯୁବରାଜ ସିଂ ସୋମବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ନିଜର ଅସୀମ ଦକ୍ଷତା ଓ ପ୍ରତିଭା ବଳରେ ପଞ୍ଜାବର ଏହି ମହାନ କ୍ରିକେଟର ସୀମିତ ଓଭର କ୍ରିକେଟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଅବସର ନେବା ପୂର୍ବରୁ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ ଲାଗି ଶତ ଚେଷ୍ଟା କରିଥିଲେ ମଧ୍ୟ ଯୁବରାଜ ସଫଳ ହୋଇପାରି ନ ଥିଲେ। ଶେଷରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲ୍‌ବିଦା କହିଛନ୍ତି ଦୁଇଥରର ଏହି ବିଶ୍ୱକପ୍ ବିଜେତା। କ୍ୟାରିୟରେ ଯୁବରାଜ ୪୦ ଟେଷ୍ଟ, ୩୦୪ ଦିନିକିଆ ଓ ୫୮ଟି ଟି୨୦ରେ ଦେଶ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ସୀମିତ ଓଭର କ୍ରିକେଟ ପରି କିନ୍ତୁ ସେ ଟେଷ୍ଟ କ୍ରିକେଟ୍‌ରେ ଛାପ ଛାଡ଼ିବାରେ ବିଫଳ ହୋଇଛନ୍ତି। କ୍ରିକେଟର ଲମ୍ବା ଫର୍ମାଟରେ ସେ ମାତ୍ର ୧୯୦୦ ରନ କରିଥିବାବେଳେ ଦିନିକିଆରେ ୮୭୦୧ ରନ କରିଛନ୍ତି। ଦିନିକିଆ କ୍ରିକେଟରେ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ତାଲିକାରେ ସେ ୨୨ତମ ତଥା ଭାରତୀୟଙ୍କ ମଧ୍ୟରେ ୭ମ ସ୍ଥାନରେ ରହିଛନ୍ତି। ସେହିଭଳି ଯୁବରାଜ ୧୧୧ଟି ଦିନିକିଆ ଉଇକେଟ୍ ମଧ୍ୟ ଅକ୍ତିଆର କରିଛନ୍ତି। ଯୁବରାଜ ନିଜର ଶେଷ ଟେଷ୍ଟ ମ୍ୟାଚ୍ ୨୦୧୨ରେ ଖେଳିଥିଲେ। ସେହିଭଳି ୨୦୧୭ରେ ଇଂଲଣ୍ଡ ବିପକ୍ଷ ଟି୨୦ ମ୍ୟାଚ୍ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା। ଅନ୍ତିମଥର ଚଳିତ ବର୍ଷ ଆଇପିଏଲ୍‌ରେ ଖେଳୁଥିବାର ସେ ନଜରକୁ ଆସିଥିଲେ।

### କେବେବି ହାର୍ ମାନି ନାହିଁ

‘୨୨ ୟାର୍ଡ ଦୂରତା ଭିତରେ ୨୫ ବର୍ଷ ତଥା ଅନ୍ତର୍ଜାତୀୟ କ୍ରିକେଟରେ ୧୭ ବର୍ଷ ବିତାଇବା ପରେ ମୁଁ ଏହି ନିଷ୍ପତ୍ତି ନେଇଛି। କ୍ରିକେଟ ମୋତେ ସବୁ କିଛି ଦେଇଛି, ଯେଉଁଥି ପାଇଁ ଆଜି ମୁଁ ଏଠାରେ ଛିଡ଼ା ହୋଇପାରିଛି’ ବୋଲି ସ୍ଥାନୀୟ ଏକ ଷ୍ଟାର୍ ହୋଟେଲରେ ଅବସର ଘୋଷଣା ଅବସରରେ ଯୁବରାଜ ଗଣମାଧ୍ୟମକୁ କହିଛନ୍ତି। ‘ମୁଁ ବହୁତ ଭାଗ୍ୟବାନ ମନେ କରୁଛି କି ଭାରତ ତରଫରୁ ୪୦୦ ମ୍ୟାଚ୍ ଖେଳିବାର ସୁଯୋଗ ପାଇଛି। ମୁଁ ଯେତେବେଳେ ପ୍ରଥମେ କ୍ରିକେଟ୍ ଖେଳିବା ଆରମ୍ଭ କରିଥିଲି ସେତେବେଳେ ଏହି କଥା କେବେବି ଭାବି ନ ଥିଲି। ବର୍ତ୍ତମାନ ଅବସର ପରେ ଜୀବନକୁ ଉପଭୋଗ କରିବାକୁ ଚାହିଁବି। ଏଥିସହ ଅନ୍ତର୍ଜାତୀୟସ୍ତରରେ ହେଉଥିବା ଟି୨୦ ଲିଗ୍‌ରେ ଫ୍ରିଲାନ୍ସ ଭାବେ ଖେଳ ଜାରି ରଖିବି। କିନ୍ତୁ ଆଇପିଏଲ୍‌ରେ ଖେଳିବେ ନାହିଁ ବୋଲି ଭାରତୀୟ କ୍ରିକେଟ୍‌ର ଏହି ଶ୍ରେଷ୍ଠ ଫିନିଶର୍ ଏହି ଅବସରରେ ପ୍ରକାଶ କରିଛନ୍ତି। ଏହି ଖେଳ ସହ ଭଲ-ମନ୍ଦ ସମ୍ପର୍କ ରହିଛି, ଯାହାକୁ ମୁଁ ବର୍ଣ୍ଣନା କରିପାରିବି ନାହିଁ। କିପରି ଲଢ଼ିବାକୁ ହୁଏ ଓ ପଡ଼ିବାକୁ ହୁଏ ଏବଂ ପୁଣି ଉଠି ଆଗକୁ ବଢ଼ିବାକୁ ହେବ ତାହା ଏହି ଖେଳରୁ ଶିଖିଛି। ସଫଳତା ତୁଳନାରେ ମୁଁ ବହୁଥର ବିଫଳତାର ସ୍ୱାଦ ଚାଖିଛି। କିନ୍ତୁ କେବେ ବି ହାର୍ ମାନି ନାହିଁ କି ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ହାର୍ ମାନିବି ନାହିଁ। କ୍ରିକେଟରୁ ମୁଁ ଏହା ଶିଖିଛି। ଯେତେବେଳେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲି ସେତେବେଳେ ମୋର ରକ୍ତ ଓ ଝାଳକୁ ଏହି ଖେଳକୁ ଦେଇ ଦେଇଥିଲି’ ବୋଲି ୩୭ ବର୍ଷୀୟ ଯୁବରାଜ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଯୁବରାଜଙ୍କ ସ୍ତ୍ରୀ ହାଜେଲ କିଚ୍ ଓ ମା ସବ୍‌ନମ ସିଂ ଉପସ୍ଥିତ ରହିଥିଲେ।


ସ୍ତ୍ରୀ ହାଜଲ କିଚ୍ (ବାମ) ଓ ମା’ ସବ୍‌ନମ ସିଂଙ୍କ ସହ ଯୁବରାଜ।

### ସ୍ୱତନ୍ତ୍ର ମୁହୂର୍ତ୍ତ

୨୦୧୧ରେ ଭାରତକୁ ବିଶ୍ୱ ବିଜେତା କରାଇବାରେ ଯୁବରାଜ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୯୦.୫୦ ଆଭରେଜରେ ୩୬୨ ରନ ସହ ମୋଟ୍ ୧୫ ଉଇକେଟ୍ ନେଇ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିଥିଲେ। ବିଶ୍ୱର ପ୍ରଥମ ଅଲ୍‌ରାଉଣ୍ଡର ଭାବେ ଗୋଟିଏ ବିଶ୍ୱକପ୍‌ରେ ୩୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବା ସହିତ ୧୫ ଉଇକେଟ୍ ନେବାର ବିରଳ କୃତିତ୍ୱ ଲାଭ କରିଥିଲେ। ସେହିଭଳି ୨୦୦୭ ଟି୨୦ ବିଶ୍ୱକପ୍‌ର ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଷ୍ଟୁଆର୍ଟ ବ୍ରଡ୍‌ଙ୍କୁ ଗୋଟିଏ ଓଭରରେ ୬ ଛକା ମାରିବା ମଧ୍ୟ ତାଙ୍କ କ୍ୟାରିୟରର ଅନନ୍ୟ ସ୍ମରଣୀୟ ମୁହୂର୍ତ୍ତ ରହିଥିଲା। ୨୦୦୪ରେ ପାକିସ୍ତାନର ଲାହୋରଠାରେ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ଅର୍ଜନ ଏବଂ ୨୦୦୨ରେ ଲର୍ଡ୍ସରେ ଖେଳାଯାଇଥିବା ନାଟ୍‌ୱେଷ୍ଟ ସିରିଜର ଫାଇନାଲରେ ମ୍ୟାଚ୍ ବିଜୟୀ ୬୯ ରନ ଇନିଂସ ଆଜି ବି କ୍ରିକେଟ୍‌ପ୍ରେମୀଙ୍କ ମନରେ ଉଜ୍ଜୀବିତ ରହିଛି।

### କର୍କଟ ସହ ଲଢ଼େଇ

ଦେଶର ଏହି ଶ୍ରେଷ୍ଠ ସୀମିତ ଓଭର କ୍ରିକେଟ ସ୍ପେଶାଲିଷ୍ଟ ଯୁବରାଜ ଏକଦା ଗୋଟିଏ ସମୟରେ ଫୁସ୍‌ଫୁସ ଜନିତ କର୍କଟ ରୋଗରେ ପୀଡ଼ିତ ଥିଲେ। ୨୦୧୧ ବିଶ୍ୱକପ୍ ଜିତିବା ପରେ ସେ କ୍ୟାନ୍‌ସରରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଏହାପରେ ଆମେରିକାରେ ମାରାତ୍ମକ କର୍କଟ ରୋଗ ସହ ଲଢ଼େଇ କରିଥିଲେ। ଶେଷରେ ସଫଳତାର ସହ ଏଥିରୁ ମୁକ୍ତ ହେବା ପରେ ସେ ୨୦୧୨ରେ ପୁଣି କ୍ରିକେଟକୁ ଫେରିଥିଲେ।

## ପ୍ରତିକ୍ରିୟା...

**ବିରାଟ କୋହଲି:** ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରି ଏକ ସୁନ୍ଦର କ୍ୟାରିୟର ପାଇଁ ବଧାଇ ପାଜି। ତୁମେ ଆମକୁ ଅନେକ ସ୍ମରଣୀୟ ବିଜୟ ଓ ମୁହୂର୍ତ୍ତ ଦେଇଛ। ତୁମର ଆଗାମୀ ଜୀବନ ଲାଗି ଅଭିନନ୍ଦନ ଜଣାଉଛି।

**ଷ୍ଟୁଆର୍ଟ ବ୍ରଡ୍:** ଅବସର ଜୀବନକୁ ଉପଭୋଗ କର।

**ବୀରେନ୍ଦ୍ର ସେହ୍ୱାଗ:** ଖେଳାଳି ଆସିବେ ଏବଂ ଯିବେ। କିନ୍ତୁ ଯୁବରାଜ ସିଂଙ୍କ ପରି ଖେଳାଳି ପାଇବା ବହୁତ ବିରଳ। ବହୁତ କଠିନ ସମୟ ଦେଇ ଅତିବାହିତ କରିଛ। ରୋଗକୁ ପ୍ରତିହତ ଓ ବୋଲରଙ୍କୁ ପ୍ରହାର କରିବାସହ ହୃଦୟ ଜିତିଛ। ନିଜର ଲଢ଼େଇ ଓ ଉଚ୍ଚ ଇଚ୍ଛା ଶକ୍ତି ଲାଗି ଅନେକଙ୍କୁ ପ୍ରେରିତ କରିଛ।

**ସଚିନ ତେନ୍ଦୁଲକର:** ଚମତ୍କାର କ୍ୟାରିୟର। ଯେତେବେଳେ ବି ଟିମ୍ ତୁମର ସେବା ଚାହିଁଛି ତୁମେ ପ୍ରତ୍ୟେକଥର ଚାମ୍ପିୟନ ଭଳି ଆସିଛ। କ୍ରିକେଟ ପାଇଁ ତୁମେ ଯାହା କରିଛ ସେଥିଲାଗି ଅଭିନନ୍ଦନ।

**ଗୌତମ ଗମ୍ଭୀର:** ଚମତ୍କାର କ୍ୟାରିୟର ଲାଗି ଅଭିନନ୍ଦନ ପ୍ରିନ୍ସ। ବର୍ତ୍ତମାନ ସୁଦ୍ଧା ଧଳା ବଲରେ ଭାରତ ପାଇଁ ତୁମେ ଶ୍ରେଷ୍ଠ କ୍ରିକେଟର। ତୁମର କ୍ୟାରିୟରକୁ ସମ୍ମାନ ଜଣାଇ ବିସିସିଆଇ ୧୨ ନମ୍ବର ଜର୍ସିକୁ ଅବସର ଦେବା ଉଚିତ୍। ତୁମ ପରି ମୁଁ ବି ଚାମ୍ପିୟନଙ୍କ ପରି ବ୍ୟାଟିଂ କରିପାରିଥାନ୍ତି। ଥ୍ୟାଙ୍କ୍ୟୁ ଯୁବରାଜ ସିଂ।

**ଶିଖର ଧାୱନ:** ତୁମର ମାର୍ଗଦର୍ଶନ, ସମର୍ଥନ ଓ ଭଲ ପାଇବା ଲାଗି ଯୁବି ପାଜି ତୁମକୁ ଧନ୍ୟବାଦ୍। ମୋ ଖେଳ କ୍ୟାରିୟରରେ ତୁମେ ଶ୍ରେଷ୍ଠ ବାମହାତୀ ବ୍ୟାଟ୍ସମ୍ୟାନ। ମୁଁ ସର୍ବଦା ତୁମର ବ୍ୟାଟିଂ ଷ୍ଟାଇଲ୍ ଓ ଟେକ୍‌ନିକ ଆପଣାଇଥାଏ। ତୁମଠାରୁ ବହୁତ କିଛି ଶିଖିବାକୁ ମିଳିଛି। ନୂଆ ଯାତ୍ରା ଲାଗି ଅଭିନନ୍ଦନ।

**ମହମ୍ମଦ କୈଫ୍:** କ୍ରିକେଟ୍ ଇତିହାସର ଅନ୍ୟତମ ଶ୍ରେଷ୍ଠ ମ୍ୟାଚ୍ ୱିନର। ଏକ ଯୋଦ୍ଧା ଯିଏକି କଠିନ ପରିସ୍ଥିତିକୁ ସାମ୍ନା କରି ପ୍ରତିଥର ଜିତିବା ସହ ଅସାଧାରଣ କ୍ୟାରିୟର ଗଢ଼ି ପାରିଥିଲେ। ଆମେ ସମସ୍ତେ ତୁମ ଲାଗି ଗର୍ବିତ। ଆମ ଦେଶ ପାଇଁ ଯାହା କରିଛ ସେଥିଲାଗି ମଧ୍ୟ ତୁମେ ଗର୍ବିତ।

**ସୁରେଶ ରାଇନା:** ଏକ ଯୁଗର ଅବସାନ। ବ୍ୟାଟିଂରେ ତୁମର ଛକା ମାରିବାର ଦକ୍ଷତା, ଅସମ୍ଭବ କ୍ୟାଚ୍ ଧରିବା ଏବଂ ଯେଉଁ ସ୍ମରଣୀୟ ମୁହୂର୍ତ୍ତ ଆମେ ଏକାଠି ବିତାଇଛେ ବହୁତ ବର୍ଷ ଯାଏ ମନେ ରହିବ। ଦ୍ୱିତୀୟ ଇନିଂସ ଲାଗି ଅଭିନନ୍ଦନ।




### ଯୁବରାଜଙ୍କ କ୍ରିକେଟ୍ କ୍ୟାରିୟର

| ଫର୍ମାଟ୍ | ମ୍ୟାଚ୍ | ରନ୍ | ସର୍ବାଧିକ | ଆଭରେଜ | ଶତକ/ଅର୍ଦ୍ଧଶତକ | ଚୌକା/ଛକା | ଉଇକେଟ୍ |
|---|---|---|---|---|---|---|---|
| ଟେଷ୍ଟ | ୪୦ | ୧୯୦୦ | ୧୬୯ | ୩୩.୯ | ୩/୧୧ | ୨୬୦/୨୨ | ୯ |
| ଦିନିକିଆ | ୩୦୪ | ୮୭୦୧ | ୧୫୦ | ୩୬.୫ | ୧୪/୫୨ | ୯୦୮/୧୫୫ | ୧୧୧ |
| ଟି୨୦ | ୫୮ | ୧୧୭୭ | ୭୭* | ୨୮.୦ | ୦/୮ | ୭୭/୭୪ | ୨୮ |



" ଭାରତର କ୍ୱାଲିଟି ବୋଲିଂ ଯୋଗୁ ଚାପରେ ଥିବା ଡେଭିଡ ୱାର୍ନର ରବିବାର ବିଶ୍ୱକପ୍ ମ୍ୟାଚରେ ଅସ୍ୱାଭାବିକ ଭାବେ ମନ୍ଥର ବ୍ୟାଟିଂ କରୁଥିବା ଦେଖାଯାଇଥିଲା ।

-ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

" ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱକପ୍ ମ୍ୟାଚରେ ଶିଖର ଧାୱନଙ୍କ ଶତକ ସତ୍ତ୍ୱେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ୨୭ବଲ୍‌ରୁ ୪୮ ରନ ଯୋଗୁ ଭାରତ ବିଜୟୀ ହେଲା ।

-କେ. ଶ୍ରୀକାନ୍ତ, ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ



# ଭାରତ, ଆମେରିକା ସେମିରେ

ଭୁବନେଶ୍ୱର, ୧୦।୬(କ୍ରୀଡ଼ା ପ୍ରତିନିଧି)



ଭାରତ ଓ ଉଜ୍‌ବେକିସ୍ତାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ ସହ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ପୁଲ 'ଏ' ଶେଷ ଲିଗ୍ ମ୍ୟାଚରେ ଦଳ ୧୦-୦ ଗୋଲରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଆକାଶଦୀପ ସିଂ ହ୍ୟାଟ୍ରିକ ଗୋଲ ଦେଇଥିବାବେଳେ ବରୁଣ କୁମାର ଓ ମନଦୀପ ୨ଟି ଲେଖାଏ ଏବଂ ଅମିତ ରୋହିଦାସ, ନିଳକାନ୍ତ ଶର୍ମା ଓ ଗୁରସାହିବଜିତ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଯୋଜନା ଓ ସମନ୍ୱୟ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା ଅତିଥିଭାବେ ଯୋଗଦେଇ ଆକାଶଦୀପଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଭାରତ-ଉଜ୍‌ବେକିସ୍ତାନ ମ୍ୟାଚ ସହ ପ୍ରତିଯୋଗିତାର ପୁଲ୍ ପର୍ଯ୍ୟାୟ ଶେଷ ହୋଇଛି। ପୁଲ୍ 'ଏ'ରୁ ଭାରତ ଓ ପୁଲ୍'ବି'ରୁ ଆମେରିକା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପୁଲ୍ 'ଏ'ରୁ ରୁଷିଆ ଓ ପୋଲାଣ୍ଡ ଏବଂ ପୁଲ୍ 'ବି'ରୁ ଜାପାନ ଓ ଦକ୍ଷିଣ ଆଫ୍ରିକା କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଦୁଇ ପୁଲ୍‌ର ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଦଳ ଉଜ୍‌ବେକିସ୍ତାନ ଓ ମେକ୍ସିକୋ ୭-୮ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ଖେଳିବେ। ୧୨ ତାରିଖରେ ପ୍ରଥମ କ୍ରସ୍ ଓଭର ମ୍ୟାଚରେ ରୁଷିଆ-ଦକ୍ଷିଣ ଆଫ୍ରିକା ଏବଂ ଦ୍ୱିତୀୟ କ୍ରସ୍ ଓଭରରେ ଜାପାନ-ପୋଲାଣ୍ଡ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ୧୪ ତାରିଖରେ ଭାରତ ପ୍ରଥମ ସେମିଫାଇନାଲରେ ଜାପାନ-ପୋଲାଣ୍ଡ ମ୍ୟାଚର ବିଜେତାକୁଭେଟିବ। ସେହିଦିନ ଆମେରିକା ଦ୍ୱିତୀୟ ସେମିଫାଇନାଲରେ ରୁଷିଆ-ଦକ୍ଷିଣ ଆଫ୍ରିକା କ୍ରସ୍ ଓଭର ମ୍ୟାଚର ବିଜେତା ସହିତ ମୁକାବିଲା କରିବ।

ବିଶ୍ୱ ର୍‍ୟାଙ୍କିଂର ୪୩ତମ ସ୍ଥାନରେ ଥିବା ଉଜ୍‌ବେକିସ୍ତାନ ବିପକ୍ଷରେ ସ୍ୱାଭାବିକଭାବେ ଆରମ୍ଭରୁ ପ୍ରଭାବ ବିସ୍ତାର କରି ଖେଳିଥିଲା ୫ମ ର୍‍ୟାଙ୍କ୍ ଭାରତ। ମ୍ୟାଚର ପ୍ରଥମ ମିନିଟରେ ହିଁ ଭାରତୀୟ ଖେଳାଳିମାନେ ଉଜ୍‌ବେକିସ୍ତାନ ଡି ଏରିଆ ମଧ୍ୟକୁ ବଲ୍ ନେଇ ସୁଯୋଗ ସୃଷ୍ଟି କରିଥିଲେ। ତେବେ କ୍ରମାଗତ ୨ଟି ପେନାଲ୍ଟି କର୍ଣ୍ଣର ମିଳିଥିଲେ ହେଁ ତାହାକୁ ହରମନପ୍ରୀତ ସିଂ ମିସ୍ କରିଥିଲେ। ଦ୍ୱିତୀୟ ମିନିଟରେ ଆଉ ଏକ ପେନାଲ୍ଟି କର୍ଣ୍ଣର ମିଳିଥିବାବେଳେ ବରୁଣ କୁମାରଙ୍କ ଶଟ୍‌କୁ ଉଜ୍‌ବେକିସ୍ତାନ ଖେଳାଳିମାନେ ରୋକିବାରେ ସକ୍ଷମ ହୋଇଥିଲେ। ୪ର୍ଥ ମିନିଟରେ ଗୋଟିଏ ପେନାଲ୍ଟି କର୍ଣ୍ଣର ମିସ୍ ହୋଇଥିବାବେଳେ ଅନ୍ୟ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ବରୁଣ କୁମାର ଗୋଲ ଖାତା ଖୋଲିଥିଲେ। ୯ମ ମିନି ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣର ମିସ୍ ହୋଇଥିବାବେଳେ ୧୧ତମ ମିନିଟର ପେନାଲ୍ଟି କର୍ଣ୍ଣରକୁ ଗୋଲ କରି ଆକାଶଦୀପ ସିଂ ଭାରତର ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ୧୫ତମ ମିନିଟରେ ପେନାଲ୍ଟି କର୍ଣ୍ଣରକୁ ଓଡ଼ିଆ ଖେଳାଳି ଅମିତ ରୋହିଦାସ ଡ୍ରାଗ୍ ଫ୍ଲିକ୍ ଜରିଆରେ ଗୋଲରେ ପରିଣତ କରି ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତକୁ ୩-୦ ଗୋଲରେ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଉଜ୍‌ବେକିସ୍ତାନ ଖେଳାଳିମାନେ ବଲ୍‌କୁ ଭାରତ ହାଫ୍‌କୁ ଆଣିବାରେ ବିଫଳ ହୋଇଥିଲେ। ଭାରତର ଆକ୍ରମଣରେ ନାକେଦମ୍ ହୋଇଥିବା ଏହି ଦଳ ଗୋଲ ବର୍ଷାକୁ ରୋକିବାରେ ବ୍ୟସ୍ତ ରହିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ୪ଟି ଗୋଲ ଦେଇଥିଲା। ୨୨ତମ ମିନିଟରେ ବରୁଣ କୁମାର ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୪ର୍ଥ ଗୋଲଟି ସ୍କୋର କରିଥିଲେ। ୨୬ତମ ମିନିଟରେ ଆକାଶଦୀପ ସିଂ ଦଳ ପକ୍ଷରୁ ୫ମ ଗୋଲ ଦେଇଥିବାବେଳେ ୨୭ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ନିଳକାନ୍ତ ଶର୍ମା ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲେ। ୨୮ତମ ମିନିଟରେ ଭାରତକୁ ମିଳିଥିବା ୧୦ମ ପେନାଲ୍ଟି କର୍ଣ୍ଣର ମିସ୍ ହୋଇଥିବାବେଳେ ଏହାର ୨ ମିନିଟ ପରେ ଅର୍ଥାତ୍ ୩୦ତମ ମିନିଟରେ ମନଦୀପ ସିଂ ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତର ଅଗ୍ରଣୀ ବ୍ୟବଧାନକୁ ୭-୦ରେ ପହଞ୍ଚାଇଥିଲେ। ପ୍ରଥମାର୍ଦ୍ଧରେ ଭାରତୀୟ ଗୋଲକିପର କ୍ରିଷ୍ଣନ ପାଠକଙ୍କ ନିକଟକୁ ଥରେ ହେଲେ ବଲ୍ ଯାଇ ନ ଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ ଭାରତର ପ୍ରଭାବୀ ପ୍ରଦର୍ଶନ ଜାରି ରହିଥିଲା। ତେବେ ପ୍ରଥମାର୍ଦ୍ଧ ତୁଳନାରେ ଉଜ୍‌ବେକିସ୍ତାନ ଏହି କ୍ୱାର୍ଟରରେ ସତର୍କତାର ସହିତ ଖେଳିବାରୁ ଭାରତକୁ ଅଧିକ ପେନାଲ୍ଟି କର୍ଣ୍ଣର ମିଳି ନ ଥିଲା। ୪୦ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲେ ହେଁ ତାହାକୁ ହରମନପ୍ରୀତ ଗୋଲରେ ପରିଣତ କରିପାରି ନ ଥିଲେ। ତୃତୀୟ କ୍ୱାର୍ଟର ଶେଷରେ ଅର୍ଥାତ୍ ୪୫ତମ ମିନିଟରେ ଅମିତ ଉଜ୍‌ବେକିସ୍ତାନ ଡି ଏରିଆ ଭିତରେ ଥିବା ସୁମିତଙ୍କୁ ପାସ୍ ଦେଇଥିଲେ। ସୁମିତ ଏହାକୁ ଗୁରସାହିବଜିତ ସିଂଙ୍କ ନିକଟକୁ ବଢ଼ାଇ ଦେଇଥିଲେ ଏବଂ ଏହି ୭୧ ନମ୍ବର ଜର୍ସି ପରିହିତ ଖେଳାଳି ତାହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ୪ର୍ଥ କ୍ୱାର୍ଟରେ ଭାରତ ଅଗ୍ରଣୀ ବ୍ୟବଧାନକୁ ବଢ଼ାଇବା ଉପରେ ଗୁରୁତ୍ୱ ଦେଇଥିଲା ୫୩ତମ ମିନିଟରେ ମନଦୀପ ସିଂଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରିଥିଲେ ଆକାଶଦୀପ। ଏଥିସହ ସେ ମ୍ୟାଚରେ ହ୍ୟାଟ୍ରିକ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ୫୪ତମ ମିନିଟରେ ହରମନପ୍ରୀତ ପେନାଲ୍ଟି କର୍ଣ୍ଣର ମିସ୍ କରିଥିବାବେଳେ ୬୦ତମ ମିନିଟରେ ମନଦୀପ ସିଂ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚ ଶେଷ କରିଥିଲେ।

**ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ**

**କ୍ରସ୍ ଓଭର କାର୍ଯ୍ୟସୂଚୀ**

- **୧୨।୬: ରୁଷିଆ ବନାମ ଦକ୍ଷିଣ ଆଫ୍ରିକା ଅପରାହ୍ନ ୫ଟା**
- **୧୨।୬: ଜାପାନ ବନାମ ପୋଲାଣ୍ଡ ରାତି ୭ଟା ୧୫**

**୭-୮ ସ୍ଥାନ ପାଇଁ ମ୍ୟାଚ**

- **୧୨।୬: ଉଜ୍‌ବେକିସ୍ତାନ ବନାମ ମେକ୍ସିକୋ ସକାଳ ୮ଟା ୪୫**

# ଦକ୍ଷିଣ ଆଫ୍ରିକା ୬-୦ରେ ବିଜୟୀ

ଭୁବନେଶ୍ୱର, ୧୦।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ପୁଲ 'ବି' ଶେଷ ଲିଗ୍ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୬-୦ ଗୋଲରେ ଦୁର୍ବଳ ମେକ୍ସିକୋକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚରୁ ୧ ବିଜୟ ସହ ଏହି ଦଳ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଦକ୍ଷିଣ ଆଫ୍ରିକା ୬ ଗୋଲ ଦେଇଥିବାବେଳେ ୪ ବରଣ କରିଛି। ଅନ୍ୟପକ୍ଷରେ ୩ ପରାଜୟ ସହ ମେକ୍ସିକୋର ଅଭିଯାନ ଶେଷ ହୋଇଛି। ଏହି ଦଳ ଏବେ ୭-୮ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ଖେଳିବ। ମେକ୍ସିକୋ ଲିଗ୍ ପର୍ଯ୍ୟାୟରେ ମାତ୍ର ୧ ଗୋଲ ଦେଇଥିବାବେଳେ ୧୮ ଗୋଲ ବରଣ କରିଛି।

ନିଜର ପ୍ରଥମ ୨ ମ୍ୟାଚରେ ଆମେରିକାଠାରୁ ୦-୨ ଓ ଜାପାନଠାରୁ ୦-୨ ଗୋଲରେ ହାରିଥିବା ଦକ୍ଷିଣ ଆଫ୍ରିକା ଏହି ମ୍ୟାଚରେ ପ୍ରଭାବ ବିସ୍ତାର କରି ଖେଳିଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତି ଅବଲମ୍ବନ କରିଥିବା ଏହି ଦଳ ମ୍ୟାଚର ୧ମ ମିନିଟରେ ହିଁ ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲା। ମାଥ୍ୟୁ ବ୍ରାଉନ୍ ଏହାକୁଗୋଲରେ ପରିଣତ କରି ଦକ୍ଷିଣ ଆଫ୍ରିକାକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟରର ଅଧିକାଂଶ ସମୟରେ ମଧ୍ୟ ବଲ୍‌କୁ ମେକ୍ସିକୋ ହାଫ୍‌ରେ ରଖିଥିଲା ଦକ୍ଷିଣ ଆଫ୍ରିକା। ୧୭ତମ ମିନିଟରେ ନିକୋଲାସ ସ୍ପୁନରଙ୍କ ପେନାଲ୍ଟି କର୍ଣ୍ଣର ଗୋଲ ସହାୟତାରେ ଏହି ଦଳ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୨-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ମେକ୍ସିକୋ ପ୍ରତିପକ୍ଷ ଦଳର ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ତୃତୀୟ କ୍ୱାର୍ଟର ଆରମ୍ଭର ୨ୟ ମିନିଟରେ ଅର୍ଥାତ୍ ୩୨ତମ ମିନିଟରେ ଏନ୍‌କୋବିଲ ଏନ୍‌ଟୁଲି ଫିଲ୍ଡ ଗୋଲ ଦେଇ ଦକ୍ଷିଣ ଆଫ୍ରିକା ଅଗ୍ରଣୀ ବ୍ୟବଧାନକୁ ବଢ଼ାଇଥିଲେ। ଅନ୍ତିମ କ୍ୱାର୍ଟରରେ ଅସହାୟ ମେକ୍ସିକୋ ବିପକ୍ଷରେ ୩ ଗୋଲ ଦେଇଥିଲା ଆଫ୍ରିକୀୟ ଦଳ। ୫୦ତମ ମିନିଟରେ ଅଷ୍ଟିନ ସ୍ମିଥ୍ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିଥିବାବେଳେ ୫୩ତମ ମିନିଟରେ ରିଚାର୍ଡ ପଜ୍ ଏକ ଫିଲ୍ଡ ଗୋଲ ଦେଇଥିଲେ। ୫୮ତମ ମିନିଟରେ ଅଧିନାୟକ କିନାନ୍ ହର୍ନ ଆଉ ଏକ ଗୋଲ ଦେଇ ଦକ୍ଷିଣ ଆଫ୍ରିକାର ଅଗ୍ରଣୀ ବ୍ୟବଧାନକୁ ୬-୦ରେ ପହଞ୍ଚାଇ ଦେଇଥିଲେ। ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଟୁକୁନି ସାହୁ ଅତିଥିଭାବେ ଯୋଗଦେଇ ଦକ୍ଷିଣ ଆଫ୍ରିକାର ଏନକୋବିଲ ଏନ୍‌ଟୁଲିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।



ଗୋଲ୍ ସ୍କୋର ପରେ ଉଲ୍ଲସିତ ଦକ୍ଷିଣ ଆଫ୍ରିକା ଖେଳାଳି।

# ହାମିଲଟନ ଜିତିଲେ କାନାଡିଆନ୍ ଗ୍ରାଁପ୍ରି

**ମଣ୍ଟ୍ରିଲ, ୧୦।୬ (ଏଏଫ୍‌ପି):** ମର୍ସିଡିଜ୍‌ର ଲୁଇସ୍ ହାମିଲଟନ କନାଡିଆନ୍ ଫର୍ମୁଲା ୱାନ୍ ମୋଟର ରେସ୍ ଗ୍ରାଁ ପ୍ରି ଟାଇଟଲ ଜିତିଛନ୍ତି। ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୫ ସେକେଣ୍ଡ ପେନାଲ୍ଟି ଯୋଗୁ ଫେରାରିର ସେବାଷ୍ଟିଆନ ଭେଟେଲ ବିଜୟରୁ ବଞ୍ଚିତ ହୋଇଥିଲେ। ୫୦ତମ ଲାପ୍‌ରେ ଏହି ଦୁଇ ଡ୍ରାଇଭରଙ୍କ ମଧ୍ୟରେ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଦୁହିଁଙ୍କ ମଧ୍ୟରେ ଦୁର୍ଘଟଣା ପରିସ୍ଥିତି ସୃଷ୍ଟି ହୋଇଥିଲା। ଭେଟେଲ ରେସ୍‌ର ଅଧିକାଂଶ ସମୟ ଅଗ୍ରଣୀ



ରହିଥିଲେ। କିନ୍ତୁ ତାଙ୍କ ବିପଜ୍ଜନକ ଡ୍ରାଇଭିଂ ଯୋଗୁ ହାମିଲଟନଙ୍କ କାର୍ ବ୍ୟାରିକେଡ୍‌ରେ ପିଟି ହୋଇଯିବା ଆଶଙ୍କା ସୃଷ୍ଟି ହୋଇଥିଲା। ଏହି କାରଣରୁ ଭେଟେଲଙ୍କୁ ୫ ସେକେଣ୍ଡ ଟାଇମ୍ ପେନାଲ୍ଟି ହୋଇଥିଲା। ଯାହାଫଳରେ ହାମିଲଟନଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଏହି ବିଜୟ ଦ୍ୱାରା ଡ୍ରାଇଭର୍ସ ଚାମ୍ପିୟନଶିପ୍‌ରେ ତାଙ୍କ ଅଗ୍ରଣୀ ବ୍ୟବଧାନ ୨୯ ପଏଣ୍ଟକୁ ବୃଦ୍ଧି କରିପାରିଛନ୍ତି। ଫେରାରିର ଚାର୍ଲସ ଲେକ୍‌ରେକ୍ ତୃତୀୟ ଏବଂ ମର୍ସିଡିଜର ଭାଲଟେରି ବୋଟାସ ଚତୁର୍ଥ ହୋଇଥିଲେ। ଟପ୍ ୧୦ରେ ଯଥାକ୍ରମେ ସ୍ଥାନ ପାଇଥିବା ଅନ୍ୟ ଡ୍ରାଇଭରମାନେ ହେଲେ ମାକ୍ସ ଭର୍ଷ୍ଟାପେନ (ରେଡ୍‌ବୁଲ), ଡାନିଏଲ ରିକାର୍ଡୋ(ରେନଲ୍ଟ), ନିକୋ ହକେନବର୍ଗ (ରେନଲ୍ଟ), ପିଏରେ ଗାସ୍‌ଲି (ରେଡ୍‌ବୁଲ୍), ଲାନ୍ସ ଷ୍ଟ୍ରୋଲ (ରେସିଂ ପଏଣ୍ଟ) ଏବଂ ଡାନିଲ କ୍ୟାଟ୍(ଟୋରୋ ରୋସୋ)।



ଜାପାନ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ମୁହୂର୍ତ୍ତ।

# ଆମେରିକା-ଜାପାନ ମ୍ୟାଚ ଡ୍ର

**ଭୁବନେଶ୍ୱର, ୧୦।୬(କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ପୁଲ 'ବି' ମ୍ୟାଚରେ ଆମେରିକା ଓ ଜାପାନ ପଏଣ୍ଟ ଭାଗ କରିଛନ୍ତି। ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ୨-୨ ଗୋଲରେ ଡ୍ର ରହିଥିଲା। ଫଳରେ ଉଭୟ ଆମେରିକା ଓ ଜାପାନ ୩ ମ୍ୟାଚରୁ ୨ ବିଜୟ ଓ ୧ ଲେଖାଏ ଡ୍ର ସହ ୭ ପଏଣ୍ଟ ଲେଖାଏ ପାଇ ଲିଗ୍ ପର୍ଯ୍ୟାୟ ଶେଷ କରିଛନ୍ତି। ତେବେ ଗୋଲ ବ୍ୟବଧାନରେ ଆମେରିକା ପୁଲ୍‌ରେ ଶୀର୍ଷସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟପକ୍ଷରେ ଦ୍ୱିତୀୟ ସ୍ଥାନୀୟ ଦଳଭାବେ ଜାପାନ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି।

ଏସିଆନ ଚାମ୍ପିୟନ ଜାପାନ ପ୍ରଥମାର୍ଦ୍ଧର ଅଧିକାଂଶ ସମୟ ବଲ୍‌କୁ ଆମେରିକା ହାଫ୍‌ରେ ରଖିବାକୁ ସକ୍ଷମ ହୋଇଥିଲା। ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲା। ଆମେରିକା ଗୋଲକିପର ଜୋନାଥନ କ୍ଲାଗେସ ଚମତ୍କାର ପ୍ରଦର୍ଶନ କରି ଜାପାନକୁ ଅଗ୍ରଣୀ ହେବାକୁ ଦେଇ ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ତୃତୀୟ କ୍ୱାର୍ଟର ଶେଷ ଭାଗରେ ଗୋଲ ସ୍କୋରିଂ ଆରମ୍ଭ ହୋଇଥିଲା। ୪୧ତମ ମିନିଟରେ ଆମେରିକାର ଡିଗାନ ହୁଇସମ୍ୟାନ ଫିଲ୍‌ଡ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିବାବେଳେ ଏହାର ୪ ମିନିଟ ପରେ ଅର୍ଥାତ୍ ୪୫ତମ ମିନିଟରେ କେଣ୍ଟା ତାନାକା ଗୋଟିଏ ଗୋଲ ଦେଇ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ଅନ୍ତିମ କ୍ୱାର୍ଟରରେ ବିଜୟ ହାସଲ ପାଇଁ ଉଭୟ ଦଳ ଉଦ୍ୟମ କରିଥିଲେ। ୫୧ତମ ମିନିଟରେ ହୁଇସମ୍ୟାନ ଆଉ ଏକ ଗୋଲ ଦେଇ ଦଳକୁ ପୁଣି ଅଗ୍ରଣୀ କରାଇଥିଲେ। ମ୍ୟାଚରେ ଏହା ତାଙ୍କର ଦ୍ୱିତୀୟ ଗୋଲ ଥିଲା। ମାତ୍ର ମ୍ୟାଚ ଶେଷ ହେବାକୁ ୧ ମିନିଟ ଥିବାବେଳେ ଜାପାନକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ସୁଗୁରୁ ହୋଶି ଗୋଲରେ ପରିଣତ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ଅବଶିଷ୍ଟ ୧ ମିନିଟର ଖେଳ କେବଳ ଔପଚାରିକ ହୋଇ ରହି ଯାଇଥିଲା। ଜାପାନର କେନ୍‌ତା ତନକା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିଏମସି କମିଶନର ସମର୍ଥ ବର୍ମା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


# ନାଡାଲଙ୍କୁ ରେକର୍ଡ ଟାଇଟଲ

ପ୍ୟାରିସ୍,୧୦।୬(ଏଏଫ୍‌ପି)

କ୍ଲେ କୋର୍ଟର ରାଜା ସ୍ପେନ୍ ତାରକା ରାଫାଲ ନାଡାଲ ଇତିହାସ ସୃଷ୍ଟି କରିଛନ୍ତି। ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ୍‌ରେ ଏଥର ସେ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ନାଡ଼ାଲ ୬-୩, ୫-୭, ୬-୧, ୬-୧ ସେଟରେ ଅଷ୍ଟ୍ରିଆର ଡୋମିନିକ୍ ଥିମ୍‌ଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ଏଥିସହିତ ସେ ରେକର୍ଡ ୧୨ଥର ପାଇଁ ଫ୍ରେଞ୍ଚ୍ ଓପନ୍ ଚାମ୍ପିୟନ ହେବାସହ ଐତିହାସିକ ସଫଳତା ପାଇଛନ୍ତି। ଏହି କ୍ରମରେ ସେ କ୍ୟାରିୟରର ୧୮ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ଗୌରବ ଅର୍ଜନ କରିଛନ୍ତି।

୩୩ ବର୍ଷୀୟ ନାଡ଼ାଲ ପ୍ରଥମ ପୁରୁଷ କିମ୍ବା ମହିଳା ଖେଳାଳିଭାବେ ଗୋଟିଏ ସମାନ ଗ୍ରାଣ୍ଡସ୍ଲାମ ୧୨ଥର ପାଇଁ ଜିତି ବିରଳ ସଫଳତା ପାଇଛନ୍ତି। ଆଉ ଦୁଇଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ହାସଲ କଲେ ନାଡ଼ାଲ ସର୍ବିୟାର ନୋଭାକ ଜୋକୋଭିଚ୍‌ଙ୍କ ୨୦ଟି ମେଜର ଟାଇଟଲ ହାସଲ ରେକର୍ଡର ସମକକ୍ଷ ହେବେ। ଜୋକୋଭିଚ୍‌ଙ୍କୁ ଏଥର ଥିମ୍ ସେମିଫାଇନାଲରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ପୁଣି ନାଡ଼ାଲ ଫ୍ରେଞ୍ଚ୍ ଓପନ୍‌ରେ ରେକର୍ଡ ୯୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବାବେଳେ ମାତ୍ର ୨ଟି ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। ପୂର୍ବରୁ ନାଡ଼ାଲ ୨୦୦୫ରୁ ୨୦୦୮, ୨୦୧୦ରୁ ୨୦୧୪, ୨୦୧୭ ଓ ୨୦୧୮ରେ ଫ୍ରେଞ୍ଚ୍ ଓପନ ଟାଇଟଲ ହାସଲ କରିଥିଲେ। ନିଜ ପ୍ରଦର୍ଶନରେ ନାଡ଼ାଲ ଖୁସି ଜାହିର କରିଛନ୍ତି। ତେବେ ସାହସିକ ପ୍ରଦର୍ଶନ ପାଇଁ ସେ ଥିମ୍‌ଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ୨୦୦୫ରେ ପ୍ରଥମଥର ପାଇଁ ଫ୍ରେଞ୍ଚ୍ ଓପନ୍ ଖେଳିଥିଲି। ସେତେବେଳେ ଭାବି ନ ଥିଲି ଯେ, ମୁଁ ୨୦୧୯ରେ ଏହି ଟୁର୍ନାମେଣ୍ଟ ଖେଳିବି। ଏହି ବିଜୟ ମୋ ପାଇଁ ସ୍ୱତନ୍ତ୍ର ବୋଲି ନାଡ଼ାଲ କହିଛନ୍ତି। ଏଥି ସହିତ ନାଡ଼ାଲ କ୍ୟାରିୟରରେ ମୋଟ ୮୨ତମ ଟାଇଟଲ ହାସଲ କରିଛନ୍ତି ଓ ୯୫୦ତମ ମ୍ୟାଚ୍ ଜିତିଛନ୍ତି।

**ଫ୍ରେଞ୍ଚ୍ ଓପନ୍ ଟେନିସ୍**



ଚାମ୍ପିୟନ ହେବା ପରେ ଟ୍ରଫି ସହ ଖୁସି ମନାଉଛନ୍ତି ରାଫାଲ ନାଡାଲ ।


**ମନେ ପଡ଼ନ୍ତି**

**୧୪ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଅନାଦି ଚରଣ ସିଂହ**
(ବରିଷ୍ଠ ଦଲିଲ ଲେଖକ)
ପାଞ୍ଚକାହାଣିଆ, ଢେଙ୍କାନାଳ
ଆବିର୍ଭାବ: ୦୧।୦୭।୧୯୧୮
ତିରୋଧାନ: ୧୬।୦୬।୨୦୦୫
ଆପଣଙ୍କର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୬୬୮୦୪

**ଦ୍ୱିତୀୟ ବାର୍ଷିକ ଶ୍ରଦ୍ଧା ସୁମନ**



**ସ୍ୱର୍ଗତ ଅଶୋକ ସିଂ (କୁମାର)**
ଆବିର୍ଭାବ: ୧୧।୦୫।୧୯୫୫
ତିରୋଧାନ: ୦୩।୦୬।୨୦୧୭
**ଜ୍ୟେଷ୍ଠ ଶୁକ୍ଳ ନବମୀ ତିଥି**
ସମୟର ସ୍ରୋତରେ ଆପଣଙ୍କ ପାର୍ଥିବ ଶରୀର ନଥିଲେ ମଧ୍ୟ ଆପଣ ଅମର। ଆପଣ ଆମରି ଭିତରେ ପ୍ରତି ନିଃଶ୍ୱାସରେ, ବିଶ୍ୱାସରେ, ମନରେ, ହୃଦୟରେ ; ମାତ୍ର ଅଦୃଶ୍ୟରେ ସର୍ବଦା ସ୍ମରଣୀୟ। ଆଜିର ଏହି ପୁଣ୍ୟତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୯୦୩

## ସଂକ୍ଷେପରେ

### ୬ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ



ଚିତ୍ରକୋଣ୍ଡା,୧୦।୬(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ସୋମବାର ଚୋରାଚାଲାଣ ବେଳେ ୬କୁଇଣ୍ଟାଲ ୨୦ କେଜି ଗଞ୍ଜେଇ ଜବତ କରିଛି। ଗୁଣ୍ଡାୱାଡା ପଞ୍ଚାୟତ ଗୁଣ୍ଡାୱାଡା ଗ୍ରାମର ସୁନୀଲ ଖେମୁଡୁ ଏବଂ ନବୀନ ଖେମୁଡୁ ଗୁଣ୍ଡାୱାଡାରୁ ସମ୍ବଲପୁରକୁ ଏକ ଗାଡି (ଓଡି ୧୫ ଜେ-୭୫୮୭) ଯୋଗେ ଉପରୋକ୍ତ ପରିମାଣର ଗଞ୍ଜେଇ ଚାଲାଣ କରୁଥିଲେ। ଏହି ଖବର ପାଇବା ପରେ ଥାନା ଅଧିକାରୀ ରାମ ପ୍ରସାଦ ନାଗଙ୍କ ନେତୃତ୍ୱରେ ଗଣ୍ଡୱାଡା ଗ୍ରାମରେ ଚଢାଉ କରି ଗଞ୍ଜେଇ ଜବତ କରିଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୁନୀଲ ଓ ନବୀନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨ଦିନ ତଳେ ମାଥିଲି ଅଞ୍ଚଳରୁ ୩୦ କୁଇଣ୍ଟାଲ ଗଞ୍ଜେଇ ଜବତ ହୋଇଥିଲା।

### ବନ୍ଧୁଗାଁରେ ବିଧାୟକଙ୍କୁ ସମ୍ବର୍ଦ୍ଧନା



ବନ୍ଧୁଗାଁ,୧୦।୬(ଡି.ଏନ୍.ଏ.)- କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ ତରଫରୁ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଭି. ଗଣପତି ରାଓ, ବ୍ଲକର ୧୩ଟି ପଞ୍ଚାୟତ ସଭାପତି, ବ୍ଲକ ସଭାପତି, ଶତାଧିକ କର୍ମୀ ବାଜା ଓ ଢେମସା ନୃତ୍ୟ କରି ବିଧାୟକଙ୍କୁ ଏକ ଶୋଭାଯାତ୍ରାରେ ବନ୍ଧୁଗାଁଠାରୁ ସରପଲ୍ଲୀ ଓ ବୀଲାବାଡି, କୁମ୍ଭାରଗୁଡା ପରିକ୍ରମା କରିଥିଲେ । ବନ୍ଧୁଗାଁ ବ୍ଲକର ଚେୟାରମ୍ୟାନ୍ ପ୍ରମିଳା ଜାକାକା, ମୁକୁନ୍ଦା ବେହେରା, ଚିବକୁ ଅଭିମନ୍ୟୁ ଭାଣ୍ଡି, ବି. ଶ୍ରୀନୁବାସ ପଟ୍ଟନାୟକ, ଦୁର୍ଯ୍ୟ ବାଗ, ସରପଞ୍ଚ କାଡ୍ରାକା ନାଗାଙ୍କ ସମତେ ବଡ଼ସରପଲ୍ଲୀ, ନୀଲାବାଡି ସରପଞ୍ଚ ଉପସ୍ଥିତ ଥିଲେ । ସୋମବାର ହାଟ ଥିବାରୁ ବଡ଼ ସରପଲ୍ଲୀ ହାଟଠାରେ ମଧ୍ୟ ବିଧାୟକଙ୍କୁ ସ୍ୱାଗତ କରାଯାଇଥିଲା ।

### ଆମ୍ବଗଛରୁ ପଡ଼ି ବୃଦ୍ଧ ମୃତ

ଶଙ୍କରାଖୋଲ,୧୦।୬(ଡି.ଏନ୍.ଏ.)- ଟିକାବାଲି ଥାନା (ବି) ବପଲମେଣ୍ଡି ଗ୍ରାମର ଜଣେ ବୃଦ୍ଧ ଆମ୍ବ ଗଛରୁ ଖସିପଡିବାରୁ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପୂର୍ଣ୍ଣଚନ୍ଦ୍ର ଦିଗାଳ। ଏନେଇ ଟିକାବାଲି ଥାନାରେ ନଂ.୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏଏସ୍ଆଇ ଲଡୁକିଶୋର ତ୍ରିପାଠୀ ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୂର୍ଣ୍ଣଚନ୍ଦ୍ର ଘର ନିକଟସ୍ଥ ତୋଟାକୁ ଯାଇ ଗଛରେ ଚଢ଼ି ଆମ୍ବ ତୋଳୁଥିବାବେଳେ ଗଛରୁ ଖସି ପଡିଥିଲା ।

■ ମାମୁଘରକୁ ବୁଲି ଯାଇଥିବା ବେଳେ ଅଘଟଣ

# ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ମାଲକାନଗିରି,୧୦।୬ (ଡି.ଏନ.ଏ.)

ମାଲକାନଗିରି ଜିଲା ଏମଭି-୯ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୮ବର୍ଷର ବାଳକ ପୋଖରୀରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ନାମ ଚନ୍ଦନ ଢାଲି । ଏହି ଖବର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଖବରରୁ ଜଣାପଡିଛି ମାଲକାନଗିରି ସଦର ବ୍ଲକ ପଦ୍ମଗିରି ପଞ୍ଚାୟତର ପ୍ରତାପ ଢାଲିଙ୍କ ପୁଅ ଚନ୍ଦନ ଗ୍ରୀଷ୍ମ ଅବକାଶରେ ତାଙ୍କର ଜଣେ ସମ୍ପର୍କୀୟ ମାମୁଘର ଏମଭି-୯ ଗ୍ରାମକୁ ବୁଲିବାକୁ ଆସିଥିଲେ। ସେ ମାମୁଘର ନିକଟରେ ଥିବା ଏକ ପୋଖରୀକୁ ସକାଳେ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ସମୟରେ ଚନ୍ଦନ ପୋଖରୀରେ ବୁଡି ଯାଇଥିଲେ। ତାଙ୍କର ଘରକୁ ଫେରିବା ବିଳମ୍ବ ହେବାରୁ ମାମୁଘର ଲୋକମାନେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। କିଛି ସମୟ ପରେ ଚନ୍ଦନଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଖରୀରୁ ମୃତଦେହ ଉଦ୍ଧାର କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପ୍ରକାଶ କରିଛି। ସୂଚନାଯୋଗ୍ୟ ଯେ, ଚନ୍ଦନ ପଦ୍ମଗିରି ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଥିଲେ।

ADMISSION GUIDANCE FOR 2019-20
NIIS HIGHER SECONDARY SCHOOL
(Permanently Recognised by Govt. of Odisha & Affiliated to CHSE Odisha)
+2 Science Including Engineering & Medical Coaching & +2 Commerce Including CA / CS / CMA / MGMT
SPECIAL FEATURES
❖ Expert & Experienced Faculty members ❖ Doubt Clearing Classes
❖ Separate Furnished Hostel both Boys & Girls
For more details:
SARADA VIHAR, MADANPUR, BHUBANESWAR - 752054
Visit us: www.niisinst.com / www.niisgroup.org / Email: niisadmission2019@gmail.com
Mob.: 9778899990 / 9778899991 / 9040004375 / 9438767679 / 9348233984
NIIS also offers : B.Sc.(Hons), B.A.(Hons), B.Com.(Hons), B.Sc. (Comp.Sc.), B.Sc. (ITM), B.Sc. (Biotech)

# ପୋଷାକ ତିଆରି କରି ପରିବାର ଚଳାଉଛନ୍ତି ତୁଳସୀ

ମାଲକାନଗିରି,୧୦।୬ (ଡି.ଏନ.ଏ.)

ମାଲକାନଗିରି ଜିଲାରେ ଅନେକ ଯୁବତୀଯୁବକ ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। କେହିକେହି କାମ କରିବାକୁ ରାଜ୍ୟ ବାହାରକୁ ଚାଲିଯାଉଛନ୍ତି। ମାଲକାନଗିରି ଜିଲାର ଜଣେ ଯୁବତୀ ତୁଳସୀ ଖିଲ ଅଧାରୁ ପାଠ ଛାଡି ପରିବାର ଚଳାଇବା ଲାଗି କେରଳ ଚାଲିଯାଇ ଏକ ପୋଷାକ ତିଆରି କାରଖାନାରେ କାର୍ଯ୍ୟ କରୁଛନ୍ତି। ନିକଟରେ ସେ ଗ୍ରାମକୁ ଆସିଥିବା ବେଳେ ଯଦି ସୁଯୋଗ ମିଳେ ନିଜେ ଏକ ପୋଷାକ ତିଆରି କାରଖାନା ପ୍ରତିଷ୍ଠା କରି ସ୍ୱାବଲମ୍ବୀ ହେବି ବୋଲି ଇଚ୍ଛାବ୍ୟକ୍ତ କରିଛନ୍ତି। ମାଲକାନଗିରି ସଦର ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତର ବୁଦ୍ଧୁ ଖିଲଙ୍କ ଝିଅ ତୁଳସୀ (୧୬) ନିକଟସ୍ଥ ସିନ୍ଧ୍ରିମାଳ କସ୍ତୁରବା ଗାନ୍ଧୀ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପାଠ ପଢୁଥିଲେ। ୨ଭାଇଭଉଣୀଙ୍କୁ ନେଇ ତାଙ୍କ ପରିବାର ଚଳିବା କଷ୍ଟକର ହୋଇପଡୁଥିଲା। ଏପରିକି ସେମାନଙ୍କୁ ଉପବାସରେ ରହିବାକୁ ହେଉଥିଲା। ତୁଳସୀ ତାଙ୍କର ଜଣେ ସହପାଠୀ ସଙ୍ଗୀତାଙ୍କଠାରୁ ଗୋବିନ୍ଦପାଲି, ଖଇରପୁଟ, କୁଡୁମୁଲୁଗୁମ୍ମା ଅଞ୍ଚଳର ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଝିଅ କେରଳର ମାଲାପୁରମ ଜିଲା ତିରୁବାଲିଠାରେ ଏକ ପୋଷାକ ତିଆରି କାରଖାନାରେ କାର୍ଯ୍ୟ କରୁଥିବା ଜାଣିବାକୁ ପାଇଥିଲେ। କାରଖାନାରେ କାମ କଲେ ଏହାର ମାଲିକ କାମ କରୁଥିବା ଝିଅମାନଙ୍କୁ ୮ ହଜାର ଟଙ୍କା ଦରମା ସହ ପ୍ରତ୍ୟହ ୩ବେଳା ଖାଇବାକୁ ଦେଉଛନ୍ତି। ଏହା ଜାଣିବା ପରେ ତୁଳସୀ କେରଳର ଝିଅମାନଙ୍କ ସହ ଯୋଗାଯୋଗ କରି ନିଜେ ସେଠାକୁ ଯାଇ କାମ କରିବାକୁ ଚାହିଁଥିଲେ। ଏଥିରେ ସଫଳ ହେବା ପରେ ସେ ପରିବାର ଲୋକଙ୍କୁ ବୁଝାଇ କେରଳ ଯାଇଥିଲେ। ଏବେ ୯ମାସ ବିତିଗଲାଣି। ସେଠାରୁ ପାଉଥିବା ଟଙ୍କା ସେ ଘର ଚଳିବା ଲାଗି ପ୍ରତିମାସରେ ବାପାଙ୍କ ନିକଟକୁ ପଠାନ୍ତି। ତୁଳସୀ କହନ୍ତି, ମୋତେ ଯଦି ଜିଲା ପ୍ରଶାସନ କିଛି ଆର୍ଥିକ ସହାୟତା ପ୍ରଦାନ କରନ୍ତେ ତେବେ ମୁଁ କେରଳ ନ ଯାଇ ମାଲକାନଗିରିରେ ପୋଷାକ ତିଆରି କାରଖାନା ପ୍ରତିଷ୍ଠା କରିବା ସହ ସ୍ୱାବଲମ୍ବୀ ହୋଇପାରନ୍ତି।



ତୁଳସୀ ।

## ବିଧାୟକ, ଏମପିଙ୍କ ବିଭିନ୍ନ ଅଞ୍ଚଳ ଗସ୍ତ



ନିର୍ବାଚନମଣ୍ଡଳୀ ବୁଲୁଛନ୍ତି ନବନିର୍ବାଚିତ ଏମପି, ବିଧାୟକ ।

ଚିତ୍ରକୋଣ୍ଡା,୧୦।୬(ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ସମିତିର ବିଭିନ୍ନ ଗ୍ରାମକୁ ନବ ନିର୍ବାଚିତ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଏବଂ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି ଗସ୍ତ କରୁଛନ୍ତି। ଚିତ୍ରକୋଣ୍ଡା ସହର ସମେତ ଦୋରାଗୁଡ଼ା, ନୂଆଗୁଡା, ବଡ଼ପଡା, ବଡପଦର ଏବଂ ଗୁରୁପ୍ରିୟା ଅଞ୍ଚଳ ବୁଲି ଉଭୟେ ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିଧାୟକ ଏମପିଙ୍କ ସହ ପୂର୍ବତନ ବିଧାୟକ ମାନସ ମାଡ଼କାମି, ନୃସିଂହ ଚରଣ ମହାନ୍ତି, ପିତାମ୍ବର ଖେମୁଡୁ, ଅମିତ ଅଗ୍ରୱାଲ, କେ. ଶ୍ରୀନିବାସ ରାଓ, ଶିବ ପ୍ରସାଦ ଖରା,ଡମ୍ବରୁ ଖିଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜାତୀୟ ସାମାଜିକ ସହାୟତା ସମୀକ୍ଷା ନେଇ ଶିବିର



ଶିବିରରେ ଉପସ୍ଥିତ ହିତାଧିକାରୀ ।

ମାଲକାନଗିରି/କୋରୁକୋଣ୍ଡା,୧୦।୬ (ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଦିବସୀୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ସାମାଜିକ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ହୋଇଥିବା ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଜିଲା ସାମାଜିକ ସମୀକ୍ଷକ ସୁବ୍ରତ ସାମଲ, କୋରୁକୋଣ୍ଡା ବ୍ଲକ ଏବିଡିଓ ସନ୍ତୋଷ ଭୂମିକ୍, ବି.ଏସ.ଏସ.ଓ ରାଜୀବ୍ ଗୁପ୍ତା, ମାଲକାନଗିରି ବିଏସଏସଓ କାଳିପ୍ରସାଦ, କୋରୁକୋଣ୍ଡା ବ୍ଲକ ସାମାଜିକ ସମୀକ୍ଷକ ରାକେଶ ଦାସ, ମାଲକାନଗିରି ବ୍ଲକ ସାମାଜିକ ସମୀକ୍ଷକ ଚନ୍ଦ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଉଭୟ ବ୍ଲକ ଅଞ୍ଚଳର ସହାୟତା ପାଇବାକୁ ଥିବା ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସେମାନଙ୍କ ନିକଟରେ କିପରି ପହଞ୍ଚିପାରିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଯୋଜନାଗୁଡିକର କାର୍ଯ୍ୟକାରିତା ସମ୍ପର୍କରେ ପ୍ରତି ୬ ମାସରେ ଥରେ ସମୀକ୍ଷକମାନେ ସମୀକ୍ଷା କରିବେ । ଜାତୀୟ ସହାୟତା ଯୋଜନା ଅନୁସାରେ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା , ବିଧବା ଭତ୍ତା , ଭିନ୍ନକ୍ଷମ ଭତ୍ତା , ଜାତୀୟ ପରିବାର ମଙ୍ଗଳ ଯୋଜନା, ଅନ୍ନପୂର୍ଣ୍ଣା ଯୋଜନାରୁ ଯେପରି ହିତାଧିକାରୀମାନେ ଉପକୃତ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଶିବିରରେ ମତ ପ୍ରକାଶ ପାଇଥିଲା।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ଆସିକା,୧୦।୬(ଡି.ଏନ୍.ଏ.)

ବ୍ରହ୍ମପୁର ୫୯ନଂ. ଜାତୀୟ ରାଜପଥ ପାଟ୍ଲିଗୁଡା ଛକ ନିକଟରେ ସୋମବାର ରାତି ପ୍ରାୟ ସାଢେ ୭ଟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ଗୁରୁତ ହୋଇଛନ୍ତି। ମୃତକ ହେଲେ ବାଇକ୍ ଆରୋହୀ କବିସୂର୍ଯ୍ୟନଗର ଥାନା ବାଉଁଶିଆ ଗ୍ରାମର ଶିବରାମ ଗୌଡ (୩୦)। ଶିବରାମଙ୍କ ସହ ଥିବା ଅନ୍ୟଜଣେ ଆରୋହୀ ଭଗବାନ ଗୌଡ ଓ ଜଣେ ପଥଚାରୀ ଜି. ଦାମୋଦରପଲ୍ଲୀ ଗ୍ରାମର ଜି. ମୁଦୁଆମ୍ମା ରେଡ୍ଡୀ ଆହତ ହୋଇଛନ୍ତି। ସମସ୍ତଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଶିବରାମଙ୍କୁ ମୃତ ଘୋଷଣା କରିଥିଲେ। ଆହତ ମହିଳା ମୁଦୁଆମ୍ମାଙ୍କୁ ଅଧିକା ଚିକିତ୍ସା ଲାଗି ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଥିଲା। ଶିବରାମ ଓ ଭଗବାନ ଏକ ବାଇକରେ ବ୍ରହ୍ମପୁରରୁ ଗ୍ରାମକୁ ଫେରୁଥିବାବେଳେ ପାଟ୍ଲିଗୁଡା ଛକ ନିକଟରେ ରାସ୍ତାରେ ଯାଉଥିବା ମୁଦୁଆମ୍ମାଙ୍କୁ ଧକ୍କା ଦେଇ ପଡି ଯାଇଥିଲେ। ଆସିକା ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଚଳାଇଛି। ନଂ.୧୮୧/୧୯ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

## କୁରୁମାନୁର ପଞ୍ଚାୟତକୁ ପ୍ରଶାସନ ଦେଲା ଡଙ୍ଗା

ଚିତ୍ରକୋଣ୍ଡା,୧୦।୬(ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ସମିତିରେ ୧୮ଟି ପଞ୍ଚାୟତ ରହିଛି। ପଞ୍ଚାୟତଗୁଡିକର ବିଭିନ୍ନ ଗ୍ରାମ ନଦୀ ନାଳ ଓ ଦୁର୍ଗମ ଅଞ୍ଚଳରେ ରହିଛି। ବର୍ଷା ଦିନେ ଏହି ଗ୍ରାମଗୁଡିକର ଅଧିବାସୀମାନେ ଯାତାୟାତ ବେଳେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ନଦୀଘାଟକୁ ଡଙ୍ଗା ଯୋଗାଇ ଦେବା କାର୍ଯ୍ୟ ଆରମ୍ଭ ହୋଇଛି। କୁରୁମାନୁର ପଞ୍ଚାୟତକୁ ଡଙ୍ଗା ପ୍ରଦାନ କରାଯାଇଛି। ଅନ୍ୟ ପଞ୍ଚାୟତକୁ ଡଙ୍ଗା ଯୋଗାଇ ଦେବା ଲାଗି ପ୍ରସ୍ତୁତି ଚାଲିଛି। ୩ଟି ନୂଆ ମୋଟର ଚାଳିତ ଡଙ୍ଗା ତିଆରି ଶେଷ ହୋଇଛି। ଏହି ଡଙ୍ଗା ଗାଜୁଲୁମାମୁଡି ଓ ଯୋଡାମ୍ବ ଭଳି ଦୁର୍ଗମ ଅଞ୍ଚଳକୁ ପ୍ରଦାନ କରାଯିବ। ଆଗାମୀ ବର୍ଷା ଦିନକୁ ଦୃଷ୍ଟିରେ ରଖି ଜରୁରୀ ପରିସ୍ଥିତି ପାଇଁ ଆଉ ୧୦ଟି ମୋଟର ଚାଳିତ ଡଙ୍ଗା ଦେବା ଲାଗି ବ୍ୟବସ୍ଥା ହେଉଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।



ପ୍ରଶାସନ ଯୋଗାଇ ଦେଇଥିବା ଡଙ୍ଗା ।

## ସୀମାନ୍ତରୁ ବିସ୍ଫୋରକ ଜବତ

ମାଲକାନଗିରି,୧୦।୬ (ସ.ପ୍ର.)- ପୋଲିସକୁ ଟାର୍ଗେଟ କରି ମାଓବାଦୀମାନେ ବିଭିନ୍ନ ସ୍ଥାନରେ ବିସ୍ଫୋରକ ରଖିଥିଲେ। ସୋମବାର କୋମ୍ବିଂ ଅପରେଶନ ଯବାନ ବେଳେ ଏହାକୁ ଜବତ କରି ମାଓବାଦୀଙ୍କ ଯୋଜନାକୁ ଭଣ୍ଡୁର କରି ଦେଇଛନ୍ତି। ଛତିଶଗଡର କୋଣ୍ଡାଗାଁ ଜିଲା ବିଶ୍ରାମପୁରି, ମାଝିଗୁଡା ଓ ଖିଲରିଠାରେ ମାଓବାଦୀମାନେ ପୋଲିସକୁ ଟାର୍ଗେଟ କରି ଏହି ବିସ୍ଫୋରକଗୁଡିକ ଲୁଚାଇ ରଖିଥିଲେ। ସିଆରପିଏଫର ୧୮୮ ବାଟାଲିୟନ କୋମ୍ବିଂ ଅପରେଶନ ବେଳେ ଏ ସମ୍ପର୍କରେ ସୂରାକ ପାଇ ସେଗୁଡିକୁ ଜବତ କରି ଏହି ବିସ୍ଫୋରକଗୁଡିକୁ ନିଷ୍କ୍ରିୟ କରି ଦେଇଥିଲେ।

# କାଳବୈଶାଖୀରେ ଭାଙ୍ଗିଲା ଘର, ଉପୁଡ଼ିଲା ଗଛ

ବୈପାରୀଗୁଡା,୧୦।୬(ଡି.ଏନ୍.ଏ)

ବୈପାରୀଗୁଡ଼ା ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବହୁ ଘର ଭାଙ୍ଗିବା ସହ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି । ଏମିତି କି ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି । ପ୍ରାୟ ୧ ଘଣ୍ଟା ଧରି ପ୍ରାୟ ୧୫୦ ରୁ ୨ ଶହ କିମି ବେଗରେ ପବନ ବୋହିଥିଲା । ରାସ୍ତା ଉପରେ ଗଛ ଉପୁଡ଼ି ପଡ଼ିବାରୁ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ପରେ ଅଗ୍ନୀଶମ ବିଭାଗ ପକ୍ଷରୁ ରାସ୍ତା ଉପରୁ ପଡ଼ିଥିବା ଗଛ କଟାଯାଇ ବୈପାରୀଗୁଡା-କୁନ୍ଦୁରା ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ କରାଯାଇଥିଲା । ସେହିପରି ଗୌଡଗୁଡା ଓ ହଳିଦି ମାଝିଗୁଡା ଗ୍ରାମରେ ବହୁ ଟାଇଲ ଓ ଟିଣ ଛପର ଉଡ଼ିଯିବା ସହ ଭାଙ୍ଗି ଯାଇଛି । ଏଠାରେ ସୋମବାର ଦିନ ତମାମ ବିଦ୍ୟୁତ୍ ନ ଥିବା ବେଳେ ସନ୍ଧ୍ୟାରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।



ଅଗ୍ନିଶମ କର୍ମଚାରୀ ରାସ୍ତାରେ ପଡିଥିବା ଗଛକୁ କାଟୁଛନ୍ତି ।

■ ପାଟଣାଗଡ଼ ବିଧାୟକଙ୍କ ଗିରଫ ଦାବି

# ଦାବିପତ୍ର ଦେଲା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ

ମାଲକାନଗିରି,୧୦।୬ (ଡି.ଏନ.ଏ./ସ୍ୱପ୍ର.)

ପାଟଣାଗଡ ବିଧାୟକ ସରୋଜ ମେହେର ଜଣେ କର୍ତ୍ତବ୍ୟନିଷ୍ଠ କନିଷ୍ଠଯନ୍ତ୍ରୀଙ୍କୁ ସର୍ବସାଧାରଣରେ ଅପମାନିତ କରିବା ଏବଂ କାନ ଧରି ଉଠ୍‌ବସ୍ କରାଇବା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ। ଏନେଇ ମାଲକାନଗିରି ଜିଲା ସଂଘ ସୋମବାର ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରି ବିଧାୟକଙ୍କ ଗିରଫ ଦାବି କରିଛି। ସରକାରୀ କର୍ମଚାରୀଙ୍କ ପ୍ରତି ଏଭଳି ବ୍ୟବହାରକୁ ସଂଘ ନିନ୍ଦା କରିଛି। ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ବିକଳ୍ପ ପନ୍ଥା ଗ୍ରହଣ କରାଯିବ। ଏଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଘ ଚେତାବନୀ ଦେଇଛି। ଗତ ୯ ତାରିଖରେ ପାଟଣାଗଡ ବିଧାୟକ ମେହେର ସଂଘର ସଦସ୍ୟ ଇଞ୍ଜିନିୟର ଜୟକାନ୍ତ ଶବରଙ୍କୁ ଏକ ନିର୍ମିତ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରି ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ରାସ୍ତା ଉପରେ କାନ ଧରି ଶହେ ଥର ଉଠବସ କରାଇବା, ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିବା, ଯନ୍ତ୍ରୀଙ୍କୁ ଘଟଣା ସ୍ଥଳରେ ଉପସ୍ଥିତ ଥିବା ନିର୍ବାହୀଯନ୍ତ୍ରୀଙ୍କୁ ଚାପୁଡା ମାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାକୁ ମାଲକାନଗିରି ସଂଘ ନାପସନ୍ଦ କରିବା ସହ ଆଇନକୁ ହାତକୁ ନେଇଥିବା ବିଧାୟକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଯଦି ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିଲା ତେବେ ବିଧାୟକ ଏହାର ତଦନ୍ତ କରି କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସୁପାରିସ କରିପାରିଥାନ୍ତେ । ଏହା ନ କରି ଜଣେ ଅଧିକାରୀଙ୍କୁ ଏଭଳି ଶାରୀରିକ ଓ ମାନସିକ ଦଣ୍ଡ ଦେବା ଲାଗି ବିଧାୟକଙ୍କ ଅଧିକାର କେଉଁଠୁ ଆସିଲା ବୋଲି ସଂଘ ପ୍ରଶ୍ନ ଉଠାଇଛି। ଏହି ଦାବିପତ୍ର ଦେବା ସମୟରେ ସଂଘର ମହାମଣ୍ଡଳ ସମ୍ପାଦକ ସୁରେଶ ମିଶ୍ର, ଇଂ. ଶୁଭେନ୍ଦୁ ଦାସ, ସୁକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ